

**ସହାୟତା ଦେଇ ଅହଂକାର କରନି** | ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 157 ଭାଗ ୩୪ | ସଂଖ୍ୟା ୧୫୭ | Friday 28 August 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର, ୨୮ ଅଗଷ୍ଟ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


**ନେପାଳ ବିଭୀଷିକା**

# ୩୮୯ ମୃତ; ୧୩୦୦ ନିଖୋଜ

- ଉଦ୍ଧାରରେ ଲାଗିଛନ୍ତି ୧୩,୨୯୫ ସୁରକ୍ଷା କର୍ମୀ
- ପ୍ରଭାବିତଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ
- ସେକେଣ୍ଡ୍‌ରେ ୫୦ ମିଟର ଥିଲା ବିଭୀଷିକାର ଗତି
- ନିଖୋଜଙ୍କ ମଧ୍ୟରେ ୩୦ ଦେଶର ନାଗରିକ
- ସର୍ବଦଳୀୟ ବୈଠକରେ ଆଲୋଚନା
- ଭାରତ-ନେପାଳ ବସ୍ ସେବା ବନ୍ଦ
- ନିଖୋଜଙ୍କ ସନ୍ଧାନ ପାଇଁ ପୋପ୍‌ଙ୍କ ପ୍ରାର୍ଥନା



ନୂଆଦିଲ୍ଲୀ/ତ୍ରିଶୂଳି,୨୭।୮: ନେପାଳ-ଚୀନ୍‌ର ତିବ୍ବତ-ହିମାଳୟ ସୀମାନ୍ତରେ ଗତକାଲି ଘଟିଥିବା ପ୍ରଳୟଙ୍କର ହିମସ୍ଖଳନଜନିତ ବନ୍ୟା ବିପର୍ଯ୍ୟୟର ମୃତ୍ୟୁସଂଖ୍ୟା ଗୁରୁବାର ସୁଦ୍ଧା ୩୮୯କୁ ବୃଦ୍ଧି ପାଇଛି। ତେବେ ଅଚାନକ ବନ୍ୟା ପ୍ରଭାବରେ ତିବ୍ବତ ସୀମାନ୍ତରେ ଥିବା ଗୁରୁତ୍ୱପୂର୍ଣ୍ଣ 'ହବ୍' ଜିରୋଙ୍ଗ ପୋର୍ଟରେ ମାଟି ଅତଡ଼ା ଖସି ୩ ଜଣଙ୍କର ମୃତ୍ୟୁ ହୋଇଥିବା ଚୀନର ସରକାରୀ ଗଣମାଧ୍ୟମ ପୂର୍ବରୁ ରିପୋର୍ଟ କରିଥିଲା। ଏହାକୁ ମିଶାଇ ବୁଧବାରର ବିପର୍ଯ୍ୟୟରେ ଅତି କମ୍‌ରେ ୩୬୯ ଜଣଙ୍କର ମୃତ୍ୟୁ ହୋଇଥିବା ଗୁରୁବାର ନେପାଳ ପୁଲିସ୍ ପକ୍ଷରୁ କୁହାଯାଇଛି।

ଅଦ୍ୟାବଧି ୨୮୮ ଜଣ ଭାରତୀୟ ତୀର୍ଥଯାତ୍ରୀ ନିଖୋଜ ଥିବା ବେଳେ ପ୍ରାୟ ୨୦୦ରୁ ଅଧିକ ଭାରତୀୟ ନାଗରିକ ସୀମାନ୍ତର ଚୀନ୍ ପାର୍ଶ୍ୱରେ ଅଟକି ରହିଛନ୍ତି ବୋଲି ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ନେପାଳ ଓ ଚୀନ୍ କର୍ତ୍ତୃପକ୍ଷଙ୍କ ସହ ନୂଆଦିଲ୍ଲୀ ନିୟମିତ ଯୋଗାଯୋଗରେ ରହିଛି। ଏଥିସହ ସେଠାକାର ଉଦ୍ଧାର ଓ ତଲାସୀ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି। ବୁଧବାରଠାରୁ ନିଖୋଜ ଥିବା ୨୧ ଜଣ ତାମିଲନାଡୁର ତୀର୍ଥଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିବା ଶ୍ରୀ ଜୟସ୍ୱାଲ ସୂଚନା ଦେଇଛନ୍ତି। କାଠମାଣ୍ଡୁରେ ଥିବା ଭାରତୀୟ ଦୂତାବାସ ସହ ଯୋଗାଯୋଗ କରିବା ପାଇଁ ଦୂତାବାସ ପକ୍ଷରୁ ଗୁରୁବାର ଅପଡେଟ୍ ହେଲ୍ପଲାଇନ୍ ନମ୍ବର (+୯୭୭ ୯୮୫ ୧୩୧ ୬୮୦୭, +୯୭୭ ୯୭୦ ୯୧୦ ୭୫୦୦ ଓ +୯୭୭ ୯୮୧ ୦୩୨ ୬୧୧୭) ଜାରି କରାଯାଇଛି। ହ୍ୱାଟ୍ସଆପ୍ ଜରିଆରେ ମଧ୍ୟ ଏହି ଜରୁରୀକାଳୀନ ନମ୍ବରଗୁଡ଼ିକୁ ବ୍ୟବହାର କରି ଯୋଗାଯୋଗ କରାଯାଇପାରିବ ବୋଲି ଦୂତାବାସ ପକ୍ଷରୁ କୁହାଯାଇଛି। ବନ୍ୟା ପ୍ରପୀଡ଼ିତ ନେପାଳରେ ଗୁଜରାଟର ୧୧ ଜଣ ଫସିରହିଛନ୍ତି। ତେବେ ବୁଧବାରଠାରୁ ନିଖୋଜ ଥିବା ଜଣେ ମହିଳାଙ୍କୁ ଗୁରୁବାର ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି ବୋଲି ସରକାରୀ ଭାବେ କୁହାଯାଇଛି। ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ଗୁରୁବାର କୁହାଯାଇଛି ଯେ କେବଳ ମହାରାଷ୍ଟ୍ରର ୧୧୪ ଜଣ ପର୍ଯ୍ୟଟକ ନେପାଳରେ ଅଟକି ରହିଥିବା ଆକଳନ କରାଯାଇଛି। ସେମାନଙ୍କ ମଧ୍ୟରୁ ୫୩ ଜଣ ସୁରକ୍ଷିତ ଥିବା ଓ ସେମାନେ ମାନସରୋବର ଅଞ୍ଚଳରେ ରହିଥିବା ରାଜ୍ୟ ବିପର୍ଯ୍ୟୟ ପରିଚାଳନ ବିଭାଗ ପୁଷ୍ଟି କରିଛି। ଅନ୍ୟମାନଙ୍କର ଏଯାଏ କୌଣସି ପୃଷ୍ଠା-୬

## ଛାତିଥରା ଅନୁଭୂତି ବଖାଣିଲେ ପ୍ରତ୍ୟକ୍ଷଦର୍ଶୀ

ନେପାଳ-ଚୀନ ସୀମାନ୍ତ ଅଚାନକ ବନ୍ୟା (ଫ୍ଲାସଫ୍ଲଡ)କୁ ଦୁଇଦିନ ବିତିଥିଲେ ମଧ୍ୟ ବାସ୍ତବରେ ବିପର୍ଯ୍ୟୟ କେତେ ଭୟଙ୍କର ତାହା ଅସ୍ପଷ୍ଟ ରହିଛି ବୋଲି ରେଡକ୍ରସ୍ କହିଛି। ଯେତିକି ଜଣା ପଡୁଛି, ଯେତିକି ଆକଳନ କରାଯାଉଛି ବିପର୍ଯ୍ୟୟର ପରିମାଣ ତାହାଠୁ ବହୁ ଅଧିକ ହେବ ବୋଲି ରେଡକ୍ରସ୍ ଆକଳନ କରିଛି। କାରଣ ଏକାଧିକ ଗ୍ରାମ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ରାସ୍ତା ଓ ପୋଲ ନଷ୍ଟ ହୋଇଯାଇଥିବାରୁ ସେସବୁ ଗ୍ରାମକୁ ଉଦ୍ଧାରକାରୀମାନେ ପଶିପାରୁନାହାନ୍ତି। ବିପର୍ଯ୍ୟୟର ରୂପ ଏଯାବତ ଅସ୍ପଷ୍ଟ ରହିଛି। ବନ୍ୟାରୁ ବର୍ତ୍ତିଯାଇ ନେପାଳର ପୃଷ୍ଠା-୬

## ସାନି ଜଳ ପ୍ରଳୟ ନେଇ ଚେତାଇଲା ଚୀନ୍

ବେଜିଂ: ନେପାଳର ରାସୁୱା ଜିଲ୍ଲାର ଭୋଟେ କୋଶି ନଦୀର ଉଦ୍‌ଗମ ସ୍ଥଳରେ ଏକ ନୂତନ ବରଫପୂର୍ଣ୍ଣ ହ୍ରଦ ସୃଷ୍ଟି ହୋଇଥିବାରୁ ନଦୀର ତଳମୁଣ୍ଡରେ ସାନି ବନ୍ୟା ଆଶଙ୍କା ରହିଛି ବୋଲି ଚୀନ କର୍ତ୍ତୃପକ୍ଷ ସତର୍କ କରାଇ ଦେଇଛନ୍ତି। ପ୍ରତିବନ୍ଧିତ ହୋଇ ରହିଥିବା ଏହି ହିମଖଣ୍ଡଭରା ହ୍ରଦ ଫାଟିବାର ସମ୍ଭାବନା ରହିଛି। ଆଉ ଯଦି ସେଭଳି ହୁଏ ତା'ହେଲେ ପୁନର୍ବାର ଏକ ପ୍ରଳୟଙ୍କରୀ ବନ୍ୟା ଆସିପାରେ ବୋଲି ଚେତାବନୀ ଦିଆଯାଇଛି। ନେପାଳର କର୍ତ୍ତୃପକ୍ଷ ମଧ୍ୟ କହିଛନ୍ତି ଯେ, ବିନାଶକାରୀ ବନ୍ୟାର ଆରମ୍ଭସ୍ଥଳ ଭୋଟେ କୋଶୀରେ ପୁଣି ହିମ-ହ୍ରଦ ସୃଷ୍ଟି ହୋଇଛି ଓ ଏହା ଫାଟିବାର ଆଶଙ୍କା ରହିଛି। ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ତଥା ସେଠାରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରୁଥିବା ଉଦ୍ଧାରକାରୀମାନଙ୍କୁ ସେ ଅଞ୍ଚଳରୁ ଦୂରେଇ ରହିବା ଲାଗି ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଗୁରୁବାର ନେପାଳର ବିପର୍ଯ୍ୟୟ ପରିଚାଳନ କର୍ତ୍ତୃପକ୍ଷ କହିଛନ୍ତି ଯେ, ବନ୍ୟା ପରେ ପୁଣିଥରେ ନଦୀରେ ବ୍ଲକେଜ୍ ସୃଷ୍ଟି ହୋଇଥିଲା। ତାହା ଧୀରେଧୀରେ ବୃଦ୍ଧି ପାଇ ହ୍ରଦର ଆକାର ନେଇଛି।

## ଖୋର୍ଦ୍ଧା ଦମ୍ପତି ନିଖୋଜ, ବାରିପଦା ଝିଅ ସୁରକ୍ଷିତ

**ଭାରତ ଫେରିଲେ ପୁରୀର ୩ ଯୁବକ**





ଖୋର୍ଦ୍ଧା/ବାରିପଦା: ନେପାଳରେ ଘଟିଥିବା ବିଭୀଷିକାରେ ଖୋର୍ଦ୍ଧାରୁ ଜଣେ ଦମ୍ପତି ନିଖୋଜ ହୋଇଯାଇଥିବା ଖବର ମିଳିଛି। ନିଖୋଜ ହୋଇଥିବା ଦମ୍ପତି ହେଉଛନ୍ତି ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଜେମାଦେଈ ନିବାସୀ ପ୍ରତାପ ମହାପାତ୍ରଙ୍କ ପୁଅ ସନ୍ଦୀପ ସାହୁ ଓ ତାଙ୍କ ପତ୍ନୀ ସିଧ୍ୟାର୍ଥୀ ସାହୁ। ସନ୍ଦୀପ ୨୦୧୮ରେ ଅଷ୍ଟ୍ରେଲିଆରେ ଚାକିରି କରୁଥିଲେ। ୩ ଦିନ ତଳେ ସେ ଓ ତାଙ୍କ ପତ୍ନୀ ନେପାଳ ବୁଲିବାକୁ ଯାଇଥିଲେ। ନେପାଳର ବନ୍ୟା ଓ ଭୂସ୍ଖଳନରେ ସନ୍ଦୀପ ଯାଉଥିବା ଏକ ବସ୍ ଭାସି ଯାଇଥିବା ଅନୁମାନ କରାଯାଉଛି। ଆଜି ସକାଳୁ ବିଭିନ୍ନ ଗଣମାଧ୍ୟମରୁ ତାଙ୍କ ପରିବାର ଲୋକେ ଖବର ପାଇବା ପରେ ଭାଙ୍ଗିପଡ଼ିଛନ୍ତି। ସନ୍ଦୀପ ଗତ ୨୫ ତାରିଖ ଦିନ ତାଙ୍କ ସାନ ଭାଇଙ୍କ ସହ ଫୋନ୍‌ରେ ଶେଷ ଥର ପାଇଁ କଥାବାର୍ତ୍ତା ହୋଇଥିଲେ। ନେପାଳରେ ବୁଲାବୁଲି କରୁଛନ୍ତି ବୋଲି ସେତେବେଳେ ସେ ସୂଚନା ଦେଇଥିଲେ। ଏନେଇ ତାଙ୍କ ପରିବାର ଲୋକେ ଭାରତ ସରକାର ସନ୍ଦୀପ ଓ ତାଙ୍କ ପତ୍ନୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଫେରାଇ ଆଣିବାକୁ ନିବେଦନ କରିଛନ୍ତି। ସନ୍ଦୀପଙ୍କ ଏକ ମାତ୍ର ପୁଅର କିଛି ମାସ ତଳେ ବ୍ରତୋପୟନ ଖୋର୍ଦ୍ଧାରେ ସମାପନ ହୋଇଥିଲା। ପୁଅ ବର୍ତ୍ତମାନ ବ୍ରହ୍ମପୁରରେ ତାଙ୍କ ଅଜା ଘରେ ରହୁଛନ୍ତି। ସନ୍ଦୀପ ଓ ତାଙ୍କ ପତ୍ନୀଙ୍କ ସମ୍ପର୍କରେ ଖବର ପାଇଁ ଭାରତୀୟ ଦୂତାବାସ ପକ୍ଷରୁ ଉଦ୍ୟମ ଚାଲିଛି।

ଅନ୍ୟପକ୍ଷରେ ବାରିପଦା ସହରର ୨୩ ନମ୍ବର ୱାର୍ଡର ୨୦ ବର୍ଷୀୟା ଯୁବତୀ କୁଳସୁମ୍ ନିଗାର ନେପାଳରେ ନିଖୋଜ ହୋଇଯାଇଥିଲେ ହେଁ ସେ ସୁରକ୍ଷିତ ଥିବା ଜଣାପଡ଼ିଛି। ସେ ଟ୍ରେକିଂ ପାଇଁ ଯାଇ ନିଖୋଜ ହୋଇଥିବା ବେଳେ ଗତ ୨୫ ତାରିଖରେ ଶେଷ ଥର ପୂର୍ବାହ୍ନ ୧୧ଟାରେ ପୃଷ୍ଠା-୬

**ନୂଆ ପରିବହନ ନୀତିକୁ ନେଇ ଚର୍ଚ୍ଚା**

## ବାତିଲ୍ ହେବ ୨୦ ଲକ୍ଷ ଆରସି

ଭୁବନେଶ୍ୱର,୨୭।୮ (ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ମନ୍ତ୍ରଣାଳୟର ନୂଆ ନୀତିକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଭେହିକିଲ୍ କ୍ଲାସିଫିକେସନ୍ ନୀତି ଅନୁସାରେ କାଗଜପତ୍ର ନବୀକରଣ ହୋଇ ନ ଥିବା ଗାଡ଼ିଗୁଡ଼ିକୁ ରାସ୍ତାରୁ ହଟାଇବା ନେଇ ପଦକ୍ଷେପ ନିଆଯାଉଥିବା କୁହାଯାଉଛି। ଏହାରି ଭିତରେ ଓଡ଼ିଶାରେ ପ୍ରାୟ ୨୦ ଲକ୍ଷ ଗାଡ଼ିର ପଞ୍ଜୀକରଣ ସାର୍ଟିଫିକେଟ୍ ବା ଆର୍‌ସି ବାତିଲ୍ ହୋଇଥିବା



ଦାବି କରାଯାଉଛି। ଯାଞ୍ଚ ସମୟରେ ଗାଡ଼ି ଧରାପଡ଼ିଲେ ହିଁ ଆର୍‌ସି ବାତିଲ୍ ହୋଇଥିବା ଜାଣିବାକୁ ମିଳୁଛି। ଏଭଳି ସ୍ଥିତିରେ ଗାଡ଼ି ମାଲିକଙ୍କୁ ଜରିମାନା ଗଣିବାକୁ ପଡ଼ିପାରେ। ଆର୍‌ସି ବାତିଲ ହୋଇଥିବା ଗାଡ଼ିଗୁଡ଼ିକ ଆଉ ରାସ୍ତାରେ ଚଳାଚଳ ପାଇଁ ବୈଧ ହେବ ନାହିଁ। ଏଥିସହ ଆଗାମୀ ଦିନରେ ଆହୁରି ପ୍ରାୟ ୩୦ ଲକ୍ଷ ଗାଡ଼ି ରାସ୍ତାରୁ ହଟିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଗାଡ଼ିର ଆରସି ବାତିଲ ହେଉଥିଲେ ମଧ୍ୟ ଅନେକ ମାଲିକ ଏ ସମ୍ପର୍କରେ ଜାଣିପାରୁ ନ ଥିବା ଅଭିଯୋଗ ହେଉଛି। ଗାଡ଼ି ମାଲିକଙ୍କୁ ପୂର୍ବରୁ ଏନେଇ ସୂଚନା ଦିଆଯାଉ ନ ଥିବାରୁ ସେମାନେ ଅଜାଣତରେ ନିଜ ଗାଡ଼ି ଚଳାଉଛନ୍ତି। ପୁରୁଣା ଗାଡ଼ିର କାଗଜପତ୍ର ନବୀକରଣ କରିବା ପ୍ରକ୍ରିୟା ଜଟିଳ ହେଲେ ମାଲିକମାନେ ଅଧିକ ଖର୍ଚ୍ଚର ସମ୍ମୁଖୀନ ହୋଇପାରନ୍ତି। ଏପରିକି ଗାଡ଼ି ଚଳାଚଳ ପାଇଁ ଅଯୋଗ୍ୟ ହୋଇଗଲେ ନୂଆ ଗାଡ଼ି କିଣିବାକୁ ଲୋକେ ବାଧ୍ୟ ହୋଇପାରନ୍ତି। ଏହାକୁ ନେଇ ସାଧାରଣ ଗାଡ଼ି ମାଲିକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଅନ୍ୟପଟେ ଏଭଳି ନୀତି ଦ୍ୱାରା ପୁରୁଣା ଗାଡ଼ି ବଦଳରେ ନୂଆ ଗାଡ଼ିର ଚାହିଦା ବଢ଼ିବା ସହ ଗାଡ଼ି ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ଲାଭବାନ ହୋଇପାରନ୍ତି ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଉଛି।

**ଗୋଳାବନ୍ଧରେ ବିସ୍ଥାପିତଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ**

## ୧୩୭୧ ପରିବାର ପାଇଁ ୭୫.୬୦ କୋଟିର ପ୍ୟାକେଜ

- ପ୍ରତି ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ, ୧୦୦୮ଙ୍କୁ ବାସଗୃହ
- ଗୋଳାବନ୍ଧ ବିସ୍ଥାପିତଙ୍କ ପାଇଁ ୪ ଦଶନ୍ଧିର ଅପେକ୍ଷାର ଅନ୍ତ
- ଛେଳିଗଡ଼ ପ୍ରକଳ୍ପ ବିସ୍ଥାପିତଙ୍କୁ ଘରବାରି ଓ ଚାଷଜମି ପଟ୍ଟା
- ଅର୍ଜିପଲ୍ଲୀ ବନ୍ଦର ନବୀକରଣ ସହ ୨୮ଟି ଫିସ୍ ଲ୍ୟାଣ୍ଡିଂ ସେଣ୍ଟର
- ଆଗାମୀ ୨ ବର୍ଷରେ ରାଜ୍ୟରେ ୫ ଲକ୍ଷ ଯୁବକଙ୍କୁ ନିଯୁକ୍ତି




ଭୁବନେଶ୍ୱର,୨୭।୮ (ସଂଚାର ବ୍ୟୁରୋ): ଦୀର୍ଘ ବର୍ଷର ଅପେକ୍ଷା ଓ ସଂଘର୍ଷ ପରେ ଗୋଳାବନ୍ଧର ନୋଳିଆ ବିସ୍ଥାପିତ ପରିବାରଙ୍କୁ ମିଳିଛି ବଡ଼ ଆଶ୍ୱାସନା। ଗଞ୍ଜାମ ଜିଲ୍ଲା ଗୋଳାବନ୍ଧଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋଳାବନ୍ଧର ୧,୩୭୧ଟି ବିସ୍ଥାପିତ ପରିବାର ପାଇଁ ୭୫ କୋଟି ୬୦ ଲକ୍ଷ ୩୦ ହଜାର ଟଙ୍କାର ଏକ ସ୍ୱତନ୍ତ୍ର ପୁନର୍ବାସ ଓ ଥଇଥାନ ପ୍ୟାକେଜ୍ ଘୋଷଣା କରିବା ସହ ଏହାର ଶୁଭାରମ୍ଭ କରିଛନ୍ତି। ଏହାସହିତ ଛେଳିଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପର ବିସ୍ଥାପିତ ୧୧୨ଟି ପରିବାରଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୬ଟି ପରିବାରକୁ ଘରବାରି ଓ ଚାଷଜମିର ପଟ୍ଟା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ଗୋଳାବନ୍ଧର ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ବାନ୍ଧି ଭାବବିହ୍ୱଳ ପରିବେଶ ମଧ୍ୟରେ ସ୍ୱାଗତ ଜଣାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମଞ୍ଚ ଉପରେ ନିଜ ହାତରେ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗୋଳାବନ୍ଧର ଅଧିବାସୀଙ୍କ ସଂଘର୍ଷ ଓ ତ୍ୟାଗ ଅସୀମ। ୧୯୮୪ ମସିହାରେ ପୃଷ୍ଠା-୬

## ସନ୍ଦେହରେ ବିଜେଡି ସରକାରର ଆମ୍ବୁଲାନ୍ସ କିଣା



- ଗୋଟିଏ ବର୍ଷରେ ତିନି ପୃଥକ୍ ଦରରେ କିଣା
- ଦୁର୍ନୀତି ସନ୍ଦେହରେ ସ୍ୱାସ୍ଥ୍ୟ ବିଭାଗର ଖୋଳତାଡ଼

ଭୁବନେଶ୍ୱର,୨୭।୮ (ସଂଚାର ବ୍ୟୁରୋ): ରାଜ୍ୟରେ ଆମ୍ବୁଲାନ୍ସ ବିଭ୍ରାଟକୁ ନେଇ ପ୍ରତିଦିନ ଏକାଧିକ ଘଟଣା ସାମ୍ନାକୁ ଆସୁଛି। କେଉଁଠି ଆମ୍ବୁଲାନ୍ସ ଅଧା ରାସ୍ତାରେ ଖରାପ ହୋଇଯାଉଛି ତ କେଉଁଠି ଅକ୍ସିଜେନ କାମ କରୁନି। ଏପରିକି ଚଳନ୍ତା ଆମ୍ବୁଲାନ୍ସରେ ନିଆଁ ଲାଗୁଥିବାର ଚିତ୍ର ବି ସାଧାରଣରେ ଆମ୍ବୁଲାନ୍ସ ସେବାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ପୂର୍ବ ବିଜେଡି ସରକାରରେ ଆମ୍ବୁଲାନ୍ସ କିଣାରେ କୋଟି କୋଟି ଟଙ୍କାର ଦୁର୍ନିତି ହୋଇଥିବା ଜଣାପଡ଼ିଛି।

୨୦୨୩ରେ ବିଜେଡି ସରକାର ଯେଉଁ ଦରରେ ଆମ୍ବୁଲାନ୍ସ କିଣିଥିଲା, ତା'ଠାରୁ ୮ ଲକ୍ଷ କମରେ ୨୦୨୫ରେ ନୂଆ ସରକାର ଆମ୍ବୁଲାନ୍ସ କିଣିଛନ୍ତି। ଏନେଇ ସ୍ୱାସ୍ଥ୍ୟ ବିଭାଗ ତଦନ୍ତ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ୨୦୨୦ ଡିସେମ୍ବରରୁ ୨୦୨୧ ମାର୍ଚ୍ଚ ଭିତରେ ୪୨୦ଟି ଆମ୍ବୁଲାନ୍ସ କିଣା ହୋଇଥିଲା, ଯେଉଁଥିରେ ଗୋଟିଏ ଆମ୍ବୁଲାନ୍ସ ପାଇଁ ୨୨ ଲକ୍ଷ ୬୩ ହଜାର ୭୯୦ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ପୁଣିଥରେ ସେହି ବର୍ଷ ଜାନୁଆରୀରେ ୮୪ଟି ଆମ୍ବୁଲାନ୍ସ କିଣା ହୋଇଥିଲା, ଯେଉଁଥିରେ ପ୍ରତି ଆମ୍ବୁଲାନ୍ସ ଦର ୨୬ ଲକ୍ଷ ୧୫ ହଜାର ରହିଥିଲା। ଏଥିସହ ଏପ୍ରିଲ ୨୦୨୧ରେ ୨୭ ଲକ୍ଷ ୩୦ ହଜାର ୨୦୦ ଟଙ୍କାରେ ୨୮ଟି ଆମ୍ବୁଲାନ୍ସ କିଣା ହୋଇଛି। ସେହିପରି ୨୦୨୩ ମାର୍ଚ୍ଚରୁ ନଭେମ୍ବର ମଧ୍ୟରେ ୩୨୯ଟି ଆମ୍ବୁଲାନ୍ସ କିଣିଥିଲେ ପୂର୍ବ ସରକାର, ଯାହାର ମୂଲ୍ୟ ୩୦ ଲକ୍ଷ ୮୫ ହଜାର ଟଙ୍କା ରହିଛି। ୨୦୨୦ରୁ ୨୦୨୧ ମଧ୍ୟରେ ତିନି ଥରରେ ତିନି ପ୍ରକାର ଦରରେ ଆମ୍ବୁଲାନ୍ସ କିଣାଯିବା ସନ୍ଦେହ ସୃଷ୍ଟି କରିଛି। ହେଲେ ନୂଆ ସରକାର ଆସିଲା ପୃଷ୍ଠା-୬

**ପଣ୍ୟବାହୀ ଜାହାଜ ବୁଡ଼ି ଘଟଣା**

## ପାରାଦୀପରେ ଦୁଇ କ୍ରିଉ ସଦସ୍ୟ



**ଭାଷାଗତ ସମସ୍ୟା ଯୋଗୁଁ ତଥ୍ୟ ହାସଲରେ ସମସ୍ୟା**

ପାରାଦୀପ, ୨୭।୮ (ସଂଚାର ବ୍ୟୁରୋ): ପଣ୍ୟବାହୀ ଜାହାଜ 'ଏମ୍‌ଭି ଓସେନ୍ ୱିନର୍'ର ଉଦ୍ଧାର ହୋଇଥିବା ଦୁଇ କ୍ରିଉ ସଦସ୍ୟଙ୍କୁ ଆଜି ପାରାଦୀପ ଅଣାଯାଇଛି। ଏହି ଦୁଇ ଜଣ ଭାରତୀୟ ତଟରକ୍ଷୀ ବାହିନୀ ଜାହାଜ 'ଭରଦ'ରେ ପାରାଦୀପ ଆସିଛନ୍ତି। ମଝି ସମୁଦ୍ରରେ ପଣ୍ୟବାହୀ ଜାହାଜ ବୁଡ଼ିଯିବା ଘଟଣାରେ ଏବେ ବି ୨୨ ଜଣ ନିଖୋଜ ଅଛନ୍ତି। ଇମିଗ୍ରେସନ ବିଭାଗର ଯାଞ୍ଚ ପରେ ଜାହାଜ ଏଜେଣ୍ଟଙ୍କୁ ହସ୍ତାନ୍ତର ହେବେ ଏହି ଦୁଇ କ୍ରିଉ ସଦସ୍ୟ। ଉଭୟ ସଦସ୍ୟ ସୁସ୍ଥ ଥିବା ସୂଚନା ମିଳିଛି। ଜାହାଜରେ ଇମିଗ୍ରେସନର ସ୍ୱତନ୍ତ୍ର ଟିମ୍, ପାରାଦୀପ ଅତିରିକ୍ତ ଏସପି ଆଜିଙ୍କ୍ୟ ମାଣେ ଓ ସିଆଇଏସଏଫ ଅଧିକାରୀ ପହଞ୍ଚି ପ୍ରାଥମିକ ଯାଞ୍ଚ ପରେ ଉଭୟଙ୍କୁ ପାରାଦୀପ ବନ୍ଦର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ଇମିଗ୍ରେସନ ଅଫିସ୍ ପକ୍ଷରୁ ଉଦ୍ଧାର ଦୁଇ ନାବିକଙ୍କୁ ଜାହାଜର ଏଜେନ୍ସିକୁ ହସ୍ତାନ୍ତର କରାଯିବ ଓ ଏଜେନ୍ସି ମାଧ୍ୟମରେ ସେମାନଙ୍କୁ କୋଲ୍‌କାତା ନିଆଯିବ। ସେଠାରୁ ସେମାନଙ୍କୁ ଚୀନ୍ ଦୂତାବାସ ସହ ଯୋଗାଯୋଗ କରାଯାଇ ହସ୍ତାନ୍ତର କରାଯିବ। ଅନ୍ୟପକ୍ଷରେ କେମିତି ବୁଡ଼ିଲା ଜାହାଜ ପ୍ରଶ୍ନର ଉତ୍ତର ଖୋଜୁଛି ତଦନ୍ତକାରୀ ଟିମ୍। ଉଭୟ କ୍ରିଉ ସଦସ୍ୟଙ୍କଠାରୁ ଏହିସବୁ ପ୍ରଶ୍ନର ଉତ୍ତର ପାଇବା ସକାଶେ ଟିମ୍‌ର ସଦସ୍ୟମାନେ ଅପେକ୍ଷା କରିଛନ୍ତି। କିନ୍ତୁ ଦୁଇ ଚୀନ୍ ନାଗରିକଙ୍କ ଭାଷାଗତ ସମସ୍ୟା ତଦନ୍ତକାରୀ ଟିମ୍ ପାଇଁ ବଡ଼ ପ୍ରତିବନ୍ଧକ ସାଜିଛି। ସେମାନେ ନା ଇଂରାଜୀ କହିପାରୁଛନ୍ତି ନା ବୁଝିପାରୁଛନ୍ତି।



**କାନ ଡେରିଆ**

ସବୁ ଅପେକ୍ଷାର ଲଢେଇ ଭିତରେ
ମିଳୁଛି ଯେଉଁ ଯାତନା
କିଏ ବା ବୁଝିବ ହସ ଉହାଡ଼ରେ
ଲୁଚିଛି କୋଉ ବେଦନା
ତଥାପି ଉଡ଼ିବ ବାନା...
ଅପେକ୍ଷା ସାଗରେ ଖୁସି ବି ମିଳିବ
ଧର୍ମ ପଥ ର ଏ ନିଶାନା।

■ ଦେବାଶିଷ

# ୨୦୨୯ରେ ପୁଣି ସାରା ଦେଶରେ ମୋଦି ଲହର




**ମୁଡ୍ ଅଫ ଦି ନେସନ ସର୍ଭେ**

- ଆଶ୍ଚର୍ଯ୍ୟଜନକ ଭାବେ ପିଏମ ରେସ୍‌ରେ ଜୋସେଫ୍ ବିଜୟ
- ୨୦୨୪ ତୁଳନାରେ ବଢୁଛି କଂଗ୍ରେସ ଆସନ ସଂଖ୍ୟା

ନୂଆଦିଲ୍ଲୀ,୨୭।୮: ଦେଶରେ ଯଦି ଆଜି ଲୋକସଭା ନିର୍ବାଚନ ହୁଏ, ତେବେ ଶାସକ ବିଜେପି ନେତୃତ୍ୱାଧୀନ ଏନଡିଏ (ଏନଡିଏ) ମେଣ୍ଟ ପୁଣି ଥରେ ପୂର୍ଣ୍ଣ ବହୁମତ ସହ ସରକାର ଗଢ଼ିବ। 'ଇଣ୍ଡିଆ ଟୁଡେ-ସି ଭୋଟର' ପକ୍ଷରୁ ପ୍ରକାଶିତ 'ମୁଡ୍ ଅଫ୍ ଦି ନେସନ୍' ଅଗଷ୍ଟ ୨୦୨୬ ସର୍ଭେରୁ ଏହି ପୂର୍ବାନୁମାନ ସାମ୍ନାକୁ ଆସିଛି।

ସର୍ଭେ ଅନୁଯାୟୀ, ୫୪୩ ଆସନ ବିଶିଷ୍ଟ ଲୋକସଭାରେ ଏନଡିଏ ମୋଟ ୩୨୬ଟି ଆସନ ଜିତିବା ନେଇ ଆକଳନ କରାଯାଇଛି। ସଂଖ୍ୟାଗରିଷ୍ଠତା ପାଇଁ ୨୭୨ଟି ଆସନ ଆବଶ୍ୟକ ଥିବା ବେଳେ ଏନଡିଏ ବହୁ ଆଗରେ ରହିଛି। ତେବେ ୬ ମାସ ପୂର୍ବରୁ ଅର୍ଥାତ ଗତ ଜାନୁଆରୀ ୨୦୨୬ରେ କରାଯାଇଥିବା ଆକଳନ (୩୫୨ ଆସନ) ତୁଳନାରେ ଏନଡିଏ ୨୬ଟି ଆସନ ହରାଉଥିବା ଦେଖାଯାଇଛି।

ସର୍ଭେ ଅନୁଯାୟୀ, ଏନଡିଏ ୩୨୬ ଆସନ ସହ ୪୫.୧ ପ୍ରତିଶତ ଭୋଟ୍ ପାଇବ। ଇଣ୍ଡିଆ ମହାଗଠବନ୍ଧନ ୧୮୫ ଆସନ ସହ ୩୯.୧ ପ୍ରତିଶତ ଭୋଟ ପାଇବ। କେବଳ ବିଜେପି ୨୬୧ ଆସନ ପାଇବ, ଯାହା ଗତ ଜାନୁଆରୀ ଆକଳନ ୨୮୭ରୁ କମିଛି, କିନ୍ତୁ ୨୦୨୪ ଫଳାଫଳ ୨୪୦ ରୁ ଅଧିକ ପାଇବ। ସେହିପରି କେବଳ କଂଗ୍ରେସ ୧୦୬ ଆସନ ପାଇବ, ଯାହା ଜାନୁଆରୀ ଆକଳନ ୮୦ ତୁଳନାରେ ଅଧିକ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଆଜି ବି ଶୀର୍ଷରେ ରହିଥିବା ବେଳେ ଶିକ୍ଷା ଓ ରୋଜଗାର ସମ୍ବନ୍ଧୀୟ କେତେକ ସମସ୍ୟା ପାଇଁ ଯୁବବର୍ଗଙ୍କ ମଧ୍ୟରେ ସାମାନ୍ୟ ଅସନ୍ତୋଷ ସର୍ଭେରେ ପ୍ରତିଫଳିତ ହୋଇଛି। ତେବେ ଜାନୁଆରୀ ସର୍ଭେ (୫୫ ପ୍ରତିଶତ) ତୁଳନାରେ ଏଥିରେ ସାମାନ୍ୟ ହ୍ରାସ ଘଟିଛି। ପ୍ରଧାନମନ୍ତ୍ରୀ ଭାବେ ୪୮.୭ ପ୍ରତିଶତ ଲୋକ ନରେନ୍ଦ୍ର ମୋଦିଙ୍କୁ ପସନ୍ଦ କରୁଥିବା ବେଳେ ରାହୁଲ ଗାନ୍ଧିଙ୍କୁ ୨୭ ପ୍ରତିଶତ ଭୋଟ ମିଳିଛି। ଆଶ୍ଚର୍ଯ୍ୟଜନକ ଭାବେ ପ୍ରଧାନମନ୍ତ୍ରୀ ରେସରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟଙ୍କୁ ୯ ପ୍ରତିଶତ ଲୋକ ପସନ୍ଦ କରୁଥିବା ବେଳେ ସେ ତୃତୀୟ ସ୍ଥାନରେ ଅଛନ୍ତି।

ସେହିପରି ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ୮୦ ଆସନ ବିଶିଷ୍ଟ ଉତ୍ତର ପ୍ରଦେଶରେ ଇଣ୍ଡିଆ ମହାଗଠବନ୍ଧନ (୪୧ ଆସନ) ଏନଡିଏ (୩୮ ଆସନ)ଠାରୁ ଆଗରେ ପୃଷ୍ଠା-୬



# ତୁଳସୀ କ୍ଷେତ୍ରରେ ଭକ୍ତ ସୁଦାମା

## ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନିଆରା ଆୟୋଜନ

କେନ୍ଦ୍ରାପଡ଼ା, ୨୭।୮(ସଂଚାର ବ୍ୟୁରୋ): ତୁଳସୀ କ୍ଷେତ୍ର, କେନ୍ଦ୍ରାପଡ଼ାକୁ ଆଜି ଆସିଥିଲେ ଭକ୍ତ ସୁଦାମା। ସୁଦାମାଙ୍କୁ ଦେଖିବାକୁ ବେଶ୍ ଗହଳି ଓ ଆଗ୍ରହ ଦେଖିବାକୁ ମିଳିଥିଲା। ସୂଚନା ମୁତାବକ ସୁଦାମା ବେଶରେ ଆସିଥିବା ବ୍ୟକ୍ତି ହେଉଛନ୍ତି ବ୍ରହ୍ମପୁର ଜିଲ୍ଲାର ପ୍ରଫୁଲ୍ଲ ଗଉଡ଼। ସେ ପ୍ରତିବର୍ଷ ରଥଯାତ୍ରା ସମୟରେ ପଦଯାତ୍ରା କରି କରି ହାତରେ ଖୁଦଭଜା ଧରି ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଯାତ୍ରା କରନ୍ତି। ତାଙ୍କର ବେଶ ପୁରା ସୁଦାମାଙ୍କ ଭଳି ଦେଖାଯାଉଥିବାରୁ ତାଙ୍କୁ ସୁଦାମା ବୋଲି ସମସ୍ତେ ସମ୍ବୋଧନ କରୁଛନ୍ତି। ଏହି ଅବସରରେ କେନ୍ଦ୍ରାପଡା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ସଂସ୍କୃତି ଓ ପରମ୍ପରାର ସନ୍ଦେଶକୁ ପାଥେୟ କରି ସୁଦାମାଙ୍କୁ ତୁଳସୀ କ୍ଷେତ୍ର ଆସିବା ପାଇଁ ନିମନ୍ତ୍ରଣ କରିଥିଲେ। ବଳଦେବଜୀଉ ମହାପ୍ରଭୁଙ୍କ ଜନ୍ମଦିନ ଉପଲକ୍ଷେ ସୁଦାମା କେନ୍ଦ୍ରାପଡ଼ାକୁ ଆସିଥିଲେ। ଏହି ଅବସରରେ ସାନ୍ତସାହି ପଞ୍ଚମୁଖୀ ହନୁମାନ ମନ୍ଦିର ରୁ ବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ଏକ ପଦଯାତ୍ରା ସଙ୍କିର୍ତ୍ତନ ମଣ୍ଡଳୀ ଓ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁଦାମା ପଥପ୍ରାନ୍ତ କରି ପ୍ରଭୁଙ୍କ ନାମକୁ ସ୍ମରଣ କରି କରି ବଳଦେବଜୀଉଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ଯାଇଥିବା ପାଟଲୁଗାକୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିକଟରେ ଲାଗି କରାଯାଇଥିଲା। ରାସ୍ତାରେ ସୁଦାମାଙ୍କୁ ଦେଖିବାକୁ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା।

## ରାସ୍ତା ସମସ୍ୟାର ସମାଧାନ

# ବିଧାୟକଙ୍କ ବ୍ୟକ୍ତିଗତ ଉଦ୍ୟମରେ ସୁଧୁରିଲା ଯାତାୟାତ



ଡେରାବିଶ, ୨୭।୮(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅନ୍ତର୍ଗତ ଇନ୍ଦାଳୋ ଗ୍ରାମ ପଞ୍ଚାୟତସ୍ଥିତ ରାଧାରମଣ ଉଚ୍ଚ ବିଦ୍ୟାଳୟ ପାର୍ଶ୍ୱ ଦେଇ ଯାଇଥିବା ଆର.ଡି ରାସ୍ତାକୁ ନେଇ ଦୀର୍ଘ ଦିନରୁ ଲାଗି ରହିଥିବା ଯାତାୟାତ ସମସ୍ୟାର ସମାଧାନ ହୋଇଛି। ସ୍ଥାନୀୟ ଜନସାଧାରଣ ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦୁର୍ଦ୍ଦଶାକୁ ବୁଝି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ନିଜ ବ୍ୟକ୍ତିଗତ ଖର୍ଚ୍ଚରେ ରାସ୍ତାରେ ଡଷ୍ଟ ଓ ମୋରମ ପକାଇ ଏକ ସୁନ୍ଦର ଯାତାୟାତ ଉପଯୋଗୀ ରାସ୍ତା ନିର୍ମାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଉକ୍ତ ଆର.ଡି ରାସ୍ତାର କିଛି ଅଂଶରେ କେତେକ ବ୍ୟକ୍ତିଙ୍କର ନିଜସ୍ୱ ଜମି ରହିଥିବାରୁ ସରକାରୀ ରାସ୍ତା ନିର୍ମାଣ ସମୟରେ ବିବାଦ ଦେଖାଦେଇଥିଲା ଏବଂ ସେହି ସ୍ଥାନରେ ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ ରହିଥିଲା। ଫଳରେ ବିଶେଷକରି ବର୍ଷା ଦିନେ କାଦୁଅ ଓ ଖାଲଖମା ପୂର୍ଣ୍ଣ ଏହି ରାସ୍ତାରେ ଗ୍ରାମବାସୀଙ୍କ ଯାତାୟାତ ଅତ୍ୟନ୍ତ କଷ୍ଟକର ହୋଇପଡୁଥିଲା। ରାଧାରମଣ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ନିକଟସ୍ଥ କୋଚିଂ ସେଣ୍ଟରକୁ ଯାଉଥିବା କୋମଳମତି ଶିକ୍ଷାର୍ଥୀମାନେ ପ୍ରତିଦିନ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ସମସ୍ୟା ବାବଦରେ ସ୍ଥାନୀୟ କିଛି ଜନସାଧାରଣ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅରବିନ୍ଦ ମହାପାତ୍ରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଘଟଣାର ଗୁରୁତ୍ୱକୁ ବୁଝି ବିଧାୟକ ତୁରନ୍ତ ନିଜ ବ୍ୟକ୍ତିଗତ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରି ସେହି ଅଞ୍ଚଳରେ ଡଷ୍ଟ ଓ ମୋରମ ବିଛାଇବା ପାଇଁ ପଦକ୍ଷେପ ନେଇଥିଲେ। ଆଜି ରାସ୍ତାରେ ମୋରମ ଓ ଡଷ୍ଟ ପଡ଼ି ସମାନ୍ତର ହେବା ପରେ ଦୀର୍ଘ ଦିନର ରାସ୍ତା ସମସ୍ୟାର ଅନ୍ତ ଘଟିଛି। ବିଧାୟକଙ୍କ ଏହି ପ୍ରଶଂସନୀୟ ଓ ଜନହିତକର ପଦକ୍ଷେପ ପାଇଁ ଇନ୍ଦାଳୋ ଗ୍ରାମପଞ୍ଚାୟତର ଜନସାଧାରଣ, ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ବିଧାୟକ ଶ୍ରୀଯୁକ୍ତ ଅରବିନ୍ଦ ମହାପାତ୍ରଙ୍କୁ ସାଧୁବାଦ ଓ କୃତଜ୍ଞତା ଜଣାଇଛନ୍ତି।

# ମାର୍ଶାଘାଇରେ ରକ୍ଷାବନ୍ଧନ ଉତ୍ସବ



ମାର୍ଶାଘାଇ,୨୭।୮(ସଂଚାର ବ୍ୟୁରୋ): ମାର୍ଶାଘାଇ ତାଲକଟଳା ପରିସରରେ ଗୁରୁବାର ମହିଳାସଂଘ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ନାରୀଚେତନା ତଥା କେନ୍ଦ୍ରାପଡା ଜିଲ୍ଲା ବିଜେପି ସାଧାରଣ ସମ୍ପାଦିକା ପ୍ରତିମା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗାପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ବ୍ଲକ ମିଶନଶକ୍ତିର ସଦସ୍ୟା, ଏମବିକେ, ସିଆରପିଙ୍କ ସମେତ ଶତାଧିକ ମହିଳା ଯୋଗଦେଇ ବିଧାୟକଙ୍କୁ ରାକ୍ଷୀ ବାନ୍ଧିଥିଲେ। କେନ୍ଦ୍ରାପଡା ଜିଲ୍ଲା କୈବର୍ତ୍ତ ମହାସଭା ସଭାପତି ରଞ୍ଜନ କୁମାର ବେହେରା, ଜିଲ୍ଲା ବିଜେପି ସଂପାଦକ ପ୍ରଶାନ୍ତ କୁମାର ସେଠୀ, ମାର୍ଶାଘାଇ ମଣ୍ଡଳ ବିଜେପି ସଭାପତି ରଶ୍ମିରଞ୍ଜନ ରାଉତରାୟ ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ବଡକୁଳ ସରପଞ୍ଚ ପ୍ରଜ୍ଞାପରମିତା କର, ସରସ୍ୱତୀ ବେହେରା, ସସ୍ମିତା ଦାସ, ସସ୍ମିତା ଲେଙ୍କା, ମାନସୀ ମଲ୍ଲୀ, ସରୋଜିନୀ ସ୍ୱାଇଁ, ମଧୁସ୍ମିତା ଖୁଣ୍ଟିଆ, ମମତା ନାୟକ ଙ୍କ ସମେତ ଶତାଧିକ ମହିଳା ଯୋଗଦେଇଥିଲେ। ମାର୍ଶାଘାଇ ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ଦାସ, କୁହୁଡି ପୂର୍ବତନ ସରପଞ୍ଚ ରାଜୀବ ପୃଷ୍ଟି, ମଣ୍ଡଳ ବିଜେପି ସମ୍ପାଦକ ପ୍ରଦୀପ ବେହେରା, ଜମ୍ବୁ ମଣ୍ଡଳ ବିଜେପି ସଭାପତି ପବିତ୍ର ଚୌଧୁରୀ, ଇଂ ଚନ୍ଦ୍ରକାନ୍ତ ସ୍ୱାଇଁ, ଦଶିପୁର ପୂର୍ବତନ ସମିତିସଭ୍ୟ ଗୋପୀନାଥ ବେହେରା, ପ୍ରମୁଖ ଉପସ୍ଥିତ ଥିଲେ।

# ସିଦ୍ଧ ବଳଦେବଜୀଉ ଗୋମଙ୍ଗଳ ସମିତିରେ ଗୋପୂଜନ



କେନ୍ଦ୍ରାପଡ଼ା,୨୭।୮(ସଂଚାର ବ୍ୟୁରୋ): ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତି ଓ ବଟକୃଷ୍ଣ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ବିଗତ ୨୦୦୬ ମସିହାରୁ ଗଢିଉଠିଥିବା ଶ୍ରୀ ଶ୍ରୀ ସିଦ୍ଧବଳଦେବଜୀଉ ଗୋମଙ୍ଗଳ ସମିତିରେ ଆଜି ହିନ୍ଦୁ ରୀତିନୀତି ଅନୁଯାୟୀ ଗୋପୂଜନ କାର୍ଯ୍ୟକ୍ରମ କରାଯାଇଛି। ପ୍ରତିବର୍ଷ ପରି ପ୍ରଥମେ ଗୋମାତାଙ୍କୁ କଦ୍ଳି, ଚନ୍ଦନ, ସିନ୍ଦୂର ଓ ଫୁଲମାଳ ଦିଆଯାଇ ପୂଜା କରାଯାଇଥିଲା। ଏହାପରେ ଗୋମାତାଙ୍କୁ ଚକୁଳି ପିଠା ଓ କଦଳୀ ଖାଇବାକୁ ଦିଆଯାଇଥିଲା। ସଭାପତି ଫକୀରଚରଣ ଖଟୁଆ, କସ୍ତୁରୀ ଚରଣ ପାତ୍ର, ସମ୍ପାଦକ ସୁଶୀଳ କୁମାର ସାମଲ, ବିଧୁଭୂଷଣ ମହାପାତ୍ର, ଖିରୋଦଚନ୍ଦ୍ର ଦାସ, ସାରଦା ପ୍ରସାଦ ସିଂ, ଅଶୋକ ମୋହନ ଜେନା, ରାମନାରାୟଣ ପ୍ରଧାନ, ବିଧାନ ଚନ୍ଦ୍ର ସାମଲ, ବିଶ୍ୱ ମୋହନ ଦାସ, ଶ୍ରୀନିବାସ ବରାଳ, ପ୍ରଶାନ୍ତ କୁମାର ପ୍ରଧାନ, ଖଗେଶ୍ୱର ଲେଙ୍କା, ଭାସ୍କର ଚନ୍ଦ୍ର ସାହୁ, ଭାରତୀ ସାହୁ, ଗୋବିନ୍ଦ ମଲିକଙ୍କ ଉପସ୍ଥିତିରେ ଗୋପୁଜନ ଓ ଗୋମାତାଙ୍କୁ ରାଖୀ ବନ୍ଧାଯାଇ ପବିତ୍ର ଗହ୍ମା ପୁର୍ଣିମା ଓ ପ୍ରଭୁ ବଳଦେବଜୀଉଙ୍କ ଜନ୍ମଦିନ ଗୋଶାଳା ପରିସରରେ ପାଳନ କରାଯାଇଥିଲା।

## ଦୀର୍ଘବର୍ଷର ପ୍ରତୀକ୍ଷାରେ ପଡ଼ିଲା ପୂର୍ଣ୍ଣଚ୍ଛେଦ

# ଯୋଗେନ୍ଦ୍ରଙ୍କ ପରିବାରକୁ ମିଳିଲା ଭୂମିହୀନ ପଟ୍ଟା



ସଂଚାର ପ୍ରଭାବ

ମହାକାଳପଡ଼ା, ୨୭।୮ (ସଂଚାର ବ୍ୟୁରୋ): ଦୀର୍ଘବର୍ଷର ପ୍ରତୀକ୍ଷାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ସଂଚାରରେ ଲଗାତାର ଖବର ପ୍ରକାଶ ପାଇବା ପରେ ଶେଷରେ ଭୂମିହୀନ ପଟ୍ଟା ପାଇଛନ୍ତି ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଅମିରାବାଦ (ବାଙ୍କିଛନ୍ଦା) ଗ୍ରାମର ଯୋଗେନ୍ଦ୍ର ବେହେରା। ଗତ ମଙ୍ଗଳବାର ଅନୁଷ୍ଠିତ ରାଜସ୍ୱ ମେଳାରେ ମହାକାଳପଡ଼ା ବିଧାୟକଙ୍କ ହାତରୁ ଯୋଗେନ୍ଦ୍ରଙ୍କୁ ଏହି ପଟ୍ଟା ପ୍ରଦାନ କରାଯାଇଛି। ଯୋଗେନ୍ଦ୍ର ଦୀର୍ଘଦିନ ଧରି ସରକାରୀ ଜମିରେ କୁଡ଼ିଆ ଘର କରି ପରିବାର ସହ ବସବାସ କରୁଥିଲେ। ଜେଜେବାପାଙ୍କ ଅମଳରୁ ପରିବାର ଏହି ଜମିରେ ରହିଆସୁଥିଲେ ମଧ୍ୟ ତାଙ୍କୁ ଭୂମିହୀନ ପଟ୍ଟା ମିଳିନଥିଲା। ଏନେଇ ସେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡ଼ିବା ସହ ଜନଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ କରିଥିଲେ। ଏହାପରେ ସେ ସଂଚାରକୁ ଜଣାଇବା ପରେ ତାଙ୍କ ସମସ୍ୟା ସମ୍ପର୍କରେ ଲଗାତାର ଖବର ପ୍ରକାଶ ପାଇଥିଲା। ସୂଚନା ଅନୁଯାୟୀ, ଯୋଗେନ୍ଦ୍ରଙ୍କ ପରିବାରରେ ପତ୍ନୀଙ୍କ ସମେତ ଶତପ୍ରତିଶତ ଦୃଷ୍ଟିହୀନ ପୁଅ ସଚିତ୍ର ଅଛନ୍ତି। ନିଜସ୍ୱ ଜମି ନଥିବାରୁ ପରିବାର ପାଇଁ ସ୍ଥାୟୀ ଘର ନିର୍ମାଣ କରିବା ସମ୍ଭବ ହେଉନଥିଲା। ଫଳରେ ଦଦରା କୁଡ଼ିଆ ଘରେ ପରିବାର ଦିନ କାଟୁଥିଲା। ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ ସରଜମିନ ତଦନ୍ତ ପରେ ଯୋଗେନ୍ଦ୍ରଙ୍କ ପାଇଁ ସରକାରୀ ଜମି ଚିହ୍ନଟ କରାଯାଇ ୦.୦୪୦ ଏକର ଜମି ନିର୍ଦ୍ଧାରଣ କରାଯାଇଥିଲା। ଏହାର ପ୍ଲଟ ନମ୍ବର ୧୫୯/୧୬୮୦ ଓ ଖାତା ନମ୍ବର ୪୩୦ ରହିଛି। ଜମି ଚିହ୍ନଟ ହୋଇଥିଲେ ମଧ୍ୟ ଦୀର୍ଘଦିନ ଧରି ପଟ୍ଟା ମିଳିନଥିବାରୁ ଯୋଗେନ୍ଦ୍ର ନିରାଶ ହୋଇଥିଲେ। ଶେଷରେ ସଂଚାରର ଲଗାତାର ଖବର ପ୍ରକାଶ ପରେ ପ୍ରଶାସନିକ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ରାଜସ୍ୱ ମେଳାରେ ତାଙ୍କୁ ଭୂମିହୀନ ପଟ୍ଟା ପ୍ରଦାନ କରାଯାଇଛି। ପଟ୍ଟା ମିଳିବା ପରେ ନିଜସ୍ୱ ଜମିରେ ଏକ ସ୍ଥାୟୀ ଘର ନିର୍ମାଣ କରି ପରିବାରକୁ ସୁରକ୍ଷିତ ଭାବେ ରଖିବାର ଆଶା ସଞ୍ଚାର ହୋଇଛି। ଏଥିପାଇଁ ଯୋଗେନ୍ଦ୍ର ସଂଚାର ଓ ମହାକାଳପଡ଼ା ପ୍ରଶାସନ ଓ ମହାକାଳପଡ଼ା ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବଳଦେବଜୀଉଙ୍କ ଜନ୍ମୋତ୍ସବ ଓ ରସାବଳୀ ଦିବସ



କେନ୍ଦ୍ରାପଡ଼ା, ୨୭।୮(ସଂଚାର ବ୍ୟୁରୋ): ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଇଛାପୁରସ୍ଥିତ ଯାତ୍ରୀନିବାସରେ ବଳଦେବଜୀଉଙ୍କ ଜନ୍ମୋତ୍ସବ ଓ ରସାବଳୀ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପରିଷଦ ସଭାପତି ରାଜେଶ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଉମାଶଙ୍କର ଜେନା ସ୍ୱାଗତ ଭାଷଣ ପ୍ରଦାନ ସହ ବିବରଣୀ ପାଠ କରିଥିଲେ। ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୁହୁରିଆ ଠାରେ ରସାବଳୀ ହବ୍ ପ୍ରତିଷ୍ଠା ପାଇଁ ପରିଷଦ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଉପରେ ଜିଲ୍ଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକଙ୍କ ସହ ଆଲୋଚନା ହୋଇସାରିଛି। ଖୁବଶୀଘ୍ର ଏଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଯୋଗଦେଇ ତୁଳସୀକ୍ଷେତ୍ରର ଐତିହ୍ୟ ଓ ପରମ୍ପରା, ଶ୍ରୀବଳଦେବଜୀଉଙ୍କ ମହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତଙ୍କୁ ଭଲ ପାଇବାକୁ ଶ୍ରୀମା ପରାମର୍ଶ ଦେଇଥିଲେ। ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ତଥା ଓଡିଶା ଭାଷା ସାହିତ୍ୟ ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. ହରିହର କାନୁନଗୋ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରସାବଳୀର ପ୍ରାଚୀନତା ଉପରେ ବିଷଦ ଭାବେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ କହିଲେ ୧୬୩୧ଖ୍ରୀଷ୍ଟାବ୍ଦରେ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିଲା। ଆଉରଙ୍ଗଜେବ ସେହି ମନ୍ଦିରକୁ ଭାଙ୍ଗିଦେବା ପରେ ଇଛାପୁରରେ ୧୭୩୧ଖ୍ରୀଷ୍ଟାବ୍ଦରେ ଏହି ମନ୍ଦିର ନିର୍ମାଣ କରାଯାଇଥିଲା। ୨୦୨୩ମସିହା ଅକ୍ଟୋବରମାସ ୩ତାରିଖରେ କେନ୍ଦ୍ର ସରକାର କେନ୍ଦ୍ରାପଡା ରସାବଳୀକୁ ଜିଆଇ ଟ୍ୟାଗ୍ ପ୍ରଦାନ କରିଛନ୍ତି।

## ● ବନ୍ୟାରେ ବିଶେଷ କ୍ଷତିଗସ୍ତ ଶ୍ରୀରାମପୁର ପଞ୍ଚାୟତ

# ସ୍ଥିତି ପରଖିଲେ ଓ ରିଲିଫ ବାଣ୍ଟିଲେ ବିଧାୟକ



ପଟ୍ଟାମୁଣ୍ଡାଇ,୨୭।୮(ସଂଚାର ବ୍ୟୁରୋ): ଚଳିତ ବ୍ରାହ୍ମଣୀ ନଦୀର ୩ୟ ବନ୍ୟା ରେ ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର ପଞ୍ଚାୟତ ବିଶେଷ ଭାବେ କ୍ଷତିଗସ୍ତ ହୋଇଛି । ଏହି ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଦୀର୍ଘ ୧୫ଦିନ ହେବ ଜଳବନ୍ଦୀ ହୋଇରହିଛି। ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ଶ୍ରୀରାମପୁର ପଞ୍ଚାୟତ ସ୍ଥିତି ଅଧିକ ସଂଗୀନ ହୋଇଛି। ଏହି ପଞ୍ଚାୟତର ପ୍ରାୟ କୃଷିଜୀବି ଓ ବାରମ୍ବାର ବନ୍ୟା ଯୋଗୁଁ ବ୍ୟାପକ ଫସଲହାନି ଘଟିଛି ଓ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି ଓ ବନ୍ୟାରେ ବହୁ ଲୋକଙ୍କ ଘର ଭାଙ୍ଗି ଥିବାରୁ ବାସହରା ହୋଇ ବିଭିନ୍ନ ସ୍ଥାନରେ ମୁଣ୍ଡ ଗୁଞ୍ଜିଛନ୍ତି । ରାଜନଗର ବିଧାୟକ ଚଳିତ ବନ୍ୟା ରେ ଶ୍ରୀରାମପୁର ପଞ୍ଚାୟତ ଯାଇ ଥିବାବେଳେ ସମ୍ପ୍ରତି ବ୍ରାହ୍ମଣୀ ନଦୀର ୩ୟ ବନ୍ୟାରେ ଶ୍ରୀରାମପୁର ପଞ୍ଚାୟତର ସ୍ଥିତି ଅଧିକ ସଂଗୀନ ହୋଇଥିବା ଖବର ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ସହିତ ଏହି ପଞ୍ଚାୟତକୁ ଯାଇ ସ୍ଥିତି ପରଖିବା ସହିତ ରିଲିଫ ବଣ୍ଟନ କରିଥିଲେ । ଶ୍ରୀରାମପୁର ପଞ୍ଚାୟତର ସମସ୍ତ ବନ୍ୟା ବିପନ୍ନମାନଙ୍କୁ ୧୫ଦିନ ରିଲିଫ ରନ୍ଧା ଖାଦ୍ୟ ପାଲ, ପର୍ଯ୍ୟାପ୍ତ ଗୋଖାଦ୍ୟ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ।

# ନିଟ୍ ପରୀକ୍ଷା କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ମାର୍ଶାଘାଇ,୨୭।୮(ସଂଚାର ବ୍ୟୁରୋ): ନିଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଡାକ୍ତରୀ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ମେଧାବୀ ଛାତ୍ର ପି ଜୀବନ ପ୍ରଦୀପଙ୍କୁ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗାପ୍ରସନ ନାୟକ ସମ୍ବର୍ଦ୍ଧିତ କରିବା ସହିତ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ମାର୍ଶାଘାଇ ବ୍ଲକ କୁଆଁରପାଳ ଗ୍ରାମ ନିବାସୀ ଏବଂ କେନ୍ଦ୍ରାପଡ଼ା ଅର୍ବାନ କୋ ଅପରେଟିଭ ବ୍ୟାଙ୍କ ମାର୍ଶାଘାଇ ଶାଖାର ଆସିଷ୍ଟାଣ୍ଟ ମ୍ୟାନେଜର ଅଞ୍ଜନ କୁମାର ଦଳାଇ ଏବଂ ସମାଜସେବୀକା ସୁଜାତା ସାମନ୍ତରାୟଙ୍କ ପୁତ୍ର ପି ଜୀବନ ଜ୍ୟୋତି ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ମାଟ୍ରିକ ପାଠ ପଢା ପରେ ଯାଜପୁରର ଏକ ଶିକ୍ଷାନୁଷ୍ଠାନରେ ଯୁକ୍ତ ଦୁଇ ବିଜ୍ଞାନ ଏବଂ ମେଡିକାଲ ପ୍ରବେଶିକା ଶିକ୍ଷା ନେଉଥିଲେ। ୬୮୨ ରାଙ୍କ ରେ କୃତକାର୍ଯ୍ୟ ହୋଇ ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ପୂର୍ବତଟ ରେଳବାଇ ମୁଖ୍ୟଙ୍କୁ ଭେଟିଲେ ବିଜେପି ନେତା ତେଜେଶ୍ୱର

## ଡେରାବିଶରେ ରେଳ ବିଭାଗର ବିକାଶ ସହ ଜଳନିଷ୍କାସନ ଓ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ନେଇ ରଖିଲେ ଦାବି



କେନ୍ଦ୍ରାପଡ଼ା, ୨୭।୮(ସଂଚାର ବ୍ୟୁରୋ): ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳରେ ରେଳ ବିଭାଗର ଭିତ୍ତିଭୂମି ବିକାଶ, ଯାତ୍ରୀ ସୁବିଧା ଓ ଜଳନିଷ୍କାସନ ସମସ୍ୟାର ସମାଧାନ ଦାବି ଜୋରଦାର ହୋଇଛି। ଏନେଇ ବିଜେପି ନେତା ତଥା ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ା ପୂର୍ବତଟ ରେଳବାଇର ସାଧାରଣ ପରିଚାଳକ ପରମେଶ୍ୱର ଫୁଙ୍କୱାଲଙ୍କୁ ଭେଟି ବିଭିନ୍ନ ଦାବି ଓ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଡେରାବିଶ ବ୍ଲକ ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ବଳଭଦ୍ରପୁର ଶିଲ୍ପାଞ୍ଚଳ ନିକଟରେ ନୂତନ ରେଳଷ୍ଟେସନ୍ ପ୍ରତିଷ୍ଠା କରିବାକୁ ଶ୍ରୀ ପରିଡ଼ା ଦାବି ରଖିଛନ୍ତି। ଏହା ହେଲେ ଶିଳ୍ପାଞ୍ଚଳ ସମେତ ଛାତ୍ରଛାତ୍ରୀ, ଶ୍ରମିକ, ପର୍ଯ୍ୟଟକ ଓ ସାଧାରଣ ଯାତ୍ରୀମାନେ ଉପକୃତ ହେବେ ବୋଲି ସେ ଦର୍ଶାଇଛନ୍ତି। ସେହିପରି ବାଜିପଡ଼ା ରେଳଷ୍ଟେସନ୍‌ରେ ଦୁଇଟି ଫୁଟ୍ ଓଭରବ୍ରିଜ୍, ୧, ୨ ଓ ୩ ନମ୍ବର ପ୍ଲାଟଫର୍ମରେ ଯାତ୍ରୀ ସେଡ୍, ଦୁଇଚକିଆ ଓ ଚାରିଚକିଆ ଯାନ ପାର୍କିଂ ସ୍ଥଳ, ଜଳଖିଆ ଦୋକାନ ଓ କାଫେ ନିର୍ମାଣ ପାଇଁ ଦାବି କରାଯାଇଛି। ହଳଦିଆ ଛକରୁ ବାଜିପଡ଼ା ଷ୍ଟେସନ୍ ପର୍ଯ୍ୟନ୍ତ ପ୍ରାୟ ୮୦୦ ମିଟର ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ଏବଂ ହଳଦିଆ ଆର୍‌ଡି ରୋଡ୍‌ରୁ ଷ୍ଟେସନ୍ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ଦାବି ମଧ୍ୟ ରଖାଯାଇଛି। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଯାତ୍ରୀଙ୍କ ସୁବିଧା ପାଇଁ ବାଜିପଡ଼ା ଷ୍ଟେସନ୍‌ରେ ଲିଫ୍ଟ ଓ ର୍ୟାମ୍ପ ବ୍ୟବସ୍ଥା, ଷ୍ଟେସନ୍‌ର ସୌନ୍ଦର୍ଯ୍ୟକରଣ ଏବଂ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା କରିବାକୁ ମଧ୍ୟ ତେଜେଶ୍ୱର ଦାବି ଜଣାଇଛନ୍ତି। ଅନ୍ୟପକ୍ଷରେ ରେଳପଥ ଯୋଗୁଁ ଅନେକ ଅଞ୍ଚଳରେ ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟାକୁ ମଧ୍ୟ ସେ ଗୁରୁତ୍ୱ ଦେଇଛନ୍ତି। ମନ୍ତ୍ରୀପଡ଼ାଠାରେ ୧୬ ନମ୍ବର ପାଟନାଳୀ ଉପରେ ୬୪ ନମ୍ବର ରେଳବ୍ରିଜ୍ ନିର୍ମାଣ ସମୟରେ ନଷ୍ଟ ହୋଇଥିବା ବନ୍ଧ ଯୋଗୁଁ ବନ୍ୟାଜଳ ଚାଷଜମିକୁ ପ୍ରବେଶ କରି ଫସଲ କ୍ଷତି ହେଉଥିବା ଅଭିଯୋଗ କରାଯାଇଛି। ଏହାର ପ୍ରତିକାର ପାଇଁ ପ୍ରାୟ ୩୦୦ ମିଟର ଲମ୍ବର ମାଟିବନ୍ଧ ନିର୍ମାଣ ଦାବି କରାଯାଇଛି। ହରିଦାସପୁର-ପାରାଦ୍ୱୀପ ରେଳପଥ ଯୋଗୁଁ ଡେରାବିଶ ବ୍ଲକର ବିଭିନ୍ନ ପଞ୍ଚାୟତରେ ବର୍ଷାଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇ ଚାଷଜମି ଜଳମଗ୍ନ ହେଉଥିବା ଦାବି କରିଛନ୍ତି ଶ୍ରୀ ପରିଡ଼ା। ଏହାର ସ୍ଥାୟୀ ସମାଧାନ ପାଇଁ ବାଜିପଡ଼ା ଷ୍ଟେସନ୍ ନିକଟରେ ରେଳଲାଇନ୍ ତଳେ ସାଇଫନ୍ ନିର୍ମାଣ କରି ଜଳନିଷ୍କାସନ ବ୍ୟବସ୍ଥା ସୁଗମ କରିବାକୁ ସେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି।

# ପୂର୍ବତନ ପୌରଉପାଧ୍ୟକ୍ଷ କୁଞ୍ଜ ବିହାରୀ ପୃଷ୍ଟିଙ୍କ ପରଲୋକ



କେନ୍ଦ୍ରାପଡ଼ା,୨୭।୮(ସଂଚାର ବ୍ୟୁରୋ): ପୂର୍ବତନ ପୌରଉପାଧ୍ୟକ୍ଷ, ବଳଦେବଜୀଉ ଦେବୋତ୍ତର ନ୍ୟାସର ପ୍ରାକ୍ତନ ସଦସ୍ୟ ମୀରପାଟଣା ଗ୍ରାମର କୁଞ୍ଜବିହାରୀ ପୃଷ୍ଟିଙ୍କର ୯୩ବର୍ଷ ବୟସରେ ବୁଧବାର ବିଳମ୍ବିତ ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ ସୌମେନ୍ଦ୍ର ଓ ସୌରେନ୍ଦ୍ର, ଝିଅ, ଜ୍ୱାଇଁଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ଭୁବନେଶ୍ୱରରେ ବରିଷ୍ଠ ବିଜେପି ନେତା ଡ. ଗନ୍ଧର୍ବ ନାୟକ, ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ, କଂଗ୍ରେସ ନେତା ସଞ୍ଜୟ ରାଉତ ପ୍ରମୁଖ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ମରଶରୀର ଆଜି ସକାଳେ କେନ୍ଦ୍ରାପଡା ସହରର ମୀରପାଟଣାସ୍ଥିତ ବାସଭବନରେ ପହଞ୍ଚିବା ପରେ ସେଠାରେ ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ରଞ୍ଜିତ ସାହୁ, କାଉନସିଲର କାଳିପ୍ରସାଦ ମିଶ୍ର, ରାଜେଶ ପଣ୍ଡା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ପହି ତାଙ୍କ ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ବନ୍ଧପଡ଼ାରେ ବୃହତ ଚଷା ସମାବେଶ

# ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ବିଧାୟକଙ୍କ ପ୍ରତିଶ୍ରୁତି



ମହାକାଳପଡ଼ା,୨୭।୮ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତର ବନ୍ଧପଡ଼ା ଗ୍ରାମରେ ଶ୍ରୀ ବଳଦେବଜୀଉ ଚଷା ସଂଗଠନ ପକ୍ଷରୁ ଷଷ୍ଠ ବାର୍ଷିକ ଉତ୍ସବ ଓ ବୃହତ ଚଷା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଡଃ. ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇଥିବା ବେଳେ କୁଳମଣି ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।ସମ୍ମାନିତ ଅତିଥି ଭାବେ ରଞ୍ଜନ ଚୌଧୁରୀ, ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, କୋଷାଧ୍ୟକ୍ଷ ବିଚିତ୍ର କୁମାର ରାଉତ, ଜୋନ ସଭାପତି ତ୍ରିଲୋଚନ ରାଉତଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ। ସଂଗଠନର ସଭାପତି ଅଭୟ କୁମାର ପରିଡ଼ା ଓ ସମ୍ପାଦକ ନରୋତ୍ତମ ପ୍ରାର୍ଥସାରଥୀଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ମଙ୍ଗଳପୁରଠାରୁ ବନ୍ଧପଡ଼ା ପର୍ଯ୍ୟନ୍ତ ଅତିଥିମାନଙ୍କୁ ବାଜା ବଜାଇ ଧୂମଧାମରେ ପାଛୋଟି ଆଣିଥିଲେ। ସମାବେଶରେ ସମ୍ପାଦକ ନରୋତ୍ତମ ପ୍ରାର୍ଥସାରଥୀ ଚାଷୀଙ୍କ ବିଭିନ୍ନ ସମସ୍ୟା ଅତିଥିମାନଙ୍କ ଦୃଷ୍ଟିକୁ ଆଣିଥିଲେ। ଗ୍ରାମର ରାସ୍ତା ମରାମତି, ଆଖଡ଼ା ସାହି ଦେଇ ବନ୍ୟାଜଳ ପ୍ରବେଶ ରୋକିବା, ଜମ୍ବୁ- ମାର୍ଶାଘାଇ କେନାଲ ସମେତ ବିଭିନ୍ନ ପାଟନାଳୀର ଉଦ୍ଧାର ଓ ସଫେଇ ଏବଂ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ ଭଳି ଦାବି ଉପସ୍ଥାପିତ ହୋଇଥିଲା।

# ବିକଶିତ ଭାରତ ଖେଲୋ ଇଣ୍ଡିଆ ଯୁବା କନେକ୍ଟ କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା,୨୭।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ରେ ଜାତୀୟ ସେବା ଯୋଜନା ଓ ଯୁବ ଭାରତର ମିଳିତ ଆନୁକୂଲ୍ୟରେ ବିକଶିତ ଭାରତ ଯୁବା କନେକ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜ ଅଧ୍ୟକ୍ଷା ଆଦ୍ୟାରଶ୍ମୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଦ୍ୱାରା ପ୍ରେରିତ ଆନ୍ତର୍ଜାତୀୟ ଭଲିବଲ୍ ଖେଳାଳି ଶିବାନୀ ପ୍ରିୟଦର୍ଶିନୀ ପରିଡ଼ା, ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଭାର ଉତ୍ତୋଳନ ଖେଳାଳି ରୋନିତ ରୋଶନ ସ୍ୱାଇଁ, କେନ୍ଦ୍ରାପଡ଼ାର ସୁନାମଧନ୍ୟ କ୍ରୀଡ଼ାବିତ୍ ନାରାୟଣ ଚନ୍ଦ୍ର ବାରିକ, ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା କ୍ରୀଡ଼ାବିତ୍ ଅରବିନ୍ଦ ମହାପାତ୍ର, ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ପ୍ରାକ୍ତନ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଶିଶିର କାନ୍ତ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିକଶିତ ଭାରତ ଯୁବ କନେକ୍ଟ ସ୍ପୋର୍ଟସ ଏଡିସନ୍ ଦେଶ ବ୍ୟାପୀ ଆୟୋଜିତ ହୋଇଛି। ଏହାର ମୂଳ ଉଦ୍ଦେଶ୍ୟ ଥିଲା ଦେଶର ଯୁବା ପିଢ଼ି କ୍ରୀଡ଼ାବିତ୍ ମାନଙ୍କୁ ଏକ ସାଧାରଣ ମରେ ଏକତ୍ରିତ କରିବା। ସମଗ୍ର ଭାରତ ତଥା ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ଚାଲିଥିଲାବେଳେ କେନ୍ଦ୍ରାପଡା ଜିଲ୍ଲାରେ ୨ ଟି ସ୍ଥାନରେ କାର୍ଯ୍ୟକ୍ରମ ଚାଲିଥିଲା ଏବଂ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ନୋଡାଲ ସେର ଭାବେ କାର୍ଯ୍ୟ କରି ଏହି କାର୍ଯ୍ୟକ୍ରମକୁ ସଫଳ କରିଛି। ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା, ମାଇଁ ଭାରତ, ଜିଲ୍ଲାର ଅନ୍ୟାନ୍ୟ ଯୁବ କ୍ଲବ୍ ଓ କ୍ରୀଡ଼ା ସଂସ୍ଥା ମାନଙ୍କରୁ ପ୍ରାୟ ୧୫୦ ସ୍ୱେଚ୍ଛାସେବୀ ଭାଗ ନେଇଥିଲେ। ଭାରତର ଜସ୍ୱଶୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଙ୍କ ସମ୍ଭାଷଣ ପରେ ପରେ ସମ୍ବର୍ଦ୍ଧନା ଉତ୍ସବ, ନିଶାମୁକ୍ତ ଶପଥ ପାଠ କରାଯାଇ ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

# ରକ୍ଷାବନ୍ଧନରେ ଏବିଭିପି ଗରଦପୁର ନଗରର ଭାଇଚାରାର ବାର୍ତ୍ତା

ଗରଦପୁର,୨୭।୮(ସଂଚାର ବ୍ୟୁରୋ): ରକ୍ଷାବନ୍ଧନ ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଗରଦପୁର ନଗର ପକ୍ଷରୁ ବିଭିନ୍ନ ସ୍ଥାନରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଉତ୍ସାହ ଓ ଭାଇଚାରାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୋରୁଆ ଅଗ୍ନିଶମ ବିଭାଗ, ପାଟକୁରା ଥାନା, କୁଦାନଗରୀ ଥାନା, ଗରଦପୁର ଅଗ୍ନିଶମ



ବିଭାଗ ସମେତ ବିଭିନ୍ନ ସ୍ଥାନରେ ଏବିଭିପି କାର୍ଯ୍ୟକର୍ତ୍ତା ମାନେ ପହଞ୍ଚି ସୁରକ୍ଷାକର୍ମୀ ଓ ଅଗ୍ନିଶମ କର୍ମଚାରୀମାନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ।ଏଥିସହ ଏବିଭିପିର ପୁରାତନ କାର୍ଯ୍ୟକର୍ତ୍ତାମାନଙ୍କୁ ମଧ୍ୟ ରାକ୍ଷୀ ବାନ୍ଧି ରକ୍ଷାବନ୍ଧନର ମହତ୍ତ୍ୱ ଓ ଭାଇଚାରାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ସମାଜର ସୁରକ୍ଷା ପାଇଁ ଦିନରାତି କାର୍ଯ୍ୟରତ ପୁଲିସ ଓ ଅଗ୍ନିଶମ କର୍ମଚାରୀମାନଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତା ଜଣାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏବିଭିପି ପକ୍ଷରୁ କୁହାଯାଇଛି। ରକ୍ଷାବନ୍ଧନ କେବଳ ଭାଇ-ଭଉଣୀଙ୍କ ସମ୍ପର୍କର ପର୍ବ ନୁହେଁ, ବରଂ ସମାଜରେ ପରସ୍ପର ସ୍ନେହ, ସମ୍ମାନ, ସୁରକ୍ଷା ଓ ଏକତାର ଭାବନାକୁ ଦୃଢ଼ କରିବାର ଏକ ଅବସର ବୋଲି କାର୍ଯ୍ୟକର୍ତ୍ତାମାନେ ମତ ପ୍ରକାଶ କରିଥିଲେ।

# ଗରିବ ଓ ମେଧାବୀ ଛାତ୍ରଙ୍କୁ ଡାକ୍ତରୀ ନାମ ଲେଖା ପାଇଁ ଆର୍ଥିକ ସହାୟତା



କେନ୍ଦ୍ରାପଡ଼ା,୨୭।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା କ୍ରେଡିଟ କୋ ଅପରେଟିଭ ସୋସାଇଟି ଲିମିଟେଡ଼ ରାମନଗର ଶାଖା ପକ୍ଷରୁ ଆଜି ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବିଜୟନଗର ପଞ୍ଚାୟତର ସାହାବାଜପୁର ଗ୍ରାମ ନିବାସୀ କୈଳାସ ସାହୁଙ୍କ ସୁପୁତ୍ର ଶ୍ରୀ ସୌମ୍ୟ ରଞ୍ଜନ ସାହୁଙ୍କୁ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସମିତିର ସଭାପତି ଶ୍ରୀ ପ୍ରମୋଦ ସାହୁ ତାଙ୍କ ମା ସଂଯୁକ୍ତା ସାହୁଙ୍କ ଉପସ୍ଥିତିରେ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ଆବଶ୍ୟକ ସ୍ଥଳେ ଆହୁରି ଅଧିକ ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ଏହି ସହାୟତା ପ୍ରଦାନ ସମୟରେ ସମିତିର ନିର୍ଦ୍ଦେଶକ ଶ୍ରୀ ଦିଲ୍ଲୀପ ରାଉତ, କୃଷକ ବିକାଶ ସମବାୟ ସମିତିର ନିର୍ଦ୍ଦେଶକ ଅଭୟ ସାମଲ ଏବଂ ସମିତିର ରାମନାଗର ଶାଖାର ବରିଷ୍ଠ ପରିଚାଳକ ଶାନ୍ତନୁ କୁମାର ସାହୁ, ରାମନଗର ଶାଖା ଦୈନିକ ଜମା ସଂଗ୍ରହକାରୀ ଶ୍ରୀ ଆଲୋକ ସ୍ୱାଇଁ, ସମାଜସେବୀ ବସନ୍ତ କୁମାର ସାହୁ, ଟୁଲୁ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଉଲେଖ ଯୋଗ୍ୟ ଯେ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷ ବିଜ୍ଞାନ ଶ୍ରେଣୀର ପଦାର୍ଥ ବିଜ୍ଞାନ ସମ୍ମାନ ବିଭାଗରେ ପାଠ ପଢୁଥିବା ଶ୍ରୀ ସୌମ୍ୟ ରଞ୍ଜନ ୨୦୨୫-୨୬ ବର୍ଷର ନିଟ ପରୀକ୍ଷାରେ ସର୍ବ ଭାରତୀୟ ସ୍ତରରେ ୨୧୦୦୦ ରାଙ୍କରେ ୫୭୪ ନମ୍ବର ରଖି କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ମାସର ୨୯ ତାରିଖ ଠାରୁ ସେପ୍ଟେମ୍ବର ୬ ତାରିଖ ମଧ୍ୟରେ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲରେ ନାମ ଲେଖାଇବା ପାଇଁ ତାଙ୍କୁ ଇଣ୍ଟିମେଶନ ମିଳିଛି। ନାମ ଲେଖା ପାଇଁ ୪୦ ହଜାର ଫିସ ଧାର୍ଯ୍ୟ ହୋଇଥିବା ବେଳେ ଆଜି କେନ୍ଦ୍ରାପଡ଼ା କେଡ଼ିଟ ସୋସାଇଟିର ପ୍ରଥମ ଆର୍ଥିକ ସହାୟତା ପ୍ରଦାନ ବେଳେ ସୌମ୍ୟରଞ୍ଜନଙ୍କ ବହୁ ପ୍ରତିକ୍ଷିତ ଡାକ୍ତରୀ ପାଠ ପଢ଼ିବାର ସ୍ୱପ୍ନ ସାକାର ଦିଗରେ ସୌମ୍ୟ ଓ ତାଙ୍କ ପରିବାର ସଦସ୍ୟଙ୍କ ନିରାଶା ମଧ୍ୟରେ ଆଶା ସଂଚାର ହୋଇଛି।

### ରାକ୍ଷୀ ପୂର୍ଣ୍ଣିମାରେ ପରିବହନ ବିଭାଗର ନିଆରା ସଡ଼କ ସୁରକ୍ଷା ଅଭିଯାନ

# ନିୟମ ମାନୁଥିବା ଗାଡ଼ି ଚାଳକଙ୍କୁ ସମ୍ମାନିତ କଲେ ପରିବହନ ଆୟୁକ୍ତ



ଭୁବନେଶ୍ୱର,୨୭।୮(ସଂଚାର ବ୍ୟୁରୋ): ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାକ୍ଷୀର ଭାବନା 'ସୁରକ୍ଷା ପ୍ରତିଶ୍ରୁତି'କୁ ସଡ଼କ ସୁରକ୍ଷା ସହ ଯୋଡ଼ି ପରିବହନ ବିଭାଗ ପକ୍ଷରୁ ଆଜି ଏକ ନିଆରା ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା। ରାକ୍ଷୀ କେବଳ ଭାଇଭଉଣୀଙ୍କ ମଧ୍ୟରେ ସ୍ନେହର ପ୍ରତୀକ ନୁହେଁ, ଏହା ପରସ୍ପରର ସୁରକ୍ଷା ପାଇଁ ଏକ ପବିତ୍ର ପ୍ରତିଶ୍ରୁତି ସେହିଭଳି ରାସ୍ତାରେ ଯାତ୍ରା କରିବା ସମୟରେ ସଡ଼କ ସୁରକ୍ଷା ନିୟମ ପାଳନ କରିବା ହେଉଛି ନିଜ ଜୀବନ ସହ ପରିବାର ଓ ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷା ପ୍ରତି ଏକ ଦାୟିତ୍ୱପୂର୍ଣ୍ଣ ପ୍ରତିଶ୍ରୁତି। ଏହି ବାର୍ତ୍ତାକୁ ଆହୁରି ଦୃଢ଼ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱରସ୍ଥିତ ଏସପ୍ଲାନେଡ୍ ମଲ୍‌ରେ ଏକ ସ୍ୱତନ୍ତ୍ର ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଟ୍ରାଫିକ୍ ନିୟମ ପାଳନ କରି ଦାୟିତ୍ୱବାନ ଭାବେ ଗାଡ଼ି ଚଳାଉଥିବା ଚାଳକମାନଙ୍କୁ ପରିବହନ ଆୟୁକ୍ତ ଅମିତାଭ ଠାକୁର ସମ୍ମାନିତ କରିବା ସହ ପ୍ରଶଂସାପତ୍ର ଓ ଉପହାର ପ୍ରଦାନ କରାଯାଇଛି।

ବିଶେଷ କରି ଚାଳକ ଓ ସହଯାତ୍ରୀ ଉଭୟ ହେଲମେଟ୍ ପିନ୍ଧିଥିବା ଦୁଇଚକିଆ ଯାନ ଚାଳକ, ସିଟ୍‌ବେଲ୍ଟ ବ୍ୟବହାର କରୁଥିବା କାର୍ ଚାଳକ ଓ ସମସ୍ତ ଆବଶ୍ୟକ ସୁରକ୍ଷା ନିୟମ ଓ ଟ୍ରାଫିକ୍ ନିୟମ ପାଳନ କରି ଗାଡ଼ି ଚଳାଉଥିବା ଚାଳକମାନଙ୍କୁ ଏହି ଅଭିଯାନରେ ଚିହ୍ନଟ କରାଯାଇ ପ୍ରୋତ୍ସାହିତ କରାଯାଇଥିଲା। ସଡ଼କ ସୁରକ୍ଷା କ୍ଷେତ୍ରରେ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ପରିବହନ ବିଭାଗ ନିୟମିତ ଭାବେ ଚାଲାଣ ଜାରି କରିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ତେବେ ନିୟମ ମାନୁଥିବା ନାଗରିକଙ୍କୁ ସମ୍ମାନ ଓ ପ୍ରୋତ୍ସାହନ ଦେବା ଏହି ଅଭିଯାନର ଏକ ପ୍ରମୁଖ ବିଶେଷତ୍ୱ। ନିୟମ ପାଳନକାରୀଙ୍କୁ ସାର୍ବଜନୀନ ଭାବେ ସମ୍ମାନିତ କରିବା ଦ୍ୱାରା ଅନ୍ୟ ଚାଳକମାନେ ମଧ୍ୟ ଟ୍ରାଫିକ୍ ନିୟମ ପାଳନ ପାଇଁ ପ୍ରେରିତ ହେବେ ଓ ଏହା ରାଜ୍ୟରେ ସଡ଼କ ସୁରକ୍ଷାର ବାତାବରଣକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଏହି ଅବସରରେ ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦ ଓ ଅମିୟବାଳା ପରିଡ଼ା ଯୋଗଦେଇଥିଲେ।

ଏହି ଅବସରରେ ପରିବହନ ଆୟୁକ୍ତଙ୍କ ସମେତ ଅତିରିକ୍ତ ପରିବହନ ଆୟୁକ୍ତ ଦୀପ୍ତିରଞ୍ଜନ ପାତ୍ର, ସମରେନ୍ଦ୍ର ପଟ୍ଟନାୟକ, ଯୁଗ୍ମ ପରିବହନ ଆୟୁକ୍ତ ବିକାଶ ଚୌଧୁରୀ, ରାମନିବାସ ସିର୍କା, ବରିଷ୍ଠ ପୁଲିସ ଅଧିକାରୀ ଉମାକାନ୍ତ ପ୍ରଧାନ, ଭୁବନେଶ୍ୱର-୧ ଆରଟିଓ ମାନସ ମିଶ୍ର ଓ ଭୁବନେଶ୍ୱର-୨ ଆରଟିଓ ପ୍ରୟାସ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ଅଧିକାରୀମାନେ ଜନସାଧାରଣଙ୍କୁ ହେଲମେଟ୍ ପିନ୍ଧିବା, ସିଟ୍‌ବେଲ୍ଟ ବ୍ୟବହାର କରିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଟ୍ରାଫିକ୍ ନିୟମ ପାଳନ କରିବା ଓ ଦାୟିତ୍ୱବାନ ସଡ଼କ ବ୍ୟବହାରକାରୀ ହେବା ପାଇଁ ଆହ୍ୱାନ ଦେଇଥିଲେ।

## ନେପାଳରେ ଓଡ଼ିଆ ଖେଳାଳି ସୁରକ୍ଷିତ



ଭୁବନେଶ୍ୱର,୨୭।୮(ସଂଚାର ବ୍ୟୁରୋ): ନେପାଳ ଯାଇ ଫେରି ନ ଥିବା ଓଡ଼ିଆ ଫୁଟବଲ୍ ଖେଳାଳି ସୁରକ୍ଷିତ। ସମସ୍ତେ ସୁରକ୍ଷିତ ଥିବା କହିଛନ୍ତି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଖୁବ୍‌ଶୀଘ୍ର ସମସ୍ତଙ୍କୁ ସୁରକ୍ଷିତ ଓଡ଼ିଶା ଫେରାଇ ଆଣିବାକୁ ଯୋଜନା ଚାଲିଛି। ଗୃହ ମନ୍ତ୍ରାଳୟଙ୍କୁ ଏ ବାବଦରେ ଅବଗତ କରାଯାଇ ସାରିଛି। ଓଡ଼ିଶା ମୋ ପରିବାର ନିର୍ଦ୍ଦେଶାଳୟ ସହଯୋଗରେ ଫେରାଇ ଆଣିବା ବୋଲି କହିଛନ୍ତି କ୍ରୀଡ଼ା ମନ୍ତ୍ରୀ ଶ୍ରୀ ସୂରଜ। ନେପାଳକୁ ଫୁଟବଲ ଖେଳିବାକୁ ୬ ଓଡ଼ିଆ ଖେଳାଳି ଯାଇଥିଲେ। ସେମାନେ ସୁରକ୍ଷିତ ଥିବା ସଂପୃକ୍ତ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ଖେଳାଳିଙ୍କ ସହ ନୋଡାଲ ଅଫିସର କଥା ହୋଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସେମାନଙ୍କୁ ଫେରାଇ ଆଣିବାକୁ ଦାୟିତ୍ୱ ଦିଆଯାଇଛି। ସରକାର ନେପାଳ ସରକାରଙ୍କ ସହ ଯୋଗାଯୋଗରେ ଅଛନ୍ତି। ଗୃହ ବିଭାଗକୁ ଅବଗତ କରାଯାଇଛି ଖୁବ୍‌ଶୀଘ୍ର ସେମାନଙ୍କୁ ଫେରାଇ ଅଣାଯିବ। ସୂଚନା ଥାଉକି ନେପାଳରେ ରାସୁୱା ଜିଲ୍ଲା ଓ ତିବ୍ବତ ସୀମା ନିକଟରେ ଫ୍ଲାସ୍ ଫ୍ଲଡ୍ ଯୋଗୁଁ ପ୍ରାୟ ୪୦୦ ତୀର୍ଥଯାତ୍ରୀ ନିଖୋଜ ଥିବା ଖବର ଆସିଛି। ଏଥିରେ ଶହେରୁ ଅଧିକ ଭାରତୀୟ ଥିବା ରିପୋର୍ଟରେ କୁହାଯାଇଛି, ଯେଉଁଥିରେ ୧୩୩ ଜଣ ଭାରତୀୟ ପର୍ଯ୍ୟଟକ ଓ ୩୭ ଜଣ ପ୍ରବାସୀ ଭାରତୀୟ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ କୈଳାସ ମାନସରୋବର ଯାତ୍ରାରେ ଥିଲେ। ପ୍ରଧାନମନ୍ତ୍ରୀ ମୋଦି ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହଙ୍କ ସହ କଥା ହୋଇ ସମବେଦନା ଜଣାଇଛନ୍ତି। ଭାରତ ସମସ୍ତ ପ୍ରକାରର ମାନବିକ ସହାୟତା ଯୋଗାଇବାକୁ ପ୍ରସ୍ତୁତ। ଭାରତୀୟ ବାୟୁସେନା ବିମାନ ଦ୍ୱାରା ରିଲିଫ୍ ସାମଗ୍ରୀ ପଠାଯାଉଛି ଏବଂ ଏନଡିଆରଏଫ ଦଳ ନିୟୋଜିତ କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।

## ଜିଲ୍ଲା ବିଜେପି ପକ୍ଷରୁ ପ୍ରଭାତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା



କଟକ,୨୭।୮(ସଂଚାର ବ୍ୟୁରୋ): ବିଜେପିରେ ନୂତନ ଭାବେ ଯୋଗଦେଇଥିବା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ କଟକ ଜିଲ୍ଲା ବିଜେପି ପକ୍ଷରୁ ବାରବାଟୀ ହର୍ଷ ଗେଷ୍ଟହାଉସ ସମ୍ମିଳନୀ କକ୍ଷରେ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଦଳର ଜିଲ୍ଲା, ଓଏସି, ମହିଳା, ଯୁବ ଓ ଆଇଟି ସେଲ୍‌ର କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଡ. ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତର ଦେଇ ଡ. ବିଶ୍ୱାଳ କହିଥିଲେ, କୌଣସି ପ୍ରତିଶ୍ରୁତି ପାଇବା ପାଇଁ ଦଳକୁ ଆସିନାହିଁ କର୍ମ କରିବାକୁ ଆସିଛି। ଗୁଣ୍ଡିଚି ମୁଷା ପରି ଦଳ ପାଇଁ କାମ କରିବି। ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପି ଯେପରି ସଂଖ୍ୟାଗରିଷ୍ଠତା ହାସଲ କରିବ, ସେଥିପାଇଁ ଏବେଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଜାତୀୟ ଅଧ୍ୟକ୍ଷ ନୀତିନ ନବୀନ, ରାଜ୍ୟ ଅଧ୍ୟକ୍ଷ ମନମୋହନ ସାମଲ ଏବଂ ପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଲୋକ ପ୍ରିୟତାକୁ ପାଥେୟ କରି ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ସେ ଦଳୀୟ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ଜିଲ୍ଲା ପରିଷଦ ସଦସ୍ୟ ଜ୍ଞାନେନ୍ଦ୍ର ବେହେରା, ପୂର୍ବତନ ଜିଲ୍ଲା ସଭାପତି ଲଲାଟେନ୍ଦୁ ବସ୍ତୁ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ବଜେନ୍ଦ୍ର ରାୟ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ରଶ୍ମିରେଖା ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ସୁବ୍ରତରଞ୍ଜନ ମିଶ୍ର, ଜିଲ୍ଲା ଉପସଭାପତି ବିଶ୍ୱରଞ୍ଜନ ମିଶ୍ରଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମକର୍ତ୍ତା ମଞ୍ଚରେ ଉପସ୍ଥିତ ଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଉରକେଲା ସର୍କିଟ ହାଉସ ମାମଲା

## ବିହାରରୁ ପ୍ରକାଶ ପାସୱାନ ଗିରଫ

ରାଉରକେଲା,୨୭।୮(ସଂଚାର ବ୍ୟୁରୋ): ରାଉରକେଲା ସର୍କିଟ ହାଉସ ଅବୈଧ ଅସ୍ତ୍ରଶସ୍ତ୍ର ଉଦ୍ଧାର ମାମଲାରେ ଓଡ଼ିଶା ପୁଲିସ ବିହାରର ସମସ୍ତିପୁରରୁ ପଳାତକ ଯୁବ ନେତା ପ୍ରକାଶ ପାସୱାନଙ୍କୁ ଗିରଫ କରିଛି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଏବଂ ସୁନ୍ଦରଗଡ଼ ସାଂସଦ ଜୁଆଲ ଓରାମଙ୍କ ପ୍ରତିନିଧି ଭାବେ କାର୍ଯ୍ୟ କରିଥିବା ବିଜେପିର ଜଣେ ନିଲମ୍ବିତ କର୍ମୀ ହେଉଛନ୍ତି ପ୍ରକାଶ। ଗତ ୧୪ ତାରିଖରେ ପାନପୋଷ ସର୍କିଟ ହାଉସର ରୁମ୍ ନମ୍ବର ୭ରୁ ୪ଟି ଅବୈଧ ଅସ୍ତ୍ରଶସ୍ତ୍ର ଓ ଜୀବନ୍ତ ଗୁଳି ଉଦ୍ଧାର ପରେ ସେ ଫେରାର ହୋଇଯାଇଥିଲେ। ଅଗଷ୍ଟ ୧୫ ତାରିଖ ପ୍ରତ୍ୟୁଷରେ ପ୍ରଥମେ ଦୁଇ ଅପରାଧୀଙ୍କୁ ଗିରଫ କରାଯାଇଥିଲା। ପରେ ଅବୈଧ ଅସ୍ତ୍ରଶସ୍ତ୍ର ନେଟୱାର୍କ ସହ ଜଡ଼ିତ ଆଉ ୭ ଜଣ ଗିରଫ ହୋଇଥିଲେ। ପୁଲିସ୍ ସନ୍ଦେହ କରିଥିଲା ଯେ ସେ ତାଙ୍କ ପ୍ରଭାବରେ ସଶସ୍ତ୍ର ବ୍ୟକ୍ତିମାନଙ୍କୁ ସରକାରୀ ଓ ଭିଆଇପି ବ୍ୟବହାର ପାଇଁ ଉଦ୍ଦିଷ୍ଟ ରାଜ୍ୟ ପରିଚାଳିତ ଅତିଥି ଗୃହକୁ ପ୍ରବେଶ ଅନୁମତି ଦେଇଥିଲେ।

## ମେଡିକାଲରୁ ସ୍ତ୍ରୀକୁ ଧରି ବିଚାରାଧୀନ କଏଦୀ ଚମ୍ପଟ୍

ସୁନ୍ଦରଗଡ଼, ୨୭।୮ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ମେଡିକାଲରୁ ବିଚାରାଧୀନ କଏଦୀ ଫେରାର ହେବାର ଇତିମଧ୍ୟରେ ୩୬ଘଣ୍ଟା ପରେ ବି ତାର ପତ୍ତା ମିଳିନି। ଗତକାଲି ଚିକିତ୍ସା ପାଇଁ ଆସିଥିବା ବେଳେ ଶୌଚ ଯିବା ବାହାନାରେ କଏଦୀ ଜଣକ ଫେରାର ହୋଇ ଯାଇଥିଲା। ସେ ନିଜ ଘରକୁ ଯାଇ ତା'ର ସ୍ତ୍ରୀକୁ ଧରି ଚମ୍ପଟ ହୋଇ ଯାଇଛି। ଏହି ଫେରାର କଏଦୀ ଜଣକ ହେଉଛି ସଦର ଥାନା ରୁପାବାହାଲ ଗାଁର ଟେକଚାନ୍ଦ ବେହେରା। ହତ୍ୟା ଅଭିଯୋଗରେ ଗତ ଏପ୍ରିଲ ମାସରୁ ସେ ଜେଲ୍‌ରେ ଥିଲା। ଫେରାର ହେବା ନେଇ ସୂଚନା ପରେ ଟାଉନ୍ ଥାନା ପୋଲିସର ୪ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ରାଜ୍ୟର ବିଭିନ୍ନ ଜେଲରୁ କଏଦୀ ଚମ୍ପଟ ଘଟଣା ଜେଲ୍ କର୍ତ୍ତୃପକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଦୁର୍ଦ୍ଧାନ୍ତ ଅପରାଧୀଙ୍କଠାରୁ ଆରମ୍ଭ କରି ଛୋଟ ଅପରାଧୀ ପାଚେରି ଡେଇଁ ଫେରାର ହୋଇଯାଉଛନ୍ତି। ସେମାନଙ୍କ ଭିତରୁ ଅନେକ ହେଉଛନ୍ତି ହତ୍ୟାକାରୀ।

## ଝାନ୍ସି–ଖୋର୍ଦ୍ଧା ରୋଡ୍ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍‌ର ସମ୍ପ୍ରସାରଣ

ଭୁବନେଶ୍ୱର,୨୭।୮(ସଂଚାର ବ୍ୟୁରୋ): ପର୍ବପର୍ବାଣୀ ଓ ଛୁଟିଦିନ ସମୟରେ ଯାତ୍ରୀମାନଙ୍କ ଅତିରିକ୍ତ ଭିଡ଼କୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ବୀରାଙ୍ଗନା ଲକ୍ଷ୍ମୀବାଈ ଝାନ୍ସୀ- ଖୋର୍ଦ୍ଧା ରୋଡ୍ ଜଙ୍କସନ୍- ବୀରାଙ୍ଗନା ଲକ୍ଷ୍ମୀବାଇ ଝାନ୍ସୀ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ର ସେବା ସମ୍ପ୍ରସାରଣ କରାଯାଇଛି। ତଦନୁସାରେ, ଟ୍ରେନ୍ ନଂ. ୦୧୯୨୯ ବୀରାଙ୍ଗନା ଲକ୍ଷ୍ମୀବାଈ ଝାନ୍ସୀ- ଖୋର୍ଦ୍ଧା ରୋଡ୍ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ସେପ୍ଟେମ୍ବର ୪ରୁ ନଭେମ୍ବର ୨୭ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ଚଳାଚଳ କରିବ। ସେହିପରି, ଟ୍ରେନ୍ ନଂ. ୦୧୯୩୦ ଖୋର୍ଦ୍ଧା ରୋଡ୍- ବୀରାଙ୍ଗନା ଲକ୍ଷ୍ମୀବାଇ ଝାନ୍ସୀ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ସେପ୍ଟେମ୍ବର ୬ରୁ ନଭେମ୍ବର ୨୯ ପର୍ଯ୍ୟନ୍ତ ପ୍ରତି ରବିବାର ଚଳାଚଳ କରିବ। ଏହି ଟ୍ରେନଟି ଏହାର ପୂର୍ବ ନିର୍ଦ୍ଧାରିତ ସମୟସୂଚୀ, ମାର୍ଗ, ରହଣି ସ୍ଥାନ ଏବଂ କୋଚ୍ ସଂରଚନା ଅନୁଯାୟୀ ଚଳାଚଳ କରିବ।

## ଓଡ଼ିଶାରେ ତେଜିଲା ଆରକ୍ଷଣ ବିରୋଧୀ ଆନ୍ଦୋଳନ

### ଆରକ୍ଷଣବିରୋଧୀ ଆନ୍ଦୋଳନକୁ ଦେଶଦ୍ରୋହ କହୁଥିବା ମନ୍ତ୍ରୀ ରାଷ୍ଟ୍ରବିରୋଧୀ



ଭୁବନେଶ୍ୱର,୨୭।୮(ସଂଚାର ବ୍ୟୁରୋ): ଜାତିଭିତ୍ତିକ ଆରକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଉଚ୍ଛେଦ ଦାବିରେ ଅବିଭକ୍ତ ସାଧାରଣ ବର୍ଗ ପକ୍ଷରୁ ଏକ ଜନ ପ୍ରତିବାଦ ସଭା ଓଡ଼ିଶା ବିଧାନସଭା ସମ୍ମୁଖରେ ଆୟୋଜିତ ହୋଇଛି। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଜାତିଗତ ପକ୍ଷପାତ ନୀତି ବିରୁଦ୍ଧରେ ଓ ସାଧାରଣ ବର୍ଗର ନ୍ୟାୟସଙ୍ଗତ ଅଧିକାରର ସୁରକ୍ଷା ପ୍ରସଙ୍ଗ ନେଇ ଏହି ଆନ୍ଦୋଳନ ଜାରି ରହିଛି। କିନ୍ତୁ ସରକାରଙ୍କ ପକ୍ଷରୁ କୌଣସି ସକାରାତ୍ମକ ଆଭିମୁଖ୍ୟ ଆସି ନ ଥିବାରୁ ବର୍ଗ ପକ୍ଷରୁ ଆଜି ବିଧାନସଭା ସମ୍ମୁଖରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯାଇଛି। ପାଞ୍ଚ ଦଫା ଦାବିକୁ ନେଇ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ସାଧାରଣ ବର୍ଗ ପ୍ରତି ଦୀର୍ଘଦିନର ଅବହେଳା, ପ୍ରବଞ୍ଚନା ଓ ଅଧିକାର ହନନ ବିରୋଧରେ ଏକ ଗଣତାନ୍ତ୍ରିକ ପ୍ରତିବାଦ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଆନ୍ଦୋଳନକୁ ଆହ୍ୱାନ କରି ଅବିଭକ୍ତ ସାଧାରଣ ବର୍ଗର ଆବାହକ ଜେନେରାଲ ଦୀନବନ୍ଧୁ ଷଡ଼ଙ୍ଗୀ କହିଛନ୍ତି ଯେ ୟୁଜିସି ବିଲ୍ କେଉଁ କେନ୍ଦ୍ର ସରକାର ପୁନର୍ବିଚାର ପାଇଁ କହିବା ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ପ୍ରତ୍ୟାହାର ନ ହେବା ଯାଏଁ ଆନ୍ଦୋଳନ ଜାରି ରହିବ। ଓଡ଼ିଶାରେ ଡାକ୍ତରୀ, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ବୃତ୍ତିଗତ ଶିକ୍ଷା ପ୍ରତିଷ୍ଠାନରେ ଯେଉଁ ସଂରକ୍ଷଣ ବୃଦ୍ଧି କରିଛନ୍ତି, ତାହା ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ଉଚିତ। ଜାତିଭିତ୍ତିକ ଆରକ୍ଷଣକୁ ସାମ୍ବିଧାନିକ ଅଧିକାର କହୁଥିବା ନେତାମାନେ ମନେ ରଖିବା ଉଚିତ୍ ଯେ ଏହା ଏକ ଅନୁକମ୍ପାମୂଳକ ଅସ୍ଥାୟୀ ପ୍ରାବଧାନ। କୌଣସି ପ୍ରକାର ମୌଳିକ ଅଧିକାର ନୁହେଁ କିମ୍ବା ସର୍ବକାଳୀନ ଯୋଜନା ନୁହେଁ। ବରଂ ଏଭଳି ଜାତିଭିତ୍ତିକ ଭେଦଭାବ ବଢ଼ାଇବା ଭଳି ତୁଷ୍ଟକାରୀ ଯୋଜନା ଦ୍ୱାରା ସମ୍ବିଧାନର ଗରିମା ନଷ୍ଟ ହେଉଛି। ସମ୍ବିଧାନର ଦୃଢ଼ ଦେଉଥିବା ନେତାମାନେ ସମ୍ବିଧାନ ଶବ୍ଦର ମର୍ଯ୍ୟାଦା ପ୍ରତି ଧ୍ୟାନ ଦେବାକୁ ସେ ଆହ୍ୱାନ କରିଛନ୍ତି।

ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନର ସଦସ୍ୟ ଅଶୋକ କୁମାର ପଣ୍ଡା କହିଛନ୍ତି ଯେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ସାଧାରଣ ବର୍ଗର ପିଲାଙ୍କ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୯ରୁ ଲାଗୁ ହୋଇଥିବା ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ଓଡ଼ିଶା ସରକାର ଏପର୍ଯ୍ୟନ୍ତ ଲାଗୁ କରିନାହାନ୍ତି। ବରଂ ଜାତିଭିତ୍ତିକ ଭେଦଭାବ ବଢ଼ାଇବା ଭଳି ଯୋଜନା କରିଚାଲିଛନ୍ତି। କାର୍ଯ୍ୟକ୍ରମରେ ଅମରେନ୍ଦ୍ର ପ୍ରସାଦ ସାହୁ, ରମାକାନ୍ତ ମିଶ୍ର, ସୁଶାନ୍ତ ମହାନ୍ତି, ବଂଶୀଧର ପାଢ଼ୀ, ନୀଳାମ୍ବର ଦାଶ, ସୌଦାମିନୀ ସାମଲ, ଚିତ୍ରକାନ୍ତ ପତି ଯୋଗଦେଇଥିଲେ।

### ଆର୍ଯ୍ୟ ସମାଜ ପକ୍ଷରୁ ଶ୍ରାବଣୀ ଉପକର୍ମ

## ଶ୍ରବଣ, ଶ୍ରାବଣ ହେଉଛି ଆମର ଋଷି ପରମ୍ପରା

ଭଦ୍ରକ,୨୭।୮(ସଂଚାର ବ୍ୟୁରୋ): ଆର୍ଯ୍ୟ ସମାଜ ଭଦ୍ରକ ପକ୍ଷରୁ କୁଆଁସସ୍ଥିତ ବେଦ ମନ୍ଦିରରେ ଶ୍ରାବଣୀ ଉପକର୍ମ ଓ ବେଦ ସ୍ୱାଧ୍ୟାୟ ପାଳିତ ହୋଇଛି। ପ୍ରତିବର୍ଷ ପରି ଶ୍ରାବଣ ପୂର୍ଣ୍ଣିମା ତଥା ରାକ୍ଷୀ ପୂର୍ଣ୍ଣିମା ଠାରୁ ଜନ୍ମାଷ୍ଟମୀ ପର୍ଯ୍ୟନ୍ତ ୯ ଦିନ ଧରି ସକାଳ ଓ ସନ୍ଧ୍ୟା ସମୟରେ ଯଜ୍ଞ ଓ ଆଧ୍ୟାତ୍ମିକ ଆଲୋଚନା ଅନୁଷ୍ଠିତ ହେଉଛି। ଆର୍ଯ୍ୟ ସମାଜର ଆଚାର୍ଯ୍ୟ ତଥା ଆର୍ଯ୍ୟ ସମାଜ ଓଡ଼ିଶାର ସମ୍ପାଦକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ପ୍ରାତଃ କାଳରେ ଓମ୍ ଧ୍ୱଜା ଉତ୍ତୋଳନ, ପ୍ରାର୍ଥନା, ଭଜନ, ରକ୍ଷା ବନ୍ଧନ ଓ ଯଜ୍ଞ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ପରେ ପରେ ଆଧ୍ୟାତ୍ମିକ ଆଲୋଚନାରେ ଆଚାର୍ଯ୍ୟ



ବୀରେନ୍ଦ୍ର ପଣ୍ଡା କହିଥିଲେ ଯେ ଶ୍ରାବଣରେ ଶ୍ରବଣ, ଶ୍ରାବଣ ହେଉଛି ଆମର ଋଷି ପରମ୍ପରା। ଦୈନିକ ଯଜ୍ଞ କଲେ ବିଶ୍ୱର ମଙ୍ଗଳ ହୋଇଥାଏ ଓ ବାୟୁମଣ୍ଡଳରେ ଶୁଦ୍ଧତା ଆସିଥାଏ। ମୁନିଋଷି ପରମ୍ପରାକୁ ବଞ୍ଚାଇ ରଖିବାରେ ଆର୍ଯ୍ୟ ସମାଜର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପଣ୍ଡିତ ପଣ୍ଡା କହିଥିଲେ।

## ପୀୟୂଷ ତ୍ରିପାଠୀ ଆହତ

ଦେବଗଡ଼,୨୭।୮(ସଂଚାର ବ୍ୟୁରୋ): ମୁଣ୍ଡ ବୁଲାଇ ମଞ୍ଚରେ ପଡ଼ିଗଲେ ଯାତ୍ରା ଅଭିନେତା ପୀୟୂଷ ତ୍ରିପାଠୀ। ବାରକୋଟ ବ୍ଲକ୍ ବାସୁପାଲି ଗାଁରେ ଯାତ୍ରା ପରିବେଷଣ ବେଳେ ଅଘଟଣ ଘଟିଛି। ଚିକିତ୍ସା ପାଇଁ ପୀୟୂଷଙ୍କୁ ବାରକୋଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସିଂହବାହିନୀରେ ନାଟକ ପରିବେଷଣ କରିବା ସମୟରେ ପୀୟୂଷ ଅସୁସ୍ଥ ହୋଇପଡ଼ିଥିଲେ। ବିଳମ୍ବିତ ରାତିରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣା ପରେ ଅନୁଷ୍ଠାନ ପକ୍ଷରୁ ନାଟକକୁ



ଅଧାରୁ ବନ୍ଦ କରିଦିଆଯାଇଥିଲା। ଫଳରେ ଯାତ୍ରାପ୍ରେମୀଙ୍କ ମଧ୍ୟରେ ନୈରାଶ୍ୟ ପ୍ରକାଶ ପାଇଛି। ଗତକାଲି ଦେବଗଡ଼ ଜିଲ୍ଲା ବାସୁପାଲି ଗାଁରେ 'ସିଂହବାହିନୀ ଯାତ୍ରା ପାର୍ଟି' ପକ୍ଷରୁ 'ଏଡ଼ା' ନାଟକ ପରିବେଷିତ ହେଉଥିଲା। ଏହି ସମୟରେ ପୀୟୂଷ ଅଚାନକ ମଞ୍ଚରେ ପଡ଼ିଯାଇଥିଲେ। ଫଳରେ ସେ ଆହତ ହୋଇଥିଲେ। ତାଙ୍କ ମୁଣ୍ଡ ଓ କାନ ପାଖରେ ଆଘାତ ଲାଗିଛି। ପୀୟୂଷଙ୍କୁ ଦେବଗଡ଼ ମୁଖ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ ବୋଲି ଜଣାପଡ଼ିଛି।

## ଲୁହାପଥର ଚୋରା ଚାଲାଣ ଅଭିଯୋଗରେ ୩ ଗିରଫ

### ୪୨ ଟନ୍ ଲୁହାପଥର, ଟ୍ରକ୍, ଜେସିବି ଓ ୩ ଲକ୍ଷ ଟଙ୍କା ଜବତ

ଯୋଡ଼ା,୨୭।୮(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅଧୀନ ନୟାଗଡ଼ ରେଳ ସାଇଡିଂ ଅଞ୍ଚଳରେ ବେଆଇନ ଲୁହାପଥର ଚୋରାଚାଲାଣ ଅଭିଯୋଗରେ ବାମେବାରୀ ପୁଲିସ ବଡ଼ ଧରଣର ଚଢ଼ାଉ କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ମିଳିଥିବା ସୂଚନା ଆଧାରରେ ପୁଲିସ ଅତର୍କିତ ଚଢ଼ାଉ କରି ଘଟଣାସ୍ଥଳରୁ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଆନ୍ଧ୍ର ପ୍ରଦେଶର ଚନ୍ଦ୍ର ସୁରେଶ (୩୮), ସୁନ୍ଦରଗଡ଼ ଅଞ୍ଚଳର ବିଭୁଧେନ୍ଦ୍ର ମହାପାତ୍ର (୩୭) ଓ କେନ୍ଦୁଝର ଜିଲ୍ଲା ବାରିଆ ଅଞ୍ଚଳର ରାହୁଲ କୁମାର ସେଠୀ (୨୪)।

ନୟାଗଡ଼ ରେଳ ସାଇଡିଂରେ ବେଆଇନ ଭାବେ ଲୁହାପଥର ଚାଲାଣ ହେଉଥିବା ଖବର ପାଇ ବାମେବାରୀ ପୁଲିସ ହଠାତ୍ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଏପି-୩୯-ଡବ୍ଲ୍ୟୁଆର୍-୩୧୨୮ ନମ୍ବରବିଶିଷ୍ଟ ଟ୍ରକ୍‌ରୁ ୪୨ ଟନ୍



ଲୁହାପଥର, ନମ୍ବର ପ୍ଲେଟ୍‌ବିହୀନ ଏକ ଜେସିବି ମେସିନ୍, ଓଡି୧୪ଏଜେ ୨୨୭୫ ନମ୍ବର ସ୍କର୍ପିଓ, ୩ଟି ମୋବାଇଲ୍ ଫୋନ୍, ଗୋଟିଏ ୱାକି-ଟକି ଓ ନଗଦ ୩ ଲକ୍ଷ ଟଙ୍କା ଜବତ କରାଯାଇଛି। ଜବତ ଲୁହାପଥରର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ହେବ। ବିଏନ୍ଏସ୍ ଓ ଏମ୍ଏମ୍ଡିଆର୍ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି।

## ଲକ୍ଷାଧିକ ଟଙ୍କାର ସୁନା ଅଲଙ୍କାର ଓ ଟଙ୍କା ଚୋରି

ବେତନଟୀ,୨୭।୮(ସଂଚାର ବ୍ୟୁରୋ): ବେତନଟୀ ଥାନା ଅଧୀନସ୍ଥ ଏସଏସ ମହୁଲିଆର ଇନ୍ଦିରା ନଗରର କାଶୀନାଥ ମିଶ୍ରଙ୍କ ଘରେ କେହି ନ ଥିବା ବେଳେ ଗତକାଲି ରାତି ପ୍ରାୟ ୮ଟା ସମୟରେ ୩ ଦୁର୍ବୃତ୍ତ ୩ଟି ତାଲା କାଟି ଲକ୍ଷାଧିକ ଟଙ୍କାର ସୁନା, ରୁପା ଅଲଙ୍କାର ସମେତ ନଗଦ ୫୦ ହଜାର ଟଙ୍କା ଚୋରି କରି ଫେରାର ହୋଇଯାଇଛନ୍ତି। ଏହି ଚୋରମାନେ ଚୋରି କରିସାରିବା ପରେ ସେହି ବସ୍ତିକୁ ଲାଗିଥିବା ଅନ୍ୟ ଜଣଙ୍କ ଘଞ୍ଚ ଜଙ୍ଗଲ ଥିବା ଏକ ବାଡ଼ିକୁ ପାଚେରି ଡେଇଁ ପଳାଇବା ବେଳେ ସ୍ଥାନୀୟ ବସ୍ତିବାସିନ୍ଦା ଚୋରମାନଙ୍କୁ ଦେଖିଦେଇଥିଲେ। ଏହି ଘଟଣା ପରେ ସ୍ଥାନୀୟ ଲୋକେ ଘର ମାଲିକଙ୍କୁ ଫୋନ୍ କରିଥିଲେ। ଘର ମାଲିକ ୧୫ ମିନିଟ ପରେ ଆସି ଘରୁ ଚୋରି ହୋଇଥିବା ଜାଣି ବେତନଟୀ ପୁଲିସକୁ ଫୋନ୍ କରିଥିଲେ। ସ୍ଥାନୀୟ ଲୋକ ଓ ବେତନଟୀ ପୁଲିସ ଦୀର୍ଘ ସମୟ ଧରି ପିଛା କରିଥିଲେ ମଧ୍ୟ ଚୋରମାନଙ୍କ କୌଣସି ପତ୍ତା ପାଇ ନ ଥିଲେ। ଆଜି ବେତନଟୀ ପୁଲିସ ସହାୟତାରେ ଡ୍ରଗ୍ସ ସ୍କ୍ୱାଡ୍ ଓ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିଥିଲେ ମଧ୍ୟ ଚୋରମାନଙ୍କର କୌଣସି ସନ୍ଧାନ ମିଳିପାରିନାହିଁ। ବେତନଟୀ ପୁଲିସ ଦିନେଶ ମିଶ୍ରଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ କରି ଅଧିକ ତଦନ୍ତ କରିଥିବା ଜଣାପଡ଼ିଛି।

## ଆଇଆଇଏମଟିରେ ମୁକ୍ତାକାଶ ବ୍ୟାୟାମଶାଳା ଉଦ୍‌ଘାଟିତ

### କ୍ୟାମ୍ପସ ପରିଦର୍ଶନ କଲେ ଆଇପିଏସ୍ ସାର୍ଥକ ଷଡଙ୍ଗୀ

ଭୁବନେଶ୍ୱର,୨୭।୮(ସଂଚାର ବ୍ୟୁରୋ): ଆଇଆଇଏମଟି ଭୁବନେଶ୍ୱର କ୍ୟାମ୍ପସକୁ ଡକ୍ଟର ସାର୍ଥକ ଷଡଙ୍ଗୀ ଆଇପିଏସ୍, ଆଇଜି ପୁଲିସ (କ୍ରାଇମ୍ ବ୍ରାଞ୍ଚ) ପରିଦର୍ଶନ କରିଛନ୍ତି। ଏହି ଅବସରରେ ପ୍ରତିଷ୍ଠାନ ପରିସରରେ ନୂତନ ଭାବେ ପ୍ରତିଷ୍ଠିତ ମୁକ୍ତାକାଶ ବ୍ୟାୟାମଶାଳାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ଶ୍ରୀକାନ୍ତ ପଟ୍ଟନାୟକ, ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କର ଓ ଇଂ. ବିଭୁ ପ୍ରସାଦ ରାଉତରାୟଙ୍କ ଉପସ୍ଥିତିରେ ଆଇଆଇଏମଟି ଭୁବନେଶ୍ୱରର ଅଧ୍ୟାପକ ଓ ଛାତ୍ରମାନେ ଡକ୍ଟର ଷଡ଼ଙ୍ଗୀଙ୍କୁ ସ୍ୱାଗତ କରିଥିଲେ। ତାଙ୍କର ଗସ୍ତ ପ୍ରତିଷ୍ଠାନର ଶିକ୍ଷା ସମ୍ପ୍ରଦାୟ ସହ ପାରସ୍ପରିକ କ୍ରିୟା ଓ ଏହାର ବିଭିନ୍ନ ପଦକ୍ଷେପ ଏବଂ ସୁବିଧାଗୁଡ଼ିକର ପ୍ରତ୍ୟକ୍ଷ ସମୀକ୍ଷା ପାଇଁ ଏକ ସୁଯୋଗ ପ୍ରଦାନ କରିଥିଲା। ପରିଦର୍ଶନ ସମୟରେ ମୁକ୍ତାକାଶ ବ୍ୟାୟାମଶାଳା ଡକ୍ଟର ଷଡ଼ଙ୍ଗୀ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା ଓ ସୁସ୍ଥ ଜୀବନଶୈଳୀକୁ ଉତ୍ସାହିତ କରିବା ପାଇଁ ଏକ ପ୍ରୟାସ ବୋଲି ସେ କହିଥିଲେ। ଏହି ସୁବିଧା ଆଇଆଇଏମଟି ସମ୍ପ୍ରଦାୟକୁ କ୍ୟାମ୍ପସ୍‌ରେ ନିୟମିତ ବ୍ୟାୟାମ ଏବଂ ଫିଟନେସ୍ କାର୍ଯ୍ୟକଳାପ ପାଇଁ ଏକ ସୁଗମ ସ୍ଥାନ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଡକ୍ଟର ଷଡଙ୍ଗୀ ପ୍ରତିଷ୍ଠାନର ଯୋଗ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ ଏବଂ ଏହାର କାର୍ଯ୍ୟକାରିତା ଓ ଚାଲୁଥିବା କାର୍ଯ୍ୟକଳାପ ସମୀକ୍ଷା କରିଥିଲେ। ଛାତ୍ର ଓ ଅଧ୍ୟାପକ ସଦସ୍ୟଙ୍କ ମଧ୍ୟରେ ଯୋଗ, ସୁସ୍ଥତା, ମନନଶୀଳତା ଏବଂ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ କେନ୍ଦ୍ରର ଭୂମିକା ବିଷୟରେ ତାଙ୍କୁ ସୂଚନା ଦିଆଯାଇଥିଲା। ପରେ ସେ ବୌଦ୍ଧିକ ସମ୍ପତ୍ତି ପାଠାଗାର ପରିଦର୍ଶନ କରିଥିଲେ।



ଡକ୍ଟର ଷଡ଼ଙ୍ଗୀ ନୂତନ ଭାବେ ଖୋଲାଯାଇଥିବା ୟୁନିଭର୍ସାଲ ହ୍ୟୁମାନ୍ ମୂଲ୍ୟବୋଧ ନୋଡାଲ୍ ସେଣ୍ଟର ମଧ୍ୟ ପରିଦର୍ଶନ କରିଥିଲେ। ତାଙ୍କୁ କେନ୍ଦ୍ରର ଉଦ୍ଦେଶ୍ୟ ଓ କାର୍ଯ୍ୟକଳାପ ବିଷୟରେ ସୂଚନା ଦିଆଯାଇଥିଲା, ଯାହା ମାନବିକ ମୂଲ୍ୟବୋଧ, ନୈତିକ ଆଚରଣ, ଦାୟିତ୍ୱପୂର୍ଣ୍ଣ ଆଚରଣ ଓ ଛାତ୍ର ଏବଂ ଅଧ୍ୟାପକ ସଦସ୍ୟଙ୍କ ମଧ୍ୟରେ ସୁସଜ୍ଜିତ ସମ୍ପର୍କ ପ୍ରତି ସଚେତନତାକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଏ। ପରିଦର୍ଶନର ଏକ ଅଂଶ ଭାବେ ଡକ୍ଟର ଷଡ଼ଙ୍ଗୀ ଆଇଆଇଏମଟି ଭୁବନେଶ୍ୱର କ୍ୟାମ୍ପସ ପରିଦର୍ଶନ କରିଥିଲେ ଓ ଏହାର ବିଭିନ୍ନ ଶୈକ୍ଷିକ ଓ ଛାତ୍ରମୁଖୀ ସୁବିଧାଗୁଡିକ ପର୍ଯ୍ୟବେକ୍ଷଣ କରିଥିଲେ। କ୍ୟାମ୍ପସ ଗସ୍ତ ସମୟରେ ସେ ଅଧ୍ୟାପକ ଓ ଛାତ୍ରଙ୍କ ସହ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ତାଙ୍କ ସହ ଅଧ୍ୟକ୍ଷ ପ୍ରଫେସର ଶ୍ରୀକାନ୍ତ ପଟ୍ଟନାୟକ, ନିର୍ଦ୍ଦେଶକ ପ୍ରଫେସର ଜୟଦେବ କର ଓ ବିଭୁ ପ୍ରସାଦ ରାଉତରାୟ ଥିଲେ।

## ସୃଜନଶୀଳତା ହିଁ ବ୍ୟକ୍ତିତ୍ୱ ବିକାଶର ମୁଖ୍ୟ ଆଧାର

### 'ପିଲାଙ୍କ ଅଙ୍କୁର' ପତ୍ରିକାର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ



ଭୁବନେଶ୍ୱର,୨୭।୮(ସଂଚାର ବ୍ୟୁରୋ): ପିଲାଙ୍କ ସାହିତ୍ୟ ଓ ସୃଜନଶୀଳତାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରକାଶିତ ହେଉଥିବା 'ପିଲାଙ୍କ ଅଙ୍କୁର' ପତ୍ରିକାର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ରାଜଧାନୀର ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନର ମେୟର ସୁଲୋଚନା ଦାସ, ଏନଆଇସି ଓଡ଼ିଶାର ଉପମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡକ୍ଟର ଅଶୋକ କୁମାର ହୋତା, ଶିଶୁ ସୁରକ୍ଷା କାର୍ଯ୍ୟକର୍ତ୍ତା ଘାସିରାମ ପଣ୍ଡା ଓ ସଂଯୋଗର ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟାସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ୧୬ ବର୍ଷ ବୟସ ମଧ୍ୟରେ ଥିବା ୫ ଜଣ ଶିଶୁ-କିଶୋର, ଯେଉଁମାନଙ୍କ ବହି ପ୍ରକାଶ ପାଇସାରିଛି, ସେମାନଙ୍କ ଦ୍ୱାରା ଏକ ସୁନ୍ଦର ଆଲୋଚନା ଆୟୋଜିତ ହୋଇଥିଲା।

# ପୂଜା ଦୋକାନ, ଅପମିଶ୍ରଣ ସାମଗ୍ରୀର ପେଣ୍ଠସ୍ଥଳୀ

ଭୁବନେଶ୍ୱର,୨୭।୮: ଅପମିଶ୍ରଣ ଓ ନିମ୍ନମାନର ସାମଗ୍ରୀର ପେଣ୍ଠସ୍ଥଳ ହେଉଛି ସହରଠାରୁ ଗାଁରେ ଥିବା ଅଧିକାଂଶ ପୂଜା ସାମଗ୍ରୀ ଦୋକାନୀ। ଏଠାରେ ନକଲି ଘିଅଠାରୁ ଆରମ୍ଭ କରି କେବଳ ଠାକୁର ଖାଇବା ପାଇଁ ଉଦ୍ଦିଷ୍ଟ ଭୋଗ ଆଦି ବିକ୍ରି ହେଉଛି। ଲୋକେ ଏହାକୁ ନେଇ ପୂଜା କରି ନିଜେ ଖାଇବା ସହିତ ଅନ୍ୟମାନଙ୍କୁ ବାଣ୍ଟୁଛନ୍ତି। ରାଜ୍ୟରେ ବର୍ତ୍ତମାନ ପାର୍ବଣଋତୁ ଆରମ୍ଭ ହୋଇଥିବାବେଳେ ପୂଜା ସାମଗ୍ରୀ ଦୋକାନଗୁଡ଼ିକରେ ଭିଡ଼ ବଢ଼ିବାରେ ଲାଗିଛି। ହେଲେ ଅଧିକାଂଶ ପୂଜା ସାମଗ୍ରୀ ଦୋକାନରେ ବିକ୍ରି ହେଉଥିବା ବହୁ ସାମଗ୍ରୀ ନିମ୍ନମାନର ଓ ଅପମିଶ୍ରଣରୁ ପ୍ରସ୍ତୁତ। ପୂଜା ଦୋକାନରେ ବିକ୍ରି ହେଉଥିବା ଘିଅ କିଲୋପ୍ରତି ୧୦୦ ଟଙ୍କା ଦରରେ ବିକ୍ରି ହେଉଛି। ବୋତଲ ଉପରେ ଶୁଦ୍ଧ ଘିଅ ଲେଖା ହୋଇଥିଲେ ମଧ୍ୟ ଏହାକୁ ଖାଇବା ମନା ବୋଲି ଦୋକାନୀମାନେ ଲୋକଙ୍କୁ ବୁଝାଉଛନ୍ତି। କେତେକ ଘିଅ ବୋତଲରେ ଏହା କେବଳ ପୂଜା ପାଇଁ ବୋଲି ବି ଲେଖାଯାଉଛି। ହେଲେ ଏହି ଅପମିଶ୍ରିତ ଶସ୍ତା ଘିଅ ପୂଜା ହେବା ସହ ନିଜ ଅଜାଣତରେ ବହୁ ଲୋକେ ତାକୁ ଭୋଗ ଆକାରରେ ଗ୍ରହଣ କରୁଛନ୍ତି। କେବଳ ଘିଅ ନୁହେଁ, ପୂଜା ଭିଡ଼କୁ ଦେଖି ବହୁ ଭୋଗ ଦୋକାନୀ ସେଓ ବୁନ୍ଦି, ଉଖୁଡ଼ା, ଲଡ୍ଡୁ ଆଦି ବିକ୍ରି ହେଉଛନ୍ତି। ଏହାର ମାନ ପରଖିବାକୁ କେହି ନାହିଁ। ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ଓ ନିମ୍ନମାନ ସାମଗ୍ରୀରେ ପ୍ରସ୍ତୁତ ହେଉଥିବା ଏହି ଭୋଗ ସାମଗ୍ରକୁ ଲୋକେ ପାଦୁଅ ଆକାରରେ ପାଉଛନ୍ତି।



କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ପୂଜା ଦୋକାନରେ ବିକ୍ରି ହେଉଥିବା ଝୁଣା, ଗଙ୍ଗାଜଳ, ମହ. କର୍ପୁର ସମେତ ବିଭିନ୍ନ ନାମୀଦାମୀ କମ୍ପାନୀର ଯେଉଁ ଧୂପକାଠି ଆଦି ବିକ୍ରି ହେଉଛି, ସେଥିରୁ ଅଧିକାଂଶ ଅପମିଶ୍ରିତ ଓ ନିମ୍ନମାନର। ଲୋକଙ୍କ ଆସ୍ଥା ସହ ଯୋଡ଼ି ଏହାର ବହୁ ବିକ୍ରି ହେଉଥିବା ବେଳେ ଥରୁଟିଏ ହେଲେ ଖାଦ୍ୟ ସୁରକ୍ଷା ଅଧିକାରୀ କିମ୍ବା ଅନ୍ୟ କେହି ଏହାର ଯାଞ୍ଚ କରନ୍ତି ନାହିଁ। ବର୍ତ୍ତମାନ ରାଜ୍ୟରେ ବିଶେଷକରି ଭୁବନେଶ୍ୱର, କଟକ ଆଦି ସହରର ବିଭିନ୍ନ ସ୍ଥାନରେ ଛେନା, ପନୀର ଭଳି ଖାଦ୍ୟ ସାମଗ୍ରୀର ବ୍ୟାପକ ଯାଞ୍ଚ ହେଉଥିବା ବେଳେ ପୂଜା ସାମଗ୍ରୀ ଦୋକାନରେ ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀର କିନ୍ତୁ ଯାଞ୍ଚ କରାଯାଉନାହିଁ। ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଠାକୁର ନାମରେ ବିକ୍ରି ହେଉଥିବା ଏହି ସାମଗ୍ରୀର ଯାଞ୍ଚ ପାଇଁ ଏବେ ସାଧାରଣରେ ମତ ପ୍ରକାଶ ପାଉଛି। ରାଜ୍ୟରେ ଏବେ ପାର୍ବଣ ଋତୁ ଆରମ୍ଭ ହୋଇଥିବା ବେଳେ ପୂଜା ଦୋକାନ ଜରିଆରେ ଏଭଳି ଅପମିଶ୍ରିତ ଓ ନିମ୍ନ ମାନର ସାମଗ୍ରୀ ବିକ୍ରି ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହା ଫଳରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ଏହାକୁ ଖାଇ ବିଭିନ୍ନ ପ୍ରକାର ପେଟ ରୋଗରେ ପଡ଼ିବାର ସମ୍ଭାବନା ରହିଛି। (ତଥ୍ୟ)



ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍କୁଲ ଛାତ୍ରୀ ରାକ୍ଷୀ ବାନ୍ଧୁଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଞ୍ଚାର

୪

ଶୁକ୍ରବାର ୨୮ ଅଗଷ୍ଟ ୨୦୨୬, ଭୁବନେଶ୍ୱର

Friday 28 August 2026, Bhubaneswar

# ବିପର୍ଯ୍ୟୟ ସମୟରେ ସମ୍ବେଦନଶୀଳତା

ପ୍ରାକୃତିକ ବିପର୍ଯ୍ୟୟ ଯେତେବେଳେ ଘଟେ - ବନ୍ୟା, ଘୂର୍ଣ୍ଣିବାତ୍ୟା, ଭୂମିକମ୍ପ କିମ୍ବା ଅତ୍ୟଧିକ ଗ୍ରୀଷ୍ମପ୍ରବାହ - ସେତେବେଳେ ସମାଜର ସବୁଠାରୁ ଦୁର୍ବଳ ବର୍ଗ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୁଅନ୍ତି। ଏହି ସମୟରେ ଗଣମାଧ୍ୟମର ଭୂମିକା କେବଳ ସୂଚନା ପ୍ରଦାନ କରିବା ନୁହେଁ; ଏହା ସମ୍ବେଦନଶୀଳତା, ଦାୟିତ୍ୱବୋଧ ଓ ମାନବିକତାର ଏକ ପରୀକ୍ଷା। ପ୍ରଶ୍ନ ଉଠେ, ଆମ ଗଣମାଧ୍ୟମ ଏହି ପରୀକ୍ଷାରେ କେତେଦୂର ପାସ୍ ହୋଇଛନ୍ତି?

ଗଣମାଧ୍ୟମ ଦୁର୍ଯୋଗ ସମୟରେ ଜନସାଧାରଣଙ୍କୁ ସଚେତନ କରିବା, ସରକାରୀ ସହାୟତା ବିଷୟରେ ସୂଚନା ଦେବା ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଓଡ଼ିଶାରେ ଘୂର୍ଣ୍ଣିବାତ୍ୟା ଫଣୀ, ତିତିଲି କିମ୍ବା ଆମ୍ଫାନ୍ ସମୟରେ ଟେଲିଭିଜନ୍ ଓ ଡିଜିଟାଲ୍ ମାଧ୍ୟମ ଲୋକଙ୍କୁ ସତର୍କ କରିଥିଲେ। ଅନେକ ସମୟରେ ସାମ୍ବାଦିକମାନେ ବିପଦପୂର୍ଣ୍ଣ ପରିସ୍ଥିତିରେ ଯାଇ ସତ୍ୟ ଖବର ପହଞ୍ଚାଇଛନ୍ତି। ଏହା ପ୍ରଶଂସନୀୟ କିନ୍ତୁ ଏହି ଧନ୍ୟବାଦ ସହିତ କିଛି ଗମ୍ଭୀର ପ୍ରଶ୍ନ ମଧ୍ୟ ରହିଛି।

ପ୍ରଥମେ, ସେନସେସନାଲିଜିମ୍। ଅନେକ ସମୟରେ ଚ୍ୟାନେଲଗୁଡ଼ିକ ଦୁର୍ଯୋଗକୁ ଏକ "ଦୃଶ୍ୟ" ଭାବରେ ଉପସ୍ଥାପନ କରନ୍ତି। ଭୁଷୁଡ଼ି ପଡ଼ିଥିବା ଘର, କାନ୍ଦୁଥିବା ମା' କିମ୍ବା ମୃତଦେହର ଚିତ୍ର ବାରମ୍ବାର ଦେଖାଇ ଟିଆରପି ବଢ଼ାଇବାର ପ୍ରୟାସ ଦେଖାଯାଏ। ଏହା ପୀଡ଼ିତଙ୍କ ମାନସିକ ଯନ୍ତ୍ରଣାକୁ ଆହୁରି ବଢ଼ାଇଥାଏ। ଗୋଟିଏ ପରିବାର ଯେତେବେଳେ ସବୁକିଛି ହରାଇଛି, ସେତେବେଳେ କ୍ୟାମେରା ସାମନାରେ ତାଙ୍କୁ ରଖି "ଆପଣଙ୍କ ଅନୁଭୂତି କ'ଣ?" ପଚାରିବା ସମ୍ବେଦନଶୀଳତାର ପରିଚୟ ନୁହେଁ। ଏହା ବରଂ ଏକ ପ୍ରକାର ଶୋଷଣ।

ଦ୍ୱିତୀୟତଃ, ଗୋପନୀୟତା ଓ ମର୍ଯ୍ୟାଦାର ପ୍ରଶ୍ନ। ଦୁର୍ଯୋଗ ପ୍ରଭାବିତ ଅଞ୍ଚଳରେ ମହିଳା, ଶିଶୁ ଓ ବୃଦ୍ଧଙ୍କ ଚିତ୍ର ବିନା ଅନୁମତିରେ ପ୍ରକାଶ ପାଏ। କେତେକ ସମୟରେ ମୃତଦେହର ଫଟୋ ମଧ୍ୟ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହୋଇଯାଏ। ଏହା ଆନ୍ତର୍ଜାତିକ ସାମ୍ବାଦିକ ନୀତି ବିରୁଦ୍ଧ। ପ୍ରକୃତ ସାମ୍ବାଦିକତା ହେଉଛି ସତ୍ୟ କହିବା, କିନ୍ତୁ ସେହି ସତ୍ୟ ମାନବିକ ମର୍ଯ୍ୟାଦାକୁ କ୍ଷତି ନପହଞ୍ଚାଇ।

ତୃତୀୟତଃ, ଭୁଲ୍ ସୂଚନା ଓ ଅତିରଞ୍ଜନ। ଦୁର୍ଯୋଗ ସମୟରେ ଗୁଜବ ଦ୍ରୁତ ଗତିରେ ଫେଲେ। କେତେକ ମାଧ୍ୟମ ଯାଞ୍ଚ ନକରି ଖବର ପ୍ରକାଶ କରନ୍ତି, ଯାହା ଆତଙ୍କ ସୃଷ୍ଟି କରେ। କେତେକ ସମୟରେ ସରକାରୀ ଉଦ୍ଧାର କାର୍ଯ୍ୟକୁ ନକାରାତ୍ମକ ଭାବରେ ଦେଖାଇ ରାଜନୈତିକ ଲାଭ ନେବାର ପ୍ରୟାସ ମଧ୍ୟ ଦେଖାଯାଏ। ଏହା ଲୋକଙ୍କ ମଧ୍ୟରେ ବିଶ୍ୱାସହୀନତା ସୃଷ୍ଟି କରେ।

ଅନ୍ୟପକ୍ଷରେ, କିଛି ସକାରାତ୍ମକ ପରିବର୍ତ୍ତନ ମଧ୍ୟ ଦେଖାଯାଉଛି। ବହୁ ସାମ୍ବାଦିକ ଏବଂ ଅନଲାଇନ୍ ପ୍ଲାଟଫର୍ମ ଏବେ ପୀଡ଼ିତଙ୍କ କାହାଣୀକୁ ସମ୍ମାନର ସହିତ ଉପସ୍ଥାପନ କରୁଛନ୍ତି। ସେମାନେ କେବଳ କ୍ଷତିର ଚିତ୍ର ନୁହେଁ, ପୁନର୍ନିର୍ମାଣ, ସହାୟତା ଓ ପ୍ରସ୍ତୁତି ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। କିଛି ମାଧ୍ୟମ ଦୁର୍ଯୋଗ ପୂର୍ବରୁ ସତର୍କତା ଓ



ପ୍ରସ୍ତୁତି ଉପରେ ଧାରାବାହିକ କାର୍ଯ୍ୟକ୍ରମ କରୁଛନ୍ତି। ଏହା ଆଶାର କଥା। ତଥାପି, ଏହି ସକାରାତ୍ମକ ପରିବର୍ତ୍ତନ ଯଥେଷ୍ଟ ନୁହେଁ। ଗଣମାଧ୍ୟମଙ୍କୁ ନିଜ ଭୂମିକାକୁ ପୁନର୍ବିଚାର କରିବାକୁ ପଡ଼ିବ। ପୀଡ଼ିତଙ୍କ କଭରେଜରେ କିଛି ମୌଳିକ ନୀତି ଅନୁସରଣ କରାଯିବା ଉଚିତ। ପ୍ରଥମେ, ପୀଡ଼ିତଙ୍କ ସମ୍ମତି ବିନା ସେମାନଙ୍କ ଚିତ୍ର କିମ୍ବା ସାକ୍ଷାତକାର ନ ନେବା। ଦ୍ୱିତୀୟତଃ, ମୃତଦେହ କିମ୍ବା ଅତ୍ୟନ୍ତ ଯନ୍ତ୍ରଣାଦାୟକ ଦୃଶ୍ୟର ପୁନଃପୁନଃ ପ୍ରସାରଣ ବନ୍ଦ କରିବା। ତୃତୀୟତଃ, ସତ୍ୟାସତ୍ୟ ଯାଞ୍ଚ କରି ଖବର ପ୍ରକାଶ କରିବା। ଚତୁର୍ଥତଃ, କେବଳ ଦୁର୍ଯୋଗର ଦୃଶ୍ୟ ନୁହେଁ, ପରେ ପୁନରୁଦ୍ଧାର ଓ ଦୀର୍ଘକାଳୀନ ସମସ୍ୟା ଉପରେ ମଧ୍ୟ ଧ୍ୟାନ ଦେବା ଆବଶ୍ୟକ। ସରକାର ଓ ଗଣମାଧ୍ୟମ ଉଭୟଙ୍କୁ ଏକତ୍ର କାମ କରିବାକୁ ପଡ଼ିବ। ସାମ୍ବାଦିକମାନଙ୍କୁ ଦୁର୍ଯୋଗ କଭରେଜ୍ ବିଷୟରେ ବିଶେଷ ପ୍ରଶିକ୍ଷଣ ଦିଆଯିବା ଉଚିତ। ଏହା ସହିତ ଦର୍ଶକ ଓ ପାଠକମାନେ ମଧ୍ୟ ସଚେତନ ରହିବା ଦରକାର। ଯଦି ଆମେ ସେନସେସନାଲ୍ ଖବରକୁ ଅଧିକ ଗୁରୁତ୍ୱ ଦେବୁ, ତେବେ ଗଣମାଧ୍ୟମ ସେହି ଦିଗରେ ଯିବ।

ଶେଷରେ କହିବାକୁ ହେବ ଯେ, ଗଣମାଧ୍ୟମ ସମାଜର ଦର୍ପଣ। ଯଦି ଏହି ଦର୍ପଣରେ କେବଳ ରକ୍ତ ଓ କାନ୍ଦ ଦେଖାଯାଏ, ତେବେ ସମାଜ ମଧ୍ୟ ସେହି ଭାବରେ ଚିନ୍ତା କରିବ। ପ୍ରାକୃତିକ ବିପର୍ଯ୍ୟୟ ମାନବତାର ପରୀକ୍ଷା। ଏହି ପରୀକ୍ଷାରେ ଗଣମାଧ୍ୟମ ଯଦି ସମ୍ବେଦନଶୀଳ, ଦାୟିତ୍ୱଶୀଳ ଓ ମାନବିକ ରହେ, ତେବେ ସେ ପ୍ରକୃତରେ ଜନସେବା କରିପାରିବ। ନଚେତ୍, ଏହା କେବଳ ଏକ ବ୍ୟବସାୟ ହୋଇଯିବ। ଆମେ ଆଶା କରୁଛୁ ଯେ, ଭବିଷ୍ୟତରେ ଗଣମାଧ୍ୟମ ଦୁର୍ଯୋଗ ସମୟରେ କେବଳ ଖବର ଦେବ ନାହିଁ, ସେ ସହାନୁଭୂତି ଓ ସମ୍ମାନର ସହିତ ସେହି ଖବରକୁ ଉପସ୍ଥାପନ କରିବ।

# ଖରାପ ମଣିଷ ବାପ ସାହସରେ ବଞ୍ଚିଯାଆନ୍ତି



ଦିପ୍ତିମୟୀ ନାୟକ

ଆଜି କାଲି ଆମେ ସମସ୍ତେ ଚାରିଆଡ଼େ ଦେଖିବାକୁ ପାଉଛେ କେତେକ ଲୋକ କିଛି କାମଧନ୍ଦା ନକରି ଦିନରାତି କେବଳ ଖରାପ କାମରେ ଲାଗିଥା'ନ୍ତି। କାହାକୁ ଠକିବା, କାହା ସାଙ୍ଗରେ ଜବରଦସ୍ତି କରିବା କିମ୍ବା ସମାଜ ବିରୋଧୀ କାମ କରିବା ଏସବୁ ସେମାନଙ୍କର ନିତିଦିନିଆ ଅଭ୍ୟାସ। ହେଲେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ସେମାନେ ଯେତେ ବଡ଼ ଭୁଲ୍ କଲେବି ସମାଜରେ ବେଶ୍ ଆରାମରେ ରାଜା ପରି ବଞ୍ଚିଥା'ନ୍ତି। ସେମାନଙ୍କୁ କେହି କିଛି କହିବାକୁ ସାହସ କରନ୍ତି ନାହିଁ ଆଉ ଏସବୁ ଦେଖିଲା ପରେ ଆମ ମୁହଁରୁ ଅଜାଣତରେ ଗୋଟିଏ କଥା ବାହାରି ପଡ଼େ ଖରାପ ମଣିଷ ବାପ ସାହସରେ ବଞ୍ଚିଯାଆନ୍ତି। ତେବେ ଆମେ ସମସ୍ତେ ଜାଣୁ ଜଣେ ବାପା କିମ୍ବା ମାଆ କିପରି ନିଜର ସାରା ଜୀବନ କଷ୍ଟ କରି, ପରିଶ୍ରମ କରି ସମାଜରେ ନାଁ କମାଇଥା'ନ୍ତି। ସେମାନେ ସବୁବେଳେ ଚାହାଁନ୍ତି ଲୋକେ ସେମାନଙ୍କୁ ଭଲ ପାଆନ୍ତୁ, ସମ୍ମାନ ଦିଅନ୍ତୁ। ସେମାନେ ଧର୍ମ ରାସ୍ତାରେ ଚାଲନ୍ତି କାହାକୁ ଠକନ୍ତି ନାହିଁ।ଲୋକଙ୍କ ମନରେ ସେହି ବାପାଙ୍କ ପ୍ରତି ଏକ ଅତି ଭଲ ଧାରା ରହିଥାଏ। ଲୋକେ କୁହନ୍ତି ଭାଇ ସେ ଲୋକଟା ଏତେ ଭଲ ତା'ର ପରିବାର ମଧ୍ୟ ବହୁତ ଭଲ। କିନ୍ତୁ ସମସ୍ୟା ସେତେବେଳେ ହୁଏ ଯେତେବେଳେ ସେହି ଭଲ ବାପାର ପୁଅ ବା ଝିଅ କୁପଥଗାମୀ ହୋଇଯାଆନ୍ତି। ସେମାନେ ବାପାଙ୍କ ଆଦର୍ଶକୁ ଭୁଲିଯାଇ ଖରାପ ସଙ୍ଗରେ ପଡ଼ିଯାଆନ୍ତି କିନ୍ତୁ ମଜାର କଥା କ'ଣ ଜାଣିଛନ୍ତି? ସେ ପିଲାଟା ଯେତେବେଳେ କୌଣସି ଭୁଲ୍ କରେ ସେତେବେଳେ ପାଖପଡ଼ିଶା କିମ୍ବା ଗାଁ ଲୋକେ ପ୍ରଥମେ ତାକୁ ଦୋଷ ଦିଅନ୍ତି ନାହିଁ। ସେମାନେ ଓଲଟା କୁହନ୍ତି ସେ ଏମିତି କାମ କରିପାରିବ ନାହିଁ ସେ ଏତେ ଭଲ ବାପାର ପୁଅ। ବାସ ଏଇ ଭ୍ରମଟା ହିଁ ସେହି ଖରାପ ମଣିଷ ପାଇଁ ସବୁଠାରୁ ବଡ଼ ଢାଲ ପାଲଟିଯାଏ। ସେ ଜାଣିଥାଏ ଯେ ମୋ ବାପାଙ୍କ ନାଁ ଥିବା ଯାଏଁ ମୋର କିଛି ହେବନାହିଁ।

ଆମ ସମାଜରେ ଆଉ ଗୋଟିଏ ବଡ଼ ଦୋଷ ଅଛି। ଆମେ ମଣିଷକୁ ତା'ର କର୍ମ ଦେଖି ପରଖୁନେ ବରଂ ତା'ର ପକେଟ୍ କିମ୍ବା ବାପାଙ୍କ ପ୍ରତିଷ୍ଠା ଦେଖି ପରଖୁଛେ। ଯଦି ଜଣେ ଗରୀବ ସାଧାରଣ ଘରର ପିଲା କିଛି ଛୋଟମୋଟ ଭୁଲ୍ ବି କରିଦିଏ। ତେବେ ସମାଜ ତାକୁ କ୍ଷମା କରେ ନାହିଁ। ତାକୁ ସଙ୍ଗେ ସଙ୍ଗେ ଚୋର, ବଦମାସ ବୋଲି ଘୋଷଣା କରିଦିଆଯାଏ। ଥାନା ପୋଲିସ, ଗାଁ ମୁରବୀ ସମସ୍ତେ ତା' ପଛରେ ପଡ଼ିଯାଆନ୍ତି। ସେହିଭଳି ଜଣେ ପ୍ରତିଷ୍ଠିତ, ଟଙ୍କାବାଲା ବା ବଡ଼ କର୍ମଚାରୀଙ୍କ ପୁଅ ଯଦି ବଡ଼ ଧରଣର ଅପରାଧ କରେ ତେବେ ଲୋକେ କେମିତି କଥାକୁ ଘୋଡ଼େଇ ଦିଅନ୍ତି। ଆଜିର ପିଲାଏ ଏମିତି ଟିକେ ଉଡ଼ନ୍ତା ସ୍ୱଭାବର ହୁଅନ୍ତି ସୁଧୁରି ଯିବେ ବୋଲି କହି କଥାଟାକୁ ସହଜରେ ହାଲ୍କା କରିଦିଅନ୍ତି। ଏହି କାରଣରୁ ଖରାପ ମଣିଷମାନେ ଆହୁରି ବାଟବଣା ହୋଇଯାଆନ୍ତି। ସେମାନେ ଭାବନ୍ତି ଆମ ପଛରେ ବାପାଙ୍କ ନାଁ ଓ ପଇସା ଅଛି। ଆମର ଆଉ କିଏ କ'ଣ କରିବ? ଯେତେବେଳେ ଜଣେ ପିଲା ଜନ୍ମରୁ ଦେଖେ ଯେ ତା' ବାପା ସବୁକିଛି କରି ରଖିଛନ୍ତି ତାକୁ ନିଜେ କିଛି କରିବାକୁ ପଡୁନି। ସେତେବେଳେ ତା' ଭିତରର ପରିଶ୍ରମ କରିବାର ନିଶା ମରିଯାଏ। ଆମେ ଦେଖିଛେ ବହୁତ ପିଲା ଅଛନ୍ତି ଯେଉଁମାନେ ଦିନସାରା କିଛି କାମ କରନ୍ତି ନାହିଁ। ବାପାଙ୍କ ପଇସାରେ ଗାଡ଼ି ଚଲାନ୍ତି ଆଉ ସାଙ୍ଗସାଥୀଙ୍କ ସହ ମଉଜ କରନ୍ତି। କେହି ଯଦି ସେମାନଙ୍କୁ ଭୁଲ୍ କାମ ପାଇଁ ଟିକେ ମନା କରନ୍ତି ସେମାନେ ସିଧାସଳଖ ଧମକ ଦିଅନ୍ତି ମୋ ବାପା କିଏ ଜାଣିଛ? ତୁମକୁ ଦିନକରେ ଉଠାଇ ଦେବି।

ଥରେ ଭାବନ୍ତୁ ତ, ଏହା କେତେ ବଡ଼ ଦୁର୍ଭାଗ୍ୟର କଥା। ଯେଉଁ ବାପା ଜୀବନସାରା ଲୋକଙ୍କ ସମ୍ମାନ ଜିତି ଧର୍ମ ରାସ୍ତାରେ ଚାଲିଲେ ସେହି ବାପାଙ୍କ ନାଁକୁ ହିଁ ତାଙ୍କର ନିଜ ପୁଅ ଏମିତି ବେଆଇନ୍ କାମ ପାଇଁ ଢାଲ କରି ବ୍ୟବହାର କରୁଛି। ଏହାକୁ ହିଁ କୁହାଯାଏ ବାପ ସାହସରେ ବଞ୍ଚିବା। ଆଜିର ଦୁନିଆକୁ ଦେଖନ୍ତୁ। ରାଜନୀତି କ୍ଷେତ୍ରରେ ଏହାର ସବୁଠାରୁ ବଡ଼ ଉଦାହରଣ ଦେଖିବାକୁ ମିଳେ। ଜଣେ ବଡ଼ ନେତା କିମ୍ବା ମନ୍ତ୍ରୀ ଥାଆନ୍ତି ଯାହାଙ୍କର ଲୋକଙ୍କ ଭିତରେ ବେଶ୍ ପ୍ରଭାବଥାଏ। ତାଙ୍କ ପୁଅ କିମ୍ବା ପରିବାରର ଲୋକେ ଯଦି କୌଣସି ଦୁର୍ନୀତି କରନ୍ତି, କାମରେ ହେଳା କରନ୍ତି, ବେଆଇନ୍ କାମରେ ଧରାପଡ଼ନ୍ତି ତେବେ ବି ସେମାନଙ୍କର କିଛି ହୁଏ ନାହିଁ। ପଛରେ ସେହି ବାପାଙ୍କ ରାଜନୈତିକ କ୍ଷମତା, ଦଳୀୟ ପ୍ରଭାବ ଏବଂ ଭୋଟ୍ ବ୍ୟାଙ୍କ୍ ଠିଆ ହୋଇଯାଏ। ସେହିପରି ବ୍ୟବସାୟ ଜଗତରେ ମଧ୍ୟ ଦେଖନ୍ତୁ। ଗୋଟିଏ ବଡ଼ କମ୍ପାନୀର ମାଲିକଙ୍କ ପୁଅ ଯଦି କମ୍ପାନୀକୁ ବୁଡ଼ାଇ ଦିଏ, ଭୁଲ୍ ନିଷ୍ପତ୍ତି ନେଇ କର୍ମଚାରୀଙ୍କୁ ହଇରାଣ କରେ, ତଥାପି କେହି ତା' ବିରୁଦ୍ଧରେ ମୁହଁ ଖୋଲିପାରନ୍ତି ନାହିଁ। କାରଣ ସମସ୍ତଙ୍କୁ ଡରଥାଏ ଯେ ବାପାଙ୍କ ସାଙ୍ଗରେ ଶତ୍ରୁତା ହେଲେ ଚାକିରୀ ଚାଲିଯିବ। ଗୋଟିଏ କଥା ଆମେ ସମସ୍ତେ ମନେ ରଖିବା ଉଚିତ ବାପାଙ୍କ ସାହସ କେବେବି ନିଜର ସାହସ ହୋଇପାରେ ନାହିଁ। ଆପଣ କେବେ ଲକ୍ଷ୍ୟ କରିଛନ୍ତି? ଯେଉଁ ମଣିଷ କେବଳ ବାପାଙ୍କ ନାଁରେ ବଞ୍ଚେ ସେ ନିଜ ଜୀବନରେ କୌଣସି ଦିନ ନିଜର ବ୍ୟକ୍ତିଗତ ପରିଚୟ ସୃଷ୍ଟି କରିପାରେ ନାହିଁ। ଯେତେଦିନ ଯାଏଁ ବାପା ବଞ୍ଚିଥା'ନ୍ତି କିମ୍ବା ବାପାଙ୍କ ପ୍ରଭାବ ଥାଏ ସେତେଦିନ ଯାଏଁ ସେ ବଞ୍ଚିଯାଏ। କିନ୍ତୁ ଥରେ ସେହି ଛାୟା ହଟିଗଲେ ସେହି ଖରାପ ମଣିଷର ଅବସ୍ଥା ସମାଜରେ ସମ୍ପୂର୍ଣ୍ଣ ଏକା ହୋଇଯାଏ। କେହି ଜଣେ ବି ତା' ପାଖରେ ଛିଡ଼ା ହୁଅନ୍ତି ନାହିଁ। କାହିଁକି ନା ସେ ନିଜ ଜୀବନରେ କାହା ପାଇଁ କୌଣସି ଭଲ କାମ କରିନଥାଏ, କାହାର ଉପକାର କରିନଥାଏ। ତେଣୁ ଯେତେବେଳେ ତା'ର ପତନ ହୁଏ ସେତେବେଳେ ତା'ର ପତନ ସବୁଠାରୁ ଭୟଙ୍କର ଏବଂ ଲଜ୍ଜାଜନକ ହୋଇଥାଏ।

ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ୍:୯୦୯୦୬୬୧୫୮୬

# ଜୀବନର ଜଳଛବି ଆଉ ରାୟପୁରର 'ରାଜନୀଷ କୁତ୍ରା'

ସୁଶାନ୍ତ କୁମାର ଭୂୟାଁ

ଗତ ଜୁଲାଇ ୨୬ ତାରିଖ ଓ ରବିବାର ଦିନ ମଧ୍ୟରାତ୍ରରେ ମହାରାଷ୍ଟ୍ରର ନାଗପୁର ଛୁଇଁ 'ଭିଲାଇ' ପଟେ ରାୟପୁର 'ସହରରେ ପହଞ୍ଚିବା ବେଳକୁ ଉଭୟ ଖରାବେଳ କିନ୍ତୁ ବର୍ଷା ପ୍ରବଳ। ପ୍ରଥମେ କିଛି ଭଜା ବାଦାମ ଯାହା ପାଟିରେ ପକାଇଲୁ। ଅତ୍ୟନ୍ତ ଦକ୍ଷ ଓ ନିଷ୍ଠାପର ଡ୍ରାଇଭର 'ଶେଷ ଦେବ' ବହୁତ ଆଡ଼େ ବୁଲାଇଲେ କିନ୍ତୁ ଆମେ ସେତେବେଳେ ପ୍ରଚଣ୍ଡ ବର୍ଷା ରାସ୍ତାଘାଟକୁ ଜଳାର୍ଣ୍ଣବ କରିଦେଇଥିଲା। ରାୟପୁରର ସବୁଠାରୁ ବଡ଼ ସପିଂ ସେଣ୍ଟର 'ଅମ୍ବୁଜା ସିଟି ସେଣ୍ଟର' ବୁଲି ଯାଇଥିଲୁ। ଏହି ବାହାନାରେ ଅନ୍ତତଃ କିଛି ସମୟ କାଟିବାକୁ। ଆମ ଦେଖାରେ ଏତେ ବଡ଼ ଅଟ୍ଟାଳିକା ବିଶିଷ୍ଟ ପ୍ରାୟ ସବୁ ଜିନିଷ ମିଳୁଥିବା ଭାରତର ବୋଧେ ଅନ୍ୟତମ ମର୍ଯ୍ୟାଦାପୂର୍ଣ୍ଣ ସପିଂ ସେଣ୍ଟର ହେବ। ଏକ୍ସେଲେଟରରେ ତୃତୀୟ ମହଲାରେ ପହଞ୍ଚିଲା ବେଳକୁ ଦୁଇ ଛୁଆଙ୍କ ପାଇଁ ଚକୋଲେଟ ସେକ୍ସନରେ ଯେଉଁ ସେଲର ଭାଇଙ୍କୁ ପାଇଥିଲୁ ସେ ହେଉଛନ୍ତି 'ରାଜନୀଷ କୁତ୍ରା'। ରାୟପୁରଠୁ ଚାଳିଶ କିଲୋମିଟର ଦୂର ଗାଁ 'ଭାଟପଡ଼ା'ରୁ ଆସନ୍ତି ତାହା ପୁଣି ବସରେ କାରଣ ଗାଡ଼ି ଖଣ୍ଡିଏ କିଣିବାକୁ ସମ୍ବଳ ବି ନାହିଁ। ଏଇଠୁ ସେ ଯାହା ପାଆନ୍ତି ପାଞ୍ଚପ୍ରାଣୀ ଚଳନ୍ତି ସେଥିରେ। ନିଜେ ମାଟ୍ରିକରେ ରାଜ୍ୟସ୍ତରୀୟ ତାଲିକାରେ ସ୍ଥାନିତ ହୋଇଥିଲେ ହେଲେ ଅଚନାକ ଡକାଡକି ହୋଇ ଦୁଇଟି ଦୁଇଟି ଦୁର୍ଘଟଣାରେ ବାପା ଓ ମାଆଙ୍କର ଅକାଳ ପରଲୋକ ହୋଇଗଲା। ଏପଟେ ଘରେ ପକ୍ଷାଘାତ ରୋଗରେ ୯୪ ବର୍ଷର ଜେଜା ଘରର ବଡ଼ ପୁଅ ହିସାବରେ ସେମାନଙ୍କ ପେଟ ପୂରେଇବା ପାଇଁ ଆଉ ନିଜେ ବଞ୍ଚିବା ପାଇଁ ଜୀବନର କୋଳାହଳପୂର୍ଣ୍ଣ ଭିଡ଼ ଭିତରେ ସାମିଲ ହେଲେ।

ଏକ ଭଲ ଘଟଣାଟି ସେ ମନେ ପକାଇକୁହନ୍ତି। ଜଣେ ବାବୁ ଦେଇଥିବା ଛୋଟିଆ ଟଙ୍କା ପାଇଁ ଆଧାର କାର୍ଡ଼ ସତ୍ତ୍ୱେ ଅର୍ଥ ଉଠାଇବାର ସୁଯୋଗ ଦେଇନଥିଲେ। ହେଲେ ସେ ମାଟ୍ରିକରେ ପ୍ରଥମ ଦଶ ଜଣଙ୍କ ଭିତରେ ଥିବାର ପ୍ରମାଣ ପତ୍ର ଦେଖାଇବା ପରେ ବ୍ୟାଙ୍କର ମ୍ୟାନେଜର କେବଳ ତାଙ୍କ ଟଙ୍କା ଉଠାଣର ବ୍ୟବସ୍ଥା କରିନଥିଲେ ବରଂ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣାଇ ଦଶହଜାର ଟଙ୍କା ସହାୟତା ଦେଇଥିଲେ। ସେ ଏହାକୁ ଧରି ସର୍ବ ପ୍ରଥମେ ସାଇକେଲରେ ଆଖପାଖ ଗାଁରେ ଆଇସକ୍ରିମ ବିକିଲେ କିନ୍ତୁ ବନ୍ଧୁବର୍ଗ ସହାୟତା କରିବା ଅବସ୍ଥାରେ ବି ନଥିଲେ। ତାଙ୍କର ସମସ୍ତ ବନ୍ଧୁବାନ୍ଧବ ଅତ୍ୟନ୍ତ ଗରିବ। ସାନ ଦୁଇଭାଇ ଓ ଭଉଣୀଙ୍କୁ ପାଠପଢ଼ାଇ ମଣିଷ କରିବା ପାଇଁ ଜୀବନକୁ ବାଜି ଲଗାଇ ଦେଲେ। ଆଇସକ୍ରିମରେ ବେପାର ବୁଡ଼ିବାକୁ ବସିଲା। ମୁଣ୍ଡରେ ଚଡ଼କ ପଡ଼ିଲା କ'ଣ କରିବି? ଏପରିକି ହୋଟେଲରେ ଅଇଁଠା ବାସନ ମାଜିଛି ଯାହାର ପ୍ରତିବଦଳରେ ଘରର ଜେଜ ଓ ତିନି ଭାଇଭଉଣୀଙ୍କ ପେଟ ପୁରି ପାରିବ। ହୋଟେଲର ମ୍ୟାନେଜର ଏକଦା ଇଂଲିଶରେ ଅତି ସ୍ପଷ୍ଟ ଭାବେ କାହା ସହିତ କଥା ହେଉଥିବାର ସେ ପଛୁଆ ଶୁଣିଦେଲେ। ବଣ ମଲ୍ଲୀର ବାସ ଚହଟିଲା। କାଶ୍ୟପ ପଟ୍ଟବର୍ଦ୍ଧନ ନାମକ ହୋଟେଲ ମ୍ୟାନେଜର ତାଙ୍କୁ କିରାଣୀ ଚାକିରୀକୁ ପରଦିନ ହିଁ ପଦୋନ୍ନତି ଦେଇଦେଲେ। କଥାରେ ନାହିଁ ସୁଖ ଓ ଦୁଃଖ ଜୀବନ ମୁଦ୍ରାର ଦୁଇଟି ପାର୍ଶ୍ୱ। ଚାକିରୀଟି ପାଇ ଅନ୍ତତଃ ଘର ଚଳାଇବାକୁ ସମର୍ଥ ହୋଇଥିବା ରାଜନୀଷ କୁତ୍ରା ନିଜେ ଏକ ସଡ଼କ ଦୁର୍ଘଟଣାର ସାମ୍ନା ହେଲେ। ମାସାଧିକ କାଳ ଶଯ୍ୟାଶାୟୀ ହେବା ଭିତରେ କିନ୍ତୁ ଅତ୍ୟନ୍ତ ବିବେକବାନ ହୋଟେଲ ମ୍ୟାନେଜର ତାଙ୍କୁ ଅଧା ଦରମା ତାଙ୍କ ଘରକୁ ପଠାଇ ଦେଉଥିଲେ।



କଷ୍ଟ କିନ୍ତୁ ସରି ନଥିଲା। ଜୀବନ ଯୁଦ୍ଧର ଘୋଷଡ଼ା ତାଙ୍କ ପାଇଁ ଆହୁରି କାଳର କ୍ରୁର ଚେହେରା ଭିତରେ ଅପେକ୍ଷାରେ ହିଁ ଥିଲା। ରୋଷେଇ ଘରେ ଏକଦା ମଧ୍ୟରାତ୍ରରେ କିଏ ଜଣେ ଖାଦ୍ୟ ରାନ୍ଧୁଥିବାର ସେ ଜାଣିଲେ। ଉଠିବାର ଜୁ ନଥିଲେ ବି ଘୁଷୁରି ଘୁଷୁରି ସେ ଯାହା ଦେଖିଲେ ସ୍ତବ୍ଧ ହୋଇଗଲେ। ଏହା ଭିତରେ ନିୟମିତ ଦୁଇମାସ ଧରି ମୁହଁ ଅନ୍ଧାରବେଳୁ ତାଙ୍କ ପରିବାରର ସାନ ଭଉଣୀ ଅବନ୍ତୀକା ଯେ କି ବିଦ୍ୟାଳୟର ପ୍ରଥମ ଏବଂ ବୃତ୍ତି ମଧ୍ୟ ପାଇଥିଲା। ସେ କିଛି ରୁଟି ଓ ତରକାରୀ କରି ନିର୍ଦ୍ଦିଷ୍ଟ ଘରେ ସକାଳ ଟିଫିନରେ ପହଞ୍ଚାଇ ଦିଏ। ଏପରିକି ଜଣ ଜଣଙ୍କ ଘରେ ବାସନ ମଧ୍ୟ ମାଜି ଦିଏ, ଘର ଓଳାଇ ଦିଏ। ଅନ୍ତତଃ ଆଉ ଦୁଇପଇସା ପରିବାର ପାଇଁ ମିଶି ପାରିବ ତା ଦୁଇ ଭାଇ କିଛି ଦିନ ବିଦ୍ୟାଳୟ ଆଉ ଯାଇପାରିଲେ ନାହିଁ। ଜେଜଙ୍କ ଚିକିତ୍ସା ଖର୍ଚ୍ଚ ମଧ୍ୟ ଭାରାକ୍ରାନ୍ତ କରିଦେଉଥିଲା ପରିବାରର ଖର୍ଚ୍ଚ ତାଲିକାରେ। ଦୁଇ ଭାଇ ଯେଉଁମାନେ ବିଜ୍ଞାନ ଶ୍ରେଣୀର ଅତ୍ୟନ୍ତ ମେଧାବୀ ଛାତ୍ର କଲମ ବଦଳରେ ରେଞ୍ଚ୍ ହାତୁଡ଼ି ଧରିଲେ। ପରିଚୟ ହେଲା 'ବ୍ରଜନ' ଓ 'ରଞ୍ଜନ' ଗାଡ଼ି ମେକାନିକ ଭାବରେ।

ଥରେ ମେଡ଼ିକାଲରୁ ଅଟୋଭଡ଼ା କରି ଫେରୁଥିବାବେଳେ ବାଟରେ ଏକ ଅଜଣା ବ୍ୟକ୍ତିଙ୍କର ସୁଟକେସ ପାଇଥିଲେ। ତାହାଥିଲା ରାୟପୁରର ସବୁଠାରୁ ବଡ଼ ସପିଂ ଉଦ୍ୟୋଗ କୁହାଯାଉଥିବା 'ଅମ୍ବୁଜା ସିଟି ସେଣ୍ଟର'ର ଅନ୍ୟତମ ସହଉଦ୍ୟୋଗୀ ଚେତନା ମଜୁମଦାର। ଏପଟେ ରାଜନୀଷ ଅଟୋ ଖୋଲିଲା ବେଳକୁ ବିପୁଳ ନୋଟ ଓ ଦାମୀ ଡାଇମଣ୍ଡ ତାହା ସହିତ କିଛି କୋର୍ଟର କାଗଜପତ୍ର। ସ୍ଥାନୀୟ 'ଗିରିଡଙ୍ଗା' ଥାନାରେ ନିଜ ତରଫରୁ ସୁଟକେସ ଦେଲାପରେ ମଜୁମଦାର ବାବୁଙ୍କୁ ଯୋଗାଯୋଗ କରାଯାଇଥିଲା। ନିଜ ଜୀବନର ଏକ ସାଧୁତାପୂର୍ଣ୍ଣ ନିଷ୍ଠାପର ଓ ସ୍ୱାଭିମାନର ଚେତନା ପାଇଁ ଏକଦା ଯେଉଁ ବ୍ୟାଙ୍କ ମ୍ୟାନେଜର ବାବୁ ତାଙ୍କ ଅଜଣା ଅଥଚ ଅମୂଲମୂଲକୁ ଜାଣିବାକୁ ପାଇଥିଲେ। ଠିକ ସେହିପରି ଏତେ ବଡ଼ ସମ୍ପତ୍ତି ପାଇ ମଧ୍ୟ ସାମାନ୍ୟତମ ଲୋଭଗ୍ରସ୍ତ ନହୋଇ ବରଂ ପୋଲିସ ପ୍ରଶାସନକୁ ଜଣାଇ ଥିବାରୁ ମଜୁମଦାର ବାବୁ ତାଙ୍କ ନିଜ ଗାଡ଼ିରେ ତାଙ୍କ ଘରକୁ ନେଇଥିଲେ। ତାଙ୍କ ପରିବାରର ସବୁ କିଛି ଜାଣିବା ପରେ ତାଙ୍କୁ ଏହିଠି ହିଁ ଚାକିରୀ ଦେଇଥିଲେ କେବଳ ସେତିକି ନୁହେଁ ଦୁଇଭାଇ ରେଞ୍ଚ୍ ଧରୁଥିବା ମେକାନିକର ଲୁହା ବୋଝର ଜୀବନରୁ ମୁକ୍ତି ପାଇ ପୁଣି କଲେଜ ଯାଇଥିଲେ। ସାନ ଭଉଣୀର ପାଠପଢ଼ା ଖର୍ଚ୍ଚ ଓ ଜେଜଙ୍କ ଚିକିତ୍ସା ଦାୟିତ୍ୱ ମଧ୍ୟ ତୁରନ୍ତ ନେଇଥିଲେ।

ସେ ଦିନ ସପରିବାର ସହ ବର୍ଷା ଭିତରେ ଏତେ ବଡ଼ ମଲରେ କିଛିଟା ମାତ୍ର କିଣି ପରିବାରର ଖୁସି ସହିତ ଢ଼େର ଖୁସି ମୁଁ ମଧ୍ୟ ପାଇଥିଲି। ଗାଡ଼ି ଆମର ଛୁଟିଥିଲା ସୀମାନ୍ତ ଛତିଶଗଡ଼ ଅତିକ୍ରମ କରି ସମ୍ବଲପୁର ଦିଗରେ। ବାଟରେ କିନ୍ତୁ ଭାରି ମନେ ପଡୁଥିଲେ ରାଜନୀଷ କୁତ୍ରା। ତାଙ୍କ ଭଉଣୀ ଆଜି ମେଡ଼ିକାଲରେ ପଢୁଛି, ଦୁଇ ଭାଇ ମଧ୍ୟ ଷ୍ଟାଇପେଣ୍ଡ ପାଇ ଉଚ୍ଚତର ଶିକ୍ଷା ପଢ଼ି ପାରୁଛନ୍ତି। ଦୁନିଆର ତମାମ ଝଡ଼ ଭିତରେ କୋଟି କୋଟି ଟଙ୍କାର ପର ସମ୍ପତ୍ତିକୁ ଅଭାବର ଲୁହ ଓ କୋହ ଭିତରେ ଲଢୁଥିବା ଏପରିବି ମଣିଷ ଅଛନ୍ତି। ଆଉ ସେମାନଙ୍କ ଜୀବନର ଏପରି ନିର୍ଲୋଭତା, ସାଧୁତା, ନିଷ୍ଠାପରତାକୁ ବଣିଆ ମଣି ଚିହ୍ନିଲା ପରି ତାଙ୍କ ପ୍ରତିଭା ବୁଝିଛନ୍ତି ଗାଡ଼ି କେତେବେଳେ ପହଞ୍ଚିଛି 'ଛତିଶଗଡ଼'ର ସୀମାନ୍ତ ଆମେ ଯେଉଁଠି ପହଞ୍ଚିବୁ 'ଗଡ଼ଦୋ' ଚା ପିଇ ପିଲାମାନେ ଆଉ ଡ୍ରାଇଭର ଜଳଖିଆ ବେଳେ ଝିଅ ଚକୋଲେଟ କିଣିବା ପାଇଁ କହିଲାବେଳେ ରାୟପୁର ଅମ୍ବୁଜା ସିଟି ସେଣ୍ଟରର ଚକୋଲେଟ ସେଣ୍ଟର ରାଜନୀଷ କୁତ୍ରା ପୁଣି ଚାଲିଆସିଲେ ମୋ ଭିତରକୁ। ଜୀବନଟା ଯେ ସୁଖଦୁଃଖକୁ ନେଇ ନୁହେଁ ତାହା ତ ନୁହଁ କିନ୍ତୁ ନୀତି ନୈତିକତା, ଚରିତ୍ରବତା ଯେ ଜୀବନର ସବୁଠାରୁ ମୂଳ ପୁଞ୍ଜି ସେହି ଶିକ୍ଷା ପାଇଥିବା ରାଜନୀଷ କୁତ୍ରାଙ୍କୁ ହୃଦୟର ଗଭୀରତମ ପ୍ରଦେଶରୁ ପ୍ରଣାମ ଜଣାଉଛି। ଗାଡ଼ି ଛୁଟିଥିଲା ଅନ୍ଧାରର ଛାତି ଚିରି ସମ୍ବଲପୁର ମୁହାଁ। ବର୍ଷା କିନ୍ତୁ ପ୍ରବଳ ବର୍ଷୁଥାଏ। ରାଜନୀଷଙ୍କ ପ୍ରତି ଭଗବାନଙ୍କର କୃପା ବର୍ଷୁ ଏହି ଛୋଟିଆ ପ୍ରାର୍ଥନାଟି କରୁଥିବାବେଳେ କେତେବେଳେ ଆଖିରୁ ଯେ ଲୁହ ଗଡ଼ି ଆସିଛି ମୁଁ କିନ୍ତୁ ଜାଣେନା..... ସଜଳ ଆଖି ସାମ୍ନାରେ ସତେଯେପରି ସେ ଥିଲେ ମୋ ପାଇଁ ହୋଇପାରେ ସାମ୍ବାଦିକତା ବୃତ୍ତି କ୍ଷେତ୍ରରେ 'ବ୍ରେକିଂ ଷ୍ଟୋରୀ' କିନ୍ତୁ ଜୀବନର ଦର୍ପଣରେ ଏପରି ଅନେକ ପରିଷ୍କାର ସାଧୁ ଆଇନା ରହିଛନ୍ତି ଏହିମାନେ ତ ସମାଜର ସମ୍ପତ୍ତି। ଏହି ମାନଙ୍କର ଜୀବନ ସମସ୍ତଙ୍କ ନିଶ୍ଚିନ୍ତ ଶିକ୍ଷଣୀୟ ରାଜନୀଷ କୁତ୍ରାଙ୍କ ଜୀବନ ଏହି ବାର୍ତ୍ତାଟି ଦେଲାବେଳେ ବର୍ଷା କମିଗଲାଣି। ଚା'ଦୋକାନ ସନ୍ଧାନ ତଲାସରେ ମୁଁ ଥିଲି ସେତେବେଳକୁ ରାତି ୨.୪୫ ସମ୍ବଲପୁର ପହଞ୍ଚିବାକୁ ଆଉ ଥିଲା ମାତ୍ର ବାଟ ସାତକିଲୋମିଟର।

'ସାଇ ବିଥି' ୭ଡି/୧୩୫୪, ସେକ୍ଟର-୯, ସିଡିଏ, କଟକ,
ମୋବାଇଲ୍:୯୪୩୮୫୮୧୭୦୭ / ୯୯୩୭୫୮୧୭୦୭

# ଅନନ୍ତ ଯାତ୍ରାରେ କିମ୍ବଦନ୍ତୀର ଅମୃତ ସନ୍ତକ 'ଆତ୍ମନ୍'



ବାଦଲ ଭୂୟାଁ

ଏମିତିରାତି ସେ ଯେ ଅଭୁଲା ସ୍ମୃତି... ମାଝୀରେ ସେ ତ ଶ୍ରାବଣ ପୁରୁବା ପବନ...ରେ ଆତ୍ମନ ନିଦ୍ରା ପରିହରି ...... ଏହି ଜୀବନଟା ଏକ ନାଟକ। ସବୁଦିନ ପାଇଁ ଏଇ ଜୀବନ ନାଟକରେ ଯବନିକା ଟାଣି ଶ୍ରାବଣକୁ ସାକ୍ଷୀ କରି ସେଇ ଶେଷ ଶ୍ରାବଣରେ ମାଝୀ ଚାଲିଗଲେ ଅଫେରା ନାଆରେ। ସୀମାହୀନ ଦରିଆ, ସାଥୀହୀନ ଦୁନିଆକୁ...... ଯେଉଁଠି ଶୁଭୁଛୁ......ଏମିତି ରାତି ସେ ଯେ ଅଭୁଲା ସ୍ମୃତି... ଉଆଁସ ରାତି ପାହିଲା ମାଝୀ... ଯାରେ ମାଝୀ ଯା ତୁ ନୌକା ବାହି ଯା....। ଶେଷ ହୋଇନଥିଲା ଶ୍ରାବଣ, ଥମି ବି ନଥିଲା ପୂବେଇ ପବନ ସଙ୍ଗୀତ ନାମକ ସାଗରରେ ନିଜ ଡ଼ଙ୍ଗା ସଜିଲ କରି ସରଗମ୍ ଲହରେଇ ପୁଣି ଲହରେଇ ଆମକୁ କିମିଆ କରିଥିବା ସେ ମାଝୀ କିନ୍ତୁ ଫେରାରା କାତ ଥାଇ ବା କ'ଣ ଲାଭ ଯେଉଁ ମାଝୀ ଦିନେ ଅକାତ କାତ ଦରିଆକୁ ଆଦରି ନେଇଛନ୍ତି ଯେଉଁଠି କେହି ବି ଆଉ ଫେରିପାରନ୍ତି ନାହିଁ। ତାଙ୍କ ସଙ୍ଗୀତରେ ଭରି ରହିଥିଲା ଜୀବନ ବଞ୍ଚିବାର କିମିଆ କରୁଥିଲା, ଗମ୍ଭୀର କରୁଥିଲା ଆତ୍ମାର ସ୍ୱର ପରି। ସେ ଥିଲେ ବାସ୍ତବରେ ପ୍ରଣବ ହିଁ ପ୍ରଣମ।

ପ୍ରଣବ ବାବୁଙ୍କ ବ୍ୟକ୍ତିଗତ ଜୀବନ ଓ ପ୍ରେମ କାହାଣୀ ସର୍ବଦା ବହୁତ ସରଳ ଏବଂ ଗୋପନୀୟ ରହିଥିଲା। ସେ କୌଣସି ବିବାଦୀୟ କିମ୍ବା ଚର୍ଚ୍ଚାରେ ନରହି ନିଜର ସଙ୍ଗୀତ ସାଧନାକୁ ହିଁ ପ୍ରଥମ ପ୍ରାଥମିକତା ଦେଇଥିଲେ। ତାଙ୍କ ପତ୍ନୀ କସ୍ତୁରିକା ପଟ୍ଟନାୟକ ଜଣେ ଜଣାଶୁଣା ସମାଜସେବୀ। ଯିଏ ପରିବାର ଏବଂ ସମାଜ ସେବାରେ ସର୍ବଦା ଆଗୁଆ ରହି ଆସିଛନ୍ତି। ଆଜି ମିଳନ ଇନ୍ଦ୍ରଧନୁରୁ ସପ୍ତରଙ୍ଗ। କାନ୍ଦୁଛନ୍ତି ସାତସୁର। ପଡ଼ିଗଲା ଶେଷ ଅଙ୍କର ଯବନିକା। ଚାଲିଗଲେ ସ୍ୱରର ଯାଦୁଗର। ନିରବିଗଲା ଓଡ଼ିଆ ସଙ୍ଗୀତର ଆଉ ଏକ ସୁମଧୁର ସ୍ୱର। ଚିରନିଦ୍ରାରେ କାଳଜୟୀ ଗୀତର ଗୁରୁ ଗମ୍ଭୀର କଣ୍ଠସ୍ୱର। ପରଲୋକରେ ପ୍ରବୀଣ ଓଡ଼ିଆ ପ୍ରଚ୍ଛଦପଟ୍ଟ ଗାୟକ ତଥା ସ୍ୱର କିମ୍ବଦନ୍ତୀର ଶେଷ ସନ୍ତକ ପ୍ରଣବ କିଶୋର ପଟ୍ଟନାୟକ।

ଏକଦା ଏକ ଟିଭି ଚ୍ୟାନେଲକୁ ସାକ୍ଷାତ ଦେବା ସମୟରେ କିଛି ଅଜଣା ତଥ୍ୟ ପ୍ରକାଶ ପାଇଥିଲା ପ୍ରଣବ ପଟ୍ଟନାୟକଙ୍କ ସମ୍ପର୍କରେ। ୧୯୬୬ରେ



ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଓଡ଼ିଆ ସିନେମା 'କା'ରେ ଗୀତିକାର ଦେବଦାସ ଛୋଟରାୟଙ୍କ 'ତୁମେ ଜାଣନା ଜାଣନା' ଗୀତ, ଯାହାକୁ ନିର୍ମଳା ମିଶ୍ର ଓ ପ୍ରଣବ କିଶୋର ପଟ୍ଟନାୟକ ଗାଇଥିଲେ। ତା ବିଷୟରେ ଶ୍ରୀ ପଟ୍ଟନାୟକ ଯାହା କହିଥିଲେ, ଗୌରଦା'ଙ୍କ ଘରେ ରିହରସଲ୍ ହେଉଥିଲା। ଭୁବନେଶ୍ୱର ସାର ସ୍ୱର କରିଥିଲେ। ଚପାଦେଇ, ଗୌରଦା, ସାରଦା ଭାଇ, ଅକ୍ଷୟ ଏକାଠି ହେଉଥିଲୁ। 'ତୁମେ ଜାଣନା ଜାଣନା' ଗୀତଟି ମତେ ଶିଖାଇ ସାର କହିଥିଲେ ଯେ, ଏହା ଡୁଏଟ୍, ତୁମେ ଓ ସନ୍ଧ୍ୟା ମୁଖାର୍ଜୀ ନ ହେଲେ ନିର୍ମଳା ମିଶ୍ର ଗାଇବ। ସ୍ୱରଟି ରବୀନ୍ଦ୍ର ସଙ୍ଗୀତ ଆଧାରିତ ଥିଲା। ମୁଁ ପୁରା ଶିଖିନେଲି। ଯେତେବେଳେ କୋଲକାତା ଟେକ୍ନିସିଆନ୍ ଷ୍ଟୁଡ଼ିଓରେ ରେକର୍ଡ଼ିଂ ହେବା ଠିକ ହେଲା। ମୁଁ ଜାଣିନି ଯେ ନିର୍ମଳା ମୋ ସହ ଗାଇବେ। ସେ ମତେ ପେନୁ ଦା' ଡାକନ୍ତି। ଓଡ଼ିଆରେ ଅନେକ ଗୀତ ଗାଇ ସାରିଥାନ୍ତି ସେତେବେଳକୁ। ରେକର୍ଡ଼ିଂ ଆଗ ଦିନ ରିହରସଲ କଲୁ। ମୁଁ ପ୍ରଥମେ ନିର୍ମଳାଙ୍କୁ ଗୀତଟି ବୁଝାଇଦେଲି। ଭୁବନେଶ୍ୱର ସାର ତ ବେହେଲାରେ ସୁର କରନ୍ତି, ସେ ତାନ ଧରିଲେ। ମୁଁ ଆରମ୍ଭ କଲି 'ତୁମେ ଜାଣନା ଜାଣନା' ବାସ! ଏତିକି ଗାଇବା ପରେ ନିର୍ମଳା ସଙ୍ଗେ ସଙ୍ଗେ ଧରିଲେ, 'ମୁଁ ଜାଣେନା'। ସ୍କ୍ରିପ୍ଟରେ ତ ଏହା ନଥିଲା। ମୁଁ ପ୍ରଥମ ଲାଇନ ଗାଇବା ପରେ ସେ ଗାଇବା କଥା। ମୁଁ ରହିଗଲି, ଆଶ୍ଚର୍ଯ୍ୟ ବି ହେଲି। ସାର ବି ଚୁପ୍। ତା ପରେ ସାର୍ କହିଲେ, 'ଭଲ ଲାଗୁଛି, ଯଦିଓ ନାୟକ ପୁରା ଲାଇନ ଗାଇବା ପରେ ନାୟିକା ଗାଇବା କଥା, ତେବେ ବି ଏହି ଷ୍ଟାଇଲ ଭଲ ଲାଗିବ। ଗୋଟେ କାମ କରିବା, ମଝି ମଝିରେ ଏମିତି କରିବା ନାୟକ ଗାଇବ 'ତୁମେ ଜାଣନା ଜାଣନା' ବା 'ତୁମ ଆଖିରେ ଆଖିରେ' ଆଉ ନାୟିକା ସେଠୁ ଧରିବ 'ମୁଁ ଜାଣେନା' ବା 'ମୋ ଆଖିରେ'। ଚପାଦେଇ ଓ ଗୌରଦା ସେଠି ଥିଲେ। ସେମାନେ ସମର୍ଥନ କଲେ। ତାହା ହିଁ ହେଲା। ମୋର ମନେ ହୁଏ, 'ମୁଁ ଜାଣେନା' ବା 'ମୋ ଆଖିରେ'ଲତକ ପାଇଁ ଗୀତ ବେଶି ଲୋକପ୍ରିୟ ହୋଇଥିଲା ବୋଲି ପ୍ରଣବ କିଶୋର ପଟ୍ଟନାୟକ କହିଥିଲେ।

ପ୍ରଣବଙ୍କ କାଳଜୟୀ ଗୀତ ଗୁଡ଼ିକ ହେଲା 'ଏଇ ଜୀବନଟା ଏକ ନାଟକ', 'ବେଦନା ସାଗର ତୀରେ', 'ନୟନେ ସୁନୟନା', 'ତୁ କି ପରଦେଶୀ ନିଜ ଦେଶେ', 'ତୁମେ ଜାଣନା ଜଣନା', 'ରେ ଆତ୍ମନ', 'ଅନ୍ତରେ କାନ୍ଦେ ବାହାରେ ହସେ ମୁଁ', 'ମନ ରସିଆରେ', 'ସୀମାହୀନ ଦରିଆ', 'ଉର୍ମି ଅଧୀରା ରୂପସୀ ଚିଲିକା', 'ଏମିତି ରାତି ସେ ଯେ ଅଭୁଲା ସ୍ମୃତି', 'ଇନ୍ଦ୍ରଧନୁର ସପ୍ତରଙ୍ଗ'। ସବୁଠୁ ସ୍ମୃତିପୂର୍ଣ୍ଣ କଥାଟି ହେଉଛି ପ୍ରଣବଙ୍କ ଜନ୍ମ ୧୯୩୮ ଜାନୁଆରୀ ୨୦ ରେ କଟକର ବକ୍ସିବଜାର ଅଞ୍ଚଳରେ ହୋଇଥିଲା। ବକ୍ସି ବଜାର ସେତେବେଳେ କଟକର ସାଂସ୍କୃତିକ, ସାହିତ୍ୟିକ ଓ ସଙ୍ଗୀତ ଚର୍ଚ୍ଚାର ଅନ୍ୟତମ ପ୍ରାଣକେନ୍ଦ୍ର ଥିଲା। ଏହି ଅଞ୍ଚଳରେ ନାଟକ, ଭଜନ, ପାଲା, ସଙ୍ଗୀତ ଆସର ଓ ବିଭିନ୍ନ ସାମାଜିକ ସାଂସ୍କୃତିକ କାର୍ଯ୍ୟକ୍ରମର ପରମ୍ପରା ତାଙ୍କ ଶୈଶବକୁ ପ୍ରଭାବିତ କରିଥିଲା। ତାଙ୍କ ପିତା ଲାଲମୋହନ ପଟ୍ଟନାୟକ, ଯିଏ ପରବର୍ତ୍ତୀ ସମୟରେ ଓଡ଼ିଶା ବିଧାନସଭାର ବାଚସ୍ପତି ହୋଇଥିଲେ, ସଂସ୍କୃତି ଓ ଶିକ୍ଷା ପ୍ରତି ଆଗ୍ରହୀ ଥିଲେ। ଏପରି ଏକ ସଂସ୍କୃତସମ୍ପନ୍ନ ପରିବାର ଓ ବକ୍ସିବଜାରର ସାଂସ୍କୃତି ପରିବେଶ ପ୍ରଣବଙ୍କ ସଙ୍ଗୀତ ପ୍ରତିଭାକୁ ଅଳ୍ପ ବୟସରୁ ହିଁ ବିକଶିତ କରିଥିଲା। ଏହି ବକ୍ସିବଜାରର ଗଳିରୁ ଆରମ୍ଭ ହୋଇଥିବା ତାଙ୍କର ସଙ୍ଗୀତ ଯାତ୍ରା ପରେ ଆକାଶବାଣୀ କଟକ, ଓଲିଉଡ ଏବଂ ସମଗ୍ର ଓଡ଼ିଶାର ସଙ୍ଗୀତ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ରଚନା କରିଥିଲା। ଆଜି ତାଙ୍କ ଅବର୍ତ୍ତମାନରେ ପ୍ରଣବଙ୍କ ପାର୍ଥିବ ଶରୀର କଟକ ଖାନନଗର ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ଗାର୍ଡ଼ ଅଫ ଅନର୍ ଦେଇ ପ୍ରଶାସନ ତରଫରୁ ଦିଂବଗତ କଣ୍ଠଶିଳ୍ପୀଙ୍କୁ ବିଦାୟ ଦିଆଯାଇଛି। ଖାନନଗରରେ ଜଳିଛି ପ୍ରଣବଙ୍କ ଚିତା। ମାତ୍ର ପାଞ୍ଚ ବର୍ଷ ବୟସରୁ ତାଙ୍କ ପ୍ରତିଭାର ବାସ୍ନା ସୁରଭିତ ହୋଇଥିଲା। ନାଟ୍ୟକାର ସୁରେନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ଆଖିରେ ପ୍ରବଳ ନିଦ ଥାଇ ବି ସେ ନିଦୁଆ ଆଖି ଓ ଅଳସ କଣ୍ଠରେ ଗାଇ ଥିଲେ ଏକ ଆବେଗପୂର୍ଣ୍ଣ ଭଜନ - 'ଭଗବାନ ତୁମେ ଭକତ ବାନ୍ଧବ'।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ,
୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ମୋବାଇଲ୍:୭୪୮୮୯୯୮୫୩୨

# ନେପାଳ ବିପର୍ଯ୍ୟୟ ପଛରେ ସାର୍କ ଗ୍ଲାସିୟର ଧ୍ୱଂସ

## ଇସ୍ରୋ ଦେଲା ଗୁରୁତ୍ୱପୂର୍ଣ୍ଣ ସୂଚନା

କାଠମାଣ୍ଡୁ/ନୂଆଦିଲ୍ଲୀ, ୨୭।୮: ଭାରତୀୟ ମହାକାଶ ଗବେଷଣା ସଂଗଠନ(ଇସ୍ରୋ) ର ଏକ ପ୍ରମୁଖ ୟୁନିଟ୍, ନ୍ୟାସନାଲ ରିମୋଟ୍ ସେନ୍ସିଂ ସେଣ୍ଟର (ଏନଆରଏସସି) ନେପାଳରେ ଭୟଙ୍କର ବନ୍ୟା ଉପରେ ପ୍ରାରମ୍ଭିକ ସାଟେଲାଇଟ୍-ଆଧାରିତ ଗବେଷଣା କରିଛି। ଭାରତରେ ୫୬ ଉପଗ୍ରହ ବର୍ତ୍ତମାନ ପୃଥିବୀ ଚାରିପାଖରେ ସକ୍ରିୟ ଅଛନ୍ତି। ଏନଆରଏସସିର ପ୍ରାରମ୍ଭିକ ବିଶ୍ଳେଷଣ ଅନୁସାରେ, ଏହି ବିପର୍ଯ୍ୟୟ ତିବ୍ବତର ଉଚ୍ଚ ପର୍ବତମୟ ଅଞ୍ଚଳରେ ଆରମ୍ଭ ହୋଇଥିଲା। ୪.୯ ତୀବ୍ରତାଯୁକ୍ତ ଏକ ଭୂମିକମ୍ପ ଏକ ସର୍କ ଗ୍ଲେସିୟରକୁ ପ୍ରଭାବିତ କରିଥିଲା। ଏହା ବରଫ ଓ ପଥରର ଏକ ବିଶାଳ ହିମସ୍ଖଳନ ସୃଷ୍ଟି କରିଥିଲା। ଏହା ହଠାତ୍ ତଳକୁ ପ୍ରବାହିତ ହୋଇ ବିପୁଳ ପରିମାଣର ପାଣି, କାଦୁଅ, ପଥର ଓ ଭଗ୍ନାବଶେଷ ବହନ କରିଥିଲା। ଏହା ତ୍ରିଶୁଳି ନଦୀରେ ଏକ ବଡ଼ ବନ୍ୟା ସୃଷ୍ଟି କରିଥିଲା। ବୈଜ୍ଞାନିକମାନଙ୍କ ଅନୁସାରେ, ସର୍କ ଗ୍ଲେସିୟରର ଧ୍ୱଂସ ଓ ପରବର୍ତ୍ତୀ ବରଫ-ପ୍ରସ୍ତର ହିମସ୍ଖଳନ ଏହି ବିପର୍ଯ୍ୟୟର ସବୁଠାରୁ ସମ୍ଭାବ୍ୟ କାରଣ। ଭାରତର ଭୂମିକମ୍ପ ମନିଟରିଂ ନେଟୱାର୍କ ଅନୁସାରେ ବୁଧବାର ଭାରତୀୟ ସମୟ ସକାଳ ୮ଟା ୨୨ରେ ଭୂପୃଷ୍ଠର ୧୦ କିଲୋମିଟର ଗଭୀରତାରେ ୪.୯ ତୀବ୍ରତାଯୁକ୍ତ ଭୂମିକମ୍ପ ରେକର୍ଡ କରିଛି। ଭୂମିକମ୍ପର କେନ୍ଦ୍ରସ୍ଥଳ ରାସୁୱା ଅଞ୍ଚଳରେ ଥିଲା।

ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ ମଧ୍ୟ ସମାନ କାରଣ ଦର୍ଶାଇଛି। ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ କହିଛି ଯେ ନେପାଳ ଓ ତିବ୍ବତରେ ହିମବାହ ଭୁଶୁଡ଼ିବା ଫଳରେ ଭୂମିକମ୍ପ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ନେପାଳର ଏହି ଜଳପ୍ରଳୟ ପାଇଁ ସର୍କ ହିମବାହ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସର୍କ ହିମବାହ ହେଉଛି ପର୍ବତ ଢାଲ ଉପରେ ଥିବା ପାତ୍ର ଆକାରର ଏକ ସ୍ଥାନ, ଯେଉଁଠି ଶହଶହ ବର୍ଷ ଧରି ବରଫ ଜମା ହୋଇଥାଏ।

ସାଟେଲାଇଟ୍ ଚିତ୍ର ଅଧ୍ୟୟନ କରୁଥିବା ବୈଜ୍ଞାନିକମାନଙ୍କ ଅନୁସାରେ, ଏହି ଘଟଣା ପ୍ରଥମେ ଏକ ହିମଖଣ୍ଡ ହିମସ୍ଖଳନ ଭାବରେ ଘଟିଥିଲା, ଯାହା ନଦୀକୁ ଅସ୍ଥାୟୀ ଭାବରେ ଅବରୋଧ କରିଥିଲା। ତା'ପରେ ପାଣି ଜମା ହୋଇ ଏକ ଅସ୍ଥାୟୀ ହ୍ରଦ ପରି ପରିସ୍ଥିତି ସୃଷ୍ଟି କରିଥିଲା। ଏହା ପରେ ଅବରୋଧରେ ହଠାତ୍ ଫାଟ ସୃଷ୍ଟି ହେବାରୁ ବହୁ ପରିମାଣର ପାଣି ଓ ଭଗ୍ନାବଶେଷ ନିର୍ଗତ ହୋଇ ଦ୍ରୁତଗତିରେ ତଳକୁ ପ୍ରବାହିତ ହୋଇଥିଲା। ଏହାର ଆଘାତରେ ପାହାଡ଼ ପାର୍ଶ୍ୱରେ ଭୂସ୍ଖଳନ ଘଟି ଏକ ଭୟଙ୍କର ବନ୍ୟା ସୃଷ୍ଟି ହୋଇଥିଲା। ନେପାଳର ପ୍ରଳୟଙ୍କରୀ ଘଟଣାକୁ ଦେଖିବା ପରେ ପାଣିପାଗ ଗବେଷକଙ୍କ ଭିତରେ ହିମାଳୟକୁ ନେଇ ଚିନ୍ତା ସୃଷ୍ଟି ହୋଇଛି।



## 'ଟାଇମ୍ ବମ୍' ପାଲଟିଛନ୍ତି ନେପାଳର ୪୭ ହିମଖଣ୍ଡ ହ୍ରଦ

କାଠମାଣ୍ଡୁ, ୨୭।୮: ନେପାଳ ଆଉ ଏକ ବିପଦର ସମ୍ମୁଖୀନ ହେବାକୁ ଯାଉଛି ବୋଲି ପରିବେଶ ବିଶେଷଜ୍ଞମାନେ ଆକଳନ କରିଛନ୍ତି। ନେପାଳର ୪୭ଟି ହିମସ୍ରୋତ ହ୍ରଦ ଏବେ ଟାଇମ୍ ବମ୍ ପାଲଟିଛନ୍ତି। ଯେକୌଣସି ସମୟରେ ସେଗୁଡ଼ିକ ଫାଟିପାରେ। ଯଦି ଏପରି ହୁଏ, ତେବେ ଏହା ବିନାଶକାରୀ ହେବ। ନେପାଳର ହିମସ୍ରୋତ ହ୍ରଦରୁ ପ୍ରଳୟଙ୍କରୀ ବନ୍ୟା ଆସିବାର ସଙ୍କଟ ସୃଷ୍ଟି ହୋଇଛି। ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ ଏହି ହ୍ରଦଗୁଡ଼ିକ ଭାଙ୍ଗିବା ଦ୍ୱାରା ବିପୁଳ ପରିମାଣର ଜଳ ପ୍ରବାହ ହୋଇପାରେ। ଏହାକୁ ଗ୍ଲାସିୟର ଲେକ୍ ଆଉଟବ୍ରଷ୍ଟ ଫ୍ଲଡ୍(ଗ୍ଲୋଫ୍) କୁହାଯାଇଥାଏ। ଏହା ଯୋଗୁଁ ନେପାଳର ନଦୀ ଉପତ୍ୟକାରେ ବ୍ୟାପକ କ୍ଷୟକ୍ଷତି ଘଟିବାର ଆଶଙ୍କା ରହିଛି। ଏହି ୪୭ଟି ହ୍ରଦ ମଧ୍ୟରୁ ୨୧ଟି ନେପାଳରେ ଥିବା ବେଳେ ୨୫ଟି ସୀମା ଆରପାରି ତିବ୍ବତରେ ରହିଛି। ଏସବୁ ହ୍ରଦଗୁଡ଼ିକ ନେପାଳକୁ ପ୍ରବାହିତ ନଦୀର ଉପର ମୁଣ୍ଡରେ ରହିଛନ୍ତି। ଏସବୁର ପାଣି ଦକ୍ଷିଣରେ ନେପାଳ ମୁହାଁ ହୋଇଥାଏ। ତେଣୁ, ଯଦି ଏହି ହ୍ରଦଗୁଡ଼ିକ ମଧ୍ୟରୁ ଗୋଟିଏ ମଧ୍ୟ ଭାଙ୍ଗିଯାଏ, ତେବେ ତଳମୁଣ୍ଡର ଗ୍ରାମ, ସହର ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିରେ ଯଥେଷ୍ଟ କ୍ଷତି ଘଟିବାର ଆଶଙ୍କା ରହିଛି।

### ଯବାନଙ୍କ କୋହଭରା ଭିଡିଓ ଭାଇରାଲ୍

## ଦେଶ ସମ୍ଭାଳିବି ନା ପରିବାର ?



ନୂଆଦିଲ୍ଲୀ, ୨୭।୮: ସୀମାରେ ଶତ୍ରୁଙ୍କ ମୁକାବିଲା କରୁଛନ୍ତି । ହାତରେ ବନ୍ଧୁକ, ଛାତିରେ ତ୍ରିରଙ୍ଗା ପ୍ରତି ଅଗାଧ ଭଲପାଇବା। କିନ୍ତୁ ଦେଶକୁ ସୁରକ୍ଷା ଦେଉଥିବା ଏହି ଯବାନ ଆଜି ନିଜ ପରିବାରର ସୁରକ୍ଷା ପାଇଁ ଅସହାୟ। ଜମ୍ମୁ-କଶ୍ମୀର ଏଲଓସିରେ ମୁତୟନ ଜଣେ ସେନା ଯବାନଙ୍କ ଆଖିର ଲୁହ ଓ କୋହଭରା ଆବେଦନ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। "ମୁଁ ଦେଶ ସେବା କରିବି ନା ମୋ ପରିବାରକୁ ବଞ୍ଚାଇବି ?" ଏହି ପ୍ରଶ୍ନ ସହ ତାଙ୍କର ଭିଡିଓ ଅନେକଙ୍କ ହୃଦୟକୁ ଛୁଇଁଯାଇଛି। ଉତ୍ତର ପ୍ରଦେଶର ଦେଓରିଆ ଜିଲ୍ଲାର ବାସିନ୍ଦା ବୀର ବାହାଦୂର ସିଂହ। ଦେଶର ସୁରକ୍ଷା ପାଇଁ ସେ ବର୍ତ୍ତମାନ ଏଲଓସିରେ ମୁତୟନ ଅଛନ୍ତି। ଦିନରାତି ଦେଶ ସୀମାକୁ ଜଗୁଥିବା ଏହି ଯବାନ ହଠାତ୍ ଏକ ଭିଡିଓ ଜାରି କରି ନିଜ ମନର ବେଦନା ବଖାଣିଛନ୍ତି।

## ସହାୟତା ଦେଇ ଅହଂକାର ନ କରିବାକୁ ଶଶିଙ୍କ ପରାମର୍ଶ



ନୂଆଦିଲ୍ଲୀ, ୨୭।୮: କଂଗ୍ରେସ ସାଂସଦ ତଥା ପୂର୍ବତନ କୂଟନୀତିଜ୍ଞ ଶଶି ଥରୁର୍ ନେପାଳରେ ଆସିଥିବା ଭୟଙ୍କର ବନ୍ୟା ପରେ ଭାରତର ତୁରନ୍ତ ସହାୟତାକୁ ସ୍ୱାଗତ କରିଛନ୍ତି। କିନ୍ତୁ ପଡ଼ୋଶୀ ଦେଶକୁ ସହାୟତା ପ୍ରଦାନ କରିବା ବିଷୟରେ ଭାରତୀୟ ଗଣମାଧ୍ୟମକୁ ୨୦୧୬ର ଅଂହକାର ପ୍ରଦର୍ଶନ ନ କରିବାକୁ ଚେତାବନୀ ଦେଇଛନ୍ତି। ୨୦୧୬ରେ ନେପାଳରେ ଆସିଥିବା ଭୟଙ୍କର ଭୂମିକମ୍ପ ପରେ ଭାରତ-ନେପାଳ ସମ୍ପର୍କ ଖୁବ୍ ନିମ୍ନସ୍ତରକୁ ଚାଲି ଯାଇଥିଲା। ୨୦୧୬ ମସିହାରେ ନେପାଳରେ ବଡ଼ ଭୂମିକମ୍ପ ପରେ ସେତେବେଳେ ଭାରତୀୟ ଗଣମାଧ୍ୟମରେ ଭାରତୀୟ ରିଲିଫ୍ ସହାୟତା ବ୍ୟାପକ ପ୍ରସାରଣ ନେପାଳୀ ଲୋକଙ୍କ ମଧ୍ୟରେ ବ୍ୟାପକ କ୍ରୋଧ ଓ ଅସନ୍ତୋଷ ସୃଷ୍ଟି କରିଥିଲା। ସେତେବେଳେ ଗଣମାଧ୍ୟମ ପ୍ରସାରଣକୁ ନିନ୍ଦା କରି ଥରୁର୍ କହିଥିଲେ ଯେ, ଯେଉଁମାନେ ସଙ୍କଟରେ ଅଛନ୍ତି ଓ ସାହାଯ୍ୟ ପାଉଛନ୍ତି ସେମାନଙ୍କୁ ସାହାଯ୍ୟ ଦେଉଥିବା ଲୋକମାନେ ଏହା କହିବା ଆବଶ୍ୟକ ନୁହେଁ।

## ଗାୟକ ଅଙ୍କିତଙ୍କୁ ଗୁଳି କରି ହତ୍ୟା

ଲକ୍ଷ୍ନୌ, ୨୭।୮: ଉତ୍ତର ପ୍ରଦେଶର ଶାମଲୀ ଜିଲ୍ଲାରେ ବୁଧବାର ସନ୍ଧ୍ୟାରେ ଜଣାଶୁଣା ହରିୟାଣଭୀ ଗାୟକ ତଥା ୟୁଟ୍ୟୁବର୍ ଅଙ୍କିତ ବଲିୟାନଙ୍କୁ ଚାରିଜଣ ଆକ୍ରମଣକାରୀ ଗୁଳି କରି ନିର୍ମମ ଭାବେ ହତ୍ୟା କରିଛନ୍ତି। ୩୫ ବର୍ଷୀୟ ଗାୟକ ଅଙ୍କିତ ନିଜର ଜିମରୁ ବାହାରି କାର୍ ନିକଟକୁ ଯାଉଥିବା ସମୟରେ ଆକ୍ରମଣକାରୀମାନେ ତାଙ୍କ ଉପରକୁ ପ୍ରାୟ ୨୦ ରାଉଣ୍ଡ ଗୁଳି ଚଳାଇଥିଲେ। ମୁଣ୍ଡ ସମେତ ଶରୀରର ବିଭିନ୍ନ ସ୍ଥାନରେ ଗୁଳି ବାଜିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ପାଇଁ କୁଖ୍ୟାତ ଗୋଗୀ ଗ୍ୟାଙ୍ଗ୍ ନିଜକୁ ଦାୟୀ କରିଛି। ଅଙ୍କିତ ସେମାନଙ୍କ ଶତ୍ରୁ ଗୋଷ୍ଠୀ ସହ ଯୋଗାଯୋଗରେ ଥିବା ଓ ଗ୍ୟାଙ୍ଗ୍ ସମ୍ପର୍କିତ ଏକ ଘଟଣାକୁ ନେଇ ଗୀତ ରଚନା କରିଥିବାରୁ ଏହି ଆକ୍ରମଣ କରାଯାଇଥିବା ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଦାବି କରାଯାଇଛି। ସେପଟେ ପୁଲିସ ଏହି ଘଟଣାରେ ପୁରୁଣା ଶତ୍ରୁତା ଓ ଆଗାମୀ ପଞ୍ଚାୟତ ନିର୍ବାଚନ ସମ୍ପୃକ୍ତି ସମେତ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

### ତାଲିମ ବିମାନ ଦୁର୍ଘଟଣାଗ୍ରସ୍ତ

## ପାଇଲଟ୍ ଓ ସହ-ପାଇଲଟ୍‌ଙ୍କ ମୃତ୍ୟୁ



କାନପୁର, ୨୭।୮: ଗୁରୁବାର ଅପରାହ୍ଣରେ କାନପୁରରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଆକାଶରେ ଉଡୁଥିବା ଏକ ତାଲିମ ବିମାନ ହଠାତ୍ ଦୁର୍ଘଟଣାଗ୍ରସ୍ତ ହୋଇ ତଳେ ଖସି ପଡ଼ିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ତାଲିମପ୍ରାପ୍ତ ପାଇଲଟ୍ ଏବଂ ସହ-ପାଇଲଟଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗଙ୍ଗା ନଦୀ କୂଳରେ ଥିବା କଟରା ନିକଟସ୍ଥ ନାଥପୁରୱା ଗ୍ରାମ ଠାରେ ଏହି ଦୁର୍ଘଟଣା ଘଟିଛି। ଜାଣିବାକୁ ମିଳିଛି ଯେ ବିମାନଟି ଏକ ଯୁଗ୍ମ ଇଞ୍ଜିନ ବିଶିଷ୍ଟ ବିମାନ ଥିଲା। ଉଡ଼ାଣ ସମୟରେ ହଠାତ୍ ଏକ ବିସ୍ଫୋରଣ ଘଟିଥିଲା, ଯାହା ଫଳରେ ବିମାନଟି ତଳେ ଖସି ପଡ଼ିଥିଲା। ସୂଚନା ପାଇବା ମାତ୍ରେ ପୁଲିସ ଏବଂ ପ୍ରଶାସନିକ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ପୁଲିସ କମିସନର ରଘୁବୀର ଲାଲ, ଅତିରିକ୍ତ ପୁଲିସ ଅଧୀକ୍ଷକ ସଂକଳ୍ପ ଶର୍ମା ଏବଂ ବିପିନ ତାଡା, ଏବଂ ସିଏଫଓ ଦୀପକ ଶର୍ମା ମଧ୍ୟ ଉପସ୍ଥିତ ଅଛନ୍ତି।

## ବସ୍-ଅଟୋ ଧକ୍କାରେ ୭ ମୃତ

ଆନ୍ଧ୍ରପ୍ରଦେଶ, ୨୭।୮: ଆନ୍ଧ୍ରପ୍ରଦେଶର ପାଲନାଡୁ ଜିଲ୍ଲା ଚିଲକାଲୁରିପେଟରେ ଗୁରୁବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ଘଟିଛି। ଏକ ଘରୋଇ ଯାତ୍ରୀବାହୀ ବସ୍ ଏକ ଅଟୋ-ରିକ୍ସାକୁ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଛି। ମୃତକମାନେ ସମସ୍ତେ ଚିଲକାଲୁରିପେଟ ମଣ୍ଡଳର ଭେଲୁରୁ ଗାଁର ବାସିନ୍ଦା ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ମୃତକମାନେ ଏକ ଉତ୍ସବରେ ଯୋଗଦେବା ପାଇଁ କୋଣ୍ଡାମଞ୍ଜୁଲୁରୁ ଯାଇଥିଲେ। ସେଠାରୁ ଅଟୋ-ରିକ୍ସାରେ ଭେଲୁରୁ ଫେରୁଥିବା ସମୟରେ ଦୁର୍ଘଟଣା ଘଟିଥିଲା। ଅନ୍ୟପକ୍ଷରେ, ଯାତ୍ରୀବାହୀ ବସ୍‌ଟି ବିଜୟୱାଡାରୁ ତିରୁପତି ଅଭିମୁଖେ ଯାଉଥିଲା।

## ଜେନ୍-ଜି ଓ ଜେନ୍-ଆଲଫାଙ୍କ ପାଖରେ ପହଞ୍ଚିବେ ଇସି



ନୂଆଦିଲ୍ଲୀ, ୨୭।୮: ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ଜେନ୍-ଜି ଓ ଜେନ୍-ଆଲ୍ଫାଙ୍କ ପାଖରେ ପହଞ୍ଚିବା ଲାଗି ପୁଣି ଉଦ୍ୟମ ଆରମ୍ଭ କରିଛନ୍ତି। ସେମାନଙ୍କୁ ସଚେତନ ଭୋଟର ବନାଇବା କମିଶନଙ୍କ ଉଦ୍ଦେଶ୍ୟ। ଏହି ନୂଆ ଅଭିଯାନରେ ଦେଶର ୪,୧୨୩ଟି ବିଧାନସଭା ସିଟ୍‌ରେ ଥିବା ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଯୋଡ଼ାଯିବ। କମିଶନ ମଧ୍ୟ ୫୦ ହଜାର ନିର୍ବାଚନୀ ସାକ୍ଷରତା କ୍ଲବ୍(ଇଏଲ୍ସି) ବନାଇବା ଯୋଜନା ଉପରେ କାମ କରୁଛନ୍ତି। ପ୍ରତି ବିଧାନସଭା ସିଟ୍‌ରେ ଏଭଳି ୧୦ଟି କ୍ଲବ୍ ବନାଯିବ। ଏଥିଲାଗି କମିଶନ ୧୫ ଲକ୍ଷ ସ୍କୁଲରେ ୯ମରୁ ଦ୍ୱାଦଶ ଶ୍ରେଣୀ ଯାଏ ଛାତ୍ରଛାତ୍ରୀଙ୍କ ସହ ଯୋଗାଯୋଗ କରିବେ। ଏହାଛଡ଼ା ୭୦ ହଜାର କଲେଜ ଏବଂ ୧୪୦୦ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିବାକୁ ଉଦ୍ୟମ କରାଯିବ। ୨୦୧୮ ମସିହାରେ ସିଷ୍ଟମେଟିକ ଭୋଟର୍ସ ଏଜୁକେସନ୍ ଆଣ୍ଡ ଇଲୋକ୍ଟୋରାଲ୍ ପାର୍ଟିସିପେସନ୍ କାର୍ଯ୍ୟକ୍ରମ ଅନୁସାରେ ନିର୍ବାଚନୀ ସାକ୍ଷରତା କ୍ଲବ୍(ଇଏଲ୍ସି) ଆରମ୍ଭ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ ଗଣତାନ୍ତ୍ରିକ ମୂଲ୍ୟବୋଧ, ନିର୍ବାଚନୀ ପ୍ରକ୍ରିୟା ସହ ପରିଚିତ କରାଇବା, ନିର୍ବାଚନ କମିଶନଙ୍କର କାର୍ଯ୍ୟଧାରା ବିଷୟରେ ଜଣାଇବା ଏହାର ଉଦ୍ଦେଶ୍ୟ ଥିଲା। ଏହାପରେ ଏବେ ଇଏଲ୍ସି ୨.୦ ଆରମ୍ଭ କରାଯିବ।

## ମୋଦିଙ୍କ କ୍ୟାବିନେଟ୍ ସମ୍ପ୍ରସାରଣ ନେଇ ମାନସମନ୍ଥନ

### ମନ୍ତ୍ରୀଙ୍କ ସଂଖ୍ୟା ୭୫କୁ ବୃଦ୍ଧି ହେବା ସମ୍ଭାବନା

### ମହିଳା ମନ୍ତ୍ରୀଙ୍କ ସଂଖ୍ୟା ୭ରୁ ୧୨ ବଢ଼ିପାରେ



ନୂଆଦିଲ୍ଲୀ,୨୭।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରିମଣ୍ଡଳରେ ଖୁବଶୀଘ୍ର ବଡ଼ ପରିବର୍ତ୍ତନ ହୋଇପାରେ। ସମ୍ଭାବ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ଯୁବ ଓ ମହିଳାଙ୍କୁ ଅଧିକ ସ୍ଥାନ ଦେବା ଉପରେ ଗୁରୁତ୍ୱ ଦିଆଯାଉଛି। ମନ୍ତ୍ରିମଣ୍ଡଳକୁ ଅଧିକ ଯୁବ କରିବା ପାଇଁ ବୟସ୍କ ମନ୍ତ୍ରୀଙ୍କ ସଂଖ୍ୟା କମାଯିବା ସହିତ ନୂଆ ସହଯୋଗୀ ଦଳଗୁଡ଼ିକୁ ମଧ୍ୟ ପ୍ରତିନିଧିତ୍ୱ ଦେବା ଯୋଜନା ଥିବା ସୂଚନା ମିଳିଛି।

ସୂତ୍ର ଅନୁସାରେ, ମନ୍ତ୍ରିମଣ୍ଡଳରେ ମନ୍ତ୍ରୀଙ୍କ ସଂଖ୍ୟା ୭୫କୁ ବୃଦ୍ଧି କରିବାର ଯୋଜନା ରହିଛି। ବର୍ତ୍ତମାନ ୭ ଜଣ ମହିଳା ମନ୍ତ୍ରୀ ଥିବାବେଳେ ଏହି ସଂଖ୍ୟାକୁ ବଢ଼ାଇ ଅତି କମରେ ୧୨ କରାଯାଇପାରେ। ଏହା ସହିତ ନୂଆ ସହଯୋଗୀ ଦଳ ଏବଂ ନିର୍ବାଚନୀ ରାଜ୍ୟଗୁଡ଼ିକର ସମୀକରଣକୁ ମଧ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ଗୁରୁତ୍ୱ ଦିଆଯାଇପାରେ। ମନ୍ତ୍ରିମଣ୍ଡଳରେ ୫୦ ବର୍ଷରୁ କମ ବୟସର ମନ୍ତ୍ରୀଙ୍କ ଅଂଶୀଦାରିତ୍ୱ ବର୍ତ୍ତମାନର ୨୪ ପ୍ରତିଶତରୁ ବଢ଼ାଇ ପ୍ରାୟ ୪୦ ପ୍ରତିଶତ କରାଯାଇପାରେ। ବର୍ତ୍ତମାନ ୫୦ ବର୍ଷରୁ କମ ବୟସର ମାତ୍ର ୧୭ ଜଣ ମନ୍ତ୍ରୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୪୦ ବର୍ଷରୁ କମ ବୟସର କେବଳ ଦୁଇଜଣ ରାଷ୍ଟ୍ରମନ୍ତ୍ରୀ ଅଛନ୍ତି।

ସମ୍ଭାବ୍ୟ ସମ୍ପ୍ରସାରଣରେ ଯୁବ ମନ୍ତ୍ରୀଙ୍କ ସଂଖ୍ୟା ବଢ଼ିବା ସହ ୪୦ ବର୍ଷରୁ କମ ବୟସର ଅତି କମରେ ୫ ଜଣଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିପାରେ। ବର୍ତ୍ତମାନ ମନ୍ତ୍ରିମଣ୍ଡଳରେ ୭୦ ବର୍ଷରୁ ଅଧିକ ବୟସର ୧୨ ଜଣ ମନ୍ତ୍ରୀ ଅଛନ୍ତି। ସମ୍ଭାବ୍ୟ ସମ୍ପ୍ରସାରଣରେ ଏମାନଙ୍କ ମଧ୍ୟରୁ ପ୍ରାୟ ଏକ ଚତୁର୍ଥାଂଶଙ୍କୁ ମନ୍ତ୍ରୀ ପଦରୁ ହଟାଯାଇପାରେ। ବର୍ତ୍ତମାନ ପ୍ରାୟ ୬୫ ପ୍ରତିଶତ ମନ୍ତ୍ରୀଙ୍କ ବୟସ ୫୧ ବର୍ଷରୁ ଅଧିକ। ଏହି ସଂଖ୍ୟାକୁ ପ୍ରାୟ ୫୦ ପ୍ରତିଶତକୁ ହ୍ରାସ କରିବା ଯୋଜନା ଥିବା କୁହାଯାଉଛି। ସୂତ୍ର ଅନୁସାରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମ ଏସିଆ ଗସ୍ତରୁ ୨ ସେପ୍ଟେମ୍ବରରେ ଫେରିବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣର ଯୋଜନାକୁ ଚୂଡ଼ାନ୍ତ ରୂପ ଦେଇପାରନ୍ତି।

## ଉତ୍ତରାଖଣ୍ଡରେ ଝୁଲୁଛି ୨୧୯ ହିମଖଣ୍ଡ

### ଭବିଷ୍ୟତରେ ହୋଇପାରେ ମହା ଜଳପ୍ରଳୟ



ଡେରାଡୁନ, ୨୭।୮: ନେପାଳରେ ହିମ-ସ୍ଖଳନ ଜନିତ ଜଳ-ତାଣ୍ଡବ ଭାରତ ପାଇଁ ଏକ ଚେତାବନୀ ସୃଷ୍ଟି କରିଛି। ବଦ୍ରିନାଥ ଧାମ ଓ ଭାରତର ପ୍ରଥମ ଗ୍ରାମ ମାଣା ଉପରେ ଥିବା ଉଚ୍ଚ ତୀଖ ପର୍ବତରେ ବହୁ ସଂଖ୍ୟକ ହିମବାହ ଅଛି। ଏହାକୁ ଝୁଲନ୍ତା ହିମବାହ କୁହାଯାଏ। ଏନପିଜେ ନାଚ୍ୟୁରାଲ ହାଜାର୍ଡରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ଅଳକାନନ୍ଦା ଅବବାହିକାରେ ୨୧୯ଟି ଏପରି ଝୁଲା ହିମବାହ ଚିହ୍ନଟ କରାଯାଇଛି। ଅଧ୍ୟୟନ ଅନୁଯାୟୀ, ବଦ୍ରିନାଥ ଓ ମାଣାକୁ ନେଇ ଗଠିତ ଉପର ଅଳକାନନ୍ଦା ଅଞ୍ଚଳ ସବୁଠାରୁ ଦୁର୍ବଳ ଅଞ୍ଚଳ ମଧ୍ୟରୁ ଅନ୍ୟତମ। ସେଠାରେ ଝୁଲନ୍ତା ହିମବାହ ଏବଂ ଅସ୍ଥିର ତୁଷାର ସର୍ବାଧିକ ପରିମାଣରେ ରହିଛି।

ଉଷ୍ଣ ତାପମାନ, ପରିବର୍ତ୍ତନଶୀଳ ବର୍ଷା ଏବଂ ଅନ୍ୟାନ୍ୟ ଭୂ-ରୂପ ପ୍ରକ୍ରିୟା ଝୁଲନ୍ତା ହିମବାହର ସ୍ଥିରତାକୁ ପ୍ରଭାବିତ କରୁଛି। ଯଦି ଝୁଲନ୍ତା ହିମବାହର ଏକ ଅଂଶ ଭାଙ୍ଗିଯାଏ, ତେବେ ଏହା ପଥର ଓ ଭଗ୍ନାବଶେଷକୁ ତଳକୁ ବହିଆଣିବ। ନଦୀ ପ୍ରବାହକୁ ଅସ୍ଥାୟୀ ଭାବରେ ଅବରୋଧ କରି ଜଳପ୍ରଳୟ ସୃଷ୍ଟି କରିବ। ଯଦି ଏକ ଝୁଲନ୍ତା ହିମବାହର ସମ୍ପୂର୍ଣ୍ଣ ଅସ୍ଥିର ଅଂଶ ଭାଙ୍ଗିଯାଏ, ତେବେ ବଦ୍ରିନାଥ ଅଞ୍ଚଳରେ ବରଫ, ପଥର ଓ ଭଗ୍ନାବଶେଷର ପ୍ରବାହ ସର୍ବାଧିକ ୫୧ ମିଟର ଉଚ୍ଚତା, ବଦ୍ରିନାଥ-ମାଣା ରାସ୍ତାରେ ୪୮ ମିଟର ଏବଂ ହନୁମାନ ଚଟ୍ଟି ଚାରିପାଖରେ ୪୦ ମିଟର ଉଚ୍ଚତା ହେବାର ସମ୍ଭାବନା ରହିଛି। ଆଗାମୀ ଦିନରେ ଏହା ଭାରତରେ ମହାଜଳପ୍ରଳୟ ସୃଷ୍ଟି କରିପାରେ ବୋଲି ପରିବେଶବିତମାନେ ଆଶଙ୍କା ପ୍ରକାଶ କରିଛନ୍ତି।

### ନେପାଳ ବନ୍ୟା ବିଭୀଷିକା

## ପୂର୍ବତନ ମନ୍ତ୍ରୀ ମୁକୁଲ ରୟଙ୍କ ବୋହୂ ନିଖୋଜ



କୋଲକାତା, ୨୭।୮: ପୂର୍ବତନ କେନ୍ଦ୍ର ରେଳମନ୍ତ୍ରୀ ମୁକୁଲ ରୟଙ୍କ ବୋହୂ ଶର୍ମିଷ୍ଠା ଭୌମିକ ରୟ ନେପାଳ-ତିବ୍ବତ ସୀମାନ୍ତରେ ଆସିଥିବା ଭୟଙ୍କର ଫ୍ଲାସ୍ ଫ୍ଲଡ୍ (ଆକସ୍ମିକ ବନ୍ୟା) ପରଠାରୁ ନିଖୋଜ ଅଛନ୍ତି। ସେ ପୂର୍ବତନ ତୃଣମୂଳ କଂଗ୍ରେସ ବିଧାୟକ ଶୁଭ୍ରାଂଶୁ ରୟଙ୍କ ପତ୍ନୀ। ଉତ୍ତର ୨୪ ପ୍ରଗଣାର ନିବାସୀ ଶର୍ମିଷ୍ଠା ରୟ ଅଗଷ୍ଟ ୨୧ ରେ ଏକ ସଂସ୍ଥା ମାଧ୍ୟମରେ ଏକାକୀ ନେପାଳ ଗସ୍ତରେ ଯାଇଥିଲେ। ଅଗଷ୍ଟ ୨୫ ରାତି ପରଠାରୁ ତାଙ୍କର ନିଜ ପରିବାର ସହ କୌଣସି ସମ୍ପର୍କ ହୋଇପାରି ନାହିଁ। କୈଳାସ ମାନସରୋବର ଯାତ୍ରାରେ ଯାଇଥିବା କୋଲକାତାର ୩୦ ଜଣ ପର୍ଯ୍ୟଟକ ଏବଂ ୨ ଜଣ ଟୁର୍ ମ୍ୟାନେଜରଙ୍କ ସମେତ ୩୨ ଜଣିଆ ଦଳ ନେପାଳ-ତିବ୍ବତ ସୀମାନ୍ତ ରସୁୱାଗଡ଼ି ଇମିଗ୍ରେସନ୍ ଅଫିସ ନିକଟରୁ ନିଖୋଜ ଅଛନ୍ତି। ଏହି ବନ୍ୟାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୭୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୮ ଜଣ ଭାରତୀୟଙ୍କ ସମେତ ୭୫୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ବହୁ ରାସ୍ତା, ପୋଲ ଏବଂ ଜଳବିଦ୍ୟୁତ୍ ପ୍ରକଳ୍ପ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି।

## ମଡେଲଙ୍କୁ ଘରେ ଛୁରି ଭୁସି ହତ୍ୟା

ନୂଆଦିଲ୍ଲୀ, ୨୭।୮: ଦିଲ୍ଲୀରେ ଥିବା ତାଙ୍କ ଭଡା ଘରେ ମୁସ୍କାନ ନାମକ ଜଣେ ୨୧ ବର୍ଷୀୟା ମହିଳାଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ମୁସ୍କାନ ଏକାକୀ ଘରେ ଥିବା ସମୟରେ ଅଭିଯୁକ୍ତ ଘରେ ପ୍ରବେଶ କରି ବାରମ୍ବାର ତାଙ୍କୁ ଛୁରିରେ ଆକ୍ରମଣ କରି ହତ୍ୟା କରିଛି। ମୁସ୍କାନ ତିଲକ ନଗରର ନ୍ୟୁ ମହାବୀର ନଗର ଅଞ୍ଚଳରେ ଏକ ଭଡା ଘରେ ରହୁଥିଲେ। ତାଙ୍କ ଶରୀରରେ ଛୁରାମାଡ଼ ଯୋଗୁ ଅନେକ କ୍ଷତ ସୃଷ୍ଟି ହୋଇଥିଲା ଓ ପରେ ଏକ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଥିଲା। ମୁସ୍କାନ ଜଣେ ଛାତ୍ରୀ ଥିଲେ ଓ ଜଣେ ମଡେଲ ଭାବରେ ମଧ୍ୟ କାମ କରୁଥିଲେ। ମୁସ୍କାନ ଯେଉଁ ଜିମ୍‌କୁ ଯାଉଥିଲେ ଅଭିଯୁକ୍ତ ଇମ୍ରାନ ସେଠାରେ ଜଣେ ଜିମ୍ ପ୍ରଶିକ୍ଷକ ଥିଲା ବୋଲି ଜଣାପଡ଼ିଛି। ସେ ବର୍ତ୍ତମାନ ଫେରାର୍ ଅଛି ଓ ପୁଲିସ ଅନେକ ଦଳ ଗଠନ କରି ତାଙ୍କୁ ଖୋଜୁଛି।

### ମେଟାର ବଡ଼ ନିଷ୍ପତ୍ତି

## ରାତି ୧୨ରୁ ସକାଳ ୬ ଇନଷ୍ଟା-ଫେସବୁକ୍ ବନ୍ଦ



ନୂଆଦିଲ୍ଲୀ,୨୭।୮: ଶିଶୁ ଓ କିଶୋରମାନଙ୍କୁ ସୋସିଆଲ ମିଡିଆ ନିଶାରେ ପକାଉଥିବା ଅଭିଯୋଗରେ ଛନ୍ଦି ହୋଇଥିବା ଫେସବୁକ-ଇନଷ୍ଟାଗ୍ରାମର ମାଲିକାନା ସଂସ୍ଥା 'ମେଟା' ଏକ ଐତିହାସିକ ନିଷ୍ପତ୍ତି ନେଇଛି। ଆମେରିକାରେ ଚାଲିଥିବା ଏକ ବଡ଼ ଆଇନଗତ ମାମଲାକୁ ଶେଷ କରିବା ପାଇଁ କମ୍ପାନୀ ପ୍ରାୟ ୧୭ ବିଲିୟନ ଡଲାର (ପ୍ରାୟ ୧.୪ ଲକ୍ଷ କୋଟି ଟଙ୍କାରୁ ଅଧିକ) ପରିଶୋଧ କରିବାକୁ ସମ୍ମତି ପ୍ରକାଶ କରିଛି। ଏହାସହ ଶିଶୁଙ୍କ ସୁରକ୍ଷା ପାଇଁ ଆପଗୁଡ଼ିକରେ କେତେକ ବଡ଼ ଧରଣର ପରିବର୍ତ୍ତନ କରିବାକୁ ରାଜି ହୋଇଛି। ତେବେ ଏହି ବୁଝାମଣାରେ ମେଟା ନିଜର କୌଣସି ଭୁଲ ସ୍ୱୀକାର କରିନାହିଁ। ଏହି ବୁଝାମଣା ଅନୁସାରେ କମ୍ପାନୀ ପ୍ରାୟ ୧୭ ବିଲିୟନ ଡଲାର ପର୍ଯ୍ୟନ୍ତ ଦେବା ସହ ଫେସବୁକ ଓ ଇନଷ୍ଟାଗ୍ରାମ୍‌ରେ ଶିଶୁମାନଙ୍କ ପାଇଁ ଅନେକ ନୂଆ ସୁରକ୍ଷା ବ୍ୟବସ୍ଥା ଲାଗୁ କରିବ। ୨୦୨୩ରେ ଆମେରିକାର ଅନେକ ରାଜ୍ୟର ଆଟର୍ଣ୍ଣି ଜେନେରାଲ ମେଟା ବିରୋଧରେ ମାମଲା ଦାୟର କରିଥିଲେ। ଅଭିଯୋଗ ଥିଲା, ଫେସବୁକ ଓ ଇନଷ୍ଟାଗ୍ରାମରେ ଏପରି ଫିଚର ଡିଜାଇନ କରାଯାଇଛି ଯାହା ଶିଶୁ ଓ କିଶୋରମାନଙ୍କୁ ଦୀର୍ଘ ସମୟ ଧରି ଆପ୍ ବ୍ୟବହାର କରିବାକୁ ଉତ୍ସାହିତ କରୁଛି।

### ପ୍ରଧାନମନ୍ତ୍ରୀ ଜନଧନ ଯୋଜନାକୁ ପୂରିଲା ୧୨ ବର୍ଷ

# ଆର୍ଥିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ବଡ଼ ପରିବର୍ତ୍ତନ

### ୫୯.୦୯ କୋଟି ଖାତାରେ ୩.୧୭ ଲକ୍ଷ କୋଟି ଜମାରାଶି

### ୫୬% ଖାତାଧାରୀ ମହିଳା

ନୂଆଦିଲ୍ଲୀ,୨୭।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ ଅଗଷ୍ଟ ୨୮ରେ ତାଙ୍କର ପ୍ରଥମ ଯୋଜନା ମଧ୍ୟରୁ ଅନ୍ୟତମ 'ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (ପିଏମ ଜେଡିୱାଇ)'ର ଶୁଭାରମ୍ଭ କରିଥିଲେ। ଏହି ଯୋଜନା ଏବେ ୧୨ ବର୍ଷ ପୂରଣ କରିଥିବା ବେଳେ ଏହି ଲମ୍ବା ଯାତ୍ରା ଦେଶର ଆର୍ଥିକ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆଣିଛି। ଆର୍ଥିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ଏହି ଯୋଜନା ବିଶ୍ୱ ସ୍ତରରେ ଏକ ଅନୁକରଣୀୟ ଉଦାହରଣରେ ପରିଣତ ହୋଇଛି। ବିଶ୍ୱର ସର୍ବବୃହତ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପଦକ୍ଷେପ ଭାବେ ଏହି ଯୋଜନା ଦେଶର ପ୍ରତ୍ୟେକ ନାଗରିକଙ୍କ ପାଇଁ ବ୍ୟାଙ୍କିଂ ସେବାର ସୁବିଧାକୁ ଆହୁରି ସହଜ ଓ ସୁଗମ କରିବାରେ ନୂଆ ଦିଗ ଦେଖାଇଛି। ଯୋଜନାରେ ପ୍ରତ୍ୟେକ ଖାତାଧାରୀଙ୍କୁ ମାଗଣା ରୁପେ ଡେବିଟ୍ କାର୍ଡ ଓ ୨ ଲକ୍ଷ ଟଙ୍କାର ଦୁର୍ଘଟଣାଜନିତ ବୀମା ସୁରକ୍ଷା ମିଳୁଛି। ଏହା ଡିଜିଟାଲ୍ କାରବାରକୁ ପ୍ରୋତ୍ସାହିତ କରିବା ସହ ଖାତାଧାରୀଙ୍କ ଆର୍ଥିକ ସୁରକ୍ଷାକୁ ମଧ୍ୟ ସୁଦୃଢ଼ କରୁଛି। ଏହାଛଡ଼ା ଜରୁରୀ ସମୟରେ ଆର୍ଥିକ ସହାୟତା ଯୋଗାଇବା ପାଇଁ ଖାତାଧାରୀମାନେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଓଭରଡ୍ରାଫ୍ଟ ସୁବିଧା ବି ପାଇପାରୁଛନ୍ତି। ଖାତାଗୁଡ଼ିକ ଜନ ସୁରକ୍ଷା ଯୋଜନା ମାଧ୍ୟମରେ ଅସଂଗଠିତ କ୍ଷେତ୍ରର ଲକ୍ଷ ଲକ୍ଷ ଶ୍ରମିକଙ୍କୁ ଜୀବନ ଓ ଦୁର୍ଘଟଣା ବୀମା ସୁବିଧା ସହ ଯୋଡ଼ିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଏଥିରେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅନ୍ତର୍ଭୁକ୍ତ। ଏହି ଅବସରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି ଯେ ଏହି ଯୋଜନାରେ ଅଦ୍ୟାବଧି ୫୯ କୋଟିରୁ ଅଧିକ ଆକାଉଣ୍ଟ ଖୋଲିଛି, ଯେଉଁଥିରେ ୩.୧୭ ଲକ୍ଷ କୋଟି ଟଙ୍କାର ଜମା ରାଶି ରହିଛି। ୫୬ ପ୍ରତିଶତ ମହିଳା ହୋଇଥିବା ବେଳେ ୪୧.୨୯ କୋଟି ମାଗଣା ରୁପେ କାର୍ଡ ଜାରି କରାଯାଇଛି। ଏହାଛଡ଼ା ଖାତା ପିଛା ହାରାହାରି ଜମା ରାଶି ୫,୩୫୬ ଟଙ୍କା। ଏହି ଯୋଜନା ଦେଶର ବ୍ୟାଙ୍କିଙ୍ଗ୍ ଓ କ୍ଷେତ୍ରରେ ଆଣିଥିବା ପରିବର୍ତ୍ତନ ବେଶ୍ ଉଲ୍ଲେଖନୀୟ। ସମାଜର ଶେଷ ବ୍ୟକ୍ତି, ଗରିବତମ ବ୍ୟକ୍ତି ନିକଟରେ ମଧ୍ୟ ବିନା ବିଳମ୍ବରେ ଓ ବିନା ମଧ୍ୟସ୍ଥିରେ ଆର୍ଥିକ ସେବା ପହଞ୍ଚାଯାଇପାରିଛି। ସେହିପରି ଯୋଜନା ଯୋଜନା ଅଧୀନରେ ୭୮% ଆକାଉଣ୍ଟ ଗ୍ରାମାଞ୍ଚଳ କିମ୍ବା ଅର୍ଦ୍ଧ-ସହରାଞ୍ଚଳରେ ଖୋଲାଯାଇଛି ।



ଉଭୟ ଇନିଂସରେ ଦିନୁଶାଙ୍କ ଶତକ

# ଅନ୍ତିମ ଟେଷ୍ଟ ଡ୍ର', ଭାରତ ସିରିଜ୍ ବିଜୟୀ



କଲମ୍ବୋ,୨୭।୮: ଚଳିତ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍‌କୁ ଭାରତ ୧-୦ରେ ଜିତିନେଇଛି। ପୂର୍ବରୁ ପ୍ରଥମ ଟେଷ୍ଟରେ ଭାରତ ବିଜୟୀ ହେବା ପରେ ଆଜି ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟଟି ଡ୍ର'ରେ ଶେଷ ହୋଇଛି। ଆଜି ଅନ୍ତିମ ଦିନରେ ଶ୍ରୀଲଙ୍କାର ଅପରାଜିତ ବ୍ୟାଟ୍ସମ୍ୟାନ୍ ସୋନାଲ୍ ଦିନୁଶା ପ୍ରଥମ ଇନିଂସ ପରି ଦ୍ୱିତୀୟ ଇନିଂସରେ ବି ଶତକ ହାସଲ କରିବା ସହ ମ୍ୟାଚ୍‌କୁ ଡ୍ର' ରଖିବାରେ ସକ୍ଷମ ହୋଇଥିଲେ। ସୋନାଲ୍ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେଳେ ଭାରତର ବେଦାନ୍ତ ପାଟିଲ୍ ପ୍ଲେୟର୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି।

ଆଜିର ଖେଳ ପୂର୍ବ ଦିନର ସ୍କୋର୍ ୬ ୱିକେଟ୍‌ରେ ୨୨୭ରୁ ଆରମ୍ଭ କରିଥିଲେ ଦୁଇ ଅପରାଜିତ ଶ୍ରୀଲଙ୍କା ବ୍ୟାଟ୍ସମ୍ୟାନ୍ ଦିନୁଶା (୭) ଓ କେଶରା ନୁୱେନ୍ତା (୩)। ଉଭୟ ସପ୍ତମ ୱିକେଟ୍‌ରେ ୧୧୨ ରନ୍‌ର ବଳିଷ୍ଠ ଭାଗୀଦାରୀ କରିଥିଲେ। ଇତିମଧ୍ୟରେ ନୁୱେନ୍ତ ଅର୍ଦ୍ଧଶତକ ଆଡ଼କୁ ଅଗ୍ରସର ହେଉଥିଲେ ହେଁ ୪୬ ରନ୍‌ରେ ଆଉଟ୍ ହୋଇଯାଇଥିଲେ। ଫଳରେ ଏହି ଭାଗୀଦାରୀରେ ବ୍ରେକ୍ ଲାଗିଥିଲା। କିନ୍ତୁ ଦିନୁଶା ଗୋଟିଏ ପଟେ ଦୃଢ଼ ଭାବେ ଛିଡ଼ା ହୋଇଥିଲେ। ଦିନୁଶା ଆକ୍ରମଣାତ୍ମକ ବ୍ୟାଟିଂ କରି ୮ଟି ଚୌକା ଓ ୨ଟି ଛକା ସହ ୧୩୩ ରନ୍ କରିବା ସହ ଦଳୀୟ ସ୍କୋର୍‌କୁ ୯ ୱିକେଟ୍‌ରେ ୪୨୯ରେ ପହଞ୍ଚାଇ ଦେଇଥିଲେ। ଏହାପରେ ମ୍ୟାଚ୍‌ର ଫଳାଫଳ ବାହାରିବା ଆଶା ନଥିବାରୁ ଉଭୟ ଦଳର ଅଧିନାୟକଙ୍କ ସହମତି କ୍ରମେ ଖେଳକୁ ଶେଷ କରିଦିଆଯାଇଥିଲା। ଭାରତ ପକ୍ଷରୁ ମାନବ ସୁତାର ଓ ରବୀନ୍ଦ୍ର ଜାଡେଜା ୩ଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ୍ ଓ ସାଇଂଶ ଜୈନ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ୟୁପିରେ ସ୍ୱାଇନ୍ ଫ୍ଲୁର ପ୍ରଥମ ମୃତ୍ୟୁ

## ଆଖି ବୁଜିଲେ ୫୦ ବର୍ଷୀୟା ମହିଳା



ଲକ୍ଷ୍ନୌ,୨୭।୮: ଉତ୍ତର ପ୍ରଦେଶ ରାଜଧାନୀ ଲକ୍ଷ୍ନୌରେ ଚଳିତ ସିଜିନର ପ୍ରଥମ ସ୍ୱାଇନ୍ ଫ୍ଲୁ ଜନିତ ମୃତ୍ୟୁ ସାମ୍ନାକୁ ଆସିଛି। ସୂଚନା ଅନୁସାରେ, ଇନ୍ଦିରାନଗରର ବାସିନ୍ଦା ୫୦ ବର୍ଷୀୟା ଜଣେ ମହିଳାଙ୍କର ଗୁରୁବାର ବଲରାମପୁର ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମହିଳା ଜଣକ କିଛି ଦିନ ହେବ ଥଣ୍ଡା, ଜ୍ୱର ଓ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିଲେ । ପରିବାର ଲୋକେ ପ୍ରଥମେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କର ସ୍ୱାଇନ୍ ଫ୍ଲୁ ପରୀକ୍ଷା କରାଯାଇ ଥିବା ବେଳେ ୨୪ ଅଗଷ୍ଟରେ ଆସିଥିବା ଘରୋଇ ପାଥୋଲୋଜି ରିପୋର୍ଟରେ ସ୍ୱାଇନ୍ ଫ୍ଲୁ ସ୍ପଷ୍ଟ ହୋଇଥିଲା। ଡାକ୍ତରମାନେ ତାଙ୍କୁ ହାୟର ସେଣ୍ଟରକୁ ନେବାକୁ ପରାମର୍ଶ ଦେବା ପରେ ୨୫ ଅଗଷ୍ଟରେ ପରିବାର ଲୋକେ ତାଙ୍କୁ ବଲରାମପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ।

## ରିଦ୍ଧିସିଦ୍ଧି ମଣ୍ଡପରେ ନିଶୁଳ୍କ ଚକ୍ଷୁ ଶିବିର



କଟକ, ୨୭।୮ (ସଂଚାର ବ୍ୟୁରୋ): ମହାନଦୀବିହାର ଶାଖା ଇଣ୍ଡିଆନ ବ୍ୟାଙ୍କ ଓ ଜେପିଏମ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ମିଳିତ ଉଦ୍ୟମରେ ଗୁରୁବାର ମହାନଦୀବିହାରସ୍ଥିତ ରିଦ୍ଧିସିଦ୍ଧି ମଣ୍ଡପରେ ଏକ ନିଶୁଳ୍କ ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଇଣ୍ଡିଆନ ବ୍ୟାଙ୍କ ଜୋନାଲ ମ୍ୟାନେଜର ଦୀପକ କୁମାର, ଚିଫ୍ ମ୍ୟାନେଜର ସତ୍ୟ ପ୍ରଧାନ, ସିନିୟର ମ୍ୟାନେଜର ସୋନମ ସରିତା, ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡ଼ାଇ, ମୁରବୀ ପ୍ରଭାକର ରଣା, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ଇଂ ଗୋପାଳକୃଷ୍ଣ ବେହେରା, ବିଶ୍ୱଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ଶତାଧିକ ଲୋକ ସେମାନଙ୍କର ଚକ୍ଷୁପରୀକ୍ଷା କରାଇଥିଲେ।

## ପ୍ରେମିକା ପାଇଁ ଡ୍ରଗ୍ସ ଇନ୍ସପେକ୍ଟର ପ୍ରଶ୍ନପତ୍ର ଲିକ୍

ନୂଆଦିଲ୍ଲୀ, ୨୭।୮: ମହାରାଷ୍ଟ୍ର ଲୋକସେବା ଆୟୋଗ (ଏମପିଏସସି) ଡ୍ରଗ୍ ଇନ୍ସପେକ୍ଟର ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ମାମଲାରେ ପ୍ରେମ ସମ୍ପର୍କ ଏକ ପ୍ରମୁଖ ଦିଗ ଭାବେ ସାମ୍ନାକୁ ଆସିଛି। ଏହି ମାମଲାରେ ମୁମ୍ବାଇ କ୍ରାଇମବ୍ରାଞ୍ଚ ୩ ଜଣ ଏମପିଏସସି ଅଧିକାରୀଙ୍କ ସମେତ ୬ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ପ୍ରଥମେ ନିଜ ପ୍ରେମିକାଙ୍କ ପାଇଁ ପ୍ରଶ୍ନପତ୍ର ଲିକ୍ କରିଥିବା ଏବଂ ବ୍ରେକ୍ ଅପ୍ ପରେ କମିଶନଙ୍କ ନିକଟରେ ଅଭିଯୋଗ କରିବା ପରେ ଏହି ଘଟଣା ଉପରୁ ପରଦା ଉଠିଛି। ସୂଚନା ଅନୁସାରେ, ଖାଦ୍ୟ ଏବଂ ଔଷଧ ପ୍ରଶାସନ (ଏଫଡିଏ) କ୍ୟାଡର ଅଧୀନରେ ଡ୍ରଗ୍ ଇନ୍ସପେକ୍ଟର, ଗ୍ରୁପ୍-ବି ପରୀକ୍ଷା ଗତ ମାର୍ଚ୍ଚ ୨୨ରେ ଅନୁଷ୍ଠିତ ହୋଇଥିଲା। ଜୁଲାଇରେ ଫଳାଫଳ ଘୋଷଣା କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରଶ୍ନପତ୍ର ଲିକ୍ ଖବର ସାମ୍ନାକୁ ଆସିବା ପରେ ପରୀକ୍ଷାକୁ ବାତିଲ କରାଯାଇଥିଲା । କ୍ରାଇମବ୍ରାଞ୍ଚର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଅଭିଯୁକ୍ତ ଲୋକେଶ ଓରଫ ଗୌରବ ରାଜେନ୍ଦ୍ର ପାଟିଲଙ୍କ ଋତୁଜା ପାଟିଲ ନାମକ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଋତୁଜାଙ୍କୁ ଡ୍ରଗ୍ ଇନ୍ସପେକ୍ଟର ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଇବାରେ ସାହାଯ୍ୟ କରିବା ଲାଗି ଲୋକେଶ ପ୍ରଶ୍ନପତ୍ର ହାସଲ କରିଥିଲେ। ଏହାକୁ ଋତୁଜାଙ୍କ ସମେତ ଅନ୍ୟ କେତେକ ପରୀକ୍ଷାର୍ଥୀଙ୍କୁ ଦେଇଥିଲେ। ପରେ ଋତୁଜା ଏଥିରେ କୃତକାର୍ଯ୍ୟ ମଧ୍ୟ ହୋଇଥିଲେ। କିନ୍ତୁ କିଛି ଦିନ ପରେ ଲୋକେଶ ଏବଂ ଋତୁଜାଙ୍କ ବ୍ରେକ୍ ଅପ୍ ହୋଇଯାଇଥିଲା।

## ଡାକ୍ତର କବିପ୍ରସାଦ ମିଶ୍ରଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର, ୨୭।୮ (ସଂଚାର ବ୍ୟୁରୋ): ଡାକ୍ତର କବିପ୍ରସାଦ ମିଶ୍ରଙ୍କ ୮୮ତମ ଜୟନ୍ତୀ ଲେଖକ ସମବାୟ ସମିତି ପରିସରରେ ଆଶିଷ କୁମାର କରଙ୍କ ସଭାପତିତ୍ୱରେ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଇଂ. ପ୍ରଭାତ କୁମାର ପାଢ଼ୀ, ମୁଖ୍ୟ ବକ୍ତା ଭାବେ ପ୍ରମୋଦ ଚନ୍ଦ୍ର ମିଶ୍ର, ବକ୍ତା ଓ ଆଲୋଚକ ଭାବେ ସୁରେଶ ଚନ୍ଦ୍ର ମହାନ୍ତି, ମନୋଜ କୁମାର ଜେନା, ଜିତେନ୍ଦ୍ର କୁମାର କର, ଇଂ. ସୁବାସ ଚନ୍ଦ୍ର ସାହୁ, ଡାକ୍ତର ସୁଶୀଲ କୁମାର ମହାନ୍ତି, ସୁନୀଲ କୁମାର ମହାପାତ୍ର ଯୋଗଦେଇ ଡାକ୍ତର ମିଶ୍ରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। ସେମାନଙ୍କ ମତରେ, ଡାକ୍ତର ମିଶ୍ର ଏକାଧାରରେ ଜଣେ ପ୍ରାଚୀନ ସାହିତ୍ୟର ବାଗ୍ମୀ, ସୁଚିକିତ୍ସକ, ସୁବକ୍ତା, ସୁଲେଖକ, ସୁସାହିତ୍ୟିକ, ବରିଷ୍ଠ ସ୍ତମ୍ଭକାର, ବିଶିଷ୍ଟ ସମାଜସେବୀ ଏବଂ ସର୍ବୋପରି ଜଣେ ଭଲ ମଣିଷ ଥିଲେ। ତାଙ୍କ ଆଦର୍ଶରେ ଯୁବଗୋଷ୍ଠୀ ଅନୁପ୍ରାଣିତ ହେବା ଉଚିତ ବୋଲି ସେମାନେ ମତ ବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଇଂ. ଲଡୁକିଶୋର ପଢ଼ିଆରୀ ଦାସକାଠିଆରେ ପ୍ରାଚୀନ ସଙ୍ଗୀତ ପରିବେଷଣ କରିଥିଲେ। ପରିଶେଷରେ ସତ୍ୟନାରାୟଣ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ସରକାରୀ ସ୍କୁଲ ଭିତରେ ତେଲୁଗୁ ସିନେମା ଶୁଟିଂ

### ବିବାଦରେ ସରପଞ୍ଚ, ତଦନ୍ତ ପାଇଁ ବିଇଓଙ୍କ ନିର୍ଦ୍ଦେଶ



ଗଜପତି, ୨୭।୮ (ସଂଚାର ବ୍ୟୁରୋ): ସ୍କୁଲ ଭିତରେ ତେଲୁଗୁ ସିନେମା ଶୁଟିଂ। ଅନୁମତି ନେଇ ବିବାଦରେ ସ୍ଥାନୀୟ ସରପଞ୍ଚ। ଘଟଣାର ତଦନ୍ତ ପାଇଁ ବିଇଓ ନିର୍ଦ୍ଦେଶ ଦେଇଛନ୍ତି। ଗଜପତି ଜିଲ୍ଲା କାଶୀନଗର ବ୍ଲକ କେ. ସୀତାପୁର ପଞ୍ଚାୟତର ସିଙ୍ଗିପୁର ସରକାରୀ ବିଦ୍ୟାଳୟରେ ତେଲୁଗୁ ଶର୍ଟ ଫିଲ୍ମର ଏକ ଭିଡିଓ ଶୁଟିଂ କରାଯାଇଥିବା ଭିଡିଓ ଭାଇରାଲ ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହି ଭିଡିଓ ଖୋଦ୍ ସରପଞ୍ଚ ତଥା ଅଭିନେତା ଏହି ଭିଡ଼ିଓ ଭାଇରାଲ କରି ଚର୍ଚ୍ଚାରେ ରହିଛନ୍ତି।

ଏକ ସରକାରୀ ଶିକ୍ଷାନୁଷ୍ଠାନକୁ ତେଲୁଗୁ ଶର୍ଟ ଫିଲ୍ମ ଶୁଟିଂ ପାଇଁ ବ୍ୟବହାର କରିବାକୁ କିଏ ଅନୁମତି ଦେଲା ଓ କେଉଁ ନିୟମ ଆଧାରରେ ଏହି ଶୁଟିଂ କରାଗଲା, ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଫିଲ୍ମ ଶୁଟିଂ ପାଇଁ ସ୍କୁଲ ବ୍ୟବହାର କରାଯିବା ନିୟମ ବହିର୍ଭୂତ, ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ କହିଛନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି ଏହି ଫିଲ୍ମରେ ଅଭିନୟ କରିଛନ୍ତି ସ୍ଥାନୀୟ ସରପଞ୍ଚ କାଲିପିଲି ତେଜା। ଏହି ଶର୍ଟ ଫିଲ୍ମକୁ ସେ ନିଜ ସୋସିଆଲ ମିଡିଆରେ ନିଜେ ବି ଭାଇରାଲ କରିଛନ୍ତି, ଯାହାକୁ ନେଇ ଶିକ୍ଷାବିତଙ୍କଠାରୁ ଆରମ୍ଭ ରାଜନୈତିକ ଦଳର କର୍ମୀ ଓ ସାଧାରଣ ଲୋକ ନାପସନ୍ଦ କରିଛନ୍ତି। ସେ ଜାଣିଶୁଣି ନିଜ ପଦର ଅପବ୍ୟବହାର କରି ଏଭଳି କରିବା ନିଶ୍ଚିତ ଭାବେ ନିନ୍ଦନୀୟ।

ସେହିଭଳି ଏହି ବିଦ୍ୟାଳୟର ଚାବି ତାଙ୍କୁ କିଏ ଦେଲା ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଲୋକେ। ସ୍କୁଲର ମୁଖ୍ୟ ହେଉଛନ୍ତି ପ୍ରଧାନଶିକ୍ଷୟିତ୍ରୀ। ସେ ହିଁ ଏହାର ଉତ୍ତର ଦେଇପାରିବେ ବୋଲି କହିବା ସହ ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଉଭୟ ସରପଞ୍ଚ ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢ଼ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦାବି ହୋଇଛି। ପ୍ରଧାନଶିକ୍ଷୟିତ୍ରୀ କହିଛନ୍ତି ଯେ ବୈଠକ କରିବା ପାଇଁ ସରପଞ୍ଚ ଚାବି ମାଗି ନେଇଥିଲେ, କିନ୍ତୁ ଶର୍ଟ ଫିଲ୍ମ ଶୁଟିଂ କାର୍ଯ୍ୟରେ ରୁମ୍ ଉପଯୋଗ କରିବା ସକାଶେ ସେ ଚାବିର ବ୍ୟବହାର କରିଛନ୍ତି ବୋଲି କହିଛନ୍ତି। ସେପଟେ ଜିଲ୍ଲା ଶିକ୍ଷାଧିକାରୀ ଡ. ମାୟାଧର ସାହୁ କହିଛନ୍ତି ଯେ ବିଭାଗ ପକ୍ଷରୁ ତଦନ୍ତ କରାଯିବା ସହ ଘଟଣାରେ ନିୟମ ଉଲ୍ଲଂଘନ ହୋଇଥିଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏମ୍‌ଏମ୍‌ଡିଆର୍ ସଂଶୋଧନ ଆକ୍ଟ ପ୍ରସଙ୍ଗ

## ଆଗାମୀ ପିଢ଼ି ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦିଆଯାଇଛି: ବିଜେଡି



ଭୁବନେଶ୍ୱର, ୨୭।୮ (ସଂଚାର ବ୍ୟୁରୋ): ଏମଏମଡିଆର ସଂଶୋଧନ ଆକ୍ଟ ପ୍ରସଙ୍ଗକୁ ନେଇ ବିଜେଡି ଆଜି ପୁଣି ବିଜେପି ଓ ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଛି। ସାଢ଼େ ୪ କୋଟି ଓଡ଼ିଆଙ୍କ ବିରୋଧରେ ଏହା ଏକ ଷଡ଼ଯନ୍ତ୍ର ଓ ଆଗାମୀ ପିଢ଼ି ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେବା ପାଇଁ ଉଦ୍ଦିଷ୍ଟ ବୋଲି ବିଜେଡି ଅଭିଯୋଗ କରିଛି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଟକ ମେୟର ତଥା ଦଳର କୋଷାଧ୍ୟକ୍ଷ ସୁବାଷ ସିଂ ଓ ପୂର୍ବତନ ସାଂସଦ ତଥା ଦଳର ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠୀ ଏମଏମଡିଆର ସଂଶୋଧନ ଆକ୍ଟ ଓଡ଼ିଶାର ସ୍ୱାର୍ଥବିରୋଧୀ ବୋଲି କହିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଖଣି ନେଇଛନ୍ତି ବୋଲି ଶ୍ରୀ ସିଂ କହିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ଦେଶର ଅନ୍ୟତମ ଗରିବ ରାଜ୍ୟ ହୋଇଥିଲେ ମଧ୍ୟ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଅନେକ ଲୋକାଭିମୁଖୀ ସାମାଜିକ ସୁରକ୍ଷା ଯୋଜନା କରିଥିଲେ, ଯାହା ସମଗ୍ର ଦେଶ ପାଇଁ ଉଦାହରଣ ଥିଲା। କିନ୍ତୁ ବିଜେପି ସରକାରର ଦୁଇ ବର୍ଷର ଶାସନରେ ନବୀନ ବାବୁ ଆରମ୍ଭ କରିଥିବା ଅନେକ ଯୋଜନା ପାଇଁ ଅର୍ଥ ବରାଦ ହୋଇପାରିନାହିଁ। ଫଳତଃ ପେନସନ ପ୍ରଦାନରେ ବିଳମ୍ବ ଘଟୁଛି। ବିଏସକେୱାଇକୁ ବନ୍ଦ କରିଦିଆଯାଇଥିବା ବେଳେ ହରିଶ୍ଚନ୍ଦ୍ର ଯୋଜନାରେ ବି ଟଙ୍କା ଠିକ୍ ସମୟରେ ମିଳିପାରୁନାହିଁ। ବିଜେପି ସରକାର ସମୟରେ ରାଜ୍ୟର ଆର୍ଥିକ ସ୍ଥିତି ବିଗୁଡୁଥିବା ବେଳେ ବୋଝ ଉପରେ ଲଳିତା ବିଡ଼ା ସଦୃଶ ଏମଏମଡିଆର ସଂଶୋଧନ ଆକ୍ଟ ମାଧ୍ୟମରେ ଓଡ଼ିଶାର ନ୍ୟାଯ୍ୟ ଅଧିକାରକୁ ଛଡ଼ାଇ ନିଆଯାଇଛି। ସେହିପରି ଶ୍ରୀମତୀ ସେଠୀ କହିଛନ୍ତି ଯେ ଏମଏମଡିଆର ସଂଶୋଧନ ଆକ୍ଟ ପାସ ହେବା ଯୋଗୁ ଓଡ଼ିଶାର ପ୍ରଭୂତ କ୍ଷତି ହେବ। ଏପରିକି ଏହା ଓଡ଼ିଶାକୁ ଆର୍ଥିକ ଦୁର୍ଗତି ଆଡ଼କୁ ଟାଣିନେବ। ଏହାଦ୍ୱାରା ନବୀନ ପଟ୍ଟନାୟକଙ୍କ ସମୟରେ ଆରମ୍ଭ ହୋଇଥିବା ଅନେକ ସାମାଜିକ ସୁରକ୍ଷା ଯୋଜନା ପ୍ରଭାବିତ ହେବ।

## ବଙ୍ଗଳାରେ ନିବେଶ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

କୋଲକାତା, ୨୭।୮ (ସଂଚାର ବ୍ୟୁରୋ): ଗୁରୁବାର ଦିନ କୋଲକାତାର ନ୍ୟୁ ଟାଉନରେ ଲାର୍ସନ ଆଣ୍ଡ ଟୁବ୍ରୋର ମାଇଣ୍ଡ-ଟ୍ରି ଆଇଟି କାର୍ଯ୍ୟାଳୟର ଉଦଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପୁଣିଥରେ ବଙ୍ଗଳାରେ ଶିଳ୍ପ ପ୍ରତିଷ୍ଠାର ବାର୍ତ୍ତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ତାଙ୍କ ସରକାର କ୍ଷମତାକୁ ଆସିବା ପରଠାରୁ ପଶ୍ଚିମବଙ୍ଗର ଶିଳ୍ପ ଦୃଶ୍ୟପଟକୁ ପରିବର୍ତ୍ତନ କରିବା ପାଇଁ କାର୍ଯ୍ୟ କରିଆସୁଛି। ଏଲଟିଆଇ ମାଇଣ୍ଡଟ୍ରି କାର୍ଯ୍ୟାଳୟ ଉଦଘାଟନ କରିବା ପରେ ମୁଖ୍ୟମନ୍ତ୍ରୀ କହିଥିଲେ, ଏଲ୍‌ଆଣ୍ଡଟି ଏକ ବିଶ୍ୱସ୍ତରୀୟ କମ୍ପାନୀ। ଏହି ନିବେଶ ମାଧ୍ୟମରେ ପଶ୍ଚିମବଙ୍ଗର ଯୁବକମାନେ ଚାକିରି ସୁରକ୍ଷିତ କରିବେ। ମୁଁ ଚାହେଁ ଯେ ଆପଣ ପଶ୍ଚିମବଙ୍ଗରେ ଆହୁରି ନିବେଶ କରନ୍ତୁ। ପଶ୍ଚିମବଙ୍ଗ ସରକାର ସର୍ବଦା ଆପଣଙ୍କ ସହିତ ଠିଆ ହୋଇଛି। ଆମେ ସମସ୍ତ ପ୍ରକାରର ସହାୟତା ଯୋଗାଇବାକୁ ପ୍ରସ୍ତୁତ। ବର୍ତ୍ତମାନ 'ଡବଲ-ଇଞ୍ଜିନ୍' ସରକାର ସେମାନଙ୍କୁ ଆଗକୁ ନେବା ପାଇଁ ପ୍ରତିବଦ୍ଧ ବୋଲି ସେ କହିଛନ୍ତି।

## ଷ୍ଟିଲ ପ୍ଲାଣ୍ଟ ବିସ୍ଫୋରଣରେ ୩ ଆହତ

କୋଲକାତା, ୨୭।୮ (ସଂଚାର ବ୍ୟୁରୋ): ୧ ନମ୍ବର ୱାର୍ଡ କମଲପୁରରେ ରାତି ଅଧରେ ଏକ ଇସ୍ପାତ କାରଖାନା ଫର୍ଣ୍ଣେସରେ ବିସ୍ଫୋରଣ ଘଟି ତିନିଜଣ ଆହତ ହୋଇଛନ୍ତି। ବିସ୍ଫୋରଣର ଶବ୍ଦ ଶୁଣି ଦୁର୍ଗାପୁର ଥାନାର ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। କାରଖାନା ପରିସରରେ ଶତାଧିକ ବାସିନ୍ଦା ଏକାଠି ହୋଇଥିଲେ। ଆହତଙ୍କ ଅବସ୍ଥା ସ୍ଥିର ଅଛି ବୋଲି କାରଖାନା କର୍ତ୍ତୃପକ୍ଷ କହିଛନ୍ତି।

# ଛାତ୍ର ସଂସଦ ନିର୍ବାଚନ, ସ୍ମାରକପତ୍ର ପରେ ସଂଶୟ



ଭୁବନେଶ୍ୱର, ୨୭।୮: ଛାତ୍ର ସଂସଦ ନିର୍ବାଚନ କରିବାପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସ୍ମାରକପତ୍ର ମାଧ୍ୟମରେ ଦାବି ଉଠାଯିବା ପରେ ଦୀର୍ଘବର୍ଷ ଧରି ବନ୍ଦ ଥିବା ଛାତ୍ରସଂସଦ ନିର୍ବାଚନ ହେବ କି ନାହିଁ ସେଥିନେଇ ସଂଶୟ ଉପୁଜିଛି। ଏଠାରେ ଉଲ୍ଲେଖନୀୟ ଯେ ନିକଟରେ ଏବିଭିପି ପକ୍ଷରୁ ଅନ୍ୟାନ୍ୟ ଦାବି ସହ ନିର୍ବାଚନ ପ୍ରସଙ୍ଗ ଉଠାଇ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ସ୍ମାରକପତ୍ର ଦିଆଯାଇଛି। ପ୍ରାୟ ଆଠ ବର୍ଷ ଧରି ଓଡିଶାରେ ଛାତ୍ର ସଂସଦ ନିର୍ବାଚନ ହୋଇନାହିଁ। ଫଳରେ ଛାତ୍ର ନେତୃତ୍ୱ ସୃଷ୍ଟିରେ ବାଧା ଉପୁଜୁଥିବା ବେଳେ ବିଭିନ୍ନ ରାଜନୈତିକ ଦଳର ଛାତ୍ର ଶାଖାଗୁଡ଼ିକ ଏକପ୍ରକାର ସ୍ଥାଣୁ ଅବସ୍ଥାକୁ ଚାଲିଆସିଛନ୍ତି। ଓଡ଼ିଶାରେ ବିଜେଡି ସରକାର ଚାଲୁଥିବା ସମୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରଖାଯାଇଥିଲା। ପ୍ରାକୃତିକ ଦୁର୍ବିପାକ, ଆଇନ୍‌ଶୃଙ୍ଖଳା ପରିସ୍ଥିତି, ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ଓ କରୋନା କଟକଣା ଆଦି କାରଣ ଦର୍ଶାଇ ସେତେବେଳେ ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇଥିଲା। ପଞ୍ଚାୟତ, ପୌରସଂସ୍ଥା, ସମବାୟ ସଂସ୍ଥାଠାରୁ ବିଧାନସଭା ଓ ସଂସଦ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଏହି ସମୟ ଭିତରେ ନିର୍ବାଚନ ହୋଇଥିବାବେଳେ କେବଳ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡିକର ଛାତ୍ର ସଂସଦ ନିର୍ବାଚନ ବନ୍ଦ ରଖାଯାଇଥିଲା।

ସେତେବେଳେ ବିରୋଧୀ ଦଳରେ ଥାଇ ବିଜେପି, କଂଗ୍ରେସ ଓ ବାମପନ୍ଥୀଙ୍କ ସମେତ ଅନ୍ୟ ରାଜନୈତିକ ସଂଗଠନମାନେ ଛାତ୍ର ସଂସଦ ନିର୍ବାଚନ କରାଇବାପାଇଁ ଦାବି ଉଠାଉଥିଲେ। ଏମିତିକି ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ପକ୍ଷରୁ ଛାତ୍ର ସଂସଦ ନିର୍ବାଚନ କରାଯିବା କଥା କୁହାଯାଉଥିଲା। ୨୦୨୪ରେ ଓଡିଶାରେ ବିଜେପି ନେତୃତ୍ୱରେ ସରକାର ଗଠିତ ହେବା ପରେ ଛାତ୍ର ସଂସଦ ନିର୍ବାଚନ ହେବବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ଘୋଷଣା କରିଥିବାବେଳେ ଅନ୍ୟ କେତେକ ମନ୍ତ୍ରୀ କିନ୍ତୁ ବିଭିନ୍ନ ଆଳ ଦେଖାଇ ଛାତ୍ର ସଂସଦ ନିର୍ବାଚନ ପରବର୍ତ୍ତୀ ବର୍ଷରେ ହେବ ବୋଲି ବିବୃତ୍ତି ଜାରି କରିଥିଲେ। ୨୦୨୫ରେ ବି ଛାତ୍ର ସଂସଦ ନିର୍ବାଚନ ହୋଇନଥିଲା। ଚଳିତ ଶିକ୍ଷାବର୍ଷ ପାଇଁ ଯେଉଁ କ୍ୟାଲେଣ୍ଡର ଘୋଷଣା କରାଯାଇଛି ସେଥିରେ ଛାତ୍ର ସଂସଦ ନିର୍ବାଚନ ସଂକ୍ରାନ୍ତରେ କିଛି ସୂଚନା ନାହିଁ। ଆଗେ ଭିନ୍ନ ଭିନ୍ନ ଦିନରେ ଭିନ୍ନ ଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ହେଉଥିଲା। ପରବର୍ତ୍ତୀ ସମୟରେ ସରକାର ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ସାରା ରାଜ୍ୟରେ ଛାତ୍ରସଂସଦ ନିର୍ବାଚନ ପାଇଁ ସ୍ଥିର କରୁଥିଲେ। ତେବେ ଆଠବର୍ଷ ଧରି ଆଉ ଏହି ନିର୍ବାଚନ ହୋଇପାରୁ ନାହିଁ।

ଚଳିତ ଶିକ୍ଷା ବର୍ଷରେ ଦୁର୍ଗାପୂଜା ଛୁଟି ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ଏକପ୍ରକାର ଧାରଣା ସୃଷ୍ଟି ହେବାରୁ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଆଶାୟୀ ପ୍ରାର୍ଥୀ ଓ ଛାତ୍ର ସଂଗଠନମାନେ ସମ୍ପର୍କ ଅଭିଯାନ ଜୋରଦାର କରିଥିଲେ। ଏଥିଯୋଗୁଁ କେତେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଗୋଷ୍ଠି ସଂଘର୍ଷ ହୋଇଛି। ତେବେ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ପକ୍ଷରୁ ଛାତ୍ର ସଂସଦ ନିର୍ବାଚନ ସଂକ୍ରାନ୍ତରେ କିଛି ସୂଚନା ଦିଆଯାଉନାହିଁ। ଏମିତିକି ଏପର୍ଯ୍ୟନ୍ତ ସ୍ନାତକୋତ୍ତର ଓ ସ୍ନାତକ ଶ୍ରେଣୀଗୁଡିକ ପାଇଁ ନାମାଙ୍କନ କାର୍ଯ୍ୟ ଶେଷ ହେଉ ନ ଥିବା ବେଳେ ଉପର ଶ୍ରେଣୀଗୁଡ଼ିକ ଲାଗି ସେମିଷ୍ଟର ପରୀକ୍ଷାଗୁଡିକର ଯେଉଁ କାର୍ଯ୍ୟ ନିର୍ଘଣ୍ଟ ରହିଛି ବିଳମ୍ବରେ ନିର୍ବାଚନ ହେଲେ ତାହା ପରୀକ୍ଷାକୁ ପ୍ରଭାବିତ କରିପାରେ ବୋଲି ଅନେକ ଅଧ୍ୟାପକ ଆଶଙ୍କା ବ୍ୟକ୍ତ କରୁଛନ୍ତି।

ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଦବ୍‌ଦବା ଜାହିର ପାଇଁ ରାଜନୈତିକ ଦଳଗୁଡ଼ିକ ଗୋଟି ଚାଳନା କରିବା ଫଳରେ ଯେଭଳି ସଂଘର୍ଷ ସୃଷ୍ଟି ହୋଇଛି, ସେଥିରେ ବହୁ ଅଭିଭାବକ, ଦଳଭୁକ୍ତ ନଥିବା ଛାତ୍ରଛାତ୍ରୀ ଏବଂ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ବ୍ୟକ୍ତିଗତ ଭାବେ ନିର୍ବାଚନ ସପକ୍ଷରେ ନାହାନ୍ତି। ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକ ଉତ୍କଟ ଶିକ୍ଷକ ଓ କର୍ମଚାରୀ ମରୁଡ଼ି ସମସ୍ୟା ଦେଇ ଗତି କରୁଥିବା ବେଳେ ଅତିଥି ଅଧ୍ୟାପକଙ୍କ ଭରସାରେ କାମ ଚଳାଯାଉଛି। ତେବେ ଅତିଥି ଅଧ୍ୟାପକମାନେ ପରୀକ୍ଷା ପ୍ରକ୍ରିୟା, ଛାତ୍ର ସଂସଦ ନିର୍ବାଚନ ଆଦିରେ ଦାୟିତ୍ୱ ଗ୍ରହଣ କରିପାରିବେ ନାହିଁ। ଏଭଳି ସ୍ଥିତିରେ ନିର୍ବାଚନ ରିସ୍କ ନେବାକୁ ସ୍ୱାଭାବିକ ଭାବେ କଲେଜ କର୍ତ୍ତୃପକ୍ଷ ବହୁ ସ୍ଥଳରେ ନ ଚାହିଁବା ସ୍ୱାଭାବିକ। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୩୮୯ ମୃତ...

ଖୋଜଖବର ମିଳିନାହିଁ। ସତର୍କତାମୂଳକ ପଦକ୍ଷେପ ଭାବେ ଭାରତ-ନେପାଳ ବସ୍ ସେବାକୁ ଦିଲ୍ଲୀ ସରକାର ଦୁଇଦିନ ଲାଗି ଅସ୍ଥାୟୀ ଭାବେ ସ୍ଥଗିତ ରଖିଛନ୍ତି। ନେପାଳରେ ଅଟକି ରହିଥିବା ମହାରାଷ୍ଟ୍ରର କେତେକ ତୀର୍ଥଯାତ୍ରୀମାନଙ୍କୁ ଫେରାଇ ଆଣିବାକୁ ଯୋଜନା କରାଯାଉଛି ବୋଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ୍ ଗୁରୁବାର କହିଛନ୍ତି। ଅପରପକ୍ଷରେ କର୍ଣ୍ଣାଟକ ଯାତ୍ରୀଙ୍କ ପକ୍ଷରୁ ଆଜି ସକାରାତ୍ମକ ସମ୍ବାଦ ମିଳିଛି। ଅଚାନକ ବନ୍ୟା ଯୋଗୁଁ ନେପାଳର ପୋଖରାରେ ଅଟକି ରହିଥିବା କର୍ଣ୍ଣାଟକ ହାଭେରି ଜିଲ୍ଲାର ୬ଟି ପରିବାରର ଏକ ୧୨ ଜଣିଆ ଦଳ ଗୁରବାର ଭିଡିଓ ଜାରି କରି ସେମାନେ ସୁରକ୍ଷିତ ଥିବା ଜଣାଇଛନ୍ତି। ସେହିପରି ୧୩,୨୯୫ରୁ ଅଧିକ ନେପାଳୀ ଆର୍ମୀ ଓ ଆର୍ମଡ ପୁଲିସ ଫୋର୍ସ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି ବୋଲି ନେପାଳ ପ୍ରଧାନମନ୍ତ୍ରୀ ବାଲେନ୍ ଶାହ କହିଛନ୍ତି। ସେ କେତେକ ପ୍ରଭାବିତଙ୍କୁ ଭେଟିବା ସହ କହିଛନ୍ତି ଯେ ନେପାଳ ବନ୍ୟା ବିପର୍ଯ୍ୟୟରେ ଅତି କମରେ ୩୦ଟି ଦେଶର ୧୩୦୦ରୁ ଉର୍ଦ୍ଧ୍ୱ ନାଗରିକ ନିଖୋଜ ଅଛନ୍ତି। ବିଦେଶୀ ନାଗରିକମାନେ ଟ୍ରେକିଂ ଲାଗି ଚୀନ-ତିବ୍ବତ ଏ ଅଞ୍ଚଳକୁ ଆସିଥିବା ବେଳେ ଭାରତୀୟମାନେ ମୁଖ୍ୟତଃ କୈଳାଶ-ମାନସରୋବର ଯାତ୍ରା ଲାଗି ଏକତ୍ର ହୋଇଥିଲେ। ବନ୍ୟା ବିଭୀଷିକାକୁ ନଜରରେ ରଖି ନେପାଳର ଶାସକ ଦଳ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟିର ଅଧ୍ୟକ୍ଷ ରବି ଲାମିଚେନ୍ ଗୁରୁବାର କାଠମାଣ୍ଡୁଠାରେ ଏକ ସର୍ବଦଳୀୟ ବୈଠକ ଡାକିବା ସହ ଉଦ୍ଧାର-ତଲାସୀ ଅଭିଯାନ ଓ ରିଲିଫ୍ ଆଦି ପ୍ରସଙ୍ଗକୁ ନେଇ ଆଲୋଚନା କରିଛନ୍ତି। ବୈଠକରେ ରାସୁୱା, ନୁୱାକୋଟ, ଧଡ଼ିଂ, ଗୋରଖା, ଚିତୱନ୍ ଓ ନୱାଲପାରସି ଆଦି ଅଧିକ କ୍ଷତିଗ୍ରସ୍ତ ଜିଲ୍ଲାଗୁଡ଼ିକରେ ଉଦ୍ଧାର କାର୍ଯ୍ୟକୁ ଆଗକୁ ନେବା ସହ ରିଲିଫ୍ ଓ ଥଇଥାନ-ପୁନର୍ବାସ ଆଦି ପଦକ୍ଷେପ ନେବା ବିଷୟରେ ଆଲୋଚନା ହୋଇଛି। ଅନ୍ୟପକ୍ଷରେ ଭାରତର ଉତ୍ତରପ୍ରଦେଶର ମହାରାଜାଗଞ୍ଜ ଓ କୁଶୀନଗର ଜିଲ୍ଲାରେ ହାଇଆଲର୍ଟ ଜାରି କରାଯାଇଛି। ଗଣ୍ଡକ ଓ ଅନ୍ୟାନ୍ୟ ନଦୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ପ୍ରତି କଡ଼ା ନଜର ରଖାଯାଇଛି। ଉତ୍ତର ପ୍ରଦେଶର ମହାରାଜାଗଞ୍ଜ ଦେଇ ପ୍ରବାହିତ ଗଣ୍ଡକ ନଦୀରୁ ଗୁରୁବାର ଦୁଇ ଜଣ ମହିଳାଙ୍କ ସମେତ ତିନି ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି। ଏହି ମୃତଦେହଗୁଡ଼ିକ ବନ୍ୟାବିଧ୍ୱସ୍ତ ନେପାଳରୁ ନଦୀର ତଳମୁଣ୍ଡକୁ ଭାସିଆସିଥିବା ବୋଲି ଅନୁମାନ କରାଯାଉଛି। ନଦୀ ଓ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ପ୍ରବନ୍ଧନ କରୁଥିବା ସଶସ୍ତ୍ର ସୀମା ବଳ ଏହି ମୃତଦେହଗୁଡ଼ିକୁ ଠାବ କରିଛନ୍ତି। ନେପାଳ ବନ୍ୟାରେ ୩ଜଣ ବ୍ରିଟିଶ ନାଗରିକ ନିଖୋଜ ଅଛନ୍ତି। ବ୍ରିଟେନ ପ୍ରଧାନମନ୍ତ୍ରୀ ଆଣ୍ଡି ବର୍ଣ୍ଣହାମ୍ ବନ୍ୟାକୁ 'ବିଧ୍ୱଂସ' ବୋଲି ବର୍ଣ୍ଣନା କରିବା ସହ ୫ ମିଲିୟନ ପାଉଣ୍ଡ ବନ୍ୟା ସହାୟତା ପ୍ରଦାନ କରିଛନ୍ତି। ଚୀନର ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ଗୁରୁବାର ବନ୍ୟା ପ୍ରଭାବିତ ତିବ୍ବତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ତାଙ୍କପରେ ଭାଟିକାନ ପୋପ୍ ଲିଓ ଚତୁର୍ଦ୍ଦଶ ଜେନୋଭା ସହରରେ କ୍ଷୟକ୍ଷତି ଆକଳନ କରିଛନ୍ତି। ନେପାଳରେ ବନ୍ୟା ବିଭୀଷିକା ଘଟଣାରେ ପୋପ୍ ଚତୁର୍ଦ୍ଦଶ ଲିଓ ଦୁଃଖ ପ୍ରକାଶ କରିଛନ୍ତି। ନିଖୋଜ ଲୋକଙ୍କ ସନ୍ଧାନ ନେଇ ପୋପ୍ ପ୍ରାର୍ଥନା କରିବା ସହ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ପ୍ରତି ସମବେଦନା ପ୍ରକାଶ କରିଛନ୍ତି ବୋଲି ଗୁରୁବାର ଭାଟିକାନ୍ ପକ୍ଷରୁ କୁହାଯାଇଛି।

### ୧୩୭୧ ପରିବାର ପାଇଁ...

ଆର୍ମୀ ଏୟାର ଡିଫେନ୍ସ କଲେଜ ପାଇଁ ଜମି ହସ୍ତାନ୍ତର ପରଠାରୁ ଦୀର୍ଘ ୪ ଦଶନ୍ଧି ଧରି ଅଣଦେଖା ହୋଇ ରହିଥିବା ଏହି ସମସ୍ୟାର ଆମ ସରକାର ସ୍ଥାୟୀ ସମାଧାନ କରିଛନ୍ତି। ବିଗତ ୨୪ ବର୍ଷର ଶାସନ କାଳରେ ଗଞ୍ଜାମ ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଥିବା ନେତୃତ୍ୱ କେବେହେଲେ ପରିବାରଙ୍କ ସ୍ୱରକୁ ଚାପି ରଖିଥିବା ବେଳେ 'ଡବଲ ଇଞ୍ଜିନ' ସରକାର ଆସିବା ପରେ ଏହି ସମସ୍ୟାକୁ ପ୍ରାଥମିକତା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଘୋଷିତ ସ୍ୱତନ୍ତ୍ର ପ୍ୟାକେଜ୍ ଅଧୀନରେ ୧,୩୭୧ଟି ଯୋଗ୍ୟ ପରିବାରକୁ ଆର୍ଥିକ ସ୍ୱାବଲମ୍ବନ ପାଇଁ ପରିବାର ପିଛା ୫ ଲକ୍ଷ ଟଙ୍କା ଲେଖାଏଁ ମୋଟ ୬୮.୫୫ କୋଟି ଟଙ୍କା ଏକକାଳୀନ ଋଣଡିପ୍ରେଣ କିଟିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଘର ନିର୍ମାଣ ସହାୟତା ବାବଦରେ ୪ କୋଟି ୨୫ ଲକ୍ଷ ୧୦ ହଜାର ଟଙ୍କା ଆବଣ୍ଟନ କରାଯାଇଛି, ଯେଉଁଥିରେ ୧୯୮ଟି ଅସମ୍ପୂର୍ଣ୍ଣ ଗୃହକୁ ସମ୍ପୂର୍ଣ୍ଣ କରାଯିବା ସହ ୧୦୫ ନୂତନ ଘର ନିର୍ମାଣ ହେବ। ଏହା ବ୍ୟତୀତ ନୂଆ କାଲିଗୁଡ଼ା କଲୋନୀର ରାସ୍ତା, ଷ୍ଟ୍ରିଟ୍ ଲାଇଟ୍, ଅଙ୍ଗନବାଡ଼ି, ମାର୍କେଟ କମ୍ପ୍ଲେକ୍ସ, ପବ୍ଲିକ୍ ଟଏଲେଟ୍, ବାତ୍ୟା ଆଶ୍ରୟସ୍ଥଳୀ ଓ ମାଛଧରା ଡଙ୍ଗା ରଖିବା ପାଇଁ ବେଳାଭୂମି ସମତୁଲକରଣ ଭଳି ଭିତ୍ତିଭୂମି ବିକାଶ ପାଇଁ ୨.୮୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଛେଳିଗଡ଼ ପ୍ରକଳ୍ପର ବିସ୍ଥାପିତଙ୍କ ଦିଗପହଣ୍ଡିର ସାନ୍ତରାପୁରଠାରେ ଥଇଥାନ କରାଯାଇ ୧୧୨ ପରିବାରକୁ ୧୦ ଡିସିମିଲ୍ ଘରବାରି ଓ ୨ ଏକର ଲେଖାଏଁ ଚାଷଜମି ଯୋଗାଇ ଦିଆଯାଇଛି। ଆଜି ଏମାନଙ୍କ ମଧ୍ୟରୁ ୯୭ ପରିବାରକୁ ପଟ୍ଟା ଦିଆଗଲା। ଅନ୍ୟ ସମସ୍ତଙ୍କୁ ଖୁବ୍ ଶୀଘ୍ର ପଟ୍ଟା ଦିଆଯିବ। ଆସନ୍ତା ବର୍ଷ ଶେଷ ସୁଦ୍ଧା ଛେଳିଗଡ଼ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଗଞ୍ଜାମ ଓ ଗଜପତି ଜିଲ୍ଲାର ୬ ହଜାର ହେକ୍ଟରରୁ ଅଧିକ ଜମି ଜଳସେଚିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଗଞ୍ଜାମ ଜିଲ୍ଲାର ସାମଗ୍ରିକ ବିକାଶ ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ କୁ-କୋଲୋନୀ, ଅର୍ଜିପଲ୍ଲୀ ଫିସିଙ୍ଗ ବନ୍ଦର ନବୀକରଣ, ୨୮ଟି ଫିସ୍ ଲ୍ୟାଣ୍ଡିଂ ସେଣ୍ଟର, ଗୋପାଳପୁର ବନ୍ଦର ସମ୍ପ୍ରସାରଣ ଏବଂ ବାହୁଡାଠାରେ ୧୧,୫୦୦ କୋଟି ଟଙ୍କାର ନୂତନ ବୃହତ୍ ବନ୍ଦର ନିର୍ମାଣ ଯୋଜନା ବିଷୟରେ ସୂଚନା ଦେଇଛନ୍ତି। ଗୋପାଳପୁର ଶିଳ୍ପ ପାର୍କରେ ୪୦ ହଜାର କୋଟିରୁ ଅଧିକ ନିବେଶ ମାଧ୍ୟମରେ ୧୮ ହଜାରରୁ ଉର୍ଦ୍ଧ୍ୱ ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ରାଜ୍ୟରେ ଆଗାମୀ ଦୁଇ ବର୍ଷରେ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଥିବାରୁ ଯୁବଗୋଷ୍ଠୀଙ୍କୁ ନିଜକୁ ଦକ୍ଷ ଓ ପ୍ରଶିକ୍ଷିତ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିରୋଧୀମାନେ ଦୀର୍ଘ ୨୪ ବର୍ଷ ଧରି ଗଞ୍ଜାମକୁ ନିଜର ଅଭେଦ୍ୟ ଦୁର୍ଗ ଭାବି କେବଳ ରାଜନୀତି କରିଛନ୍ତି, କିନ୍ତୁ ବିସ୍ଥାପିତଙ୍କ ଦୁଃଖ ବୁଝିନାହାନ୍ତି। ଏହି ଜିଲ୍ଲା ରାଜ୍ୟକୁ ୫ ଥର ମୁଖ୍ୟମନ୍ତ୍ରୀ ଦେଇଥିଲେ ସୁଦ୍ଧା ଗଡିବ ଲୋକଙ୍କ ସ୍ୱର ଶୁଣାଯାଇ ନଥିଲା ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଦୀର୍ଘ ୨୪ ବର୍ଷ ଧରି ଫାଇଲ ତଳେ ଲୋକମାନଙ୍କର ଭବିଷ୍ୟତ ଚାପି ହୋଇରହିଥିଲା। କିନ୍ତୁ ଆମ 'ଡବଲ ଇଞ୍ଜିନ' ସରକାର କେବଳ ଭାଷଣ କିମ୍ବା ପ୍ରତିଶ୍ରୁତି ନଦେଇ ପ୍ରତ୍ୟେକ ବିସ୍ଥାପିତ ପରିବାରକୁ ସ୍ଥାୟୀ ଓ ସୁରକ୍ଷିତ ଅଧିକାର ଦେବାକୁ କାର୍ଯ୍ୟ କରିଛି। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜ ଅଭିଭାଷଣରେ କହିଥିଲେ ଯେ ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଦୀର୍ଘ ବର୍ଷ ଧରି ଅଟକି ରହିଥିବା ଏହି ପୁନର୍ବାସ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ଧ୍ୟାନ ଦେଇଛି। ଗୋଲାନ୍ଥରା ଓ ଛେଳିଗଡ଼ର ବିସ୍ଥାପିତଙ୍କୁ ଯଥାଶୀଘ୍ର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ଏବଂ ଜମି ପଟ୍ଟା ପ୍ରଦାନ ପ୍ରକ୍ରିୟାରେ କୌଣସି ପ୍ରକାର ବିଳମ୍ବ ସହ୍ୟ କରାଯିବ ନାହିଁ। ଏହାଛଡ଼ା ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ ଯେ ଗୋପାଳପୁର ଶିଳ୍ପ ପାର୍କରେ ୧୪ଟି ପ୍ରକଳ୍ପ ମାଧ୍ୟମରେ ୪୦ ହଜାର କୋଟିରୁ ଅଧିକ ଟଙ୍କାର ନିବେଶ ହେବାକୁ ଯାଉଛି, ଯାହା ୧୮ ହଜାରରୁ ଉର୍ଦ୍ଧ୍ୱ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ବାହୁଡାଠାରେ ୧୧,୫୦୦ କୋଟି ଟଙ୍କାର ବୃହତ୍ ବନ୍ଦର ନିର୍ମାଣ ଗଞ୍ଜାମ ଜିଲ୍ଲାର ବାଣିଜ୍ୟିକ ଚିତ୍ରକୁ ବଦଳାଇ ଦେବ ବୋଲି ସେ କହିଥିଲେ। ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ସାମୁଦ୍ରିକ ଅର୍ଥନୀତିର ବିକାଶ ପାଇଁ ଅର୍ଜିପଲ୍ଲୀ ଫିସିଙ୍ଗ ବନ୍ଦରର ନବୀକରଣ ସହ ୨୮ଟି ନୂତନ ଫିସ୍ ଲ୍ୟାଣ୍ଡିଂ ସେଣ୍ଟର ପ୍ରତିଷ୍ଠା କରାଯାଉଛି। ଏମଏସଏମଇ ମାଧ୍ୟମରେ ପ୍ରାଥମିକ ମହିଳା ଓ ଯୁବକମାନଙ୍କୁ ସ୍ୱାବଲମ୍ବୀ କରିବାକୁ ନୂତନ ଯୋଜନା କାର୍ଯ୍ୟକାରୀ ହେଉଛି।

### ଛାତିଥରା ଅନୁଭୂତି...

ହସ୍ପିଟାଲରେ ଭର୍ତ୍ତି ହୋଇଥିବା ୬୮ ବର୍ଷ ବୟସ୍କ କେଶବ ପ୍ରସାଦ କହିଛନ୍ତି ଯେ ହଠାତ୍ ଏକ ବିରାଟ କାଦୁଅର ସ୍ରୋତ ଆମ ଘର ଭିତରକୁ ପଶିଆସିଥିଲା। ମୁଁ ମୋ ସ୍ତ୍ରୀର ହାତ ଧରି ବାହାରକୁ ଡାକି ଆସୁଥିଲି। ମାତ୍ର କାଦୁଅର ପ୍ରବାହ ମୋ ସ୍ତ୍ରୀକୁ ଭସେଇ ନେଇଗଲା।

### ଖୋର୍ଦ୍ଧା ଦମ୍ପତି ନିଖୋଜ...

ପରିବାର ଲୋକଙ୍କ ସହ କଥା ହୋଇଥିଲେ। ପରେ ତାଙ୍କ ସହ ପରିବାର ଲୋକଙ୍କର ଆଉ କୌଣସି ପ୍ରକାର ସମ୍ପର୍କ ସ୍ଥାପନ ହୋଇପାରି ନ ଥିଲା। ସେଣୁ ପରିବାର ଲୋକେ ଚିନ୍ତାରେ ଥିଲେ। କିନ୍ତୁ କୁଳମଣୀ ଆଜି ରାତି ପ୍ରାୟ ୯ଟା ସମୟରେ ନିଜେ ପରିବାର ଲୋକଙ୍କୁ ଫୋନ୍ କରି ସେ ଓ ତାଙ୍କ ସହ ଥିବା ଅନ୍ୟ ଟ୍ରେକର୍ ସାଥୀମାନେ ସୁସ୍ଥ ଓ ସୁରକ୍ଷିତ ଥିବା କହିଛନ୍ତି। ସେମାନେ ଏବେ ପଶ୍ଚିମ ନେପାଳର ବାଜୁଙ୍ଗଠାରେ ଥିବା କୁଳମଣୀ ସୂଚନା ଦେଇଛନ୍ତି। ତେବେ ସେ ଥିବା ଅଞ୍ଚଳରେ ଗତ ୨/୩ ଦିନ ହେଲା ମୋବାଇଲ୍ ନେଟ୍‌ୱର୍କରେ ସମସ୍ୟା ଥିବାରୁ ତାଙ୍କ ସହ ଫୋନ୍ ଯୋଗେ କୌଣସି ପ୍ରକାର ଯୋଗାଯୋଗ ହୋଇପାରି ନ ଥିବା କୁଳମଣୀ କହିଥିବା ତାଙ୍କ ଭଉଣୀ ସୂଚନା ଦେଇଛନ୍ତି। ତେବେ ତାଙ୍କ ସମ୍ପର୍କରେ ପରିବାର ଲୋକେ ଜାଣିବା ପରେ ସେମାନେ ଆଶ୍ୱସ୍ତ ହୋଇଛନ୍ତି। ଏହାଛଡ଼ା ପୁରୀର ଗାଙ୍ଗେଶ ରଞ୍ଜନ ପାତ୍ରଙ୍କ ସମେତ ତିନି ଜଣ ଯୁବକ ନେପାଳରେ ଫସିଥିଲେ ଯେଉଁ ପରେ କପିଳବସ୍ତୁ ଚେକ୍‌ପୋଷ୍ଟ ଦେଇ ସେମାନେ ସୁରକ୍ଷିତ ଭାବେ ଭାରତରେ ପହଞ୍ଚିଥିବା ଜଣାପଡ଼ିଛି।

### ସନ୍ଦେହରେ ବିଜେଡି...

ପରେ ୨୦୨୪ ସେପ୍ଟେମ୍ବରରେ ୪୨ଟି ଆମ୍ବୁଲାନ୍ସ କିଣା ହୋଇଛି, ଯେଉଁଥିରେ ପ୍ରତି ଆମ୍ବୁଲାନ୍ସର ଦର ୨୨ ଲକ୍ଷ ୩ ହଜାର ୩୮୦ ଟଙ୍କା ଦିଆ ହୋଇଛି। ଆଶ୍ଚର୍ଯ୍ୟର କଥା ହେଉଛି, ଦିନକୁ ଦିନ ଦରଦାମ ବଢୁଥିବା ବେଳେ ନୂଆ ସରକାରଙ୍କ ଆମ୍ବୁଲାନ୍ସ ଦର କେମିତି କମ ରହିଲା? ଅସଲ କଥା ହେଉଛି ଆମ୍ବୁଲାନ୍ସରେ ଆବଶ୍ୟକ ଲାଇଫ୍ ସପୋର୍ଟ ବ୍ୟବସ୍ଥା ଥିବା ବେଳେ କିଛି ଆମ୍ବୁଲାନ୍ସରେ ବେସିକ ଲାଇଫ ସପୋର୍ଟ ବ୍ୟବସ୍ଥା ନାହିଁ। କିନ୍ତୁ ଏହାଦ୍ୱାରା ଜଗରେ ଏତେ ଚାନ୍ଦଦନ୍ତିକୁ ସ୍ୱାସ୍ଥ୍ୟ ବିଭାଗ ସହଜରେ ଗ୍ରହଣ କରିପାରିନାହିଁ।

### ୨୦୨୯ରେ ପୁଣି...

ରହିବା ନେଇ ଆକଳନ କରାଯାଇଛି। ଗତ କିଛି ମାସ ହେବ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ଚାକିରି ସମସ୍ୟାକୁ ନେଇ ଯୁବବର୍ଗଙ୍କ ମଧ୍ୟରେ କ୍ଷୋଭ ଦେଖାଦେଇଛି। ୬୭ ପ୍ରତିଶତ ଜନସାଧାରଣ ନିଯୁକ୍ତି ପରୀକ୍ଷାର ସ୍ୱଚ୍ଛତା ଉପରେ ସନ୍ଦେହ ପ୍ରକାଶ କରିଛନ୍ତି। ୨୩ ପ୍ରତିଶତ ନାଗରିକ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାରେ ସୁଧାରକୁ ସରକାରଙ୍କ ପ୍ରଥମ ପ୍ରାଥମିକତା ହେବା ଉଚିତ୍ ବୋଲି ମତ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ବସର ଦୁରବସ୍ଥା

# ଭାଙ୍ଗିଗଲା ସିଟ୍, ବିଗିଡ଼ିଗଲା ବସ୍‌ର ସ୍ଥିତି

**ଅଭିଯୋଗ ପରେ ବି ମରାମତି ନାହିଁ, ଯାତ୍ରୀ ହନ୍ତସନ୍ତ**

ଆନନ୍ଦପୁର,୨୭।୮ (ସଂଚାର ବ୍ୟୁରୋ)ଃ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି ମୁଖ୍ୟମନ୍ତ୍ରୀ ବସର ସ୍ଥିତି। ଅଧିକାଂଶ ବସରେ ଏକାଧିକ ସମସ୍ୟା ଦେଖାଦେଇଥିବା ନେଇ ଯାତ୍ରୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି।କେଉଁଠି ସିଟ୍ ଭାଙ୍ଗି ଯାଇଛି ତ ଆଉ କେଉଁଠି ସାମଗ୍ରୀ ରଖିବା ପାଇଁ ଥିବା ଷ୍ଟାଣ୍ଡ ଭାଙ୍ଗି ଯାଇଛି।ଫଳରେ ଅନେକ ଯାତ୍ରୀ ବସିବା ପାଇଁ ସୁବିଧା ପାଉନଥିବା ବେଳେ ବସ୍ ଭିତରେ ଛିଡ଼ା ହୋଇ ଯାତ୍ରା କରିବାକୁ ବାଧ୍ୟ ହେଉଥିବା ଅଭିଯୋଗ ହୋଇଛି। ବିଶେଷ କରି ଘଣ୍ଟିପୁରା ବସ୍ ଷ୍ଟାଣ୍ଡରୁ ଯାଜପୁରକୁ ଯାଉଥିବା ମୁଖ୍ୟମନ୍ତ୍ରୀ ବସ୍‌ରେ ଅଧିକ କ୍ଷତି ହୋଇଥିବା ଜଣାପଡ଼ିଛି। ବସ୍‌ରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ କର୍ମଚାରୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ଏଯାବତ୍ ମରାମତି କରାଯାଇନଥିବା ଅଭିଯୋଗ ହୋଇଛି। ସ୍ୱଳ୍ପ ଖର୍ଚ୍ଚରେ ଲୋକଙ୍କୁ ଗମନାଗମନ ସୁବିଧା ଯୋଗାଇବା ଏବଂ ପ୍ରତ୍ୟେକ ପଞ୍ଚାୟତକୁ ବସ୍ ସେବା ପହଞ୍ଚାଇବା ଲକ୍ଷ୍ୟରେ ସରକାର ଏହି ଯୋଜନା ଆରମ୍ଭ କରିଥିଲେ। କିନ୍ତୁ ବସ୍‌ର ରକ୍ଷଣାବେକ୍ଷଣ ପ୍ରତି ଏଭଳି ଅବହେଳା ଜାରି ରହିଲେ ଆଗାମୀ ଦିନରେ ବସ୍ ସେବା ପ୍ରଭାବିତ ହେବା ଆଶଙ୍କା ପ୍ରକାଶ ପାଉଛି। ତେଣୁ ସମ୍ପୃକ୍ତ ବିଭାଗ ତୁରନ୍ତ ବସ୍‌ଗୁଡ଼ିକର ଯାଞ୍ଚ କରି ଭାଙ୍ଗିଯାଇଥିବା ସିଟ୍, ଷ୍ଟାଣ୍ଡ ଓ ଅନ୍ୟାନ୍ୟ ସମସ୍ୟାର ମରାମତି କରିବା ସହ ଯାତ୍ରୀଙ୍କୁ ସୁବିଧାଜନକ ଯାତ୍ରା ସୁନିଶ୍ଚିତ କରିବାକୁ ଦାବି ହୋଇଛି।






## ଜୁଏଲ ଓରାମଙ୍କୁ ବଦନାମ କରିବାର ଅପଚେଷ୍ଟା ବିରୋଧରେ ବିଜେପି ଏକଜୁଟ



**ତଥ୍ୟହୀନ ମନ୍ତବ୍ୟର ଦୃଢ଼ ପ୍ରତିବାଦ**

ସୁନ୍ଦରଗଡ଼,୨୭।୮ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ବିଜେପି ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଜିଲ୍ଲା ବିଜେପି କାର୍ଯ୍ୟାଳୟ, ଭୋଜପୁର ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁ ସାଙ୍ଗଠନିକ କାର୍ଯ୍ୟକ୍ରମ ଯୋଗୁଁ ଭୁବନେଶ୍ୱରରେ ଉପସ୍ଥିତ ଥିବାରୁ, ତାଙ୍କ ଅନୁପସ୍ଥିତିରେ ଜିଲ୍ଲା ଉପସଭାପତି ସୁରେନ୍ଦ୍ର ଭିତ୍ରିଆଙ୍କ ଅଧ୍ୟକ୍ଷତାରେ ବୈଠକଟି ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସାଧାରଣ ସମ୍ପାଦକ ରୁପେଶ ପଟେଲ ବୈଠକ ପରିଚାଳନା କରିଥିଲେ। ବୈଠକରେ ରାଉରକେଲା ପ୍ରଭାରୀ ତଥା ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ଅନୁସୂଚିତ ଜନଜାତି ମୋର୍ଚ୍ଚାର ରାଜ୍ୟ ଉପସଭାପତି ନରସିଂହ ମିଞ୍ଜ, କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ଯଶବନ୍ତ ନାଏକ, କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ପଟେଲ, ଜିଲ୍ଲା ଉପସଭାପତି ସୁରେନ୍ଦ୍ର ସାହୁ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପ୍ରକୋଷ୍ଠର ଜିଲ୍ଲା ସଂଯୋଜକ ମନୋଜ ପୁରୋହିତଙ୍କ ସମେତ ଜିଲ୍ଲା ପଦାଧିକାରୀ, ବିଭିନ୍ନ ମୋର୍ଚ୍ଚାର ଜିଲ୍ଲା ସଭାପତି ଓ ସାଧାରଣ ସମ୍ପାଦକ, ମଣ୍ଡଳ ସଭାପତି ଓ ସାଧାରଣ ସମ୍ପାଦକ, ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ଜିଲ୍ଲା ଓ ମଣ୍ଡଳ ସ୍ତରୀୟ ସୋସିଆଲ ମିଡିଆ ସଂଯୋଜକ ଓ ସହ-ସଂଯୋଜକମାନେ ଉପସ୍ଥିତ ଥିଲେ। ବୈଠକରେ ବର୍ତ୍ତମାନ ରାଉରକେଲା ଅଞ୍ଚଳର ରାଜନୈତିକ ପରିସ୍ଥିତି, ସାଙ୍ଗଠନିକ କାର୍ଯ୍ୟକଳାପ, ଦଳୀୟ ଏକତା ଓ ବିଶୃଙ୍ଖଳା ସହିତ ସୋସିଆଲ ମିଡିଆରେ ଦଳ ଏବଂ ଦଳୀୟ ନେତୃତ୍ୱକୁ ନେଇ ପ୍ରଚାରିତ ବିଭିନ୍ନ ତଥ୍ୟ ଓ ମତାମତ ଉପରେ ବିସ୍ତୃତ ଆଲୋଚନା ଓ ବିଚାରବିମର୍ଶ କରାଯାଇଥିଲା।

# ଗୋଡ଼ରେ ଭାଇଙ୍କୁ ରାକ୍ଷୀ ବାନ୍ଧିଲେ ସ୍ମିତା



ଯାଜପୁର,୨୭।୮ (ସଂଚାର ବ୍ୟୁରୋ)ଃ ଜନ୍ମରୁ ଦୁଇ ହାତ ଅଚଳ ହେଲେ ମନରେ ନାହିଁ କୌଣସି ଦୁର୍ବଳତା। ଦୁଇ ଗୋଡ଼ ହିଁ ତାଙ୍କ ପାଇଁ ସବୁକିଛି। ଆଉ ସେଇ ଦୁଇ ଗୋଡ଼ରେ ହିଁ ଆଜି ଭାଇର ମଥାରେ ଚନ୍ଦନ ଓ ସିନ୍ଦୂର ଲଗାଇଛନ୍ତି, ବନ୍ଦାପନା କରିଛନ୍ତି, ରାକ୍ଷୀ ବାନ୍ଧିଛନ୍ତି ଓ ଭାଇକୁ ମିଠା ଖୁଆଇଛନ୍ତି। ଯାଜପୁର ଜିଲ୍ଲା ବରୀ ବ୍ଲକ୍ ବାଲିବିଲି ପଞ୍ଚାୟତର ସ୍ମିତା ପରିହାରି। ଜନ୍ମରୁ ସେ ଏଭଳି । କିନ୍ତୁ ନିଜକୁ କେବେ ଅସହାୟ ଭାବିନାହାନ୍ତି ସ୍ମିତା। ଯେଉଁ ଦୁଇ ଗୋଡ଼କୁ ନେଇ ଅନେକେ ଜୀବନରେ ହାରିଯାଆନ୍ତି, ସେହି ଦୁଇ ଗୋଡ଼କୁ ହିଁ ନିଜର ଶକ୍ତି କରିଛନ୍ତି ସ୍ମିତା। ଗୋଡ଼ରେ କଲମ ଧରି ଲେଖିଛନ୍ତି, ପାଠ ପଢ଼ିଛନ୍ତି ଓ ବିଏ ପାସ୍ କରିଛନ୍ତି। କେବଳ ପାଠପଢ଼ା ନୁହେଁ, ମୋବାଇଲ ଚଳାଇବାଠାରୁ ଆରମ୍ଭ କରି ଘରର ଦୈନନ୍ଦିନ କାମ ସବୁକିଛି ନିଜ ଗୋଡ଼ ସାହାଯ୍ୟରେ ସହଜରେ କରିପାରନ୍ତି ସେ। ତାଙ୍କ ଜୀବନ ଆଜି ଅକ୍ଷମତା ଆଗରେ ହାର ମାନିନଥିବାର ଏକ ବଡ଼ ଉଦାହରଣ। ଭାଇ ଛତିଶଗଡ଼ରେ ରହୁଥିବାରୁ ଆଜି ସମ୍ପର୍କୀୟ ଭାଇ ବିବେକାନନ୍ଦଙ୍କୁ ନିଜ ଭାଇର ମର୍ଯ୍ୟାଦା ଦେଇଛନ୍ତି ସ୍ମିତା। ଭାଇର ମଥାରେ ଚନ୍ଦନ ଲଗାଇବା ସମୟରେ ଆଖିରେ ଥିଲା ଭଲପାଇବା, ଆଉ ରାକ୍ଷୀ ବାନ୍ଧିବା ବେଳେ ଥିଲା ଗୋଟିଏ ଆଶା ଭାଇ ସବୁବେଳେ ତାଙ୍କ ସାଥିରେ ରହିବେ। ସ୍ମିତାଙ୍କ କହିବା କଥା ଭାଇଙ୍କୁ ସୁରକ୍ଷା ମାଗିବା କେବଳ ଗୋଟିଏ ଅଳି ନୁହେଁ, ଏହା ଭାଇ ପାଖରେ ଭଉଣୀର ଅଧିକାର ଓ ଦାବି। ଦୁଇ ହାତ ନାହିଁ, ତଥାପି ଭଲପାଇବାରେ କୌଣସି ଅଭାବ ନାହିଁ। ଦୁଇ ହାତ ଅଚଳ, କିନ୍ତୁ ଦୁଇ ଗୋଡ଼ରେ ଲେଖିଦେଉଛନ୍ତି ନିଜ ଜୀବନର ନୂଆ କାହାଣୀ। ଆଉ ରାକ୍ଷୀ ପୂର୍ଣ୍ଣିମାରେ ସ୍ମିତା ଦେଉଛନ୍ତି ଗୋଟିଏ ବଡ଼ ବାର୍ତ୍ତାଃ ଶରୀରର ଅକ୍ଷମତା ନୁହେଁ, ମଣିଷର ଇଚ୍ଛାଶକ୍ତି ହିଁ ତା'ର ପ୍ରକୃତ ଶକ୍ତି।

## ନିର୍ମାଣାଧୀନ ସେତୁ କାର୍ଯ୍ୟ ସ୍ଥଳ ପରିଦର୍ଶନ କଲେ ବିଧାୟକ



ନିଶ୍ଚିନ୍ତକୋଇଲି,୨୭।୮ (ସଂଚାର ବ୍ୟୁରୋ)ଃ ପଞ୍ଚାୟତ ସମିତି ଅନ୍ତର୍ଗତ ନଗସପୁର ଚାରିରକବା ସାହୁକ୍ଷେତ ଠାରୁ ବ୍ରାହ୍ମଣଖଣ୍ଡ ସିର୍ଲୋ ପର୍ଯ୍ୟନ୍ତ ଚାଲିଥିବା ସେତୁ ନିର୍ମାଣ କାର୍ଯ୍ୟ ସ୍ଥଳକୁ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ପରିଦର୍ଶନରେ ଯାଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତଥା ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ କଟକ ଜ୍ୟୋତିରଞ୍ଜନ ପତି, ସାଲେପୁର ପୂର୍ତ୍ତବିଭାଗ ଉପଖଣ୍ଡ ଅଧିକାରୀ ଦେବଶିଷ ବେହେରା, ବିଭାଗୀୟ ଯନ୍ତ୍ରୀ ବିଶ୍ୱଜିତ୍ ସାହୁ, ସେତୁ ନିର୍ମାଣ କାର୍ଯ୍ୟ ନେଇଥିବା ଠିକାସଂସ୍ଥାର ଅଧିକାରୀ ଓ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ଯାତାୟତ ସୁବିଧାକୁ ଗୁରୁତ୍ୱ ଦେଇ ସେତୁ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ଓ ଗୁଣାତ୍ମକ ଭାବେ ଶେଷ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ତଥା ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ କଟକ ଜ୍ୟୋତିରଞ୍ଜନ ପତିଙ୍କୁ ବିଧାୟକ ଶ୍ରୀଯୁକ୍ତ ପ୍ରଧାନ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ସହିତ ସ୍ଥାନୀୟ ଅଞ୍ଚଳବାସୀ ଓ ବିଧାୟକଙ୍କ ବହୁ ସମର୍ଥକ ଉପସ୍ଥିତ ଥିଲେ।

## ବିଜେପି ପକ୍ଷରୁ ରାକ୍ଷୀ ପୂର୍ଣ୍ଣିମା ପାଳିତ

ନୀଳଗିରି,୨୭।୮ (ସଂଚାର ବ୍ୟୁରୋ)ଃ ଔପଦା ବ୍ଲକ ଅଧିନସ୍ଥ ଶ୍ୟାମସୁନ୍ଦର ପୁର ପଞ୍ଚାୟତ ରେ ବିଜେପି ପରିବାର ପକ୍ଷରୁ ରାକ୍ଷୀ ପୂର୍ଣ୍ଣିମା ପବିତ୍ର ବନ୍ଧନ ଓ ଭାଇ ଭଉଣୀ ଙ୍କର ସ୍ନେହ ଭଲପାଇବା ପ୍ରେମଡୋରିରେ ବନ୍ଧନ ରକ୍ଷା ବନ୍ଧନ କୁ ଖୁବ ଆନନ୍ଦ ଉଲ୍ଲାସ ରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ



ଙ୍କ ଦ୍ୱାରା ଅନୁଦାନ କରାଯାଇଥିବା ରାକ୍ଷୀ ଓ ମିଷ୍ଟାନ ଗୁଡିକ ସମାଜସେବୀ ବସନ୍ତ ରାଉଳ, ଓ ପଞ୍ଚାୟତ ସଭାପତି ମାନସ ରଞ୍ଜନ ପୁଷ୍ଟି ପ୍ରତ୍ୟେକ ଗାଁରେ କାର୍ଯ୍ୟକତା ଙ୍କ ପାଖରେ ପହଁଞ୍ଚାଇ ରାକ୍ଷୀ ବାନ୍ଧି ମିଷ୍ଟାନ ଖୁଆଇ ବେଶ ଭାଇ ଭଉଣୀ ସମ୍ପର୍କ ଭଳି ରାଗ ରୁଷକୁ ପଛରେ ପକାଇ ଭାଇଚାରା ନିବିଡ଼ତା ଭଲପାଇବା ସମ୍ପର୍କ ବାଣ୍ଟିଥିଲେ।ତେଣୁ ଉକ୍ତ କାର୍ଯ୍ୟକ୍ରମ ରେ ମଣ୍ଡଳ ମିଡ଼ିଆ ସଂଯୋଜକ ବିମଳ କୁମାର ଦଳେଇ, ସାଧାରଣ ସମ୍ପାଦକ ବଳରାମ ମହାରଣା, ସୋମା ସିଂ, କୈଳାଶ ଚନ୍ଦ୍ର ରାଉତ, ମହିଳା ନେତ୍ରୀ ସଂଯୁକ୍ତା ଦଳପତି, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁକାନ୍ତି ସ୍ୱାଇଁ, କାର୍ତ୍ତିକ ବ୍ରହ୍ମ, ଗଦାଧର ପରିଡ଼ା, ଜୟନ୍ତ ବାରିକ, ସମେତ ବହୁ କାର୍ଯ୍ୟ କର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

## ସ୍କୁଟି ଧକାରେ ଯୁବକ ମୃତ



ଟାଙ୍ଗୀ,୨୭।୮ (ସଂଚାର ବ୍ୟୁରୋ)ଃ ସ୍କୁଟି ଓ ମାଛ ବୋଝେଇ ଆଇଚର ମଧ୍ୟରେ ଦୁର୍ଘଟଣା। ସ୍କୁଟି ଆରୋହୀ ଘଟଣା ସ୍ଥଳରେ ଜଣେ ମୃତ। ଜଣେ ଆହତ। ଘଟଣା ଘଟିଛି ବାଲୁଗାଁ ଥାନା ଅନ୍ତର୍ଗତ ଗୋପୀନାଥପୁର ଛକ ନିକଟରେ। ବାଣପୁର ସାନହକୁଆଡ଼ ଗ୍ରାମର ଦୁଇ ଜଣ ଯୁବକ ସ୍କୁଟି ଯୋଗେ ବାଲୁଗାଁ ଅଭିମୁଖେ ଯାତ୍ରା କରୁଥିବା ସମୟ ରେ ଘଟିଛି ଦୁର୍ଘଟଣା। ମାଛ ବୋଝେଇ ଆଇଚର ଟ୍ରକ ଟି ଆନ୍ଧ୍ରା ରୁ ମାଛ ବୋଝେଇ କରି ବାଲୁଗାଁ ଅଭିମୁଖେ ଯାଉଥିବା ସମୟ ରେ ସ୍କୁଟି ଟି ଓଭର ଟେକ କରି ଯାଉଥିଲା। ସ୍କୁଟି ଡ୍ରାଇଭର ମୁଣ୍ଡରେ ଟ୍ରକ ଟି ଚଢ଼ିଯାଇଥିଲା ଫଳରେ ଯୁବକର ଦହିହାଣ୍ଡି ବାହାରି ପଡ଼ିଛି। ଘଟଣା ସ୍ଥଳରେ ବାଲୁଗାଁ ପୁଲିସ ପହଞ୍ଚି ତଦନ୍ତ ଜାରୀ କରୁଛି।

## ଜାଗୁଳାଇ ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ଷା ବନ୍ଧନ



ବାଲିଅନ୍ତା,୨୭।୮ (ସଂଚାର ବ୍ୟୁରୋ)ଃ ବାଲିଅନ୍ତା ବ୍ଲକ ଅଧୀନ ଅଲାରପୁର ସ୍ଥିତ ମା' ଜାଗୁଳାଇ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ପାରମ୍ପରିକ ରୀତି ନୀତି ଅନୁସାରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ, ଯୁବ ନେତା ନିଶିକାନ୍ତ ପଣ୍ଡା, ଅଲାରପୁର ଶାଖା କାର୍ଯ୍ୟାଳୟ ବ୍ରହ୍ମା କୁମାରୀ ଭାଇ ଓ ଭଉଣୀ, କୋଚ ଉମାକାନ୍ତ ବେହେରା, ସମାଜ ସେବୀ ସଞ୍ଜୟ ସାମନ୍ତରାୟ, ଝିଲ୍ଲୀ ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମ୍ବାଦ ପକ୍ଷରୁ ଆୟୋଜିତ ଏଭଳି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ପ୍ରଧାନ ଗୁରୁଜୀ ଶ୍ରୀକାନ୍ତ ଶେଖର ସାମନ୍ତରାୟ ସଭାପତିତ୍ୱ କରିଥିଲେ। ଗୁରୁଜୀ ପୂର୍ଣ୍ଣ ଚନ୍ଦ୍ର ବେହେରା, ସାଗରିକା ପାଣି, ଲକ୍ଷ୍ମୀପ୍ରିୟା ମେକାପ ପ୍ରମୁଖ ଉପସ୍ଥିତ ଯୁବବର୍ଗ ଏବଂ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କୁ ନିଶା ନିବାରଣ ନେଇ ଶପଥ ପାଠ କରାଇ ରାଖୀ ବାନ୍ଧିଥିଲେ।

## ଚୋରା ବାଲି ଚାଲାଣ ବେଳେ ୫ ଟ୍ରାକ୍ଟର ଜବତ

ଛତ୍ରପୁର,୨୭।୮ (ସଂଚାର ବ୍ୟୁରୋ)ଃ ଚୋରା ବାଲି ଚାଲାଣ ବେଳେ ଗଞ୍ଜାମ ଥାନା ପୁଲିସ କରପଡ଼ା ଓ ଗଞ୍ଜାମ ଏନ୍ଏସି ଅଞ୍ଚଳରେ ଚଢ଼ାଉ କରି ୫ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। କରପଡ଼ା ଅଞ୍ଚଳରୁ ୪ଟି ଓ ଗଞ୍ଜାମ ଏନ୍ଏସି ଅଞ୍ଚଳରୁ ଗୋଟିଏ ଟ୍ରାକ୍ଟର ଜବତ ହୋଇଛି। ଥାନାରେ ୫ଟି ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, କରପଡ଼ା ପଞ୍ଚାୟତ ଅଞ୍ଚଳର ଋଷିକୂଲ୍ୟା ନଦୀରୁ ଚୋରାରେ ବାଲି ଉଠାଇ ଟ୍ରାକ୍ଟର ଯୋଗେ ସହରକୁ ନିଆଯାଉଥିଲା। ଖବର ପାଇ ଥାନା ଅଧିକାରୀ ସୁମିତ୍ରା ପାତ୍ରଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ଅନିରୁଦ୍ଧ ସ୍ୱାଇଁ ପୁଲିସ ଟିମ୍ ସହ ଦୁଇଟି ସ୍ଥାନରେ ଚଢ଼ାଉ କରିଥିଲେ। ଜବତ ଟ୍ରାକ୍ଟରଗୁଡ଼ିକର ନମ୍ବର ହେଲା ଓଡ଼ି ୦୭ସି ୯୯୯୫, ଓଡ଼ି ୦୭ଏକ୍ସ୍ ୮୬୯୧, ଓଡ଼ି ୦୭ଏଡି ୨୭୬୦, ଓଡ଼ି ୦୭ବିଏ ୨୯୦୫ ଓ ଓଡ଼ି ୦୭ଏଲ ୬୯୦୬। ଜବତ ଗାଡ଼ିଗୁଡ଼ିକୁ ଥାନାରେ ରଖାଯାଇଛି।

**ନଦୀ କୂଳରୁ ମାଟି ଖୋଳି ରୁଦ୍ରନାରାୟଣପୁରରେ ଗଚ୍ଛିତ**

## ନଦୀବନ୍ଧ ଦୁର୍ବଳ ହେବା ନେଇ ଚିନ୍ତା, ପ୍ରଶାସନର ନଜର କୁଆଡ଼େ ?



ଆନନ୍ଦପୁର,୨୭।୮ (ସଂଚାର ବ୍ୟୁରୋ)ଃ ନଦୀ କୂଳରୁ ମାଟି ଖୋଳି ରୁଦ୍ରନାରାୟଣପୁର ରେ ପାହାଡ଼ ପରି ଗଚ୍ଛିତ କରି କିଏ ରଖିଛି। କିଏ ଏହି ମାଟି ଖୋଳୁଛି? କାହା ଅନୁମତିରେ ଚାଲିଛି ଏଭଳି ମାଟି ଉଠାଣ? ନଦୀବନ୍ଧ ଦୁର୍ବଳ ହେଉଥିବା ବେଳେ ପ୍ରଶାସନର ନଜର କୁଆଡ଼େ? ଏଭଳି କିଛି ପ୍ରଶ୍ନକୁ ନେଇ ଏବେ ଚର୍ଚ୍ଚାରେ ରୁଦ୍ରନାରାୟଣପୁର ଅଞ୍ଚଳ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ରୁଦ୍ରନାରାୟଣପୁର ଗ୍ରାମ ରାସ୍ତା କଡ଼ରେ ଥିବା ଏକ ପୋଖରୀ ନିକଟରେ ଦେଖିବାକୁ ମିଳିଛି ମାଟିର ବିରାଟ ଗଦା। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ନଦୀ କୂଳରୁ ମାଟି ଖୋଳି ଏଠାରେ ଗଚ୍ଛିତ କରାଯାଇଥିବା ଅଭିଯୋଗ ହୋଇଛି। ତେବେ ଏହି ମାଟି କିଏ ଆଣିଛି ଏବଂ କେଉଁ ଉଦ୍ଦେଶ୍ୟରେ ଏତେ ପରିମାଣରେ ଗଚ୍ଛିତ କରାଯାଇଛି, ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ଅନ୍ୟପଟେ ଅଞ୍ଚଳରେ ବୈତରଣୀ ଓ କୁଶେଇ ନଦୀରେ ବର୍ତ୍ତମାନ ପାଣି ଭରି ରହିଛି। ଏଭଳି ସମୟରେ ଯଦି ନଦୀ ପଠାରୁ ମାଟି ଖୋଳାଯାଉଥାଏ, ତେବେ ନଦୀ କୂଳ ଓ ନଦୀବନ୍ଧ ଉପରେ ଏହାର ପ୍ରଭାବ ପଡ଼ିବା ନେଇ ଚିନ୍ତା ବଢ଼ିଛି। ମାଟି ଖୋଳିବା ଯୋଗୁଁ ନଦୀ କୂଳ ଦୁର୍ବଳ ହୋଇ ଅତଡ଼ା ଖାଇବା ସହିତ ଆଗାମୀ ଦିନରେ ନଦୀ କୂଳବର୍ତ୍ତୀ ଅଞ୍ଚଳ ପ୍ରତି ବିପଦ ବଢ଼ିପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ବାଲି ଉଠାଣକୁ ନେଇ ଅଭିଯୋଗ ଥିବା ବେଳେ ଏବେ ନଦୀ ପଠାରୁ ମାଟି ଖୋଳିବା ଅଭିଯୋଗ। ତେବେ ଏହି ମାଟି ଖୋଳି ଏଠାରେ କିଏ ଗଚ୍ଛିତ ରଖିଛି? ଏହା ପାଇଁ ଅନୁମତି ରହିଛି କି? ଯଦି ଅନୁମତି ନାହିଁ, ତେବେ ଏତେ ପରିମାଣର ମାଟି କିପରି ଖୋଳାଗଲା?

**ବିଶ୍ୱବିଦ୍ୟାଳୟରେ 'ଖେଲୋ ଇଣ୍ଡିଆ ସମ୍ବାଦ'**

## 'ଖେଲ୍ କି ବାତ୍ ପ୍ରଧାନମନ୍ତ୍ରୀ କେ ସାଥ୍' କାର୍ଯ୍ୟକ୍ରମ




ବାରିପଦା,୨୭।୮ (ସଂଚାର ବ୍ୟୁରୋ)ଃ ଜାତୀୟ କ୍ରୀଡ଼ା ଦିବସ-୨୦୨୬ ଅବସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ 'ମାଇଁ ଭାରତ' ସହଯୋଗରେ 'ଖେଲୋ ଇଣ୍ଡିଆ ସମ୍ବାଦ' 'ଖେଲ୍ କି ବାତ୍ ପ୍ରଧାନମନ୍ତ୍ରୀ କେ ସାଥ୍' କାର୍ଯ୍ୟକ୍ରମ ଆଜି ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ମାନ୍ୟବର ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ସାଂସଦ ଶ୍ରୀଯୁକ୍ତ ନବଚରଣ ମାଝୀ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଯୋଗଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ମାଇଁ ଭାରତ ସ୍ୱେଚ୍ଛାସେବୀଙ୍କ ଦ୍ୱାରା କାର୍ଯ୍ୟକ୍ରମର ପରିଚୟ ଓ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରାଯାଇଥିଲା । ପୂର୍ବାହ୍ନ ୧୧ଟାରେ ମାନ୍ୟବର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଭର୍ଚୁଆଲ୍ ଉପସ୍ଥିତି ପରେ ମାଇଁ ଭାରତ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା । ଏହାପରେ କେନ୍ଦ୍ର ଯୁବ କାର୍ଯ୍ୟ ଓ କ୍ରୀଡ଼ା ମନ୍ତ୍ରୀ ଡ. ମନସୁଖ ମାଣ୍ଡଭିୟଙ୍କ ସ୍ୱାଗତ ଅଭିଭାଷଣ ଏବଂ ଜାତୀୟ କ୍ରୀଡ଼ା ଦିବସ ସମ୍ପର୍କିତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ପରବର୍ତ୍ତୀ ସମୟରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ୨୦୨୬ ସ୍ୱାଧୀନତା ଦିବସ ଅଭିଭାଷଣରେ କ୍ରୀଡ଼ା କ୍ଷେତ୍ର ସମ୍ପର୍କିତ ମୁଖ୍ୟ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା ।

## ଦେଶୀ ମଦର ସାମ୍ରାଜ୍ୟ ମେଲାଇଛନ୍ତି ବିଶୁଆ



କୋରେଇ,୨୭।୮ (ସଂଚାର ବ୍ୟୁରୋ)ଃ ସରକାର ଚୋରା ମଦ ବେପାରରେ ରୋକ ଲଗାଇବା ପାଇଁ ନାନାଦି କଟକଣା ଜାରି କରୁଛନ୍ତି। ଚୋରା ମଦ ବିକ୍ରି କରୁଥିବା କୋଚିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମାନ୍ୟବର ଅବକାରୀ ମନ୍ତ୍ରୀ କଡା ନିର୍ଦ୍ଦେଶ ଦେଇଥିବା ବେଳେ ଯାଜପୁରରେ ଏହାର ଖୋଲାଖୋଲି ଉଲଂଘନ ହେଉଥିବା ଦେଖିବାକୁ ମିଳୁଛି। ସୁଦୂର କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାରୁ ଯାଜପୁର ପର୍ଯ୍ୟନ୍ତ ଚୋରା ଦେଶୀ ହାତରନ୍ଧା ମଦର ସାମ୍ରାଜ୍ୟ ବିସ୍ତାରର ଚେର ଲମ୍ବିଛି। ଏହି ସାମ୍ରାଜ୍ୟର ଜଣେ ସଦସ୍ୟ କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଉତରାପୁର ଅଞ୍ଚଳର ଥିବା ମାଷ୍ଟରମାଇଣ୍ଡ ବିଶୁଆ ଦେଶୀ ହାତ ରନ୍ଧା ମଦ ଆମଦାନୀର ମୁଖ୍ୟ ଡିଲର ହୋଇଥିବା ବେଳେ ସବଡ଼ିଲର ଭାବେ ରଞ୍ଜନ ଓ ଅମୁଲି ରହିଛନ୍ତି। ଏହି ଦୁଇଜଣ ଦେଶୀ ମଦ କୋଚିଆଙ୍କ ଘରେ ନେଇ ଅବାଧରେ ପହଂଚାଉଥୁବା ଦେଖିବାକୁ ମିଳୁଛି। ପ୍ରତିଦିନ ରାତିରେ ଆନନ୍ଦପୁର ଭାୟା ଯାଜପୁର ରୋଡ ଢେଙ୍କାନାଳରୁ ଭାୟା ବଙ୍ଗଳା ଛକ ଦେଇ ଚାରିଚକିଆରେ ଯାଜପୁର ରୋଡ, କୋରେଇ, ପାଣିକୋଇଲି, ରସୁଲପୁର, ବ୍ୟାସନଗର ଓ ଦାନଗଦିରେ ଶହ ଶହ ଲିଟର ମହୁଲି ଦେଶୀମଦ ପ୍ରବେଶ କରୁଛି।

## ହିଞ୍ଜିଳିରେ ରାକ୍ଷୀ ପୂର୍ଣ୍ଣିମା ପାଳିତ



ହିଞ୍ଜିଳିକାଟୁ,୨୭।୮ (ସଂଚାର ବ୍ୟୁରୋ)ଃ ଆଜି ପବିତ୍ର ରାକ୍ଷୀ ପୂର୍ଣ୍ଣିମା। ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ବନ୍ଧୁତ୍ୱକୁ ଦୃଢ଼ କରିଥାଏ । ଏହି ଦିନ ଭଉଣୀ, ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ଓ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ, ବଦଳରେ ଭାଇ, ତା'ର ଭଉଣୀକୁ ରକ୍ଷା କରିବାର ସଂକଳ୍ପ ନେଇଥାଏ । ଶ୍ରାବଣ ପୂର୍ଣ୍ଣିମାରେ ପ୍ରଭୁ ବଳରାମ ଏହି ଦିନ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଥିଲେ, ତେଣୁ ଏହି ଦିନଟିକୁ ବଳଭଦ୍ରଙ୍କ ଜନ୍ମ ତିଥିଭାବେ ପାଳନ କରାଯାଏ । ଏହି ପରିପ୍ରେକ୍ଷୀରେ ହିଞ୍ଜିଳିକାଟୁ ସହର ସମେତ ଏହାର ଆଖପାଖରେ ଧୁମଧାମରେ ରକ୍ଷା ବନ୍ଧନ ପାଳିତ ହୋଇଯାଇଛି । ଭଉଣୀ ମାନେ ଥାଳିରେ ବିଭିନ୍ନ ସୁଆଦିଆ ମିଠା ବ୍ୟଜନ ସହ ସିନ୍ଦୁର, ହଳଦୀ, ଦୀପ ସହ ରାକ୍ଷୀ ରଖି ବନ୍ଦାପନା କରି ଭାଇ ହାତରେ ରାକ୍ଷୀ ବାନ୍ଧିଥିଲେ ଭଉଣୀ । ଭାଇବି ନିଜ ଭଉଣୀର ସୁଖଦୁଃଖରେ ସହଭାଗୀ ହେବା ପାଇଁ ପ୍ରତିଶ୍ରୁତି ଦେଇଥାଏ । ସହର ସମେତ ବ୍ଲକର ବିଭିନ୍ନ ଗ୍ରାମର ଶିଶୁମନ୍ଦିରରେ ରାକ୍ଷୀ ପୂର୍ଣ୍ଣିମା ପାଳିତ ହୋଇଯାଇଛି ।

## ୧୧୦ ବାହିନୀ ବିଏସଏଫ୍ ମୁଖ୍ୟାଳୟରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ପାଳିତ

- ନିଶାମୁକ୍ତ ସମାଜ ଗଠନ ପାଇଁ ଯବାନଙ୍କ ଶପଥ



ମାଲକାନଗିରି,୨୭।୮ (ସଂଚାର ବ୍ୟୁରୋ)ଃ ମାଲକାନଗିରି ସଦରସ୍ଥିତ ୧୧୦ ବାହିନୀ ବିଏସଏଫ୍ କ୍ୟାମ୍ପ ମୁଖ୍ୟାଳୟ ଏମ୍.ଭି.୩ ଠାରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଆଜି ପୂର୍ବାହ୍ନ ୧୧ଃ୩୦ ରୁ ୧୨ଃ୧୦ ମଧ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ୫ ଜଣ ପ୍ରତିନିଧି ୩ ଜଣ ଭଉଣୀ ଓ ୨ ଜଣ ଭାଇ ଯୋଗଦେଇ ୧୧୦ ବାହିନୀ ବିଏସଏଫ୍‌ର ଦ୍ୱିତୀୟ କମାଣ୍ଡାଣ୍ଟ ଅଫିସର ଙ୍କ ସମେତ ୫ ଜଣ ଆଞ୍ଚଳିକ ଅଫିସର, ୧୨ ଜଣ ଏସଓ ଏବଂ ୨୭ ଜଣ ଯବାନଙ୍କୁ ସମୁଦାୟ ୪୫ ଜଣଙ୍କୁ ସ୍ନେହ ଓ ସୁରକ୍ଷାର ପ୍ରତୀକ ରାକ୍ଷୀ ବାନ୍ଧିଥିଲେ। କାର୍ଯ୍ୟକ୍ରମର ଶେଷରେ ଉପସ୍ଥିତ ସମସ୍ତ ଯବାନ ଓ ଅଧିକାରୀମାନେ ନିଜେ ନିଶାମୁକ୍ତ ରହିବା ସହ ସମ୍ପୂର୍ଣ୍ଣ ଦେଶକୁ ନିଶାମୁକ୍ତ କରିବା ପାଇଁ ଦୃଢ଼ ଶପଥ ଗ୍ରହଣ କରିଥିଲେ। ସୀମା ସୁରକ୍ଷା ବଳର ଏହି ସାମାଜିକ ଓ ଆଧ୍ୟାତ୍ମିକ ପ୍ରଚେଷ୍ଟାକୁ ସ୍ଥାନୀୟ ଅଞ୍ଚଳରେ ଉଚ୍ଚ ପ୍ରଶଂସା କରାଯାଇଛି।

## ସମ୍ବାଦ ସାହିତ୍ୟ ଘର ପକ୍ଷରୁ ଛାତ୍ରଛାତ୍ରୀ ରାକ୍ଷୀ ବାନ୍ଧି ନିଶାନିବାରଣ ପାଇଁ ନେଲେ ଶପଥ



ନୀଳଗିରି, ୨୭।୮ (ସଂଚାର ବ୍ୟୁରୋ)ଃ ରକ୍ଷା ବନ୍ଧନ ଅବସରରେ ଆଜି ପୂର୍ବାହ୍ନ ୧୧ଟା ସମୟ ରେ ନୀଳଗିରି ସମ୍ବାଦ ସାହିତ୍ୟ ଘରର ସଭାପତି ତଥା ପୂର୍ବତନ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ଙ୍କ ଅଧ୍ୟକ୍ଷତାରେ ବାଲିଗୋହିରୀ ସ୍ଥିତ ରତ୍ନାକର ଟାଉନ ହାଇସ୍କୁଲ ପରିସରେ ସମସ୍ତ କର୍ମ କର୍ତ୍ତା, ସଭ୍ୟ ଓ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ।ସମ୍ବାଦ ସାହିତ୍ୟ ଘର ପରିବାର ପକ୍ଷରୁ ରାକ୍ଷୀ ପୂର୍ଣ୍ଣିମା ପବିତ୍ର ବନ୍ଧନ ରେ ଛାତ୍ର ଛାତ୍ରୀ ଙ୍କର ସ୍ନେହ ଭଲପାଇବା ପ୍ରେମଡୋରିରେ ବନ୍ଧନ ରକ୍ଷା ବନ୍ଧନ କୁ ଖୁବ ଆନନ୍ଦ ଉଲ୍ଲାସ ପାଳନ କରିବା ସହିତ ସମ୍ବାଦ ଆମ ଓଡ଼ିଶା ଦିଆଯାଇଯାଇଥିବା ରାକ୍ଷୀ ଓ ମିଷ୍ଟାନ ଗୁଡିକ ସମ୍ବାଦ ସାହିତ୍ୟ ଘର ସାଧାରଣ ସମ୍ପାଦକ ତଥା ତେଲିପାଳ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁ, ବରିଷ୍ଠ ସଭ୍ୟ ଭାସ୍କର ଜେନା, କମଳ ଲୋଚନ ପଣ୍ଡା, ସତ୍ୟନାରାୟଣ ମହାପାତ୍ର, ଭାଗବତ ପତି, ଦନାର୍ଦ୍ଦନ ଜେନା, ପ୍ରଦୀପ ମହାପାତ୍ର, ନୀଳଗିରି ସମ୍ବାଦ ପ୍ରତିନିଧି ଦଳେଇ, ଛାତ୍ର ଯାଦବ ମଲ୍ଲିକ, ରାହୁଲ ବାରିକ, ଅନିରୁଦ୍ଧ ଦାସ, ଦେବଜିତ ଗିରି, ରଶ୍ମି ରଂଜନ ଘଡେଇ, ବିଶ୍ୱରଂଜନ ମହାରଣା, ଦିବ୍ୟରଞ୍ଜନ ମହାରଣା, ରଜତ ପାତ୍ର, ଯୋଶବନ୍ତ ବାଘ, ବିନ୍ଦୁ ଜ୍ୟୋତି ଦାସ, ଗୋରାଚନ୍ଦଗିରି, ସାଇହିମାଂଶୁ କର ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ରହି ପ୍ରତ୍ୟେକ ଛାତ୍ର ଛାତ୍ରୀ ଓ କର୍ମ କର୍ତ୍ତା ଙ୍କ ହାତରେ ରାଖୀ ବାନ୍ଧି ମିଷ୍ଟାନ ଖୁଆଇ ଥିଲେ।

## ବିଧାୟକଙ୍କୁ ରାକ୍ଷୀ ବାନ୍ଧିଲେ ଜିଲ୍ଲା ମହିଳା ସଭାପତି

ଯାଜପୁର ରୋଡ଼,୨୭।୮ (ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌରାଅଞ୍ଚଳ ସହରର ୱାର୍ଡ ନଂ-୧୬ ଉମାପଦା ଗ୍ରାମ ଠାରେ ଥିବା କୋରେଇ ବିଧାୟକ ଆକାଶ ଦାସନାୟକ'ଙ୍କ ବାସ ଭବନରେ ଆଜି ମହିଳା ମାନେ ପହଂଚୁଥିବା ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଆଜିର ପବିତ୍ର ରକ୍ଷାବନ୍ଧନ ଅବସରରେ ଯାଜପୁର ଜିଲ୍ଲା ମହିଳା ସଭାପତି ଶ୍ରୀମତୀ ଦିପ୍ତିମୟୀ କୁଅଁର'ଙ୍କ ସମେତ ଅଞ୍ଚଳର ଶହଶହ ମହିଳାମାନେ ବିଧାୟକ ଆକାଶକୁ ରାକ୍ଷୀବାନ୍ଧି ଶୁଭେଚ୍ଛା ଜଣାଇଥିଲେ। ବିଧାୟକ ସମସ୍ତଙ୍କୁ ଶାଢ଼ି ଉପହାର ପ୍ରଦାନ କରିଥିଲେ।



**ବିଫଳତା ଚିଠାରୁ ଏସପି ଅଫିସ ଯାଏଁ**

# ଅସ୍ତରଙ୍ଗରେ ଗୋଟିଏ ହିଁ ନାରା, ଥାନା ଅଧିକାରିଣୀଙ୍କୁ ହଟାଅ

**ପୁରୀ ଏସପି ଅଫିସରେ ବ୍ୟବସାୟୀ ସଂଘର ସ୍ୱତନ୍ତ୍ର ଟିମ୍**

**କେବେ ହେବ ବଦଳି ? ଅପେକ୍ଷାରେ ଅସ୍ତରଙ୍ଗ ଅଞ୍ଚଳବାସୀ**



କାକଟପୁର/ଅସ୍ତରଙ୍ଗ,୨୭।୮ (ସଂଚାର ବ୍ୟୁରୋ)ଃ ଫେବୃଆରୀରୁ ଅଧୋଗତି, ଅଗଷ୍ଟରେ ଶିଖର। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାର ବିଫଳତା ଏବେ ଚରମ ସୀମାରେ ପହଞ୍ଚିଛି। ପୂର୍ବରୁ ନିମାପଡା ଏସଡିପିଓଙ୍କ ଜରିଆରେ ବିଫଳତା ଚିଠା ପୁରୀ ଏସପିଙ୍କୁ ଦିଆଯାଇଥିଲା, ହେଲେ କୌଣସି ଫଳ ହେଲା ନାହିଁ। ତେଣୁ ଗୁରୁବାର ବ୍ୟବସାୟୀ ମହାସଂଘର ସ୍ୱତନ୍ତ୍ର ଟିମ୍ ସିଧା ପୁରୀ ଏସପି କାର୍ଯ୍ୟାଳୟରେ ପହଞ୍ଚି ସିଧା ପ୍ରଶ୍ନ କରିଛନ୍ତି - ଏତେ ଅଭିଯୋଗ ପରେ ବି ଥାନା ଅଧିକାରିଣୀଙ୍କ ବଦଳି ନାହାନ୍ତି କାହିଁକି ? ଗତ ୧୭ ତାରିଖ ରାତିରେ ଥାନାଠୁ ମାତ୍ର ୫୦ ମିଟର ଦୂରରେ ମହାନ୍ତି କମ୍ୟୁନିକେସନରୁ ୫୦ ଲକ୍ଷ ଟଙ୍କାର ଦାମୀ ଫୋନ୍ ଗ୍ୟାସ କଟରରେ କାଟି ଲୁଟ୍ ହେଲା। ଗ୍ୟାସ କଟର ଶବ୍ଦ ପୁରା ବଜାର ଶୁଣିଲା, ପୋଲିସ ଶୁଣିଲା ନାହିଁ। ୧୮ ତାରିଖରେ ବ୍ୟବସାୟୀ ସଂଘ ଥାନା ଘେରାଉ କରି ୭ ଦିନ ସମୟ ଦେଇଥିଲା। ଗୁରୁବାର ସୁଦ୍ଧା ୯ ଦିନ ବିତିଲା, ଗୋଟିଏ ସୂତା ମିଳିଲା ନାହିଁ। ସିସିଟିଭି, ସନ୍ଧାନୀ କୁକୁର କେବଳ ଫାଇଲରେ, ଚୋର ଆଗରେ। ଏହା ପରେ ପୁଣି ବାଇକ ଚୋରୀ ପୋଲିସକୁ ସିଧା ଚ୍ୟାଲେଞ୍ଜ କରିଛି। ବ୍ୟବସାୟୀଙ୍କ ଅଭିଯୋଗ - ଫେବୃଆରୀ ମାସରୁ ଅସ୍ତରଙ୍ଗ ଥାନାରେ ଅଧିକାରିଣୀ ଯୋଗ ଦେବା ଦିନଠୁ ଅସ୍ତରଙ୍ଗ ବଦଳି ଯାଇଛି। ଆଗ ସ୍ୱଚ୍ଛ ଥିଲା, ଏବେ ଅନ୍ଧାର। କରଞ୍ଜପୁର ରୁ ପୋଟଳଛକ ଯାଏଁ ବିଭିନ୍ନ ମନ୍ଦିର, ସ୍କୁଲ, ଅଙ୍ଗନବାଡି ଚୋରୀର ସମାଧାନ ନାହିଁ, ଚୋର ଧରିବାରେ ଅସ୍ତରଙ୍ଗ ପୋଲିସ ସମ୍ପୂର୍ଣ୍ଣ ବିଫଳ। ରାତି ପେଟ୍ରୋଲିଂ କାଗଜରେ ଅଛି, ରାସ୍ତାରେ ନାହିଁ। ଥାନାରେ ଦଲାଲ ରାଜ୍, ମିଛ ମାମଲା ଭୟ ଓ ନିଶା କାରବାର ଖୁଲମଖୁଲା ଚାଲିଛି ବୋଲି ସାଧାରଣ ଲୋକେ ଅଭିଯୋଗ କରୁଛନ୍ତି।

**ମହିଳା ହକି ବିଶ୍ୱକପରେ ପଞ୍ଚମ ସ୍ଥାନ**

# ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର,୨୭।୮(ସଂଚାର ବ୍ୟୁରୋ): ଚଳିତ ଏଫ୍ଆଇଏଚ୍ ମହିଳା ହକି ବିଶ୍ୱକପରେ ଜର୍ମାନୀ ବିପକ୍ଷରେ ୩-୧ ଗୋଲ୍‌ରେ ଭାରତୀୟ ମହିଳା ହକି ଦଳ ଉଲ୍ଲେଖନୀୟ ବିଜୟ ହାସଲ କରିଛି। ଏଥିସହ ଏଫ୍ଆଇଏଚ୍ ମହିଳା ହକି ବିଶ୍ୱକପରେ ଐତିହାସିକ ପଞ୍ଚମ ସ୍ଥାନ ହାସଲ କରିଛି। ଏହା ଦଳର ଗତ ୧୯୭୪ ପରଠାରୁ ବିଶ୍ୱକପ୍‌ରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟ। ଏହି ପରିପ୍ରେକ୍ଷୀରେ ଭାରତୀୟ ମହିଳା ଦଳକୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ ତାଙ୍କ ସୋସିଆଲ୍ ମିଡିଆ 'ଏକ୍ସ' ଆକାଉଣ୍ଟରେ ଏନେଇ ଦର୍ଶାଇଛନ୍ତି ଯେ ଭାରତୀୟ ମହିଳା ହକି ଦଳର ଦୃଢ଼ତା, ଦୃଢ଼ ନିଷ୍ପତ୍ତି ଏବଂ ଅସାଧାରଣ ପ୍ରଦର୍ଶନ ଦେଶ ପାଇଁ ନିଶ୍ଚିତ ଭାବେ ଗର୍ବ ଆଣିଦେଇଛି। ଦୀର୍ଘ ୫୨ ବର୍ଷ ପରେ ଏହି ସଫଳତା ଭାରତୀୟ ମହିଳା ହକି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ମଧ୍ୟ। ଆଗାମୀ ବର୍ଷଗୁଡ଼ିକରେ ଆହୁରି ଗୌରବ ପାଇଁ ସମଗ୍ର ଦଳକୁ ମୋର ଶୁଭକାମନା ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

# ୨୮ ଦିନ ପରେ ୮ ନିଖୋଜ ମତ୍ସ୍ୟଜୀବୀ ଉଦ୍ଧାର

ଭୁବନେଶ୍ୱର,୨୭।୮(ସଂଚାର ବ୍ୟୁରୋ): ଦୀର୍ଘ ୨୮ ଦିନ ଧରି ସମୁଦ୍ରରେ ନିଖୋଜ ଥିବା ୮ ଜଣ ମତ୍ସ୍ୟଜୀବୀ ଶେଷରେ ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି। ଦୀଘା ମୁହାଣଠାରୁ ପ୍ରାୟ ୧୦୦ କିମି ଦୂର ସମୁଦ୍ର ମଧ୍ୟରୁ ମାଛଧରା ଡଙ୍ଗା ସହ ଏହି ୮ ଜଣ ମତ୍ସ୍ୟଜୀବୀଙ୍କୁ ଠାବ କରାଯାଇଥିଲା। ଆନ୍ଧ୍ରପ୍ରଦେଶରୁ ସମୁଦ୍ରକୁ ବାହାରିଥିବା ଟ୍ରଲରର ଇଞ୍ଜିନ ଖରାପ ହୋଇଯିବାରୁ ଦୀର୍ଘଦିନ ଧରି ଏହା ସମୁଦ୍ରରେ ଭାସି ଭାସି ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳରେ ପହଞ୍ଚିଥିଲା। ଶେଷରେ ଅନ୍ୟ ଏକ ମାଛଧରା ଟ୍ରଲର ମାଧ୍ୟମରେ ଏହି ମତ୍ସ୍ୟଜୀବୀମାନଙ୍କୁ ଠାବ କରାଯିବା ସହ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନାନୁସାରେ, ୨୮ ଦିନ ତଳେ ଆନ୍ଧ୍ରପ୍ରଦେଶରୁ ସମୁଦ୍ରକୁ ମାଛ ଧରିବା ପାଇଁ ଏହି ଟ୍ରଲର୍‌ଟି ବାହାରିଥିଲା। ହେଲେ ସମୁଦ୍ର ମଧ୍ୟରେ ହଠାତ୍ ଏହାର ଇଞ୍ଜିନ ଖରାପ ହୋଇଯାଇଥିଲା। ଫଳରେ ଟ୍ରଲର୍‌ଟି ନିୟନ୍ତ୍ରଣ ହରାଇ ସମୁଦ୍ରରେ ଭାସିବାକୁ ଲାଗିଥିଲା। ଟ୍ରଲରଟି ଠାବ ହେବା ପରେ ମତ୍ସ୍ୟଜୀବୀମାନେ ୱେୟାରଲେସ୍ ଯୋଗେ ଦୀଘା ମୁହାଣରେ ଥିବା କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ପରେ ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଟିମ୍ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା ଏବଂ ଶେଷରେ ମାଛଧରା ଡଙ୍ଗା ସହ ୮ ଜଣ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

**ଟ୍ରଲର୍ ଇଞ୍ଜିନ୍ ଖରାପ ହେବାରୁ ସମୁଦ୍ରରେ ଫସିଥିଲେ**



## ପୂର୍ବତନ ଡିଜିପି ଖୁରାନିଆଙ୍କୁ ହାଇକୋର୍ଟଙ୍କ କାରଣ ଦର୍ଶାଅ ନୋଟିସ୍



କଟକ,୨୭।୮(ସଂଚାର ବ୍ୟୁରୋ): ପୂର୍ବତନ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ। ତାଙ୍କ ବିରୋଧରେ କାହିଁକି ଅଦାଲତ ଅବମାନନା ମାମଲା ରୁଜୁ କରାଯିବ ନାହିଁ, ସେନେଇ କୈଫିୟତ ତଲବ କରିଛନ୍ତି କୋର୍ଟ। ବାରମ୍ବାର ସୁଯୋଗ ସତ୍ତ୍ୱେ କୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ ନ କରିବା ଓ ମାମଲା ସମ୍ପର୍କରେ ବିଭ୍ରାନ୍ତିକର ତଥ୍ୟ ସମ୍ବଳିତ ସତ୍ୟପାଠ ଦାଖଲ କରିବା ଅଭିଯୋଗକୁ ହାଇକୋର୍ଟ ଗୁରୁତର ସହ ନେଇଛନ୍ତି। ଗତ ୨୦୨୫ ସେପ୍ଟେମ୍ବର ୨୫ରେ ଜାରି ହୋଇଥିବା ନିର୍ଦ୍ଦେଶକୁ ଶ୍ରୀ ଖୁରାନିଆ ଜାଣିଶୁଣି ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଅଦାଲତ ଅବମାନନା ଆଇନର ଧାରା ୧୨ ଅନୁଯାୟୀ, ତାଙ୍କ ବିରୋଧରେ କାହିଁକି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆନଯିବ, ସେ ନେଇ ଜବାବ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଖୁରାନିଆ ଅବସର ନେଇସାରିଥିବାରୁ ପୁଲିସ ଆଇଜି (ପର୍ସୋନେଲ) ତାଙ୍କୁ ଏହି ନୋଟିସ୍ ପ୍ରଦାନ କରିବେ। ନୋଟିସ୍ ପାଇବାର ୭ ଦିନ ମଧ୍ୟରେ ଶ୍ରୀ ଖୁରାନିଆଙ୍କୁ ଜବାବ ଦେବାକୁ ପଡ଼ିବ। ଚାକିରିରୁ ଛଟେଇ ହୋଇଥିବା ମହିଳା ପୁଲିସ ଅଧିକାରୀ ସାଗରିକା ପରିଡ଼ାଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ହାଇକୋର୍ଟ ଏହି ପଦକ୍ଷେପ ନେଇଛନ୍ତି। ସାଗରିକାଙ୍କୁ ପୁନଃଚାକିରିରେ ଅବସ୍ଥାପିତ କରିବାକୁ ଗତବର୍ଷ ସେପ୍ଟେମ୍ବରରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ଆଦେଶ କାର୍ଯ୍ୟକାରୀ ନ କରି ତତ୍କାଳୀନ ଡିଜି ଶ୍ରୀ ଖୁରାନିଆ କୋର୍ଟରେ ବିଭ୍ରାନ୍ତିକର ତଥ୍ୟ ସତ୍ୟପାଠ ଜରିଆରେ ଦେଇଥିବା ଅଭିଯୋଗ ହୋଇଛି। ଶ୍ରୀ ଖୁରାନିଆ ଗତ ୧୬ ତାରିଖରେ ଡିଜି ପଦରୁ ଅବସର ନେଇଥିଲେ ମଧ୍ୟ ତାଙ୍କ ବିରୋଧରେ ଅଦାଲତ ଅବମାନନା ପ୍ରକ୍ରିୟା ଜାରି ରହିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏଥିସହ ୪ ସପ୍ତାହ ମଧ୍ୟରେ ସାଗରିକାଙ୍କୁ ଚାକିରିରେ ପୁନଃସ୍ଥାପନ ସମ୍ପର୍କିତ ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ କୋର୍ଟ କହିଛନ୍ତି। ଏଥିରେ ଅବହେଳା ହେଲେ ଭାରପ୍ରାପ୍ତ ଡିଜି ଓ ଆଇଜି (ପର୍ସୋନେଲ)ଙ୍କୁ ଆସନ୍ତା ସେପ୍ଟେମ୍ବର ୨୮ ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ପଡ଼ିବ ବୋଲି ହାଇକୋର୍ଟ କହିଛନ୍ତି।

## ହାଇକୋର୍ଟରେ ଓସିଏ ନିର୍ବାଚନ ମାମଲା

### ୧ରେ ପରବର୍ତ୍ତୀ ଶୁଣାଣି

କଟକ,୨୭।୮(ସଂଚାର ବ୍ୟୁରୋ): ଓସିଏ ନିର୍ବାଚନ ମାମଲାରେ ଆସନ୍ତା ୧ ତାରିଖରେ ପରବର୍ତ୍ତୀ ଶୁଣାଣି। ଆଜି ମାମଲାର ଶୁଣାଣି ବେଳେ ମାମଲାର ଗ୍ରହଣୀୟତା ନେଇ ପ୍ରତିପକ୍ଷଙ୍କ ପକ୍ଷରୁ ପ୍ରମୁଖ ଆଇନଗତ ଯୁକ୍ତି ଉପସ୍ଥାପନ କରାଯାଇଛି। ଓସିଏ ଏକ ପଞ୍ଜୀକୃତ ସୋସାଇଟି ହୋଇଥିବାରୁ ଏବଂ ଏହି ବିବାଦ ସଂସ୍ଥାର ଆଭ୍ୟନ୍ତରୀଣ ପରିଚାଳନା ସମ୍ବନ୍ଧୀୟ ହୋଇଥିବାରୁ ଏହା ବିରୋଧରେ ରିଟ୍ ଆବେଦନ ଗ୍ରହଣୀୟ ନୁହେଁ ବୋଲି ପ୍ରତିପକ୍ଷ ଓକିଲ ଅଦାଲତରେ ଯୁକ୍ତି ଦର୍ଶାଇଛନ୍ତି। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମଙ୍ଗଳବାରକୁ ଧାର୍ଯ୍ୟ କରିଛନ୍ତି। ଓସିଏ ପକ୍ଷରୁ ଦର୍ଶାଯାଇଛି ଯେ, ନିର୍ବାଚନ ସ୍ଥଗିତ ରଖିବା ଏବଂ ବର୍ତ୍ତମାନର କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ବୃଦ୍ଧି ନିଷ୍ପତ୍ତି ସଂସ୍ଥାର ସାଧାରଣ ପରିଷଦ ବୈଠକରେ ବହୁମତ ଆଧାରରେ ଗ୍ରହଣ କରାଯାଇଛି। ଓସିଏ ଏକ ସ୍ୱୟଂଶାସିତ ସୋସାଇଟି ହୋଇଥିବାରୁ ଏହାର ଆଭ୍ୟନ୍ତରୀଣ ନିଷ୍ପତ୍ତି ବିରୋଧରେ ସିଧାସଳଖ ହାଇକୋର୍ଟରେ ରିଟ୍ ପିଟିସନ ମାଧ୍ୟମରେ ଚ୍ୟାଲେଞ୍ଜ କରାଯାଇପାରିବ ନାହିଁ। କଟକର ସନରାଇଜ୍ କ୍ଲବ୍ ଓ ଓସିଏ କାଉନସିଲ ସଦସ୍ୟ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ପକ୍ଷରୁ ଦାୟର ଆବେଦନରେ ଓସିଏ ନିର୍ବାଚନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯାଇଛି। ସମୟସୀମା ଶେଷ ହେବା ସତ୍ତ୍ୱେ ନିର୍ବାଚନ ନ କରାଇ ପଦବୀ ବଜାୟ ରଖିବା ନିୟମବିରୁଦ୍ଧ ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

**● ପୋଷ୍ଟ ଅଫିସ୍ ସେଭିଂସ୍ ଠକେଇ ମାମଲା**

## ୧୧ ବର୍ଷ ପରେ ପଳାତକ ପୂର୍ବତନ ବ୍ରାଞ୍ଚ ପୋଷ୍ଟମାଷ୍ଟର ଗିରଫ

ଭୁବନେଶ୍ୱର,୨୭।୮(ସଂଚାର ବ୍ୟୁରୋ): ଦୀର୍ଘ ୧୧ ବର୍ଷ ଧରି ଫେରାର ଥିବା ଅଭିଯୁକ୍ତଙ୍କୁ ବାନ୍ଧିଲା ସିବିଆଇ। ପୋଷ୍ଟ ଅଫିସ୍ ସେଭିଂସ୍ ଠକେଇ ମାମଲାରେ ପଳାତକ ପୂର୍ବତନ ବ୍ରାଞ୍ଚ ପୋଷ୍ଟମାଷ୍ଟର ଗିରଫ ହୋଇଛନ୍ତି। ବରଗଡ଼ରୁ ଅଭିଯୁକ୍ତ ଶର୍ଦ୍ଧା ସ୍ୱାଇଁଙ୍କୁ ଗିରଫ କରିଛି ସିବିଆଇ। ପରିବାରର ଏକ କାର୍ଯ୍ୟକ୍ରମକୁ ଆସିଥିବା ବେଳେ ତାଙ୍କୁ କାବୁ କରାଯାଇଛି। ସିବିଆଇ ଦେଇଥିବା ସୂଚନାନୁଯାୟୀ, ଶର୍ଦ୍ଧା ଗତ ୨୦୦୮ରୁ ୨୦୧୪ ମଧ୍ୟରେ ବୋଣ୍ଡା ପୋଷ୍ଟ ଅଫିସ୍‌ର ବ୍ରାଞ୍ଚ ପୋଷ୍ଟମାଷ୍ଟର ଭାବେ କାର୍ଯ୍ୟ କରୁଥିଲେ। ସେହି ସମୟରେ ଜମାକାରୀଙ୍କଠାରୁ ସଂଗ୍ରହ ହୋଇଥିବା ପ୍ରାୟ ୧୩ ଲକ୍ଷ ୯୮ ହଜାର ୨୩୨ ଟଙ୍କାକୁ ସରକାରୀ ରେକର୍ଡରେ ଦର୍ଶାଇ ନ ଥିବା ଅଭିଯୋଗ ରହିଛି। ପାସ୍‌ବୁକରେ ଭୁଲ ଏଣ୍ଟ୍ରି କରି ଏହି ଟଙ୍କା ହଡ଼ପ କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଗତ ୨୦୧୫ ଡିସେମ୍ବର ୩୧ରେ ଚାର୍ଜ ଫ୍ରେମ୍ ହେବା ପରଠାରୁ ଅଭିଯୁକ୍ତ ଫେରାର୍ ଥିଲେ। ୨୦୨୨ରେ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା। ଦୀର୍ଘ ଦିନର ଖୋଜାଖୋଜି ପରେ ଶେଷରେ ବରଗଡ଼ରୁ ତାଙ୍କୁ ଗିରଫ କରିଛି ସିବିଆଇ।

## ଜଗମୋହନ ମୀନାଙ୍କ ଇସ୍ତଫା ଗୃହୀତ



ଭୁବନେଶ୍ୱର,୨୭।୮(ସଂଚାର ବ୍ୟୁରୋ): ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫାପତ୍ର ରାଜ୍ୟ ସରକାରଙ୍କ ଦ୍ୱାରା ଗୃହୀତ ହୋଇଛି। ଇସ୍ତଫାପତ୍ର ଗ୍ରହଣ କରି ଗୃହ ମନ୍ତ୍ରଣାଳୟକୁ ପଠାଇଲେ ରାଜ୍ୟ ସରକାର। ସେ ବ୍ୟକ୍ତିଗତ କାରଣ ଦର୍ଶାଇ ଜୁଲାଇ ମାସରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ଗତ ଜୁଲାଇରେ ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଚାକିରିରୁ ଇସ୍ତଫା ଦେଇଥିଲେ। ରାଜ୍ୟ ସରକାରଙ୍କୁ ଇସ୍ତଫାପତ୍ର ପଠାଇଥିଲେ। ସେ ଇସ୍ତଫା ଦେବା ପରେ ଏହାକୁ ଅନେକ ଚର୍ଚ୍ଚା ହୋଇଥିଲା। ରାଜସ୍ଥାନରେ ତାଙ୍କର ଜଣେ ଘନିଷ୍ଠ ସମ୍ପର୍କୀୟଙ୍କ କମ୍ପାନୀରେ ସେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହୋଇଥିଲା। ଶ୍ରୀ ମୀନା ପ୍ରଥମେ ଅନୁଗୁଳ ଏସପି ଭାବେ ଦାୟିତ୍ୱରେ ରହିଥିଲେ। ଏହାପରେ ସେ ଗଞ୍ଜାମ ଜିଲ୍ଲାର ଏସପି ଓ ପରେ କଟକ ଡିସିପି ଭାବେ ଯୋଗଦେଇଥିଲେ। ଗତ ୨୦୨୫ ଫେବ୍ରୁଆରୀ ୨୮ ତାରିଖରେ ସେ ଭୁବନେଶ୍ୱର ଡିସିପି ଭାବେ ଦାୟିତ୍ୱ ନେଇଥିଲେ।

## ମାଓବାଦୀ ନାଁରେ ଜେସିବି ପୋଡ଼ିଦେଲେ ଦୁର୍ବୃତ୍ତ

### ୫୦ ଲକ୍ଷ ଦାଦାବଟି ଦାବି



ଭୁବନେଶ୍ୱର,୨୭।୮(ସଂଚାର ବ୍ୟୁରୋ): ରାଜଧାନୀରେ ରାତିଅଧିଆ ଜେସିବି ଜାଳିଦେଲେ ଦୁର୍ବୃତ୍ତ। କଣ୍ଟ୍ରାକ୍ଟରଙ୍କୁ ୫୦ ଲକ୍ଷ ଟଙ୍କାର ଦାଦାବଟି ଦେବାକୁ ଧମକ ମିଳିଛି। ମାଓବାଦୀଙ୍କ ନାଁରେ ଲଗାଇଛନ୍ତି ଧମକପୂର୍ଣ୍ଣ ପୋଷ୍ଟର। ୟୁନିଟ-୨ ସରକାରୀ କ୍ୱାର୍ଟର୍ସ ସାମ୍ନାରେ ଏପରି ପୋଷ୍ଟର୍ ଲାଗିଛି। ଏନେଇ କଣ୍ଟ୍ରାକ୍ଟରଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ କମିଶନରେଟ ପୁଲିସ ତନାଘନା ଆରମ୍ଭ କରିଛି। ତିନି ଜଣ ଇନ୍ସପେକ୍ଟର ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ୍ କରିଛନ୍ତି। ଜେସିବିରେ ନିଆଁ ବାସ୍ତବରେ କିଏ ଲଗାଇଲେ, ତା' ଜାଣିବା ସକାଶେ ପୁଲିସ୍ ତଦନ୍ତ ଚଳାଇଛି। ବାସ୍ତବରେ ଘଟଣା ସହ ମାଓବାଦୀମାନଙ୍କର ସହ ସମ୍ପର୍କ ଅଛି ନା କେବଳ ଭୟଭୀତ କରିବା ଉଦ୍ଦେଶ୍ୟରେ ମାଓବାଦୀଙ୍କ ନାମ ନିଆଯାଇଛି, ସେନେଇ ତଦନ୍ତ ଚାଲିଛି। ଘଟଣା ପରେ କଣ୍ଟ୍ରାକ୍ଟରଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଘଟଣା ପରେ ଘଟଣାସ୍ଥଳରେ ୩ ଜଣ ଇନ୍ସପେକ୍ଟର ପହଞ୍ଚି ଜେସିବି ଓ ଆଖପାଖ ଅଞ୍ଚଳର ଯାଞ୍ଚ କରିଛନ୍ତି। ତଦନ୍ତ ପରେ ଘଟଣାର ପ୍ରକୃତ ରହସ୍ୟ ସାମ୍ନାକୁ ଆସିବ ବୋଲି ପୋଲିସ ଆଶା ରଖିଛି।

## ରାଜଧାନୀ ମିଠା ଦୋକାନରେ ଚଢ଼ାଉ



ଭୁବନେଶ୍ୱର,୨୭।୮(ସଂଚାର ବ୍ୟୁରୋ): ରାଜଧାନୀରେ ବିଭିନ୍ନ ମିଠା ଦୋକାନରେ ଚଢ଼ାଉ ହୋଇଛି। ଆଜି ରାକ୍ଷୀ ପୂର୍ଣ୍ଣିମା ଅବସରରେ ଖାଦ୍ୟ ସୁରକ୍ଷା ଓ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ବିଏମସିର ଫୁଡ୍ ସେଫଟି ଟିମ୍ ଜାଗମରା, ଡେଲଟା ଛକ, ଶିରିପୁର ଭଳି ବିଭିନ୍ନ ଛକରେ ଥିବା ମିଠା ଦୋକାନରେ ପହଞ୍ଚି ଖାଦ୍ୟ ନମୁନା ଯାଞ୍ଚ କରୁଛନ୍ତି। ଆଜି ରାକ୍ଷୀ ପୂର୍ଣ୍ଣିମାରେ ମିଠା କିଣିବାକୁ ଗ୍ରାହକମାନେ ଗହଳି କରିଥିବା ବେଳେ ଏହାର ଫାଇଦା ନେଇ ଦୋକାନୀମାନେ ନକଲି ପନୀର୍ କି ଛେନା ବ୍ୟବହାର କରୁଛନ୍ତି କି ନାହିଁ, ତା' ସୁନିଶ୍ଚିତ କରିବା ସକାଶେ ଏହି ଚଢ଼ାଉ କରାଯାଉଛି। ମିଠାର ନମୁନା ସଂଗ୍ରହ କରି ଟିମ୍‌ଗୁଡ଼ିକ ଯାଞ୍ଚ୍ କରୁଛନ୍ତି। ଯାଞ୍ଚ୍ ସମୟରେ କେଣସି ପ୍ରକାର ସେଫ୍‌ଟି ନିୟମ ଉଲ୍ଲଙ୍ଘନ ହୋଇଥିବା ପ୍ରମାଣ ମିଳିଲେ ଟିମ୍ ପକ୍ଷରୁ ମୋଟା ଅଙ୍କର ଫାଇନ୍ କଷାଯାଉଛି। ତୃପ୍ତି ଗାଙ୍ଗୁରାମରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟଦ୍ରବ୍ୟ ପ୍ରସ୍ତୁତି ଚାଲିଥିବା ଚଢ଼ାଉ ବେଳେ ଜଣାପଡ଼ିଛି।




ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ବିଏସଏନଏଲ୍, ଭୋଡାଫୋନ ଆଇଡିଆ ମିଳାଉଛନ୍ତି ହାତ

ନୂଆଦିଲ୍ଲୀ,୨୭।୮:ଭାରତୀୟ ଟେଲିକମ୍ ସେକ୍ଟରରେ ଆଉ ଥରେ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି। ଦେଶର ଟେଲିକମ୍ ମାର୍କେଟରେ ଜିଓ ଏବଂ ଭାରତୀ ଏୟାରଟେଲର ବଢ଼ୁଥିବା ଦବଦବା ମଧ୍ୟରେ ଦୁଇଟି ବଡ଼ କମ୍ପାନି ବିଏସଏନଏଲ୍ ଏବଂ ଘରୋଇ କମ୍ପାନି ଭୋଡାଫୋନ୍ ଆଇଡିଆ (ଭିଆଇ) ଏକାଠି ଆସିବାକୁ ନିଷ୍ପତ୍ତି ନେଇଛନ୍ତି। ମିଡିଆ ରିପୋର୍ଟ ଅନୁସାରେ, ଦୁଇ ପ୍ରମୁଖ କମ୍ପାନି ସାରା ଦେଶରେ ନେଟୱାର୍କ ଏବଂ ଭିତ୍ତିଭୂମି ସେୟାରିଂକୁ ନେଇ ଏକ ବଡ଼ ପ୍ଲାନ୍ ପ୍ରସ୍ତୁତ କରିଛନ୍ତି। ଦୁଇ କମ୍ପାନି ଏବେ ସାରା ଦେଶରେ ଅର୍ଥାତ୍ ସମସ୍ତ ଟେଲିକମ୍ ସର୍କଲରେ ନିଜର ନେଟୱାର୍କ ଓ ଭିତ୍ତିଭୂମି ସେୟାର କରିବେ।

ସିଏନବିସି ଆୱାଜ୍ ରିପୋର୍ଟ ଅନୁସାରେ, ଭିଆଇର ସିଇଓ ଅଭିଜିତ୍ କିଶୋର ଏବଂ ବିଏସଏନଏଲ୍ ଚେୟାରମ୍ୟାନ୍ ରୋବର୍ଟ ଜେ.ରବିଙ୍କ ମଧ୍ୟରେ ହୋଇଥିବା ବୈଠକର ଲକ୍ଷ୍ୟ ଥିଲା ନେଟୱାର୍କ ଇନଫ୍ରାଷ୍ଟ୍ରକ୍ଚର ସେୟାରିଂ ଚୁକ୍ତିକୁ ଅନ୍ତିମ ରୂପ ଦେବା। ଏହାର ସିଧାସଳଖ ଅର୍ଥ ହେଉଛି, ଯେଉଁଠାରେ ବିଏସଏନଏଲର ନେଟୱାର୍କ ଦୁର୍ବଳ ଥିବ, ସେଠାରେ ବିଏସଏନଏଲ୍ ୟୁଜର ଭିଆଇ ନେଟୱାର୍କ ବ୍ୟବହାର କରିପାରିବେ ଏବଂ ଯେଉଁଠାରେ ଭିଆଇର କଭରେଜ୍ କମ୍ ଥିବ, ସେଠାରେ ଭିଆଇ ୟୁଜର ବିଏସଏନଏଲ୍ ନେଟୱାର୍କର ଫାଇଦା ଉଠାଇପାରିବେ। ଏହା ସହିତ ଦୁଇ କମ୍ପାନି ନିଜର ମୋବାଇଲ୍ ଟାୱାର ଏବଂ ଅପ୍ଟିକାଲ ଫାଇବର ନେଟୱାର୍କ ମଧ୍ୟ ପରସ୍ପର ମଧ୍ୟରେ ସେୟାର କରିବେ। ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ଦିଲ୍ଲୀ ଏବଂ ମୁମ୍ବାଇରେ ଦୁଇ କମ୍ପାନି ମଧ୍ୟରେ ଏହିପରି ଏକ ଚୁକ୍ତି ଚାଲୁଥିଲା, ଯାହାକୁ ଏବେ ସାରା ଦେଶରେ ଲାଗୁ କରିବାକୁ ପ୍ରସ୍ତୁତି ଚାଲିଛି।

ଭିଆଇକୁ ବିଏସଏନଏଲର ବୃହତ୍ ଭିତ୍ତିଭୂମି, ରାଇଟ୍ସ ଅଫ୍ ୱେ ଏବଂ ଗ୍ରାଉଣ୍ଡ ନେଟୱାର୍କର ଫାଇଦା ମିଳିବ। ଏହାଦ୍ୱାରା ଭିଆଇକୁ ନିଜର 4G ଏବଂ 5G ନେଟୱାର୍କ ଦ୍ରୁତ ଗତିରେ ବିସ୍ତାର କରିବାରେ ସାହାଯ୍ୟ ମିଳିବ ଏବଂ ଅତ୍ୟଧିକ ଖର୍ଚ୍ଚ ମଧ୍ୟ ବଞ୍ଚିଯିବ। ଏହା ସହ ବିଏସଏନଏଲ୍ ୟୁଜରମାନେ ଭିଆଇ ନେଟୱାର୍କ ବ୍ୟବହାର କରିବା ଦ୍ୱାରା କମ୍ପାନିର ରାଜସ୍ୱ ମଧ୍ୟ ବୃଦ୍ଧି ପାଇବ।

ବିଏସଏନଏଲ୍ ଗ୍ରାମାଞ୍ଚଳ ଓ ଦୂରଦୂରାନ୍ତ ଅଞ୍ଚଳରେ ନେଟୱାର୍କ ସୁଧାରିବା ପାଇଁ ଭିଆଇର ଟାୱାରଗୁଡ଼ିକୁ ବ୍ୟବହାର କରିପାରିବ। ବିଏସଏନଏଲକୁ ସବୁ ସ୍ଥାନରେ ନୂଆ ଟାୱାର ବସାଇବାର ଆବଶ୍ୟକତା ପଡ଼ିବ ନାହିଁ, ଯାହାଦ୍ୱାରା କମ୍ପାନିର ଖର୍ଚ୍ଚ କମିବ। ଏହା ସହିତ ଭିଆଇର ମାର୍କେଟ୍ ଅଭିଜ୍ଞତାର ଲାଭ ମଧ୍ୟ ସରକାରୀ କମ୍ପାନିକୁ ମିଳିବ। ଦୁଇ କମ୍ପାନି ମଧ୍ୟରେ ରେଭିନ୍ୟୁ ସେୟାରିଂ ମଡେଲ ଲାଗୁ ହେବା ଦ୍ୱାରା ପରସ୍ପରର ଗ୍ରାହକଙ୍କ ଜରିଆରେ ଅଧିକ ରାଜସ୍ୱ ଆଦାୟ ହୋଇପାରିବ।

ଟେକ୍ ମାର୍କେଟ ବିଶେଷଜ୍ଞଙ୍କ ଅନୁସାରେ, ଭିତ୍ତିଭୂମି ମାମଲାରେ ଦୁଇ କମ୍ପାନି ଜିଓ ଏବଂ ଏୟାରଟେଲ ଠାରୁ ଯଥେଷ୍ଟ ପଛରେ ଥିଲେ। ଯେଉଁଠି ଜିଓ ପାଖରେ ପ୍ରାୟ ୩,୩୩,୦୦୦ ଏବଂ ଏୟାରଟେଲ୍ ପାଖରେ ୨,୯୨,୦୦୦ ଟାୱାର ସାଇଟ୍ସ ଅଛି, ସେଠାରେ ଭିଆଇ ପାଖରେ ୧,୯୦,୦୦୦ ଏବଂ ବିଏସଏନଏଲ୍ ପାଖରେ ମାତ୍ର ୧,୨୧,୦୦୦ ଟାୱାର ଅଛି। ଏବେ ଦୁଇ କମ୍ପାନି ଏକାଠି ହେବା ଦ୍ୱାରା ଟାୱାର ଓ ଫାଇବର ନେଟୱାର୍କର ପରିସର ବୃଦ୍ଧି ପାଇବ।

ସରକାରୀ ଓ ଘରୋଇ କମ୍ପାନି ଏକାଠି ହେବା ଦ୍ୱାରା ବୃଦ୍ଧି ପାଉଥିବା ମହଙ୍ଗା ରିଚାର୍ଜ ପ୍ଲାନରୁ ଗ୍ରାହକଙ୍କୁ କିଛିଟା ଆଶ୍ୱାସନା ମିଳିପାରେ। ଏହା ସହ ବିଏସଏନଏଲର ନେଟୱାର୍କ ଏବଂ ଇଣ୍ଟରନେଟ୍ ସ୍ପିଡରେ ସୁଧାର ଆସିବ, ଯାହା ଫଳରେ ଗ୍ରାହକଙ୍କୁ ଜିଓ-ଏୟାରଟେଲ୍ ବ୍ୟତୀତ ବିଏସଏନଏଲ କିମ୍ବା Viକୁ ବାଛିବାର ଏକ ନୂଆ ବିକଳ୍ପ ମିଳିବ।

## ଜିଓ ଏବଂ ଏୟାରଟେଲ୍‌ର ବଢ଼ିବ ଟେନ୍‌ସନ୍




# ୩୧ ଯାଏ ବଢ଼ିଲା ଏଲପିଜି ଇ-କେୱାଇସି

ନୂଆଦିଲ୍ଲୀ,୨୭।୮: ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନି ଗୁଡିକ ଏଲ୍‌ପିଜି ସିଲିଣ୍ଡର ଲାଗି ଇ-କେୱାଇସି ସମ୍ପୂର୍ଣ୍ଣ କରିବା ସୀମାକୁ ଚଳିତ ମାସ ୩୧ ଯାଏ ବୃଦ୍ଧି କରିଛନ୍ତି। ଯେଉଁ ଗ୍ରାହକ ଅଦ୍ୟାବଧି ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିନାହାନ୍ତି, କମ୍ପାନି ସେମାନଙ୍କୁ ଅବଗତ କରୁଛନ୍ତି। ଇ-କେୱାଇସି ସୀମାକୁ ଦ୍ୱିତୀୟ ଥର ଲାଗି ବୃଦ୍ଧି କରାଯାଇଛି। ଏହା ପୂର୍ବରୁ ଆଧାର ଯାଞ୍ଚ ସୀମା ୧୬ ଅଗଷ୍ଟ ରହିଥିଲା। ଯାହାକୁ ଅଗଷ୍ଟ ୨୩ ଯାଏ ବୃଦ୍ଧି କରାଯାଇଥିଲା। ଇ-କେୱାଇସି ନ କଲେ ଗ୍ରାହକଙ୍କୁ ସିଲିଣ୍ଡର ଲାଗି ଅଧିକ ଦେୟ ଭରିବାକୁ ପଡ଼ିପାରେ। ବୁକିଂ ମଧ୍ୟ ଅଟକିପାରେ। ଉପଭୋକ୍ତା ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ଏହାକୁ ସମ୍ପନ୍ନ କରାଇପାରିବେ। ମାତ୍ର ଦୀର୍ଘ ସମୟ ଯାଏ ଇ-କେୱାଇସି ନ କରାଇଲେ ଏଲ୍‌ପିଜି ସଂଯୋଗ ବ୍ଲକ ହୋଇପାରେ। ଏବେ ତେଲ କମ୍ପାନି ଗୁଡିକର ଡିଜିଟାଲ ଭିତ୍ତିଭୂମି ଚାପ ସହିବାକୁ ସକ୍ଷମ ହେଉନାହିଁ। ସର୍ଭର ଡାଉନ, ଆପ୍ କ୍ରାସ ହେବା ଏବଂ ପ୍ରୋସେସିଂ ଧିମା ହେବା ଯୋଗୁ ଲୋକେ ଇ-କେୱାଇସିରେ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ଡିଲର କହିଛନ୍ତି, ସର୍ଭର ଡାଉନ ରହିବା ଯୋଗୁ ସାରା ଦିନ କାମ ଠିକ୍‌ରେ ହୋଇପାରୁନାହିଁ। ଫଳରେ କାଉଣ୍ଟର ଗୁଡିକରେ ଭିଡ ଜମିବା ସହ ଅଧିକ ଦିନ ଲାଗୁଛି। ଲୋକେ ଇ-କେୱାଇସି କରାଇବା ଲାଗି ଘଣ୍ଟା ଘଣ୍ଟା ଛିଡା ହେବାକୁ ପଡୁଛି। ବର୍ତ୍ତମାନ ଦ୍ୱିତୀୟ ଥର ଲାଗି ଆଧାର ଇ-କେୱାଇସି ସୀମା ବଢ଼ାଯାଇଛି। ଏହା ନ କଲେ ସବ୍ସିଡି ମଧ୍ୟ ଅଟକିପାରେ।




# ଅନ୍‌ଲାଇନ୍‌ରେ ୫ କେଜିରୁ ଅଧିକ ଚିନି ମଗାଇବା ମନା

ନୂଆଦିଲ୍ଲୀ,୨୭।୮:ଦେଶରେ ଚିନି ଦର ଦ୍ରୁତ ଗତିରେ ବଢ଼ିବା ସହ ଖୁଚୁରା ବଜାରରେ ଏହାର ଉପଲବ୍ଧତାକୁ ନେଇ ଚିନ୍ତା ବଢ଼ିଛି। ଆଗାମୀ ପର୍ବପର୍ବାଣୀ ଋତୁ ପୂର୍ବରୁ ଚାହିଦା ବଢ଼ିଥିବାରୁ ବଡ଼ ରିଟେଲର୍ ଓ ଅନଲାଇନ୍ ଗ୍ରୋସରି ପ୍ଲାଟଫର୍ମଗୁଡ଼ିକ ଚିନି କିଣା ଉପରେ କଟକଣା ଲଗାଇବା ଆରମ୍ଭ କରିଛନ୍ତି। ଡି-ମାର୍ଟ ସମେତ କିଛି ରିଟେଲ ଶୃଙ୍ଖଳା ଏବଂ ବିଗ୍‌ବାସ୍କେଟ୍, ବ୍ଲିଙ୍କଇଟ୍ ଓ ସ୍ୱିଗି ଇନଷ୍ଟାମାର୍ଟ ଭଳି କ୍ୱିକ୍-କମର୍ସ ପ୍ଲାଟଫର୍ମରେ ଗ୍ରାହକଙ୍କ ପାଇଁ ଚିନି କିଣିବାର ପରିମାଣ ସୀମିତ କରାଯାଇଛି। ଅନଲାଇନ୍‌ରେ ୫ ଜେକିରୁ ଅଧିକ ଚିନି ମଗାଇବା ଉପରେ କଟକଣା ଲାଗିଛି। ଗ୍ରାହକମାନେ ଥରରେ ଅନଲାଇନ୍‌ରେ ୨-୫ କେଜି ପର୍ଯ୍ୟନ୍ତ ଚିନି ମଗାଇପାରିବେ।

ସରକାରୀ ତଥ୍ୟ ଅନୁସାରେ ଅଗଷ୍ଟ ୨୬ରେ ଦେଶରେ ଚିନିର ହାରାହାରି ଖୁଚୁରା ଦର କିଲୋପିଛା ୬୫.୦୫ ଟଙ୍କାରେ ପହଞ୍ଚିଛି। ଏହା ଗୋଟିଏ ଦିନ ପୂର୍ବର ୬୩.୯୭ ଟଙ୍କା ତୁଳନାରେ ଦରରେ ୧ ଟଙ୍କାରୁ ଅଧିକ ବୃଦ୍ଧି। ଗତ ଦୁଇ ମାସ ମଧରେ କେତେକ ଖୁଚୁରା ବଜାରରେ ଚିନି ଦରରେ ପ୍ରାୟ ୪୦% ବୃଦ୍ଧି ହୋଇଛି। ଅଗଷ୍ଟରୁ ନଭେମ୍ବର ପର୍ଯ୍ୟନ୍ତ ଗଣେଶ ପୂଜା, ଦଶହରା ଓ ଦୀପାବଳି ଭଳି ପର୍ବ ଯୋଗୁଁ ଚିନିର ଚାହିଦା ସାଧାରଣତଃ ବଢ଼ିଥାଏ। ଏହି ପରିସ୍ଥିତିରେ ଚିନିର ମହଜୁଦ ଓ ବଜାର ଯୋଗାଣ ଉପରେ କେନ୍ଦ୍ର ସରକାର ମଧ କଟକଣା ଲଗାଇଛନ୍ତି। ଡିଲରମାନଙ୍କ ପାଇଁ ମହଜୁଦ ସୀମା ଧାର୍ଯ୍ୟ କରାଯାଇଥିବା ବେଳେ ଅତିରିକ୍ତ ମହଜୁଦ ଓ କୃତ୍ରିମ ଅଭାବ ସୃଷ୍ଟି ରୋକିବାକୁ ନଜର ରଖାଯାଉଛି। ବଜାର ବିଶେଷଜ୍ଞଙ୍କ ମତରେ, ନୂଆ ଆଖୁ ଋତୁର ଚିନି ଉତ୍ପାଦନ ନଭେମ୍ବରରୁ ବଜାରକୁ ଆସିବା ପରେ ଯୋଗାଣ ସ୍ଥିତିରେ ସୁଧାର ଆସିପାରେ। ସେପର୍ଯ୍ୟନ୍ତ ପର୍ବ ଋତୁର ଅଧିକ ଚାହିଦା ଯୋଗୁଁ ଚିନି ଦର ଉପରେ ଚାପ ଜାରି ରହିବାର ଆଶଙ୍କା ରହିଛି।



# କେବଳ ଆଇଫୋନ ନୁହେଁ ଅନ୍ୟ ପ୍ରଡକ୍ଟ ବି ତିଆରି କରିବ ଆପଲ

ନୂଆଦିଲ୍ଲୀ,୨୭।୮:ଭାରତରେ ଆପଲ ଓ ଗୁଗଲର ହାର୍ଡୱେର୍ ମାନୁଫାକ୍ଚରିଂ ଆହୁରି ବଢ଼ିବାକୁ ଯାଉଛି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଆପଲ ଭାରତରେ ଆଇଫୋନ ବ୍ୟତୀତ ଅନ୍ୟ ଉତ୍ପାଦର ମାନୁଫାକ୍ଚରିଂ ମଧ୍ୟ ବଢ଼ାଇବା ନେଇ ସରକାର ସହ ଆଲୋଚନା କରୁଛି। ଅନ୍ୟପଟେ ଗୁଗଲ ଚୀନ୍‌ରୁ ନିଜର ରପ୍ତାନିମୁଖୀ ଉତ୍ପାଦନର ବଡ଼ ଅଂଶ ଭାରତକୁ ସ୍ଥାନାନ୍ତର କରିପାରେ।

ଗୁଗଲ ଚୀନରୁ ମେନୁଫେକ୍ଚରିଂ ୟୁନିଟ୍ ଭାରତକୁ ସ୍ଥାନାନ୍ତର କରିବା ନେଇ ଏକ ରିପୋର୍ଟ ଉପରେ ଶୁକ୍ରବାର ମନିକଣ୍ଟ୍ରୋଲ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପ୍ରଶ୍ନ କରିଥିଲା। ଏହାର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି, ବିଦେଶୀ ବଜାର ପାଇଁ ଗୁଗଲ ଯେଉଁ ଡିଭାଇସ୍ ଉତ୍ପାଦନ କରୁଛି, ତାହାର ବଡ଼ ଅଂଶ ଭାରତକୁ ଆସିବ ବୋଲି ସରକାର ଆଶା କରୁଛି। ତେବେ ଗୁଗଲ ଏନେଇ ଏପର୍ଯ୍ୟନ୍ତ ସାର୍ବଜନୀନ ଭାବେ କୌଣସି ସୂଚନା ଦେଇ ନାହିଁ।

ଗୁଗଲ ୨୦୨୩ ଅକ୍ଟୋବରରେ ଭାରତରେ ପିକ୍ସେଲ ସ୍ମାର୍ଟଫୋନ୍ ଉତ୍ପାଦନ ଆରମ୍ଭ କରିବା ଘୋଷଣା କରିଥିଲା। ପ୍ରଥମେ ପିକ୍ସେଲ୍ ୮ ମଡେଲ୍‌ରୁ ଏହି ଉତ୍ପାଦନ ଆରମ୍ଭ ହୋଇଥିଲା। ଭାରତକୁ ଏକ ପ୍ରମୁଖ ବଜାର ଭାବେ ଦେଖିବା ସହ ଦେଶରେ ଉତ୍ପାଦନ ବଢ଼ାଇବା ଦିଗରେ ଏହା ପ୍ରାରମ୍ଭିକ ପଦକ୍ଷେପ ବୋଲି ଗୁଗଲ କହିଥିଲା।

ଡିକ୍ସନ ଟେକ୍ନୋଲୋଜୀ (Dixon Technologies) ସମେତ ବିଭିନ୍ନ ମାନୁଫାକ୍ଚରିଂ ପାର୍ଟନର୍ ଭାରତରେ ଗୁଗଲ ପିକ୍ସେଲ ଫୋନ୍ ଆସେମ୍ବଲ୍ କରୁଛନ୍ତି। ୨୦୨୫ରେ ଗୁଗଲ ଭାରତରେ ପିକ୍ସେଲ ଉତ୍ପାଦନ ବଢ଼ାଇବା ସହ ଦେଶରେ ତିଆରି ଡିଭାଇସ୍‌କୁ ରପ୍ତାନି ପାଇଁ ପ୍ରସ୍ତୁତ କରୁଥିଲା। ଏହି ସପ୍ତାହରେ ପ୍ରକାଶିତ ରିପୋର୍ଟ ଅନୁସାରେ, ୨୦୨୭ରୁ ଗୁଗଲ ଚୀନ୍‌ରେ ପିକ୍ସେଲ ଫୋନ୍, ସ୍ମାର୍ଟୱାଚ୍ ଓ ୱାୟରଲେସ୍ ଇୟରବଡ୍ ଉତ୍ପାଦନ ବନ୍ଦ କରି ଭାରତ ଓ ଭିଏତନାମ୍‌କୁ ଉତ୍ପାଦନ ସ୍ଥାନାନ୍ତର କରିପାରେ।

ଭାରତରେ ଆପଲର ମାନୁଫାକ୍ଚରିଂ ନେଟୱର୍କ ଗୁଗଲ ତୁଳନାରେ ଅଧିକ ବଡ଼। ଆପଲ ୨୦୧୭ରୁ ଭାରତରେ ଆଇଫୋନ ଆସେମ୍ବଲି ଆରମ୍ଭ କରିଥିଲା। ଏବେ ଫକ୍ସକନ ଓ ଟାଟା ଗ୍ରୁପର ଭଳି କମ୍ପାନୀର ସହଯୋଗରେ ଦେଶରେ ଆଇଫୋନ ଉତ୍ପାଦନ ବ୍ୟାପକ ଭାବେ ହେଉଛି। କାଉଣ୍ଟର ପଏଣ୍ଟର ଆକଳନ ଅନୁସାରେ, ୨୦୨୬ରେ ବିଶ୍ୱର ମୋଟ ଆଇଫୋନ ଉତ୍ପାଦନର ପ୍ରାୟ ୨୬ ପ୍ରତିଶତ ଭାରତରେ ତିଆରି ହୋଇପାରେ। ଭାରତ ଏବେ ଆପଲ ପାଇଁ ଏକ ବଡ଼ ଆଇଫୋନ ରପ୍ତାନି କେନ୍ଦ୍ର ଭାବେ ମଧ ଉଭା ହୋଇଛି। ଏବେ ସରକାରଙ୍କ ଲକ୍ଷ୍ୟ ହେଉଛି ଆପଲ ଏବେ କେବଳ ଆଇଫୋନ ଉତ୍ପାଦନରେ ସୀମିତ ନରହି ଅନ୍ୟ ହାର୍ଡୱେର୍ ଉତ୍ପାଦକୁ ମଧ ଭାରତରେ ଉତ୍ପାଦନ କରୁ। ଆପଲର ଭାରତୀୟ ଯୋଗାଣକାରୀମାନେ ଫାଇନାଲ୍ ଆସେମ୍ବଲି ବ୍ୟତୀତ ବିଭିନ୍ନ କମ୍ପୋନେଣ୍ଟ ମଧ ଦେଶରେ ଉତ୍ପାଦନ କରୁଛନ୍ତି।

ସେପଟେ ଘରୋଇ ବ୍ରାଣ୍ଡଗୁଡିକୁ ମଜଭୁତ କରିବାକୁ ଭାରତ ଜୋରସୋରରେ ଉଦ୍ୟମ ଚଳାଇଛି। ସରକାର ନୂଆ ମୋବାଇଲ ଫୋନ ମେନୁଫେକ୍ଚରିଂ ସ୍କିମ୍ ଲାଗୁ କରିଛନ୍ତି। ପୂର୍ବରୁ ଚାଲିଥିବା ବଡ଼ ଇଲେକ୍ଟ୍ରୋନିକ୍ସ ମାନୁଫାକ୍ଚରିଂ ପାଇଁ ପିଏଲଆଇ ଯୋଜନା ୩୧ ମାର୍ଚ୍ଚ ୨୦୨୬ରେ ଶେଷ ହୋଇଥିଲା। ଜୁଲାଇରେ କ୍ୟାବିନେଟ୍ ଅନୁମୋଦନ କରିଥିବା ନୂଆ ଯୋଜନାରେ ୬୨,୫୦୦ କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା ରହିଛି। ଏହି ଯୋଜନା FY27ରୁ FY31 ପର୍ଯ୍ୟନ୍ତ ଚାଲିବ। ଯୋଗ୍ୟ ମୋବାଇଲ୍ ଫୋନ୍ ବିକ୍ରି ଉପରେ ୨.୨୫ ପ୍ରତିଶତରୁ ୫ ପ୍ରତିଶତ ପର୍ଯ୍ୟନ୍ତ ପ୍ରୋତ୍ସାହନ ଦିଆଯିବ। ଦେଶରେ ତିଆରି ନିର୍ଦ୍ଦିଷ୍ଟ କମ୍ପୋନେଣ୍ଟ ଓ ସବ୍-ଆସେମ୍ବଲି କିଣିଲେ ଅତିରିକ୍ତ ୧.୫ ପ୍ରତିଶତ ପର୍ଯ୍ୟନ୍ତ ପ୍ରୋତ୍ସାହନ ମିଳିପାରିବ।



ସରକାରୀ ତଥ୍ୟ ଅନୁସାରେ, ଭାରତରେ ବ୍ୟବହୃତ ମୋବାଇଲ୍ ଫୋନ୍‌ର ପ୍ରାୟ ୯୯.୨ ପ୍ରତିଶତ ଦେଶରେ ହିଁ ଉତ୍ପାଦନ ହେଉଛି। ଆର୍ଥିକ ବର୍ଷ ୨୦୨୪ରେ ମୋବାଇଲ୍ ମାନୁଫାକ୍ଚରିଂରେ ଘରୋଇ ଉପକରଣର ବ୍ୟବାହର ୨୩ ପ୍ରତିଶତରେ ପହଞ୍ଚିଥିଲା। ଆର୍ଥିକ ବର୍ଷ ୨୦୨୬ରେ ସ୍ମାର୍ଟଫୋନ୍ ଭାରତର ସବୁଠାରୁ ବଡ଼ ଏକକ ରପ୍ତାନି ଉତ୍ପାଦ ବର୍ଗ ହୋଇଛି। ଏହା ସହିତ ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ଓ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ପାଇଁ ମଧ ସରକାର ପ୍ରୋତ୍ସାହନ ବଢ଼ାଇଛନ୍ତି। ଏହା ଫଳରେ ଭାରତ କେବଳ ମୋବାଇଲ୍ ଆସେମ୍ବଲି କେନ୍ଦ୍ର ନୁହେଁ, ବରଂ କମ୍ପୋନେଣ୍ଟଠାରୁ ଆରମ୍ଭ କରି ଫାଇନାଲ୍ ପ୍ରଡକ୍ଟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଇଲେକ୍ଟ୍ରୋନିକ୍ସ ସପ୍ଲାଇ ଚେନ୍‌ର ଏକ ପ୍ରମୁଖ ହବ୍ ହେବା ଦିଗରେ ଆଗକୁ ବଢ଼ୁଛି।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୬୩,୭୫୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୫୦,୧୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୬୩,୭୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୫୦,୧୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୩,୭୫୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୫୦,୧୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୬୩,୩୯୦ ଟଙ୍କା ଓ ୨୨ କ୍ୟାରଟେ ୧,୫୦,୨୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୩,୭୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୫୦,୧୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୬୩,୭୫୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୫୦,୧୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୫.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୪୨ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୦୯ ପଇସା ଓ ଡିଜେଲ ଦର ୧୦୨ ଟଙ୍କା ୧୫ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୭ଟଙ୍କା ୬୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୧୦୫.୩୦ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୮୪ ଟଙ୍କା ଥିବାବେଳେ ଡିଜେଲ ଦର ୧୦୦ ଟଙ୍କା ୯୪ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୧୭ ଟଙ୍କା ୬୧ ପଇସା ଥିବା ବେଳେ ଡିଜେଲ ଦାମ ୧୦୫ ଟଙ୍କା୩୦ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

### ଯୁଯୁରାଙ୍ଗ ପୋଖରୀ ରାସ୍ତାରେ ଖୋଲା ଟ୍ରାନ୍ସଫର୍ମର

## ବିପଦ ଆଶଙ୍କା, ବିଦ୍ୟୁତ ବିଭାଗ କେବେ ଚେତିବ?



**କେସିଙ୍ଗା,୨୭।୮ (ସଂଚାର ବ୍ୟୁରୋ):** କେସିଙ୍ଗା ବ୍ଲକ, ଗୋକୁଲେଶ୍ୱର ପଞ୍ଚାୟତ ଯୁଯୁରାଙ୍ଗ ଗାଁର ପୋଖରୀକୁ ଯିବା ରାସ୍ତାରେ ଏକ ଟ୍ରାନ୍ସଫର୍ମର ଅସୁରକ୍ଷିତ ଓ ବିପଜ୍ଜନକ ଅବସ୍ଥାରେ ଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଲୋକଙ୍କ ଯାତାୟାତ ହେଉଥିବା ରାସ୍ତା ନିକଟରେ ଟ୍ରାନ୍ସଫର୍ମରଟି ଖୋଲା ଅବସ୍ଥାରେ ରହିଥିବା ଅଭିଯୋଗ ହୋଇଛି।ବିଶେଷକରି ଏହି ରାସ୍ତାରେ ଗ୍ରାମବାସୀଙ୍କ ସହ ଛୋଟ ପିଲାମାନେ ମଧ୍ୟ ଯାତାୟାତ କରୁଥିବାରୁ ବିଦ୍ୟୁତ୍ ଦୁର୍ଘଟଣାର ଆଶଙ୍କାକୁ ଅଣଦେଖା କରାଯାଇପାରେନାହିଁ। ଟ୍ରାନ୍ସଫର୍ମର ଚାରିପାଖରେ ଯଥେଷ୍ଟ ସୁରକ୍ଷା ବାଡ଼, ଚେତାବନୀ ଫଳକ ଓ ଅନ୍ୟାନ୍ୟ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ରହିଛି କି ନାହିଁ, ତାହା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଗତ ବର୍ଷ ଗୋଟିଏ ଗାଈ ବିଦ୍ୟୁତ୍ ଆଘାତରେ ଅକାଳେ ବଂଚିଯାଇଥିଲା। ଏଭଳି ବିପଜ୍ଜନକ ସ୍ଥିତି ଦୀର୍ଘ ସମୟ ଧରି ରହିଥିଲେ ମଧ୍ୟ ସମ୍ପୃକ୍ତ ବିଦ୍ୟୁତ୍ କର୍ମଚାରୀମାନେ ଏହାର ସ୍ଥାୟୀ ସମାଧାନ ପାଇଁ କାହିଁକି ପଦକ୍ଷେପ ନେଉନାହାନ୍ତି, ତାହା ନେଇ ଅସନ୍ତୋଷ ପ୍ରକାଶ ପାଇଛି। (ଅଘଟଣ ଘଟିଲେ ଦାୟୀ କିଏ?) କୌଣସି ଅଘଟଣ ଘଟିବା ପରେ ତଦନ୍ତ କରିବା ଅପେକ୍ଷା, ତାହା ପୂର୍ବରୁ ବିପଦକୁ ଚିହ୍ନଟ କରି ସୁରକ୍ଷା ବ୍ୟବସ୍ଥା କରିବା ହିଁ ବିଦ୍ୟୁତ୍ ବିଭାଗର ଦାୟିତ୍ୱ। ତେଣୁ ପ୍ରଶ୍ନ ଉଠୁଛି ଯଦି ଏହି ଅସୁରକ୍ଷିତ ଟ୍ରାନ୍ସଫର୍ମର ଯୋଗୁଁ କୌଣସି ଅଘଟଣ ଘଟେ, ତେବେ ଦାୟିତ୍ୱ କାହାର ରହିବ? ଗ୍ରାମବାସୀଙ୍କ ଦାବି, ସମ୍ପୃକ୍ତ ବିଦ୍ୟୁତ୍ ବିଭାଗ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ଟ୍ରାନ୍ସଫର୍ମର ଚାରିପାଖରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରୁ।

# ଅସ୍ତରଙ୍ଗରେ ତେଲ ଲୁଟ୍, ଅର୍ଥ ଲୁଟ୍

### ୩ ଅଧିକାରୀଙ୍କ ରାଜରେ ଫେଲ୍ ମାରିଲା ପ୍ରଶାସନ

### ଝାଉଁ ବିଲ୍ ପରେ ତେଲ ବିଲ୍ ଘୋଟାଲା ଅଭିଯୋଗ

### ବ୍ଲକ ଗାଡି କାକଟପୁର-ଭୁବନେଶ୍ୱର ଦୌଡୁଛି, ଥାନା ଗାଡିରେ ଘରକୁ ଯାତାୟାତ




**କାକଟପୁର/ଅସ୍ତରଙ୍ଗ,୨୭।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଓ ଥାନାରେ ଏବେ ୩ ଅଧିକାରୀଙ୍କ ରାଜ। ସବୁଠି ଚର୍ଚ୍ଚାରେ ଅସ୍ତରଙ୍ଗ ବଜାର ଚର୍ଚ୍ଚା ଶିରୋନାମା ପାଲଟିଛି।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ମହାପାତ୍ର, ନାୟକ, ବେହେରା - ଏହି ୩ ଅଧିକାରୀ ଯୋଗ ଦେବା ପରଠୁ ଅସ୍ତରଙ୍ଗରେ ପ୍ରଶାସନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୂର୍ବରୁ ଝାଉଁ ଚାରା ଲକ୍ଷ ଲକ୍ଷ ବିଲ୍ ଓ ମନରେଗା ମିଥ୍ୟା ବିଲ୍ ଅଭିଯୋଗ ଉଠିଥିଲା, ଏବେ ନୂଆ ଅଭିଯୋଗ - ସରକାରୀ ତେଲ ବିଲ୍ ଲୁଟ୍। ଲୋକଙ୍କ ସିଧା ଅଭିଯୋଗ - ବ୍ଲକର ଦୁଇ ଜଣ ଅଧିକାରୀ ମହାପାତ୍ର ଓ ବେହେରା ଙ୍କ ଯୋଗ ପରେ ବ୍ଲକ ଗାଡିର ଅପବ୍ୟବହାର ବଢ଼ିଛି। ସୂଚନା ଅନୁସାରେ ସରକାରୀ ଗାଡି ଗାଁ ଉନ୍ନୟନ କାମ ଦେଖିବାକୁ ଯାଉନାହିଁ, କିନ୍ତୁ ପ୍ରତିଦିନ କାକଟପୁର ବସ୍ ଷ୍ଟାଣ୍ଡ, ଭୁବନେଶ୍ୱର ଓ କଟକ ରୋଡ୍ ପର୍ଯ୍ୟନ୍ତ ଅଧିକାରୀଙ୍କୁ ଆଣିବା-ନେବା ପାଇଁ ଦୌଡୁଛି। ଏଥିପାଇଁ ସରକାରୀ ତେଲ ପୋଡୁଛି, ହଜାର ହଜାର ଟଙ୍କାର ବିଲ୍ ହେଉଛି। ଏହା ସରକାରୀ କାମ ନା ବ୍ୟକ୍ତିଗତ କାମ? ତେଲ ବିଲ୍ ର ଲଗ୍ ବୁକ୍ ସାର୍ବଜନୀନ ହେଲେ ସବୁ ପୋଲ ଖୋଲିବ ବୋଲି ଜନତା କହୁଛନ୍ତି। ଅନ୍ୟପଟେ ଥାନା ଅଧିକାରୀ ନାୟକ ଙ୍କ ଯୋଗ ପରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି ବୋଲି ବ୍ୟବସାୟୀ ସଙ୍ଘ ଅଭିଯୋଗ କରିଛି। ସରକାର ପାଟ୍ରୋଲିଂ ପାଇଁ ଦୁଇଟି ଗାଡି ଦେଇଥିବା ଓ ମାତ୍ର ୪ଟି ଦୁଇ ଚକିଆ ଗାଡି ସହ ମାସକୁ ହଜାର ହଜାର ଟଙ୍କାର ତେଲ ଦେଉଛନ୍ତି। କିନ୍ତୁ ରାତିରେ ପାଟ୍ରୋଲିଂ ହେଉନାହିଁ। ଫଳରେ ମନ୍ଦିର, ଅଙ୍ଗନବାଡ଼ି, ସ୍କୁଲ ଚୋରି ପରେ ଥାନାଠୁ ମାତ୍ର ୫୦ ମିଟର ଦୂରରୁ ୫୦ ଲକ୍ଷର ଫୋନ୍ ଲୁଟ୍ ହେଲା। ସିସିଟିଭି ଥାଇ ବି ପୋଲିସ ଫେଲ୍ ମାରିଛି।

ସୋସିଆଲ ମିଡିଆରେ ଭାଇରାଲ ଭିଡିଓ ଏହି ଅଭିଯୋଗକୁ ଆହୁରି ଘନୀଭୂତ କରିଛି। ପାଟ୍ରୋଲିଂ କରିବାକୁ ଯାଇ ଗାଡି ରାସ୍ତା କଡରେ ରଖି କର୍ମଚାରୀ ସିମେଣ୍ଟ ବାରଣ୍ଡାରେ ଶୋଇବା ପାଟ୍ରୋଲିଂ ବାଲଛି ଗାଡି ଥାନା କର୍ମଚାରୀ ନିଜ ଘରକୁ ନେଇ ଯାତାୟାତ କରାଯାଉଛି ବୋଲି ବି ଅଭିଯୋଗ। ତେଲ ସରକାରୀ, କାମ ଘରୋଇ। ସାଧାରଣ ଲୋକେ କହୁଛନ୍ତି - ୩ ଅଧିକାରୀଙ୍କ ରାଜରେ ସବୁ ବନ୍ଦ, କେବଳ ବିଲ୍ ଚାଲୁ। ଉନ୍ନୟନ ମୂଳକ କାମ ଫାଇଲ, ପାଟ୍ରୋଲିଂ ଚେକ ବନ୍ଦ। ବ୍ୟବସାୟୀ ସଙ୍ଘ ସଭାପତି ଦୁଷ୍ମନ୍ତ ପରିଡାଙ୍କ ନେତୃତ୍ୱରେ ଗୁରୁବାର ପୁରୀ ଏସପିଙ୍କୁ ଭେଟି ଥାନା ଅଧିକାରୀ ନାୟକ ଙ୍କ ବଦଳି ଓ ନିଶା କାରବାର ରୋକିବା ଦାବୀ କରାଯାଇଛି। ଜନତାଙ୍କ ଦାବୀ - ବ୍ଲକ ଓ ଥାନାର ଏକ ବର୍ଷର ସମସ୍ତ ତେଲ ବିଲ୍, ଲଗ୍ ବୁକ୍, ପାଟ୍ରୋଲିଂ ରିପୋର୍ଟ ସାର୍ବଜନୀନ ହେଉ, ଭିଜିଲାନ୍ସ ତଦନ୍ତ ହେଉ।

## ବଡ଼ବିଲରେ ଧୂମଧାମରେ ରାକ୍ଷାବନ୍ଧନ ପର୍ବ ପାଳିତ

**ଯୋଡ଼ା,୨୭।୮ (ସଂଚାର ବ୍ୟୁରୋ):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ବଡ଼ବିଲ ଶାଖା ପକ୍ଷରୁ ପବିତ୍ର ରାକ୍ଷୀବନ୍ଧନ ପର୍ବ ଶ୍ରଦ୍ଧା, ପ୍ରେମ ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ଶାଖା ସଞ୍ଚାଳିକା ବ୍ରହ୍ମାକୁମାରୀ ଜୟନ୍ତୀ ଭଉଣୀଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସ୍ଥାର ଭାଇ ଓ ଭଉଣୀମାନେ



ସହଯୋଗ କରିଥିଲେ। ଏହି ଅବସରରେ ବଡ଼ବିଲ ଉପ-ଜେଲ୍‌କୁ ଯାଇ ବ୍ରହ୍ମାକୁମାରୀ ଭଉଣୀମାନେ କଏଦୀମାନଙ୍କ ହାତରେ ରାକ୍ଷୀ ବାନ୍ଧିବା ସହ ସେମାନଙ୍କ ସହ ଖୁସି ବାଣ୍ଟିଥିଲେ। ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣି ସନ୍ମାର୍ଗରେ ଚାଲିବାକୁ ସେମାନେ ପ୍ରେରଣା ଦେଇଥିଲେ। ସେହିପରି ଓଏମ୍‌ସି ଆଦର୍ଶ ବିଦ୍ୟାଳୟ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ରାକ୍ଷୀ ବାନ୍ଧାଯାଇଥିଲା। ପବିତ୍ରତା, ଶ୍ରେଷ୍ଠ ସଂସ୍କାର ଓ ନୈତିକ ଜୀବନର ମହତ୍ତ୍ୱ ସମ୍ପର୍କରେ ସେମାନଙ୍କୁ ବୁଝାଯାଇଥିଲା। ବଡ଼ବିଲର ତହସିଲଦାର, ଏସ୍‌ଡିପିଓ, ଥାନା ଆଇଆଇସିଙ୍କ ସମେତ ସ୍ଥାନୀୟ ଡାକ୍ତରଖାନାର ଡାକ୍ତର ଓ ନର୍ସମାନଙ୍କୁ ମଧ୍ୟ ରାକ୍ଷୀ ବାନ୍ଧି ସେମାନଙ୍କ ସେବା ପାଇଁ ଶୁଭକାମନା ଜଣାଯାଇଥିଲା। ଏଥିସହ ଓଏମ୍‌ସି ବଡ଼ବିଲ ମୁଖ୍ୟାଳୟରେ ମଧ୍ୟ ବିଶେଷ କାର୍ଯ୍ୟକ୍ରମ କରାଯାଇ ଅଧିକାରୀ ଓ କର୍ମଚାରୀମାନଙ୍କୁ ରାକ୍ଷୀ ବନ୍ଧାଯାଇଥିଲା।

## ରକ୍ଷାବନ୍ଧନ ଅବସରରେ ମେହେର ସାହିତ୍ୟ ଚର୍ଚ୍ଚାରେ ମୁଖରିତ କୋରାପୁଟ



**କୋରାପୁଟ,୨୭।୮ (ସଂଚାର ବ୍ୟୁରୋ):** ସାହିତ୍ୟ, ସଂସ୍କୃତି ଓ ଭାଇଚାରାର ବାର୍ତ୍ତା ନେଇ ସତ୍ତା ସାହିତ୍ୟ ସଂସଦ, କୋରାପୁଟ ପକ୍ଷରୁ ରକ୍ଷାବନ୍ଧନ ଓ କବିବର ଗଙ୍ଗାଧର ମେହେର ଜୟନ୍ତୀ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସାହିତ୍ୟ ସଭାରେ ମେହେରଙ୍କ ସୃଜନଶୀଳତା, ନାରୀ ଚେତନା ଓ ପ୍ରକୃତି ପ୍ରତି ତାଙ୍କର ଅନୁରାଗ ଉପରେ ଗଭୀର ଆଲୋଚନା ହୋଇଥିଲା। କବି ଜଳଧର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି, ଡକ୍ଟର ବୈରାଗୀ ସାମଲ ମୁଖ୍ୟ ବକ୍ତା, ଡକ୍ଟର ଜଗବନ୍ଧୁ ସାମଲ ସମ୍ମାନିତ ଅତିଥି ଏବଂ ଶ୍ରୀଯୁକ୍ତ ପଦ୍ମନାଭ ସେଠୀ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ବକ୍ତାମାନେ ଗଙ୍ଗାଧର ମେହେରଙ୍କ ସାହିତ୍ୟିକ ଅବଦାନ ଓ ଓଡ଼ିଆ ସାହିତ୍ୟରେ ତାଙ୍କର ସ୍ୱତନ୍ତ୍ର ସ୍ଥାନ ସମ୍ପର୍କରେ ମତ ରଖିଥିଲେ। ଡକ୍ଟର ବୈରାଗୀ ସାମଲ ମେହେରଙ୍କ ସାହିତ୍ୟରେ ନାରୀ ଓ ପ୍ରକୃତିର ଅନନ୍ୟ ସମ୍ପର୍କ ଉପରେ ବିଶେଷ ଆଲୋକପାତ କରିଥିଲେ। ସମ୍ପାଦକ ଅଧିବକ୍ତା ଜୟନ୍ତ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ କୃଷ୍ଣଚନ୍ଦ୍ର ହୋତା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କବି ରବି ଶତପଥି ମଞ୍ଚ ପରିଚାଳନା କରିଥିଲେ।

## ପ୍ରକୃତି ଓ ପରମ୍ପରାର ଅନନ୍ୟ ଉତ୍ସବ 'ବୃକ୍ଷ ରକ୍ଷାବନ୍ଧନ'



**ସୁନ୍ଦରଗଡ଼,୨୭।୮ (ସଂଚାର ବ୍ୟୁରୋ):** ହାତରେ ପୂଜାଥାଳି, ଓଠରେ ହୁଳହୁଳି ଏବଂ ଶଙ୍ଖ-ଘଣ୍ଟର ମଙ୍ଗଳଧ୍ୱନିରେ ବୃକ୍ଷର ଶାଖାରେ ବନ୍ଧାଗଲା ସ୍ନେହ ଓ ସୁରକ୍ଷାର ପବିତ୍ର ଡୋରି 'ରାକ୍ଷୀ'। ପାରମ୍ପରିକ ରୀତିରେ ବୃକ୍ଷକୁ ପୂଜାର୍ଚ୍ଚନା କରି ତାର ଆଜୀବନ ଯତ୍ନ ଓ ସୁରକ୍ଷା ପାଇଁ ସଂକଳ୍ପ ନେଲେ ହଜାର ହଜାର ମହିଳା। ପ୍ରକୃତି ପ୍ରତି ଭଲପାଇବା ଏବଂ ଭାରତୀୟ ପରମ୍ପରାର ଏହି ଅପୂର୍ବ ସମନ୍ୱୟ ହେଉଛି 'ବୃକ୍ଷ ରକ୍ଷାବନ୍ଧନ'। ଭାରତୀୟ ସଂସ୍କୃତିରେ ରାକ୍ଷୀ କେବଳ ଏକ ପର୍ବ ନୁହେଁ, ଏହା ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କ, ସ୍ନେହ, ସୁରକ୍ଷା ଓ ବିଶ୍ୱାସର ଚିରନ୍ତନ ପ୍ରତୀକ। ପ୍ରତିବର୍ଷ ଶ୍ରାବଣ ପୂର୍ଣ୍ଣିମାରେ ଭଉଣୀ ଭାଇଙ୍କ ହାତରେ ରାକ୍ଷୀ ବାନ୍ଧି ତାଙ୍କ ସୁସ୍ୱାସ୍ଥ୍ୟ, ଦୀର୍ଘାୟୁ ଓ ସମୃଦ୍ଧି କାମନା କରେ। ପ୍ରତି ବଦଳରେ ଭାଇ ଭଉଣୀଙ୍କ ସୁରକ୍ଷା, ସମ୍ମାନ ଓ ମର୍ଯ୍ୟାଦା ରକ୍ଷାର ଦାୟିତ୍ୱ ନିଏ। ସେହି ପବିତ୍ର ଭାବନାକୁ ପ୍ରକୃତି ସୁରକ୍ଷା ସହ ଯୋଡ଼ି ଦେଇଛି 'ବୃକ୍ଷ ରକ୍ଷାବନ୍ଧନ'। ଏଥିରେ ଝିଅ ଓ ମହିଳାମାନେ ବୃକ୍ଷକୁ ଭାଇର ସ୍ଥାନ ଦେଇ ରାକ୍ଷୀ ବାନ୍ଧିବା ସହ ଏହାର ଆଜୀବନ ସୁରକ୍ଷା, ଯତ୍ନ ଓ ସଂରକ୍ଷଣ ପାଇଁ ଶପଥ ନେଇଥାନ୍ତି। ଏହି ଅଭିନବ ଅଭିଯାନ ପ୍ରଥମେ ୨୦୨୦ ମସିହାରେ ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଝୁଟିମାଲ ଗ୍ରାମରୁ ଆରମ୍ଭ ହୋଇଥିଲା। ବରିଷ୍ଠ ପରିବେଶବିତ୍ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେବକ'ର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟଙ୍କ ନେତୃତ୍ୱରେ ଝୁଟିମାଲ ବନ ସୁରକ୍ଷା ସମିତି ପକ୍ଷରୁ ପ୍ରତ୍ୟେକ ବିବାହିତା ମହିଳାଙ୍କୁ ଗୋଟିଏ ଲେଖାଏଁ ଗଛ ଲଗାଇ ତାହାକୁ ରାକ୍ଷୀ ବାନ୍ଧିବା ପାଇଁ ପ୍ରେରିତ କରାଯାଇଥିଲା। ସେହି ଛୋଟ ପ୍ରୟାସ ହିଁ ପରବର୍ତ୍ତୀ ସମୟରେ ଗଛ ଓ ମଣିଷ ମଧ୍ୟରେ ନିବିଡ଼ ସମ୍ପର୍କର ଏକ ଅନନ୍ୟ ପରମ୍ପରା ସୃଷ୍ଟି କରିଥିଲା।

## ଗଙ୍ଗାଧର ମେହେରଙ୍କ ସାହିତ୍ୟ ଆଲୋଚନା

**ବଲାଙ୍ଗୀର,୨୭।୮ (ସଂଚାର ବ୍ୟୁରୋ):** ଦିନ ୨.୩୦ ମିନିଟ ସମୟରେ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଗଙ୍ଗାଧର ମେହେରଙ୍କ ସାହିତ୍ୟ ଉପରେ ଆଲୋଚନା ହୋଇଥିଲା। ଏହି ସଭାରେ ଦୀପ ପ୍ରଜ୍ୱଳନ ସହ ସଭାପତିତ୍ୱ କରିଥିଲେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଅରୁନ୍ଧତୀ ବଢ଼େଇ। ମୁଖ୍ୟ ଅତିଥି ଭାବରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସଭାପତି ଡକ୍ଟର ଭବାନୀ ଶଙ୍କର ପଟେଲ, ସମ୍ମାନୀତ ଅତିଥି ଭାବରେ ଲିଲି ପଟେଲ, ଉପ ସଭାପତି ଅଘରିଆ ସମାଜ ବଲାଙ୍ଗୀର ଓ ସମ୍ପାଦିକା ତେଜସ୍ୱିନୀ ଜ୍ଞାନ ପ୍ରଭା। ମୁଖ୍ୟବକ୍ତା ଭାବରେ କବି ବଳିଷ୍ଠ ପଧାନ, ବରେଣ୍ୟ ଅତିଥି ଭାବରେ ଶ୍ରୀ ଗିରିଜା ଶଙ୍କର ରଥ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ, ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶା, ମଞ୍ଚାସୀନ ଥିଲେ। ରାମଶଙ୍କର ଶତପଥୀ, ଦୟାନିଧି ନାଏକ, ନିକିତା ଶତପଥୀ, ଯଯାତି କେଶରୀ ପ୍ରଧାନ, ବନ୍ଦିତା ତରିଆ, ଗୀତାଞ୍ଜଳୀ ମାଝୀ, ତଥା ସ୍କୁଲର ସମସ୍ତ କର୍ମଚାରୀ ବୃନ୍ଦ। ଦୀପ ପ୍ରଜ୍ୱଳନ ମନ୍ତ୍ର ଗାନ କରିଥିଲେ ଶାଶ୍ୱତୀ ପ୍ରିୟଦର୍ଶିତା ସାହୁ, ହଂସନେତ୍ରୀ ଦାସ, ସଙ୍ଗୀତ ପରିବେଷଣ କରିଥିଲେ ପ୍ରିୟାଂଶୀ ଖମାରୀ, ପୁନମ୍ ବରିହା, ସ୍କୁଲର ଛାତ୍ରୀମାନେ ଆଲୋଚନାଚକ୍ରରେ ଭାଗନେଇ ଥିଲେ ସେମାନେ ହେଲେ ଧରିତ୍ରୀ ପାତ୍ର, ସନ୍ଧ୍ୟାରାଣୀ ପଣ୍ଡା, ରାଜଶ୍ରୀ ବାଗ, ଶ୍ୱେତା ହାତୀ, ଶେଷରେ ରାମ ଶଙ୍କର ଶତପଥୀ ଏକ ଭାବମୟ ଗୀତ ଗାଇଥିଲେ।

## ହିନ୍ଦୁ ଜାଗରଣ ମଞ୍ଚ ତରଫରୁ ରକ୍ଷା ବନ୍ଧନ ଓ ଗୋ ପୂଜନ

**ଭୁବନ,୨୭।୮ (ସଂଚାର ବ୍ୟୁରୋ):** ହିନ୍ଦୁ ଜାଗରଣ ମଞ୍ଚ, ଭୁବନ ଆନୁକୂଲ୍ୟରେ ଓ ଶ୍ରୀ କାଶୀ ବିଶ୍ୱନାଥ ଚାରିଟେବୁଲ୍ ଟ୍ରଷ୍ଟ, ଛତା ମଠ ସହଯୋଗରେ ପ୍ରତିବର୍ଷ ପରି ଚଳିତବର୍ଷ ପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନରେ ଗୋ ପୂଜନ ଓ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ହିନ୍ଦୁ ଜାଗରଣ ମଞ୍ଚ ସଂଯୋଜକ ସଦାନନ୍ଦ ନାୟକଙ୍କ ସଭାପତିତ୍ୱ ଓ ଶିକ୍ଷକ ବସନ୍ତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାଶୀ ବିଶ୍ୱନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ହରିହର ସାହୁ ମୁଖ୍ୟ ଅତିଥି, ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭୁବନର ମୁଖ୍ୟ ବ୍ରହ୍ମା କୁମାରୀ ବିଜୟା, ବାବା ରାମାନନ୍ଦ ଭାରତୀ, କାଳୀ ବଜାର ବଣିକ ସଂଘ ସଭାପତି ସମାଜସେବୀ ସୁବ୍ରତ କୁମାର ସାହୁ, ନିରଞ୍ଜନ ଗୁରୁ ଓ ଚାଷୀ ଗଦାଧର ନାୟକ ପ୍ରମୁଖ ଉପସ୍ଥିତ ରହି ଗୋ ମାତାର ରକ୍ଷା, ସୁରକ୍ଷା ଓ ମାନବ କଲ୍ୟାଣ ସମ୍ପର୍କରେ ଆଲୋକପାତ କରିଥିଲେ।

## ବିଦ୍ୟାଳୟରେ ରକ୍ଷାବନ୍ଧନ ପାଳିତ

**ବେତନଟୀ, ୨୭।୮ (ସଂଚାର ବ୍ୟୁରୋ):** ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ତରଫରୁ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଅଛି। ଇକୋକ୍ଲବ ର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ରକ୍ଷାବନ୍ଧନରେ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ସନ୍ତୋଷ କୁମାର ବେହେରା ପ୍ରଧାନଶିକ୍ଷକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି - ବିଜୟ ଭାସ୍କର ମହାଳିକ ପ୍ରଧାନଶିକ୍ଷକ ବୁଢ଼ାବଳଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ, ମୁଖ୍ୟବକ୍ତା - ହରୀମୋହନ କର ପ୍ରଧାନଶିକ୍ଷକ ମାନବୀର ଉଚ୍ଚ ବିଦ୍ୟାଳୟ, ସମ୍ମାନନୀୟ ଅତିଥି - କାଳୀଚରଣ ସିଂ ପୂର୍ବତନ ସରପଞ୍ଚ ଯୋଗ ଦେଇଥିଲେ। ଛାତ୍ର - ଛାତ୍ରୀ ମାନେ ବୃକ୍ଷକୁ ପୂଜାର୍ଚ୍ଚନା କରି ପ୍ରତ୍ୟେକ ବୃକ୍ଷ କୁ ରାଖୀ ବାନ୍ଧିଥିଲେ। ବିଜ୍ଞାନ ଯୁଗରେ ରାସ୍ତା, ଶିଳ୍ପ ଓ ଗୃହ ନିର୍ମାଣ ପାଇଁ ଯେଉଁ ଭଳି ଭାବେ ଅବାଧରେ ଗଛ କଟା ଯାଉଅଛି ଏହା ଫଳରେ ପରିବେଶ ବିଗିଡ଼ିବା ସହିତ ଜୀବଜଗତ ପାଇଁ ବିପଦର କାରଣ ହେଉଅଛି। ପରିବେଶର ସୁରକ୍ଷା ନିମନ୍ତେ ଗଛକୁ ମା ଭାବି ଛାତ୍ର - ଛାତ୍ରୀ ମାନେ ନିଜ ପରିବାରର ଜନ୍ମ, ବିବାହ, ମୃତ୍ୟୁ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଗୋଟିଏ ଗୋଟିଏ ଗଛ ଲଗାଇବା ସହିତ ଭବିଷ୍ୟତରେ ପରିବେଶର ଭାରସାମ୍ୟ ରକ୍ଷା ହୋଇପାରିବା ସହିତ ନିଜ ନିଜ ବାଡ଼ିରେ ଆଜି ଦିନରେ ଗୋଟିଏ ବୃକ୍ଷ ଲଗାଇବା ପାଇଁ ଅତିଥି ବୃନ୍ଦ ଛାତ୍ର - ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

## ନିଆରା ପରମ୍ପରା: ନଡ଼ିଆ ଲଢ଼େଇ ପ୍ରତିଯୋଗିତା



**ସତ୍ୟବାଦୀ, ୨୭।୮ (ସଂଚାର ବ୍ୟୁରୋ):** ଗହ୍ମାପୂର୍ଣ୍ଣିମା ଅବସରରେ ସାକ୍ଷୀଗୋପାଳ ଅଞ୍ଚଳରେ ନଡ଼ିଆ ଲଢ଼େଇ ପ୍ରତିଯୋଗିତା ଏକ ନିଆରା ପାରମ୍ପରିକ ପର୍ବ ଭାବେ ପାଳିତ ହୋଇଆସୁଛି। ନଡ଼ିଆ ବହୁଳ ଅଞ୍ଚଳ ଭାବେ ପରିଚିତ ସାକ୍ଷୀଗୋପାଳରେ ଏହି ପରମ୍ପରା ଶହଶହ ବର୍ଷ ପୁରୁଣା ବୋଲି ସ୍ଥାନୀୟ ଲୋକେ କହନ୍ତି। ପ୍ରତିବର୍ଷ ଗହ୍ମାପୂର୍ଣ୍ଣିମାରେ ଏହି ନିଆରା ପ୍ରତିଯୋଗିତା ଦେଖିବାକୁ ଯୁବପିଢ଼ିଙ୍କ ସମେତ ସାଧାରଣ ଲୋକଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଯାଏ। ସାକ୍ଷୀଗୋପାଳ ମନ୍ଦିର ଦୋଳବେଦୀ ଛକ, ବସଷ୍ଟାଣ୍ଡ, ବନପୁର, ଅଳଗୁମ୍, କାଦୁଆ, ଶ୍ରୀରାମଚନ୍ଦ୍ରପୁର, ରାହାଙ୍ଗ ଛକ, ପଟ୍ଟନାୟକିଆ, ବାଲିସାହି, ହରିଆବୁଢ଼ା ମନ୍ଦିର, ବରାଳ ବାଲୁଙ୍କେଶ୍ୱର ମନ୍ଦିର, ବଳପୁର, ଆନନ୍ଦପୁର, ସାରଙ୍ଗଯୋଡ଼ି ଓ ଗବକୁଣ୍ଡ ସମେତ ବିଭିନ୍ନ ଗ୍ରାମ ଓ ବଜାର ଛକରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଶେଷକରି ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ନଡ଼ିଆ ଲଢ଼େଇ ଦେଖିବାକୁ ପ୍ରତିଯୋଗୀଙ୍କ ସହ ଦର୍ଶକଙ୍କ ଭିଡ଼ ଜମିଥିଲା। ଏହି ପରମ୍ପରାରେ ଯୁବକମାନେ ହାତରେ ରାକ୍ଷୀ ବାନ୍ଧି ଲଢ଼େଇ ନଡ଼ିଆ ନେଇ ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ଲଢ଼େଇ ପାଇଁ ସାଧାରଣ ନଡ଼ିଆ ବଦଳରେ ସ୍ୱତନ୍ତ୍ର ଭାବେ ବଛା ନଡ଼ିଆ ବ୍ୟବହାର କରାଯାଏ। ମୋଟା ଓ ଟାଣ ସଢ଼େଇ ଥିବା ନଡ଼ିଆକୁ ଏଥିପାଇଁ ଚୟନ କରାଯାଏ। ଏହି ନଡ଼ିଆ ଅନେକ ନଡ଼ିଆ ଭାଙ୍ଗିବାର କ୍ଷମତା ରଖିଥିବାରୁ ଏହାର ଚାହିଦା ଓ ଦାମ ମଧ୍ୟ ସାଧାରଣ ନଡ଼ିଆଠାରୁ ଅଧିକ ରହିଥାଏ। ପ୍ରତିଯୋଗିତା ପାଇଁ ଆଗ୍ରହୀ ଯୁବକମାନେ ବିଭିନ୍ନ ଅଞ୍ଚଳରୁ ବଛା ବଛା ଲଢ଼େଇ ନଡ଼ିଆ ସଂଗ୍ରହ କରିଥାନ୍ତି।

## ଶିଶୁ ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ ପାଳିତ

**ଚମ୍ପୁଆ,୨୭।୮ (ସଂଚାର ବ୍ୟୁରୋ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ତଥା ବକ୍ତା ଭାବେ ବୁଢ଼ାମରା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୋବର୍ଦ୍ଧନ ମହାନ୍ତ ଯୋଗଦେଇ ପୁରାଣରେ ବର୍ଣ୍ଣିତ ରକ୍ଷା ବନ୍ଧନର ତାତ୍ପର୍ଯ୍ୟ ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଏହି ରକ୍ଷାବନ୍ଧନ ଉତ୍ସବ ଦେଶକୁ ରକ୍ଷା କରିବାର ପ୍ରେରଣା ଦିଏ ବୋଲି କହିଥିଲେ। ସମସ୍ତ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଗୋମାତା ତଥା ବଳଦ ଓ ବୃକ୍ଷକୁ ପୂଜନ କରିବା ସହିତ ରାକ୍ଷୀ ବାନ୍ଧିଥିଲେ। ଏହାପରେ ନଗରର ବିଭିନ୍ନ ଗଳି, ଜେଲ୍‌ଖାନା, ଡାକ୍ତର ଖାନା, ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ଜନସାଧାରଣଙ୍କୁ ଛାତ୍ରଛାତ୍ରୀ ଓ ଗୁରୁଜୀ ଗୁରୁମାଆ ରାକ୍ଷୀ ବାନ୍ଧିଥିଲେ।

### ପିଲାଙ୍କୁ ମିଳୁନି ରନ୍ଧା ଖାଦ୍ୟ

## ଅଙ୍ଗନବାଡ଼ି କେନ୍ଦ୍ରରୁ ବାରମ୍ବାର ଚୋରି



**ବାଲିଆପାଳ,୨୭।୮ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ବାଲିକୁଟି-୩ ଅଙ୍ଗନବାଡ଼ି କେନ୍ଦ୍ରରେ ବାରମ୍ବାର ଚୋରି ଘଟଣା ଘଟିବା ଯୋଗୁଁ ଏବେ ଛୋଟ ଛୋଟ ପିଲାଙ୍କୁ ରନ୍ଧା ଖାଦ୍ୟ ଯୋଗାଇବାରେ ସମସ୍ୟା ଦେଖାଦେଇଛି। ଅଙ୍ଗନବାଡ଼ି କେନ୍ଦ୍ରରେ ଥିବା ଶିଶୁ ଖାଦ୍ୟ ସାମଗ୍ରୀ ସହ ରୋଷେଇ ସାମଗ୍ରୀ ଚୋରି ହେଉଥିବାରୁ ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି।ସୂଚନା ଅନୁସାରେ, ଗତ ଫେବୃଆରୀ ମାସରେ ଏହି ଅଙ୍ଗନବାଡ଼ି କେନ୍ଦ୍ରରୁ ଏକ ଗ୍ୟାସ ଚୁଲା ସମେତ ବିଭିନ୍ନ ରୋଷେଇ ସାମଗ୍ରୀ ଚୋରି ହୋଇଥିଲା। ଏହାପରେ ପିଲାମାନଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରସ୍ତୁତ କରିବାକୁ ଅଙ୍ଗନବାଡ଼ି ସହାୟିକା ନିଜ ଘରୁ ଗ୍ୟାସ ସିଲିଣ୍ଡର ଆଣି ରୋଷେଇ କରୁଥିଲେ। ତେବେ ପୁଣି ତିନି ଦିନ ତଳେ ଦୁର୍ବୃତ୍ତମାନେ ଅଙ୍ଗନବାଡ଼ି କେନ୍ଦ୍ରର ରୋଷେଇ ଘର ଓ ଷ୍ଟୋର ରୁମ୍‌ର ତାଲା ଭାଙ୍ଗି ଭିତରେ ପଶିଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନେ ଶିଶୁ ଖାଦ୍ୟ, ଚାଉଳ, ଗ୍ୟାସ ସିଲିଣ୍ଡର ଓ ଗ୍ୟାସ ଚୁଲା ସମେତ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିବା ଅଙ୍ଗନବାଡ଼ି କର୍ମୀ ଦେବସ୍ମିତା ଘଡ଼େଇ ଦେଖିବାକୁ ପାଇଥିଲେ। ପୂର୍ବରୁ କେନ୍ଦ୍ରର ଗ୍ୟାସ ସିଲିଣ୍ଡର ଚୋରି ହୋଇଥିବାରୁ ସହାୟିକା ନିଜ ଘରର ସିଲିଣ୍ଡର ଆଣି ପିଲାଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରସ୍ତୁତ କରୁଥିଲେ। ମାତ୍ର ଏବେ ତାଙ୍କ ନିଜ ସିଲିଣ୍ଡର ଏବଂ କେନ୍ଦ୍ରର ଗ୍ୟାସ ଚୁଲା ମଧ୍ୟ ଚୋରି ହୋଇଯିବାରୁ ପିଲାମାନଙ୍କୁ ରନ୍ଧା ଖାଦ୍ୟ ଦେବା ସମ୍ଭବ ହେଉନାହିଁ। ଏହି ଘଟଣାକୁ ନେଇ ଅଙ୍ଗନବାଡ଼ି କର୍ମୀ ଦେବସ୍ମିତା ଘଡ଼େଇ କହିଛନ୍ତି ଯେ, କେନ୍ଦ୍ରରେ ବାରମ୍ବାର ଏଭଳି ଚୋରି ଘଟଣା ଘଟୁଥିବାରୁ ଏହା ଉଦ୍ଦେଶ୍ୟମୂଳକ ହୋଇଥାଇପାରେ। ବିଶେଷକରି ଶିଶୁମାନଙ୍କ ଖାଦ୍ୟ ସାମଗ୍ରୀ ଚୋରି ହେବା ଘଟଣାକୁ ନେଇ ସେ ଚିନ୍ତା ପ୍ରକାଶ କରିଛନ୍ତି।ଅଙ୍ଗନବାଡ଼ି କେନ୍ଦ୍ରରୁ ବାରମ୍ବାର ସରକାରୀ ସାମଗ୍ରୀ ଓ ଶିଶୁଙ୍କ ଖାଦ୍ୟ ସାମଗ୍ରୀ ଚୋରି ହେଉଥିବାରୁ ଏହାର ତୁରନ୍ତ ତଦନ୍ତ କରି ଦୋଷୀଙ୍କୁ ଗିରଫ କରିବା ସହ ପିଲାମାନଙ୍କୁ ପୁନର୍ବାର ରନ୍ଧା ଖାଦ୍ୟ ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ଦାବି ହୋଇଛି। ଏନେଇ ଅଙ୍ଗନବାଡ଼ି କର୍ମୀ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି।

## ଜିଲ୍ଲାପାଳଙ୍କ ପ୍ରସ୍ତାବିତ ଆବାସିକ ଟେଲରିଂ ତାଲିମ କେନ୍ଦ୍ର ପରିଦର୍ଶନ

**ଝାରସୁଗୁଡ଼ା, ୨୭।୮ (ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳର ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ତଥା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଯୁବପିଢ଼ିଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅର୍ଦ୍ଧା ଗ୍ରାମ ଗସ୍ତ କରି ଏକ ଆବାସିକ ଟେଲରିଂ ତାଲିମ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିଛନ୍ତି। ଅର୍ଦ୍ଧା ପ୍ରାଥମିକ ବିଦ୍ୟାଳୟର ପରିତ୍ୟକ୍ତ ଗୃହକୁ ପୁନରୁଦ୍ଧାର କରି ଏହି ତାଲିମ କେନ୍ଦ୍ରରେ ରୂପାନ୍ତରିତ କରିବା ପାଇଁ ଯୋଜନା ରହିଛି। ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଏବଂ ଆଦିତ୍ୟ ବିର୍ଲା ଗ୍ରୁପର ସାମାଜିକ ଦାୟିତ୍ୱବୋଧ ସହଭାଗିତାରେ ପରିଚାଳିତ ହେବାକୁ ଥିବା ଏହି କେନ୍ଦ୍ର ମାଧ୍ୟମରେ ମୁଖ୍ୟତଃ ସ୍ଥାନୀୟ ମହିଳା ଓ ଏସଏଚଜି ସଦସ୍ୟାମାନଙ୍କୁ ଉନ୍ନତମାନର ବୃତ୍ତିଗତ ସିଲେଇ ତାଲିମ ଦିଆଯିବ। ପ୍ରଶିକ୍ଷଣ ପରେ ପ୍ରତିବର୍ଷ ପ୍ରାୟ ୧୨୦ ଜଣ ଆଶାୟୀଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯିବ, ଯାହା ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାଧୀନ କରିବାରେ ବଡ଼ ଭୂମିକା ଗ୍ରହଣ କରିବ। ପରିଦର୍ଶନ କାଳରେ ଜିଲ୍ଲାପାଳ ପରିତ୍ୟକ୍ତ ବିଦ୍ୟାଳୟ ପରିସରର ସ୍ଥିତି ଯାଞ୍ଚ କରିବା ସହ ଭିତ୍ତିଭୂମି ବିକାଶ ଓ ଆବାସିକ ସୁବିଧା ନିମନ୍ତେ ତୁରନ୍ତ ଏକ ବିସ୍ତୃତ ଆକଳନ ଏବଂ ବ୍ଲୁ-ପ୍ରିଣ୍ଟ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପରିବାର କଳହରୁ ମହିଳା ବିଷ ଖାଇ ଆତ୍ମହତ୍ୟା

### ଗିରଫ ପରେ ସ୍ୱାମୀଙ୍କୁ କୋର୍ଟ ଚାଲାଣ



**ଲାଞ୍ଜିଗଡ଼,୨୭।୮ (ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ କାଣ୍ଡଗୁଡ଼ା ଗ୍ରାମରେ ଘରୋଇ କଳହରୁ ଜଣେ ମହିଳା ବିଷଖାଇ ଆତ୍ମହତ୍ୟା କରିଥିବା ବେଳେ ସ୍ତ୍ରୀକୁ ଅତ୍ୟଧିକ ଅତ୍ୟାଚାର ଅଭିଯୋଗ ନେଇ ସ୍ୱାମୀ ଗିରଫ ହୋଇ କୋର୍ଟ ଚାଲାଣ।ମୃତ ମହିଳା ଜଣକ ରାମଦେଇ ମାଝୀ (୨୬) ଏବଂ ସ୍ୱାମୀ ସନ୍ତୋଷ ମାଝୀ (୨୮) ଅଟେ।ପୋଲିସର ସୂଚନାନୁଯାୟୀ କାଣ୍ଡଗୁଡ଼ା ଗ୍ରାମର ସନ୍ତୋଷ ମାଝୀ ଏବଂ ରାମଦେଇ ମାଝୀ ଉଭୟେ ଆଠ ରୁ ନଅ ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ ଏବଂ ତାଙ୍କର ଗୋଟିଏ ସନ୍ତାନ ଅଛି।ଗତ ୨୨ ତାରିଖ ଦିନ ଉଭୟେ ସ୍ୱାମୀ ସ୍ତ୍ରୀ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲେ ଏବଂ ସ୍ତ୍ରୀ ରାମଦେଇ ବିଷ ଖାଇଦେଇଥିଲା।ବିଷ ଖାଇବା ପରେ ସଙ୍ଗେ ସଙ୍ଗେ ତାଙ୍କୁ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ।ପରେ ଅବସ୍ଥା ଗୁରୁତର ହେବାରୁ ସେଠାରୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ ଏବଂ ସେଠାରୁ ବୁର୍ଲା ନେଇଥିଲେ ଚିକିତ୍ସା ପାଇଁ।ବୁର୍ଲାଠାରେ ଚିକିତ୍ସାପରେ ମଧ୍ୟ କୌଣସି ଉନ୍ନତି ହୋଇନ'ଥିବା ବେଳେ ଘରକୁ ଫେରାଇ ଆଣିଥିଲେ ଏବଂ ବୁଧବାର ଦିନ ନିଜ ଘରେ ମୃତ୍ୟୁବରଣ କରିଥିଲେ। ପରିବାର ଲୋକେ ମୃତ୍ୟୁ ଖବର ପାଇବା ପରେ ରାମଦେଇର ଭାଇ ରାଜୁ ମାଝୀ ବିଜେପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।ବିଜେପୁର ପୋଲିସ ଅଭିଯୋଗ ପାଇବା ପରେ ଥାନାଧିକାରୀ ତୁଳସୀରାମ ଶବର ପୋଲିସ ବଳ ସହିତ ଯାଇ ମୃତଦେହ ଜବତ କରି ଲାଞ୍ଜିଗଡ଼ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।ବୁଧବାର ରାତି ହୋଇଯିବାରୁ ଶବ ବ୍ୟବଚ୍ଛେଦ ହୋଇପାରିଲା ନାହିଁ।ଗୁରୁବାର ସକାଳେ ପୋଲିସ ମୃତ ରାମଦେଇର ସ୍ୱାମୀ ସନ୍ତୋଷ ମାଝୀଙ୍କୁ ଘରୁ ଥାନାକୁ ଆଣି ପଚରା ଉଚୁରା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ସ୍ୱାମୀ ସନ୍ତୋଷକୁ ସ୍ତ୍ରୀକୁ ଅତ୍ୟଧିକ ଅତ୍ୟାଚାର ଅଭିଯୋଗରେ ଗିରଫ କରି ବିଜେପୁର ଥାନା କେଶ ନଂ ୩୦/୨୬ ରେ ଧାରା ୧୦୮ ବିଏନଏସରେ ଏକ ମାମଲା ରୁଜୁ କରି ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଶ୍ରୀ ଶବର ପ୍ରକାଶ କରିଛନ୍ତି।

## ପେଟ୍ରୋଲ ମାଗିବା ବାହାନାରେ ସୁନା ଚେନ ଲୁଟ୍

**ଜୟପୁର,୨୭।୮ (ସଂଚାର ବ୍ୟୁରୋ):** ଜୟପୁର ସଦର ଥାନା ଅନ୍ତର୍ଗତ ଫମ୍ପୁଣୀରେ ଭୋର ସମୟରେ ଘର ସାମ୍ନାରେ ଗୋବର ଛଡ଼ା ପକାଉଥିଲେ ୫୬ ବର୍ଷୀୟା ମନ୍ଦଦରି ନାୟକ। ଏତିକି ବେଳେ ବାଇକ୍ ରେ ଆସିଲେ ୩ ଯୁବକ। ପେଟ୍ରୋଲ ମାଗିବା ବାହାନାରେ ମନ୍ଦଦରିଙ୍କ ବେକରୁ ସୁନା ଚେନ ଲୁଟ। ଘଟଣାକୁ ନେଇ ଏବେ ତଦନ୍ତ ଆରମ୍ଭ କରିଛି ପୋଲିସ। ଲୁଟ ର ଦୃଶ୍ୟ ସିସି କ୍ୟାମେରାରେ କଏଦ କ୍ଷଭୋର ସମୟରେ ଘର ସାମ୍ନାରେ ଗୋବର ଛଡ଼ା ପକାଉଥିଲେ ୫୬ ବର୍ଷୀୟା ମନ୍ଦଦରି ନାୟକ। ଏତିକି ବେଳେ ବାଇକ୍ ରେ ଆସିଲେ ୩ ଯୁବକ। ପେଟ୍ରୋଲ ମାଗିବା ବାହାନାରେ ମନ୍ଦଦରିଙ୍କ ବେକରୁ ସୁନା ଝିଙ୍କି ନେଇ ପଳାଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଏବେ ତଦନ୍ତ ଆରମ୍ଭ କରିଛି ପୋଲିସ। ଆଜି ଭୋର ପ୍ରାୟ ୫ଟା ସମୟରେ ଜୟପୁର ଫାମ୍ପୁଣି ଗ୍ରାମରେ ଘଟିଛି ଏହି ଘଟଣା। ପ୍ରତିଦିନ ଭଳି ୫୬ ବର୍ଷୀୟା ମନ୍ଦଦରି ନାୟକ ନିଜ ଘର ସାମ୍ନାରେ ସଫା କରୁଥିଲେ। ଏହି ସମୟରେ ଏକ ବାଇକ୍ ରେ ୩ ଜଣ ଯୁବକ ଆସି ସେଠାରେ ପହଞ୍ଚି ଥିଲେ। ପେଟ୍ରୋଲ ମାଗିବା ବାହାନାରେ ଜୟପୁର ସ୍ଥିତ ଫାମ୍ପୁଣି ଗ୍ରାମର ମହିଳା ମନ୍ଦଦରିଙ୍କ ନିକଟକୁ ଆସିଥିଲେ ଯୁବକମାନେ।

## ରାକ୍ଷୀ ନୁହେଁ, ସେବାର ଡୋରିରେ ବାନ୍ଧି ହେଲା ପାଟଳଦା



**କାକଟପୁର/ଅସ୍ତରଙ୍ଗ,୨୭।୮ (ସଂଚାର ବ୍ୟୁରୋ):** ଯେଉଁଠି ରାକ୍ଷୀ କେବଳ ପର୍ବ ନୁହେଁ, ସେବାର ବାର୍ତ୍ତା। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପାଟଳଦା ପଞ୍ଚାୟତରେ ସିଦ୍ଧିବିନାୟକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏଭଳି ଏକ ହୃଦୟସ୍ପର୍ଶୀ କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି ଯାହା ସମସ୍ତଙ୍କ ମନ ଜିଣି ନେଇଛି। ପବିତ୍ର ରାକ୍ଷୀ ପୂର୍ଣ୍ଣିମାକୁ ନିଆରା ଢଙ୍ଗରେ ପାଳନ କରି ଟ୍ରଷ୍ଟ ମା' ମାନଙ୍କ ପାଇଁ ଫେରିସ୍ତା ପାଲଟିଛି। ପାଟଳଦା ପଞ୍ଚାୟତ ଟିମ୍ ର ସହଯୋଗରେ ଗ୍ରାମର ଆରାଧ୍ୟ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ବିଶାଳ ରକ୍ଷାବନ୍ଧନ ମହୋତ୍ସବରେ ପାଟଳଦା ସମେତ ଆଖପାଖ ପଞ୍ଚାୟତର ୬୦୦ରୁ ଅଧିକ ମହିଳା ଯୋଗ ଦେଇଥିଲେ। ମନ୍ଦିର ଘଣ୍ଟା ନାଦ ମଧ୍ୟରେ ଭଉଣୀ ମାନେ ଭାଇ ମାନଙ୍କୁ ରାକ୍ଷୀ ବାନ୍ଧି ଦୀର୍ଘାୟୁ କାମନା କରିଥିଲେ। ଏହା ପରେ ଟ୍ରଷ୍ଟ ତରଫରୁ ପ୍ରତ୍ୟେକ ମହିଳାଙ୍କୁ ଗୋଟିଏ ଲେଖାଏଁ ଶାଢ଼ୀ, ଛତା, ଗଞ୍ଜି ଓ ଟୋପି ବଣ୍ଟନ କରାଯାଇଥିଲା। ଖରା-ବର୍ଷାରେ କାମ କରୁଥିବା ମା' ଭଉଣୀଙ୍କ କଷ୍ଟକୁ ବୁଝି ଛତା ଓ ଟୋପି ଦେବା ନିଶ୍ଚୟ ଏକ ମହତ୍ ଚିନ୍ତାଧାରା। ଏହି ଅବସରରେ ଟ୍ରଷ୍ଟର ସଭାପତି ସତ୍ୟପ୍ରିୟ ବେହେରା କହିଛନ୍ତି, 'ଆମେ ରାଜନୀତି ପାଇଁ ନୁହେଁ, ସେବା ପାଇଁ ଜନ୍ମ ହୋଇଛୁ। ରାକ୍ଷୀ ହେଉଛି ବିଶ୍ୱାସର ଡୋରି। ଆଜି ମା' ଭଉଣୀ ମାନେ ଆମକୁ ଯେଉଁ ଭଲ ପାଇବା ଦେଲେ, ତାହା ଆମ ପାଇଁ ସବୁଠୁ ବଡ଼ ସମ୍ପତ୍ତି। ମା'ଙ୍କ ହସ ହିଁ ଆମର ପ୍ରେରଣା।' କାର୍ଯ୍ୟକାରୀ ସଭାପତି ରାକେଶ ବିଶ୍ୱାଳ କହିଛନ୍ତି, 'ଆମେ ଭୋଜିଭାତ ଓ ବାଣଫୁଟାରେ ବିଶ୍ୱାସ କରୁନା। ଆମେ ବିଶ୍ୱାସ କରୁ ସିଧା ଲୋକଙ୍କ ସେବାରେ। ଆଜି ୬୦୦ ମା'ଙ୍କୁ ସମ୍ମାନ ଦେଇ ଆମେ ନିଜକୁ ଧନ୍ୟ ମନେ କରୁଛୁ। ଆଗକୁ ଅସ୍ତରଙ୍ଗ ବ୍ଲକର ପ୍ରତି କୋଣ ଅନୁକୋଣରେ ସିଦ୍ଧିବିନାୟକ ଟ୍ରଷ୍ଟ ପହଞ୍ଚିବ।' କାର୍ଯ୍ୟକ୍ରମରେ ସ୍ନେହ ରାକେଶ (ରିଙ୍କୁ), ପ୍ରିୟବ୍ରତ ସ୍ୱାଇଁ, ସତ୍ୟବ୍ରତ ସ୍ୱାଇଁ, ଈଶ୍ୱର ବେହେରା, ପୀତବାସ ସ୍ୱାଇଁ, ମୁରଲୀ ପରିଡ଼ା, ତରଣୀ ନାୟକ ଓ ପାଟଳଦା ଟିମ୍ ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

SANCHAR
ସଁଚାର
ଶୁକ୍ରବାର ୨୮ ଅଗଷ୍ଟ ୨୦୨୬
ସ୍ୱାସ୍ଥ୍ୟ



# ଖରା ପାଇଁ ଦୁର୍ବଳ ଅନୁଭବ କରୁଛନ୍ତି କି ?

ଖରା ଗରମ ଦିନକୁ ଦିନ ବଢ଼ିବାରେ ଲାଗିଛି। ଯାହାଦ୍ୱାରା ଆମ ନୀତିଦିନିଆ ଜୀବନଶୈଳୀ ଉପରେ ଖୁବ୍ ପ୍ରଭାବ ପକାଇଥାଏ। ଆଜିକାଲିର ଖରା ଗରମ ଏତେ ମାତ୍ରାରେ ବଢ଼ିଯାଇଛି ଯେ ଯାହା ସ୍ୱାସ୍ଥ୍ୟକୁ ବିଗାଡି ଦେଇଥାଏ। ଖରାରେ ଅଧିକ ସମୟ ପର୍ଯ୍ୟନ୍ତ ରହିବା ଦ୍ୱାରା ଶରୀରକୁ ଥକ୍କା ଅନୁଭବ ହୋଇଥାଏ। ଗରମ ଯୋଗୁଁ କେତେକ ଲୋକଙ୍କ ମୁଣ୍ଡ ବୁଲାଇବା, ମୁଣ୍ଡ ବିନ୍ଧିବା, ମୂର୍ଚ୍ଛା ଅନୁଭବ ଭଳି ସମସ୍ୟା ଦେଖିବାକୁ ମିଳିଥାଏ। ଏହି ସବୁ ସମସ୍ୟାର ମୁଖ୍ୟ କାରଣ ହେଉଛି ଜଳୀୟ ଅଂଶର ଅଭାବ। ତଥାପି ଆପଣଙ୍କ ଦିନଚର୍ଯ୍ୟା ଏବଂ ଖାଦ୍ୟପେୟରେ କିଛି ପରିବର୍ତ୍ତନ କରିବା ଦ୍ୱାରା ଏହି ସବୁ ସମସ୍ୟାଗୁଡିକୁ ରୋକାଯାଇପାରିବ। ଖରାଦିନେ ଖରାପ ଖାଦ୍ୟପେୟ ହିଁ ଆମ ସ୍ୱାସ୍ଥ୍ୟାବସ୍ଥାକୁ ବେଶୀ ଖରାପ କରି ଦେଇଥାଏ।

ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା, ହାଲୁକା ଏବଂ ଥଣ୍ଡା ଖାଦ୍ୟ ଖାଇବା ଏବଂ ସୂର୍ଯ୍ୟ କିରଣରୁ ନିଜକୁ ରକ୍ଷା କରିବା ଦ୍ୱାରା ଆପଣ ସାରା ଦିନ ଏନର୍ଜିଟିକ୍ ଅନୁଭବ କରିପାରିବେ। ତେବେ ଖରାଦିନେ କିପରି ଆପଣ ଏନର୍ଜିଟିକ୍ ଅନୁଭବ କରିବେ ସେ ସମ୍ପର୍କରେ ଆସନ୍ତୁ ଜାଣିବା। ଶରୀରରେ ଜଳୀୟ ଅଂଶର ଅଭାବ ନହେବା ଗରମ ଦିନ ପାଇଁ ଗୁରୁତ୍ୱପୂର୍ଣ୍ଣ। ଜଳୀୟ ଅଂଶର ଅଭାବ ନ ହେବା ପାଇଁ ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା ଉଚିତ୍। ଏହା ବ୍ୟତୀତ ନଡିଆ ପାଣି, ଲେମ୍ବୁ ପାଣି, ବଟର ମିଲ୍କ ଏବଂ ଓଆରଏସ ପିଇବା ନିହାତି ଜରୁରୀ। ଏହା ସହିତ ତରଭୁଜ, ଖରଭୁଜ, କାକୁଡି ଏବଂ କମଳା ଭଳି ଜିନିଷ ଖାଇବାକୁ ଚେଷ୍ଟା କରନ୍ତୁ। ଏଥିରେ ଜଳୀୟ ଅଂଶ ଭରପୂର ମାତ୍ରାରେ ରହିଛି। ଯାହା ଶରୀରକୁ ହାଇଡ୍ରେଟ୍ କରି ରଖିବାରେ ସାହାଯ୍ୟ କରିଥାଏ। ତେଣୁ ଏହି ସବୁ ଖାଦ୍ୟ ଖରାଦିନ ପାଇଁ ଖୁବ୍ ଉପଯୋଗୀ।

ଖରା ଗରମ ଯୋଗୁଁ ପାଚନ ପ୍ରକ୍ରିୟାରେ ସାଧାରଣତଃ ସମସ୍ୟା ଦେଖିବାକୁ ମିଳିଥାଏ। ସେଥିପାଇଁ ଏହି ଦିନରେ ଖାଦ୍ୟପେୟ ଉପରେ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ। ତେଣୁ ଏହି ଦିନରେ ହାଲୁକା କିମ୍ବା ସହଜରେ ହଜମ ହୋଇ ଯାଉଥିବା ଭଳି ଖାଦ୍ୟ ଖାଆନ୍ତୁ। ଯାହା ଆପଣଙ୍କ ଶରୀରକୁ ସୁସ୍ଥ ରଖିବ। ବିଶେଷ କରି ଏହି ଦିନରେ ଫାଷ୍ଟଫୁଡ୍, ତେଲ ଓ ମସଲାଯୁକ୍ତ ଖାଦ୍ୟଠାରୁ ଦୂରେଇ ରୁହନ୍ତୁ। ନଚେତ୍ ଆପଣ ଅନେକ ସମସ୍ୟାରେ ପଡିପାରନ୍ତି। ଗରମ ଦିନରେ ସୁସ୍ଥ ରହିବାକୁ ଚାହୁଁଥିଲେ ଦହି, ସାଲାଡ, ମୁଗ ଡାଲି ଏବଂ ସବୁଜ ପନିପରିବା ଖାଇବାରେ ସାମିଲ କରନ୍ତୁ। ଯାହା ଆପଣଙ୍କୁ ଇନଷ୍ଟାଣ୍ଟ ଏନର୍ଜି ଦେବ।

ଦିନ ୧୨ ଟାରୁ ୪ଟା ପର୍ଯ୍ୟନ୍ତ ବାହାରକୁ ନଯିବାକୁ ଚେଷ୍ଟା କରନ୍ତୁ। ଯଦି ଅତ୍ୟାବଶ୍ୟକୀୟ କାମ ରହିଛି ତେବେ ମୁଣ୍ଡରେ ଟୋପି, ସ୍କାର୍ଫ କିମ୍ବା ଛତା ସାଙ୍ଗରେ ନେଇ ବାହାରକୁ ଯାଆନ୍ତୁ। ଲାଇଟ୍ କଲରର ପୋଷାକ ପିନ୍ଧନ୍ତୁ। ଯାହା ଶରୀରକୁ ଥଣ୍ଡା ରଖିବ।

ଘରକୁ ଫେରିବା ପରେ ତୁରନ୍ତ ଗାଧାନ୍ତୁ ନାହିଁ । ୫ରୁ ୧୦ ମିନିଟ୍ ପ୍ରଥମେ ବିଶ୍ରାମ ନିଅନ୍ତୁ। ଏୟାରକଣ୍ଡିସନ ପରିବର୍ତ୍ତେ ଫ୍ୟାନ୍ ତଳେ ବସନ୍ତୁ। ଏଥିସହ ଖରାରୁ ଆସି ତୁରନ୍ତ ଥଣ୍ଡା ଜାତୀୟ ଖାଦ୍ୟ, ଆଇସ୍କ୍ରିମ୍ ଖାଆନ୍ତୁ ନାହିଁ। ଯାହା ଦ୍ୱାରା ଗଳାରେ ଯନ୍ତ୍ରଣା ସୃଷ୍ଟି କରିପାରେ। ରାତିରେ ଅତି କମରେ ୭ ରୁ ୮ଘଣ୍ଟା ଶୋଇବା ଉଚିତ୍। ସକାଳେ ଫିଟ୍ ରହିବା ପାଇଁ ବ୍ୟାୟାମ୍ କରନ୍ତୁ।

# ସକାଳ ଜଳଖିଆ ସ୍ୱାସ୍ଥ୍ୟ ପାଇଁ ଉପକାରୀ ?



କେବେ ସମୟର ଅଭାବ ତ କେବେ ଗ୍ୟାସ୍ ଅଭାବରୁ ରକ୍ଷା ପାଇବା ପାଇଁ କିଛି ରୋଷେଇ ଗ୍ୟାସ୍ ବିନା ଶିଖିବା ମଧ୍ୟ ଜରୁରି। ଆଜିକାଲିର ବ୍ୟସ୍ତବହୁଳ ଦୁନିଆରେ ସକାଳୁ ଉଠି ସକାଳ ଜଳଖିଆ ସାଙ୍ଗକୁ ମଧ୍ୟାହ୍ନ ଭୋଜନ ତିଆରି କରିବା ଖୁବ୍ କଷ୍ଟକର କାମ ହୋଇଥାଏ। ଯଦି କର୍ମଜୀବୀ ହୋଇଥାନ୍ତି, ତେବେ ସ୍ୱାମୀ ଓ ପିଲାଙ୍କ ପାଇଁ ଟିଫିନ୍ ପ୍ରସ୍ତୁତ କରିବାରେ ସମୟର ଅଭାବ ଦେଖିବାକୁ ମିଳିଥାଏ। ସକାଳ ଜଳଖିଆ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ?

ଓଭରନାଇଟ୍ ଓଟ୍ସ: ଅଧା କପ୍ ଓଟ୍ସରେ ଅଧା କପ୍ ଦହି ବା କ୍ଷୀର ସହ ମହୁ ମିଶାଇ ଫ୍ରିଜରେ ରଖିଦିଅନ୍ତୁ। ସକାଳୁ ଉଠି ଏଥିରେ ନିଜ ପସନ୍ଦର ଫଳ ଓ ଡ୍ରାଏଫ୍ରୁଟ୍ସ ପକାଇ ଜଳଖିଆ ଭାବେ ଖାଇପାରିବେ।

ଦହି-ଚୁଡା ଓ ଫଳ: ସକାଳୁ ଉଠି ଦହିଚୁଡା ଓ ଫଳକୁ ଏକାଠି କରି ସକାଳ ଜଳଖିଆ ଭାବେ ଖାଇପାରିବେ। ଏଥିପାଇଁ ଆଦୌ ଗ୍ୟାସ୍ ଦରକାର ହୋଇ ନଥାଏ। ଏହି ମିଶ୍ରଣରେ ଖୁବ୍ ପୁଷ୍ଟିକର ହୋଇଥାଏ। ଆବଶ୍ୟକ ହେଲେ ଏଥିରେ ଚିନି ମିଶାଇ ପାରିବେ।

ସ୍ପ୍ରାଉଟ୍ ଚାଟ୍: ଭିଜା ହୋଇଥିବା ମୁଗ ବା ଚଣାର ଗଜା ସ୍ୱାସ୍ଥ୍ୟ ପାଇଁ ହିତକର। ଏକ କପ୍ ଗଜା ମୁଗ ବା ଚଣା ନିଅନ୍ତୁ। ସେଥିରେ କଟା ପିଆଜ, ଟମାଟୋ, କାକୁଡି ଓ କଞ୍ଚାଲଙ୍କା ପକାନ୍ତୁ। ଏବେ ଏଥିରେ ସାମାନ୍ୟ ଲେମ୍ବୁ ରସ, କଳା ଲୁଣ ଓ ଚାଟ୍ ମସଲା ପକାନ୍ତୁ। ଏହାକୁ ଖାଇବା ଦ୍ୱାରା ଅଧିକ ସମୟ ଯାଏ ଭୋକ ଲାଗି ନଥାଏ। ତା' ସହିତ ପ୍ରୋଟିନ୍‌ରେ ଭରା ମଧ୍ୟ।

ମୁସ୍‌ଲି ଓ ଫଳ: ବଜାରରେ ମିଳୁଥିବା ମୁସ୍‌ଲି ଆଣନ୍ତୁ। ଏକ ପାତ୍ରରେ ମୁସ୍‌ଲି ନିଅନ୍ତୁ। ସେଥିରେ ଥଣ୍ଡା କ୍ଷୀର ବା ଗାଢ଼ା ଦହି ମିଶାନ୍ତୁ। ଏବେ ଏଥିରେ ନିଜ ପସନ୍ଦର ଫଳ ଓ ଡାଏଫ୍ରୁଟ୍ସ ମିଶାଇ ଖାଇପାରିବେ। ଯଦି ପାଉଁରୁଟି ଖାଉଥାନ୍ତି, ତେବେ ପି ନଟ୍ ବଟର କଦଳୀ ଟୋଷ୍ଟ ପରି ହାଇ ପ୍ରୋଟିନ୍ ଜଳଖିଆ ଖାଇପାରିବେ। ଏଥିପାଇଁ ପାଉଁରୁଟିର ପିସ୍ ନିଅନ୍ତୁ। ଏହା ଉପରେ ଭଲ ଭାବେ ପି ନଟ୍ ବଟର୍ ଲଗାଇ ଦିଅନ୍ତୁ। ଏବେ ଏହା ଉପରେ ଗୋଲ୍ ଗୋଲ୍ କଟା ହୋଇଥିବା ପାଚିଲା କଦଳୀ ରଖନ୍ତୁ। ଏହା ଉପରେ ସାମାନ୍ୟ ମହୁ ଓ ଡାଲଚିନି ଗୁଣ୍ଡ ପକାଇ ଖାଇପାରିବେ।

# ଅଁଳା ଜୁସ୍ ଭିଟାମିନ୍ ବି-୧୨ ଅଭାବ ଦୂର କରେ

ମଣିଷ ଶରୀରକୁ ସବୁ ପ୍ରକାର ଭିଟାମିନ ଆବଶ୍ୟକ। ଶରୀରକୁ ସୁସ୍ଥ ରଖିବାରେ ଭିଟାମିନ୍ ବି-୧୨ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସୁସ୍ଥ ଶରୀର ପାଇଁ ଭିଟାମିନ୍ ବି-୧୨ ଅନ୍ୟ ଭିଟାମିନ୍ 'କେ' ପରି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଶରୀରରେ ଭିଟାମିନ୍ ବି-୧୨ ର ଅଭାବ ଶାରୀରିକ ଏବଂ ମାନସିକ ରୋଗର ଆଶଙ୍କା ବଢ଼ାଇଥାଏ। ଶରୀରରେ ଭିଟାମିନ୍ ବି-୧୨ ଅଭାବ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତେବେ ଆସନ୍ତୁ ଜାଣିବା ଏହି ଭିଟାମିନ୍ ଅଭାବକୁ ଦୂର କରିବାର ପ୍ରାକୃତିକ ଉପାୟ ବିଷୟରେ।

ବିଟ୍ ଏବଂ ଗାଜର ଜୁସ: ବିଟ୍ ଏବଂ ଗାଜର ଉଭୟରେ ଥିବା ଉପାଦାନ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ସାବ୍ୟସ୍ତ ହୋଇପାରେ। ଯଦି ଆପଣ ଭିଟାମିନ୍ ବି-୧୨ର ଅଭାବକୁ ଦୂର କରିବାକୁ ଚାହାଁନ୍ତି, ତେବେ ଆପଣ ବିଟ୍ ଏବଂ ଗାଜର ରସକୁ ଆପଣଙ୍କର ଦୈନନ୍ଦିନ ଡାଏଟ ପ୍ଲାନର ଏକ ଅଂଶ କରିପାରିବେ। ପୋଷକ ତତ୍ତ୍ୱରେ ଭରପୂର ଏହି ଜୁସକୁ ରକ୍ତହୀନତା ଦୂର କରିବା ପାଇଁ ମଧ୍ୟ ପିଇପାରିବେ।

ଅଁଳା ଜୁସ: ଅଁଳା ଜୁସରେ ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ ମିଳିଥାଏ। କେଉଁ ଅନାଦି କାଳରୁ ଅଁଳା ଜୁସ ପିଇବାକୁ ପରାମର୍ଶ ଦିଆଯାଇ ଆସୁଛି। ଯଦି ଆପଣଙ୍କ ଶରୀରରେ ଭିଟାମିନ୍ ବି-୧୨ର ଅଭାବ ଅଛି, ତେବେ ବିଳମ୍ବ ନକରି ଅଁଳା ଜୁସ ପିଇବା ଆରମ୍ଭ କରନ୍ତୁ। ଏହା ବ୍ୟତୀତ, ଆପଣ ନିୟମିତ ଅଁଳା ଜୁସ ପିଇ ଆପଣଙ୍କର ରୋଗ ପ୍ରତିରୋଧକ ଶକ୍ତିକୁ ମଧ୍ୟ ମଜବୁତ କରିପାରିବେ।

କ୍ଷୀର: ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସ୍ୱାସ୍ଥ୍ୟ ଉପରେ କ୍ଷୀରର ବହୁତ ସକାରାତ୍ମକ ପ୍ରଭାବ ପଡ଼ିପାରେ।





ଆପଣଙ୍କୁ କହି ରଖୁଛୁ ଯେ ଭିଟାମିନ୍ ବି-୧୨ ଅଭାବକୁ ଦୂର କରିବା ପାଇଁ ଆପଣ କ୍ଷୀର ମଧ୍ୟ ପୀଇପାରିବେ। କ୍ଷୀରରେ ପ୍ରଚୁର ପରିମାଣରେ ଭିଟାମିନ୍ ବି-୧୨ ମିଳିଥାଏ। ଭିଟାମିନ୍ ବି-୧୨ ଅଭାବକୁ ଶୀଘ୍ର ଦୂର କରିବା ପାଇଁ, ଏହି ପାନୀୟଗୁଡ଼ିକୁ ସଠିକ୍ ପରିମାଣରେ ଏବଂ ସଠିକ୍ ଉପାୟରେ ଡାଏଟ୍ ପ୍ଲାନରେ ସାମିଲ କରିବା ବହୁତ ଗୁରୁତ୍ୱପୂର୍ଣ୍ଣ। ସୁସ୍ଥ ଶରୀର ପାଇଁ କିଏ ବା ନ ଚାହେଁ। ସୁସ୍ଥ ଶରୀର ପାଇଁ ଆମକୁ ଅନେକ ଜିନିଷ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଅନେକ ସମୟରେ ଭିଟାମିନ କାରଣରୁ ଆମେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଥାଉ। ବିଶେଷ କରି ଆପଣ ଭିଟାମିନ ବି-୧୨କୁ ନେଇ ଚିନ୍ତିତ ଥିଲେ ଏହି ସବୁ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ।

# ବ୍ଲଡ୍‌ପ୍ରେସର ରୋଗୀଙ୍କ ପାଇଁ ବେଶ୍ ଉପକାରୀ ସଜନା ଶାଗ



ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହେଉଛି ଶଜନା ଶାଗ। ଏଥିରେ କାଲ୍‌ସିୟମ୍, ଆଇରନ୍ ସମେତ ଭିଟାମିନ୍-ଏ, ସି ଏବଂ ଇ ଭରି ରହିଛି। ବିଶେଷଭାବରେ ବ୍ଲଡ୍‌ପ୍ରେସର ସମସ୍ୟା ସହ ଜଡ଼ିତ ବ୍ୟକ୍ତି ନିୟମିତ ଶଜନା ଶାଗରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତି ତେବେ ତାଙ୍କର ବ୍ଲଡ୍‌ପ୍ରେସର କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ। ଏହା ମଧ୍ୟ ଶରୀରରେ ହିମୋଗ୍ଲୋବିନ ପରିମାଣକୁ ସନ୍ତୁଳିତ ରଖେ। ଯକ୍ଷ୍ମା ରୋଗୀ ଏହାକୁ ନିଜର ଖାଦ୍ୟ ତାଲିକାରେ ସାମିଲ କରିପାରିବେ। ଆଣ୍ଠୁଗଣ୍ଠିଜନିତ ସମସ୍ୟା ପାଇଁ ଏହା ମଧ୍ୟ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା ଯଦି ଆପଣଙ୍କର ଓଜନ ବଢ଼ିଯାଇଛି ତେବେ ଏହାକୁ ଖାଇଲେ ତାହା କେତେକାଂଶରେ ନିୟନ୍ତ୍ରଣକୁ ଆସିଥାଏ। ଶରୀରର ଚର୍ବି ଅଂଶକୁ ଏହା ମଧ୍ୟ ଅନେକାଂଶରେ କମାଇଥାଏ। ଏଥିରେ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ମଧ୍ୟ ରହିଛି। ଏହା ଖାଦ୍ୟ ହଜମ ହେବାରେ ମଧ୍ୟ ସାହାଯ୍ୟ କରିଥାଏ। ଶଜନା ଶାଗ ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରେ। ଆଜ୍‌ମା ରୋଗୀଙ୍କ ପାଇଁ ଏହା ମହୌଷଧି ସଦୃଶ।

# ପାର୍କିନ୍‌ସନ୍‌ରୁ ମୁକ୍ତି ପାଇଁ ଉପଚାର

ପାର୍କିନ୍‌ସନ୍ ଏକ ମସ୍ତିଷ୍କଜନିତ ରୋଗ। ଆମ ମସ୍ତିଷ୍କର 'ସବ୍‌ଷ୍ଟାନ୍‌ସିଆ ନିଗ୍ରା' ଅଂଶରୁ ଡୋପାମିନ୍ ନାମକ ରାସାୟନିକ ପଦାର୍ଥ କ୍ଷରିତ ହୋଇଥାଏ, ଯାହା ଆମ ଶରୀରର ସାବଲୀଳ ଓ ସମନ୍ୱିତ ଚଳନ ପାଇଁ ଆବଶ୍ୟକ। ଡୋପାମିନ୍ କମିଗଲେ ଶରୀରର ଚଳନ ଧୀମା ହେବା ସହ କମ୍ପନ ଓ ସନ୍ତୁଳନରେ ସମସ୍ୟା ଦେଖାଯାଏ। ଏହାକୁ ପାର୍କିନ୍‌ସନ୍ କୁହାଯାଏ। ପ୍ରତିବର୍ଷ ୧୧ ଏପ୍ରିଲ୍‌କୁ ବିଶ୍ୱ ପାର୍କିନ୍‌ସନ୍ ଦିବସ ଭାବେ ପାଳନ କରାଯାଏ। ପ୍ରସିଦ୍ଧ ଚିକିତ୍ସକ ଡାକ୍ତର ଜେମ୍‌ସ ପାର୍କିନ୍‌ସନ୍‌ଙ୍କ ଜନ୍ମଦିନକୁ ସ୍ମରଣ କରି ଏହି ସ୍ୱତନ୍ତ୍ର ଦିବସ ସ୍ଥିର ହୋଇଛି। ଏହାର ମୂଳ ଲକ୍ଷ୍ୟ ହେଉଛି, ପାର୍କିନ୍‌ସନ୍ ରୋଗ ସମ୍ପର୍କରେ ସଚେତନତା, ଏ ସଂକ୍ରାନ୍ତୀୟ ଭ୍ରାନ୍ତି ଦୂର କରିବା ଓ ରୋଗୀଙ୍କୁ ସହାୟତା ପ୍ରଦାନ କରିବା। ଉଲ୍ଲେଖଯୋଗ୍ୟ, ୧୮୧୭ରେ ଡାକ୍ତର ପାର୍କିନ୍‌ସନ୍ ପ୍ରଥମେ ଏହି ରୋଗକୁ 'ସେକିଂ ପଲ୍‌ସି' ଭାବେ ନାମିତ କରିଥିଲେ।

ସମସ୍ତଙ୍କ କ୍ଷେତ୍ରରେ ପାର୍କିନ୍‌ସନ୍‌ର ସ୍ପଷ୍ଟ କାରଣ ଜଣାପଡ଼େ ନାହିଁ। ତଥାପି କେତେକ ପ୍ରମୁଖ କାରଣ ଚିହ୍ନଟ ହୋଇଛି। ବୟସ ବଢ଼ିବା ସହ ମସ୍ତିଷ୍କର କେତେକ କୋଷ ଧୀରେ ଧୀରେ କାର୍ଯ୍ୟ କରିବା ଶକ୍ତି ହରାଏ। ଏହି କାରଣରୁ ପ୍ରାୟ ୬୦ ବର୍ଷ ବୟସ ପରେ ଏହି ରୋଗର ଆଶଙ୍କା ଅଧିକ। କେତେକ ପରିବାରରେ ବଂଶଗତ ଭାବେ ଏହା ଦେଖାଯାଏ। ଦୀର୍ଘଦିନ ଧରି କୀଟନାଶକ, ବିଷାକ୍ତ ରାସାୟନିକ ପଦାର୍ଥ ଓ ବାୟୁ ପ୍ରଦୂଷଣ ଭିତରେ ରହିଲେ ଏହି ରୋଗ ହୋଇଥାଏ।

ପାର୍କିନ୍‌ସନ୍‌ର ଲକ୍ଷଣ ଧୀରେ ଧୀରେ ଜଣାପଡ଼େ। ଆରମ୍ଭରେ ଏହା ଶରୀରରଗୋଟିଏ ପାର୍ଶ୍ୱରେ ଦେଖାଯାଇପାରେ। ଫଳରେ ହାତ କିମ୍ବା ପାଦ କମ୍ପିବା, ଚାଲି ମନ୍ଥର ହେବା, ଶରୀର ସାମନାକୁ ଝୁଲିଯିବା, କଥାବାର୍ତ୍ତା ସ୍ପଷ୍ଟ ନ ହେବା, ମୁହଁର ଭାବଭଙ୍ଗୀ କମିଯିବା, ନିଦ୍ରାରେ ସମସ୍ୟା, ଉଦାସୀନତା, ଅବସାଦ ଓ ସ୍ମୃତିହ୍ରାସ ପରି ସମସ୍ୟା ଦେଖାଯାଏ।

ପାର୍କିନ୍‌ସନ୍‌ରୁ ସମ୍ପୂର୍ଣ୍ଣ ସୁସ୍ଥତା କଷ୍ଟକର। ତେବେ ଉପଯୁକ୍ତ ଓ ନିୟମିତ ଚିକିତ୍ସା ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଇପାରେ। ଡୋପାମିନ୍ ଅଭାବ ପୂରଣ କରୁଥିବା ଔଷଧ ସେବନ, ନିୟମିତ ଚାଲିବା, ଯୋଗାସନ ଓ ପ୍ରାଣାୟମ ଅଭ୍ୟାସ ଜରୁରି। ସେହିପରି ସ୍ପିଚ୍, ଓକ୍ୟୁପେସନାଲ୍ ଥେରାପି ଓ ଡିପ୍ ବ୍ରେନ୍ ଷ୍ଟିମୁଲେସନ୍ ସର୍ଜରି ଦରକାର ହୋଇଥାଏ। ଏହି ରୋଗ ହେଲେ ବୟସର ଦୋଷ ଭାବି ଅଣଦେଖା ନକରି ଠିକ୍ ସମୟରେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଏହା ସଂକ୍ରାମକ ନୁହେଁ। ସଚେତନତା, ପାରିବାରିକ ସହଯୋଗ ଓ ଉପଯୁକ୍ତ ଚିକିତ୍ସା ପାଇଲେ ରୋଗୀ ସକ୍ରିୟ ଜୀବନ ଯାପନ କରିପାରିବେ।



ଲଗାଣ ବର୍ଷାରେ ଭାଙ୍ଗିଗଲା ଘର

# ଏବେ ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ



ସମ୍ବଲପୁର,୨୭।୮ (ସଂଚାର ବ୍ୟୁରୋ): ଲଗାଣ ବର୍ଷାରେ ଦୁର୍ବଳ ହୋଇପଡ଼ି ଥିବା ଘର ଭାଙ୍ଗିଯିବା ପରେ ଏବେ ଅସହାୟ ଅବସ୍ଥାରେ ଦିନ କାଟୁଛି ଏକ ଗରିବ ପରିବାର। ମୁଣ୍ଡ ଗୁଞ୍ଜିବାକୁ ଥିବା ଏକମାତ୍ର ଘରଟି ଭାଙ୍ଗିଯିବାରୁ ପରିବାରର ଚିନ୍ତା ପଡିଛି । ଏଭଳି ଦୁର୍ଦ୍ଦଶାରେ ପଡ଼ିଛନ୍ତି ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ସରାପାଲି ଗ୍ରାମ ପଞ୍ଚାୟତ ଅଧୀନ ଜେମାଜୁରୀ ଗ୍ରାମର ମିନା ଟପୋ ପରିବାର। ସୂଚନା ଅନୁଯାୟୀ, ଗତ କିଛିଦିନ ଧରି ଅଞ୍ଚଳରେ ଲଗାଣ ବର୍ଷା ଲଗାତାର ଲାଗିରହିଥିଲା। ଏହାର ପ୍ରଭାବରେ ଘର ଧୀରେ ଧୀରେ ଦୁର୍ବଳ ହୋଇପଡ଼ିଥିଲା। ଶେଷରେ ବର୍ଷାର ପ୍ରକୋପ ସହିନପାରି ଘରର ଅଧିକାଂଶ ଭାଙ୍ଗିପଡ଼ିଥିବା ବେଳେ ସମଗ୍ର ଘରଟି ଏବେ ବିପଦସଙ୍କୁଳ ହୋଇପଡ଼ିଛି । ଘର ଭାଙ୍ଗିବା ଫଳରେ ଘରେ ରହିଥିବା ବିଭିନ୍ନ ଦୈନନ୍ଦିନ ବ୍ୟବହାର ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ଏବେ ବର୍ଷା ଦିନରେ ପରିବାର କେଉଁଠି ରହିବେ, ତାହାକୁ ନେଇ ଚିନ୍ତାରେ ପରିବାର। ଭଙ୍ଗା ଘର ଭିତରେ ରହିବା ବିପଦଜନକ ହୋଇଥିବାରୁ ତୁରନ୍ତ ପ୍ରଶାସନିକ ସହାୟତା ଆବଶ୍ୟକ ହୋଇପଡ଼ିଛି। ଘଟଣାସ୍ଥଳରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଘରଭଙ୍ଗା କ୍ଷୟକ୍ଷତିର ଆକଳନ କରିବା ସହ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି । କରିଛନ୍ତି। ବିଶେଷକରି ବର୍ଷା ଦିନରେ ସୁରକ୍ଷିତ ଆଶ୍ରୟ ସହ ସରକାରୀ ନିୟମ ଅନୁଯାୟୀ ଘରଭଙ୍ଗା ସହାୟତା ମିଳିବା ନେଇ ପରିବାର ଆଶାବାଦୀ ରହିଛି। ଲଗାଣ ବର୍ଷାରେ ଆଶ୍ରୟ ହରାଇଥିବା ଏହି ପରିବାର ପାଖରେ ପ୍ରଶାସନ କେବେ ପହଞ୍ଚି ସହାୟତାର ହାତ ବଢ଼ାଇବ, ଏବେ ନେଇ ତାହା ଅପେକ୍ଷାରେ ପରିବାର ।

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର - ନାହିଁ ସୂଚନା ଫଳକ

# ପୁରୁଣା ଇଟା କାଠରେ ଚାଲିଛି ନିର୍ମାଣ କାର୍ଯ୍ୟ



ନିଶ୍ଚିନ୍ତକୋଇଲି,୨୭।୮ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ଔଷଧ କେନ୍ଦ୍ର ଗୋଦାମ ଗୃହର ଘର ନିର୍ମାଣ କାର୍ଯ୍ୟ ଚାଲିଛି। କେଉଁ ବିଭାଗର କେଉଁ ଯୋଜନାରେ ଏବଂ କେତେ ଅର୍ଥରାଶି ବ୍ୟୟ ଅଟକଳରେ ଏହି ନିର୍ମାଣ କାର୍ଯ୍ୟ ହେଉଛି ତାହାର କୌଣସି ସବିଶେଷ ସୂଚନା ସୂଚନାଫଳକରେ ପ୍ରଦର୍ଶିତ କରାଯାଇନାହିଁ। ଉକ୍ତ ଗୋଦାମ ଗୃହର ଛାତ ଉପରେ ଥିବା ପୁରୁଣା କାଠ ଉପରେ ଏବେ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ନିର୍ମାଣ କାର୍ଯ୍ୟ ସମୟରେ ତଦାରଖ କରିବାକୁ କୌଣସି ବିଭାଗୀୟ ଅଧିକାରୀ ରହୁନଥିବାରୁ ଠିକାଦାର ତା ମନଇଚ୍ଛା ନିର୍ମାଣ କାର୍ଯ୍ୟ କରୁଛି। ନିର୍ମାଣ କାର୍ଯ୍ୟରେ ନିର୍ମାଣ ସାମଗ୍ରୀର ଭାଗମାପ ସଠିକ୍ ରହୁନଥିବା ନେଇ ଅଭିଯୋଗ ହେଉଛି। କେଉଁ ଯୋଜନାରେ, କେଉଁ ଠିକା ସଂସ୍ଥା, କେତେ ଅର୍ଥରାଶି ବ୍ୟୟ ଅଟକଳରେ ଏହି ନିର୍ମାଣ କାର୍ଯ୍ୟ କରୁଛନ୍ତି ଏବଂ ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱ କିଏ ଅଛନ୍ତି ଏଥିପ୍ରତି କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ କଟକ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ ଦାବି ହୋଇଛି।

## ଧର୍ମାବଲମ୍ବୀଙ୍କ ନବାନ୍ନ ଭକ୍ଷଣ



ମ.ରାମପୁର,୨୭।୮ (ସଂଚାର ବ୍ୟୁରୋ): ପବିତ୍ର ନବାର୍ଣ୍ଣ ପର୍ବ ଅବସରରେ ଅଲେଖ ମହିମା ଧର୍ମାବଲମ୍ବୀଙ୍କ ପକ୍ଷରୁ ଅଇଁଲାପାଲି ଅଲେଖ ମହିମା ଆଶ୍ରମ ପରିସରରେ ସାଧୁ ବାବାଜୀ ଚରଣ ଦାସ ବାବା ଙ୍କ ତତ୍ୱାବଧାନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ନବାର୍ଣ୍ଣ ଭକ୍ଷଣ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ଅବସରରେ ମହିମା ଧର୍ମାବଲମ୍ବୀମାନେ ନୂଆ ଧାନରୁ ପ୍ରସ୍ତୁତ ନବାର୍ଣ୍ଣ ଗ୍ରହଣ କରିଥିଲେ। ମହିମା ଧର୍ମର ପରମ୍ପରା ଓ ଆଧ୍ୟାତ୍ମିକ ଭାବଧାରାକୁ ମନେ ପକାଇ ଧର୍ମାବଲମ୍ବୀମାନେ ସରଳ ଭାବେ ଏହି ପର୍ବ ପାଳନ କରିଥିଲେ। ନବାର୍ଣ୍ଣ ଭକ୍ଷଣ ପୂର୍ବ ରାତ୍ରୀରେ ଧୂନି ମଣ୍ଡପ ଠାରେ ଘୃତାହୁତି ଯଜ୍ଞ, ନାମ ଭଜନ ସହ ମହିମା ଅଲେଖଙ୍କ ସ୍ମରଣ କରାଯାଇ ସମସ୍ତଙ୍କ ମଙ୍ଗଳ ଓ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରାଯାଇଥିଲା।

## ଉଡନ୍ତା ପାଉଁଶ ଗଦା ଉପରେ ବଡ଼ ଧରଣର ଚଢ଼ାଉ



କୁଆଁରମୁଣ୍ଡା, ୨୭।୮ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ଉଡ଼ନ୍ତା ପାଉଁଶ ଗଦା କରାଯାଉଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ସ୍ପଷ୍ଟ ଦିବାଲୋକରେ ୧୪୩ ନମ୍ବର ଜାତୀୟ ରାଜପଥର ଗୋବିରା କେସିଏଲ୍ କାରଖାନାର ପତିତ ଜମିରେ ବେପାରୀମାନେ ପାଉଁଶ ଗଦା କରୁଥିବା କୁଆଁରମୁଣ୍ଡା ତହସିଲ ପ୍ରଶାସନ ଜାଣି ଫାଣ୍ଡି ପୋଲିସ ସହାୟତାରେ ଚଢ଼ାଉ କରିଥିଲା। ଚଢାଉ ବେଳେ ବହୁ ସଂଖ୍ୟାରେ ଡମ୍ପର ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ ୨ଟି ହାଇୱାକୁ ପୋଲିସ ଜବତ କରିଛି। ଗୋଟିଏ ହାଇୱାକୁ ଫାଣ୍ଡିରେ ରଖାଯାଇଥିବା ବେଳେ ଅନ୍ୟଟିକୁ ଡ୍ରାଇଭର ଛାଡ଼ି ଫେରାର ହୋଇଯାଇଛି। ଏହି ଚଢ଼ାଉରେ କୁଆଁରମୁଣ୍ଡା ରାଜସ୍ୱ ନିରୀକ୍ଷକ ସମାରୁ ବିଶ୍ୱାଳ, କୁଆଁରମୁଣ୍ଡା ଫାଣ୍ଡି ପୋଲିସ ସାମିଲ ଥିଲେ।

## ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କର ଝୁଲଣ ଯାତ୍ରା

ବୈଶିଙ୍ଗା,୨୭।୮(ସଂଚାର ବ୍ୟୁରୋ): ବୈଶିଙ୍ଗା ସ୍ଥିତ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ଶ୍ରୀଶ୍ରୀ ବାବାଙ୍କର ଝୁଲଣ ଯାତ୍ରା ଆଜି ଗୁରୁବାର ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସେବା ସମିତିର ସଦସ୍ୟ / ସଦସ୍ୟା ମାନଙ୍କ ଦ୍ୱାରା ପ୍ରଭାତ କୀର୍ତ୍ତନ କରି ନଗର ପରିକ୍ରମା କରାଯାଇଥିଲା। ସେବକ ସଞ୍ଜୟ ପତି ଙ୍କ ବାସଗୃହରେ ଦିବା ୧୦ ଘଟିକା ସମୟରେ ଝୁଲଣ କୁଞ୍ଜରେ ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ଫଟୋଚିତ୍ର କୁ ସ୍ଥାପନ କରି ପୂଜାର୍ଚ୍ଚନା କରିବା ସହିତ ଝୁଲଣ ରେ ଝୁଲା ଯାଇଥିଲା। ସଂକୀର୍ତ୍ତନ ମଣ୍ଡଳୀ ଶ୍ରୀଶ୍ରୀ ବାବାଙ୍କ ଭଜନ କୀର୍ତ୍ତନ କରାଯାଇଥିଲା। ପ୍ରବଚକ ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୌରହରି ଦଉ ଉପସ୍ଥିତ ଭକ୍ତମାନଙ୍କୁ ବିଭିନ୍ନ ଅଳଙ୍କାର ମାଧ୍ୟମର କର୍ମଯୋଗ ଓ ଭକ୍ତି ଯୋଗର ଆଲୋକପାତ କରିଥିଲେ. ସଦସ୍ୟ ମାନଙ୍କ ମଧ୍ୟରେ ପ୍ରଶନ୍ନ କୁମାର ପଣ୍ଡା, ଗଣେଶ୍ୱର ସାହୁ, ଦେବେନ୍ଦ୍ର କୁମାର ପଣ୍ଡା, ଙ୍କ ସମେତ ବହୁ ବରିଷ୍ଠ ଅତିଥି ଯୋଗ ଦେଇ ଥିଲେ।

# ରାସ୍ତା କାଦୁଅ ପଚ ପଚ, ଦୁର୍ଦ୍ଦଶାରେ ଲୋକେ



କେସିଙ୍ଗା,୨୭।୮ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କୋକୋମୁଣ୍ଡା ଗ୍ରାମରୁ ଯୁଜୁରାଙ୍ଗ ଗ୍ରାମକୁ ଯାଉଥିବା ରାସ୍ତାରେ ନୂତନ ଭାବେ ନିର୍ମିତ କଳଭର୍ଟ କାମକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କଳଭର୍ଟ ନିର୍ମାଣ କାମ ନିମ୍ନମାନର ହୋଇଥିବା ଏବଂ ରାସ୍ତାକୁ ଠିକ୍ ଭାବେ ସଜାଡ଼ା ଯାଇନଥିବାରୁ ଲଗାତାର ବର୍ଷା ସମୟରେ ଯାତାୟାତ ବ୍ୟାହତ ହେଉଥିବା ଅଭିଯୋଗ ହୋଇଛି। ବର୍ଷା ପରେ କଳଭର୍ଟ ନିକଟରେ ପାଣି ଜମି ରାସ୍ତାର ଅବସ୍ଥା ଅତ୍ୟନ୍ତ ଦୁର୍ବଳ ହୋଇପଡୁଛି। ଫଳରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେବାଆଣିବା କରୁଥିବା ସ୍କୁଲ ଭ୍ୟାନ୍‌ଗୁଡ଼ିକ ଯାତାୟାତ କରିବାରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ଏହି ରାସ୍ତା ଦେଇ ଯାଉଥିବା ବାଇକ୍, ସାଇକେଲ ଓ ଅନ୍ୟାନ୍ୟ ଯାନବାହନ ଚାଳକମାନେ ମଧ୍ୟ ହଇରାଣ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ରାସ୍ତାର ଏଭଳି ଅବସ୍ଥା ସମ୍ପର୍କରେ ବିଭାଗୀୟ କର୍ମଚାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଆବଶ୍ୟକ ପଦକ୍ଷେପ ନିଆଯାଇନାହିଁ। ଏପରିକି କାମ କରିଥିବା ଠିକାଦାରଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଗଲେ ମଧ୍ୟ ସଫଳତା ମିଳୁନଥିବା ଅଭିଯୋଗ ରହିଛି। ନୂତନ ନିର୍ମାଣ କାମ ହୋଇଥିବା ସତ୍ତ୍ୱେ ଯଦି ଅଳ୍ପ ବର୍ଷାରେ ରାସ୍ତାରେ ଯାତାୟାତ ସମସ୍ୟା ସୃଷ୍ଟି ହେଉଛି, ତେବେ ନିର୍ମାଣର ଗୁଣବତ୍ତା ଓ ତଦାରଖ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ ବୋଲି ଲୋକେ କହିଛନ୍ତି। ଏହି ଘଟଣାରେ କଳଭର୍ଟ ନିର୍ମାଣର ଗୁଣବତ୍ତା, ବ୍ୟବହୃତ ସାମଗ୍ରୀ, ଅନୁମୋଦିତ ନକ୍ସା ଓ ଅଟକଳ, କାର୍ଯ୍ୟର ମାପ ଏବଂ ବିଲ୍ ପ୍ରଦାନ ପ୍ରକ୍ରିୟାର ଯାଞ୍ଚ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଘଟଣାସ୍ଥଳ ପରିଦର୍ଶନ କରି ରାସ୍ତା ଓ କଳଭର୍ଟର ଗୁଣବତ୍ତା ଯାଞ୍ଚ କରିବା ସହ ଦୋଷ ଥିଲେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଉଚିତ୍ ପଦକ୍ଷେପ ନେବାକୁ ଦାବି ହେଉଛି।

## ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଁ ଦାବି

ନିଶ୍ଚିନ୍ତକୋଇଲି,୨୭।୮ (ସଂଚାର ବ୍ୟୁରୋ): ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ରଙ୍ଗମୁଣ୍ଡାଇ ପ୍ରାଥମିକ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟବୃନ୍ଦ, ଛାତ୍ର ଛାତ୍ରୀଙ୍କ ଅଭିଭାବକ, ଶିକ୍ଷାବିତ୍ ଓ ସ୍ଥାନୀୟ ଗ୍ରାମବାସୀ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଡ଼ାକ ଯୋଗେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରର ଏକକିତା ଅବିକଳ ନକଲ ଜିଲ୍ଲା ଶିକ୍ଷାଧିକାରୀ କଟକଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରାଯାଇଛି। ଏହି ପ୍ରାଥମିକ ବିଦ୍ୟାଳୟ ରେ ୫ଟି ଶ୍ରେଣୀ ପାଇଁ ୩ଜଣ ଶିକ୍ଷୟିତ୍ରୀ କାର୍ଯ୍ୟ କରୁଥିଲେ। ଗତ ତା.୩୧.୦୫.୨୦୨୬ରିଖରେ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାବତୀ ବଳ ଅବସର ଗ୍ରହଣ କରିଛନ୍ତି। ତା.୩୧.୦୮.୨୦୨୬ରିଖରେ ଅନ୍ୟତମ ସହକାରୀ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ସାମଲ ଅବସର ଗ୍ରହଣ କରିବେ। ସହକାରୀ ଶିକ୍ଷୟିତ୍ରୀ ଅବସର ନେଲା ପରେ ଏହି ବିଦ୍ୟାଳୟରେ ଏକମାତ୍ର ଶିକ୍ଷୟିତ୍ରୀ ଭାବେ ତମାଳଲତା ମହାପାତ୍ର ରହିବେ। ତେଣୁ ବିଦ୍ୟାଳୟରେ ଶିକ୍ଷାଦାନ, ବିଦ୍ୟାଳୟର ପରିଚାଳନା, ମଧ୍ୟାହ୍ନ ଭୋଜନର ନଥିପତ୍ର କାର୍ଯ୍ୟ ଓ ବିଦ୍ୟାଳୟର ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେବ। ୫ଗୋଟି ଶ୍ରେଣୀ ପାଇଁ ଜଣେ ଶିକ୍ଷୟିତ୍ରୀ ଶିକ୍ଷାଦାନ କରିବା ସହ ବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟ କରିବା ଅସମ୍ଭବ।

# ବେଆଇନ କାଠଗାଡି ଜବତ



ବାଲିଆପାଳ,୨୭।୮ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ସେତୁ ନିକଟରୁ ଫରେଷ୍ଟ ବିଭାଗ ଅଧିକାରୀଙ୍କ ଦ୍ୱାରା ଚଢାଉ ହୋଇ ଏକ ବେଆଇନ କାଠ ବୋଝେଇ ପିକଅପ ଜବତ ହୋଇଛି। ସୂଚନାରୁ ପ୍ରକାଶ ବାଲିଆପାଳ ଲଙ୍ଗଳେଶ୍ୱର ବନବିଭାଗ ଏକ ଟିମ ଆଜି ଡ୍ୟୁଟିରେ ଥିବାବେଳେ ସୁବର୍ଣ୍ଣରେଖା ସେତୁ ନିକଟରୁ ଏକ ପିକ ଅପ ଓଡି ୦୧ ଏଲ ୩୪୩୨ ରେ ବେଆଇନ କାଠ ଗାଡିକୁ ଦେଖି ଅଟକାଇ ଥିଲେ। ସେଥିରେ ମୂଲ୍ୟବାନ ନିମ୍ବ ଓ ଆକାଶୀ କାଠ ଥିବାର ଜାଣି ଗାଡିଟିକୁ ଥାନାକୁ ନେଇ ଆସିଥିଲେ। ଗାଡିର ମାଲିକ ସୁଦୀପ୍ତ ସାହୁ ପଶ୍ଚିମବଙ୍ଗର ବାସିନ୍ଦା ହୋଇଥିବାବେଳେ ଗାଡିଟି ଓଡିଶାର। ଏହି ଗାଡି ପଶ୍ଚିମ ବଙ୍ଗରୁ କାଠ ନେଇ ବାଲିଆପାଳ ବ୍ଲକ ନିକଟସ୍ଥ କାଳିପଦ ବଜାରକୁ ଆସୁଥିବା ବେଳେ ବନ ବିଭାଗ ଅଧିକାରୀ ଙ୍କ ହାତରେ ଧରାପଡ଼ିଥିଲା। ଏହି ଚଢାଉ ସମୟରେ ବନ ବିଭାଗ ଲଙ୍ଗଳେଶ୍ୱର ଫରେଷ୍ଟର ଅଧିକାରୀ ବିଜୟ କୁମାର ସାହୁ, ପ୍ରତିମା ସ ଓ ବିଭାଗର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହି ଗାଡିର ପ୍ରଦ୍ୟୁଷଣ ଓ ଫିଟନେସ ନ ଥିବା ସହିତ କାଠର କୌଣସି କାଗଜପତ୍ର ନାହିଁ। ବନବିଭାଗର ରେଞ୍ଜର ଜିତେନ କିସ୍କୁ ଆସିବା ପରେ ଗାଡିଟିକୁ ବାଲେଶ୍ୱର ବନବିଭାଗ ଅଧିନରେ ଥିବା ମାଲଖାନାକୁ ପଠାଯିବ ବୋଲି ଫରେଷ୍ଟର ବିଜୟ କୁମାର ସାହୁ କହିଛନ୍ତି।

## ନିଟ୍ କୃତକାର୍ଯ୍ୟ ସୁଦାମଙ୍କୁ ସହାୟତା

ବଞ୍ଚୋ,୨୭।୮(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍ ଶାମୁକାନେଣ୍ଡି ପଞ୍ଚାୟତର ନିଟ୍‌ରେ କୃତକାର୍ଯ୍ୟ ହୋଇଥିବା ସୁଦାମ ହାଁସଦାଙ୍କୁ ଭାଜପା ନେତା ସହାୟତା କରିଛନ୍ତି। ସୁଦାମ ଶୁକ୍ରବାର ନାମ ଲେଖାଇବାକୁ ଥିବା ବେଳେ ନାମ ଲେଖାଇବା ପୂର୍ବରୁ ଯୁବ ଭାଜପା ନେତା ତଥା ଆଦର୍ଶ ସେବା ସଂଘର ସଭାପତି ଯଜ୍ଞ ପ୍ରସାଦ ସାହୁ ସହଯୋଗ କରିଛନ୍ତି। ସୁଦାମ ନିଟ୍ ପରୀକ୍ଷାରେ ଓଡ଼ିଶାରେ ଅଧିବାସୀ ବର୍ଗରେ ୧୨୬ ନମ୍ବର ସ୍ଥାନରେ ଥିଲେ। ବାପା ସୋମନାଥ ହାଁସଦାଙ୍କ କିଡ୍‌ନୀ ସମସ୍ୟା ରହିଥିବା ବେଳେ ମାଆ ମଜୁରୀ ଖଟନ୍ତି। ୫ ଝିଅ ଓ ଏକମାତ୍ର ପୁଅ ସୁଦାମକୁ ପାଠ ପଢ଼ାଇବା ଏକପ୍ରକାର ଅସମ୍ଭବ ଥିଲା।

ପୁଣି ଲାଞ୍ଜିଗଡ଼ ଦୁର୍ଗମ ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ

# ଗରିବ ପରିବାରର ଘର ଭାଙ୍ଗି କଲେ ସର୍ବସ୍ୱାନ୍ତ



ଲାଞ୍ଜିଗଡ଼,୨୭।୮ (ସଂଚାର ବ୍ୟୁରୋ): ଲାଞ୍ଜିଗଡ଼ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅନ୍ତର୍ଗତ ଧଡେଲ ବିଟ୍ ଅଞ୍ଚଳରେ ବର୍ଷ ସାରା ଜଙ୍ଗଲୀ ହାତୀଙ୍କ ଉପଦ୍ରବ ଥମିବାର ନାଁ ନେଉନାହିଁ। ଦିନକୁ ଦିନ ହାତୀପଲ ଗାଁ ମୁହାଁ ହୋଇ ବ୍ୟାପକ ଫସଲ ନଷ୍ଟ କରିବା ସହ ଲୋକଙ୍କ ଘରଦ୍ୱାର ଭାଙ୍ଗି ଚାଲିଛନ୍ତି। ଏହି କ୍ରମରେ ମୁସାନାଳ ସେକ୍ସସନ ଲାଞ୍ଜି ପଞ୍ଚାୟତର ଲଡାଙ୍ଗ ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବୁଧବାର ବିଳମ୍ବିତ ରାତିରେ ରାହୁଳ ଝିମରେଇ ଜଙ୍ଗଲରୁ ଏକ ଦନ୍ତା ହାତୀପଲ ଗାଁ ଭିତରକୁ ପଶି ଆସି ଲଡାଙ୍ଗ ଗାଁର ସୁଧୀର ହରିଜନଙ୍କ ଘର ଭାଙ୍ଗି ଛାରଖାର କରିଦେଇଛନ୍ତି। ହାତୀଙ୍କ ଗର୍ଜନ ଶୁଣି ସୁଧୀରଙ୍କ ପରିବାର ଲୋକେ ଜୀବନ ବିକଳରେ ଘର ଛାଡ଼ି ନିକଟସ୍ଥ ପଡ଼ୋଶୀଙ୍କ ଘରକୁ ଚାଲି ଯାଇଥିଲେ ଯାହାଫଳରେ ସେମାନଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଥିଲା। କିନ୍ତୁ ସକାଳେ ଘରକୁ ଫେରି ଦେଖିଲା ବେଳକୁ ସେମାନେ ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ହାତୀପଲ ଘର ଭାଙ୍ଗିବା ସହିତ ଘରେ ଗଚ୍ଛିତ ଥିବା ଧାନ, ଚାଉଳ, ମାଣ୍ଡିଆ, ବିରି ଓ ଅନ୍ୟାନ୍ୟ ଆସବାବପତ୍ରକୁ ମାଡ଼ି ଚକଟି ନଷ୍ଟ କରିଦେଇଛନ୍ତି। ଏହାସହ ଚାଷ ଜମିରେ ଥିବା ଧାନ ଫସଲକୁ ମଧ୍ୟ ଉଜାଡ଼ି ଦେଇଛନ୍ତି। ବର୍ତ୍ତମାନ ହାତୀପଲ ଗାଁ ନିକଟସ୍ଥ ଧଡେଲ ଜଙ୍ଗଲରେ ଡେରା ଜମାଇ ରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଚରମ ଆତଙ୍କ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ଖବର ପାଇ ସକାଳୁ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ଖୁବ୍ ଶୀଘ୍ର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ବନ ବିଭାଗ ତରଫରୁ ପ୍ରତିଶ୍ରୁତି ମିଳିଛି। ତେବେ ଉକ୍ତ ଅଞ୍ଚଳରେ ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜନଜୀବନ ସୁରକ୍ଷା ପାଇଁ ଉକ୍ତ ହାତୀପଲକୁ ତୁରନ୍ତ ଅଞ୍ଚଳରୁ ସୁରକ୍ଷିତ ଭାବେ ଘଉଡ଼ାଇବା ପାଇଁ ଗ୍ରାମବାସୀ ବନ ବିଭାଗ ନିକଟରେ ଜୋରଦାର ଦାବି କରିଛନ୍ତି।

## ଦଲଦଲି ୟୁ ପି ସ୍କୁଲ ଛାତ୍ର ଛାତ୍ରୀ ଗଛରେ ରାକ୍ଷୀ ବାନ୍ଧିଲେ



ବୈଶିଙ୍ଗା,୨୭।୮(ସଂଚାର ବ୍ୟୁରୋ): ପବିତ୍ର ରକ୍ଷା ବନ୍ଧନ ଉତ୍ସବ କୁ ଦଲଦଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ନିଆରା ଢ଼ଙ୍ଗରେ ଏହି ଉତ୍ସବକୁ ପାଳନ କରିଥିବାର ଜଣାଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ କୁମାର ମିଶ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀ ମାନେ ବିଦ୍ୟାଳୟର ଭାଇ ମାନଙ୍କୁ ରାକ୍ଷୀ ବାନ୍ଧିବା ପରେ ନିକଟସ୍ଥ ଜଙ୍ଗଲକୁ ଯାଇ ଗଛରେ ରାକ୍ଷୀ ବାନ୍ଧି ତାର ସୁରକ୍ଷା ପାଇଁ ଶପଥ ନେଇଥିଲେ। ପରିଚାଳନା କମିଟି ଚେୟାରମେନ କାର୍ତ୍ତିକ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପୁରାତନ ଛାତ୍ର ସଂସଦ ସମ୍ପାଦକ ବିଶ୍ୱଜିତ ମାହାର୍ଣ୍ଣା ଯୋଗ ଦେଇଥିଲେ। ଏହିଭଳି କାର୍ଯ୍ୟକ୍ରମକୁ ଗ୍ରାମବାସୀ ତଥା ବୁଦ୍ଧିଜୀବି ମହଲରେ ପ୍ରଶଂସା କରାଯାଇଛି।

## ସର୍ଭର ଫେଲ୍ ହେଉନି ପଞ୍ଜୀକରଣ, ଚାଷୀ ନିରାଶ

ଅଗଷ୍ଟ ୩୧ ପଞ୍ଜିକରଣର ଶେଷ ତାରିଖ ଚିନ୍ତାରେ ଚାଷୀ

ବାଲିପାଟଣା,୨୭।୮ (ସଂଚାର ବ୍ୟୁରୋ): ଧାନ ବିକ୍ରି ପାଇଁ ଅନଲାଇନ୍ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଚାଲିଥିବାବେଳେ, ରାଜ୍ୟ ସ୍ତରୀୟ ପୋର୍ଟାଲର ବାରମ୍ବାର ତ୍ରୁଟି ଯୋଗୁଁ ବାଲିପାଟଣା ବ୍ଲକର ବିଭିନ୍ନ ସମବାୟ ସମିତିରେ ଏବେ ହାହାକାର ସ୍ଥିତି ସୃଷ୍ଟି ହୋଇଛି। ସାଇଟ୍ ନ ଖୋଲିବାରୁ ଚାଷୀମାନେ ଆସି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ଶେଷରେ ନିରାଶ ହୋଇ ଘରକୁ ଫେରୁଛନ୍ତି। ସର୍ଭର ସମସ୍ୟା ଏବଂ ସାଇଟ୍ ସ୍ଥାଣୁ ହୋଇଯିବା କାରଣରୁ ପଞ୍ଜୀକରଣ କାମ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ସମିତି କାର୍ଯ୍ୟାଳୟରେ ଚାଷୀମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି, କିନ୍ତୁ ସାଇଟ୍ ନ ଖୋଲିବାରୁ କର୍ମଚାରୀମାନେ ମଧ୍ୟ କୌଣସି ସହାୟତା କରିପାରୁନାହାନ୍ତି। ସେପଟେ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଧାନ ବିକ୍ରି ପାଇଁ ପଞ୍ଜୀକରଣର ଅବଧି ସୀମିତ ଥିବାରୁ ଚାଷୀଙ୍କ ମଧ୍ୟରେ କ୍ଷୋଭ ଏବଂ ବ୍ୟାକୁଳତା ବୃଦ୍ଧି ପାଇଛି। ଯଦି ଶୀଘ୍ର ଏହି ସମସ୍ୟା ସମାଧାନ ନ ହୁଏ, ତେବେ ଅନେକ ପ୍ରକୃତ ଚାଷୀ ସରକାରୀ ମଣ୍ଡିରେ ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ। ଏହାର ସୁଯୋଗ ନେଇ କିଛି ଅସାଧୁ ଦଲାଲ ଓ ମଧ୍ୟସ୍ଥୀ ଚାଷୀଙ୍କୁ ଶୋଷଣ କରିପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି। ବାଲିପାଟଣା ଅଞ୍ଚଳର ଚାଷୀମାନେ ତୁରନ୍ତ ସର୍ଭର ଦୋଷତ୍ରୁଟି ଦୂର କରିବା ଏବଂ ପଞ୍ଜୀକରଣ ପ୍ରକ୍ରିୟାକୁ ସହଜ ଓ ସ୍ୱଚ୍ଛ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ସମବାୟ ବିଭାଗ ନିକଟରେ ଦାବି କରିଛନ୍ତି।

## ରକ୍ଷା ବନ୍ଧନ ଓ ଗଙ୍ଗାଧର ମେହେର ଜୟନ୍ତୀ ପାଳିତ



ସୁବର୍ଣ୍ଣପୁର,୨୭।୮ (ସଂଚାର ବ୍ୟୁରୋ): ସୋନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷା ବନ୍ଧନ ଓ ଗଙ୍ଗାଧର ମେହେର ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ସୁବଳୟା କଲେଜର ଅର୍ଥନୀତି ବିଭାଗର ଅଧ୍ୟାପକ ଶ୍ରୀଯୁକ୍ତ ଦେବାଶିଷ ପଧାନ ରକ୍ଷାବନ୍ଧନର ମହତ୍ତ୍ୱ ବିଷୟରେ ଭାଇ ଭଉଣୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ ବିଦ୍ୟାଳୟର ସହପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ବଡମାଳୀ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ ପ୍ରଦାନ କରିଥିଲେ।

# ଦୁଇ ବାଇକ ମଧ୍ୟରେ ଦୁର୍ଘଟଣା: ଦୁଇ ଆହତ



ବୈଶିଙ୍ଗା,୨୭।୮(ସଂଚାର ବ୍ୟୁରୋ): ଆଜି ଅପରାହ୍ଣ ୪ଟା ସମୟରେ ବାଇକ ବାଇକ ମଧ୍ୟରେ ଦୁର୍ଘଟଣା ଘଟି ଉଭୟ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ଘଟଣାଟି ଘଟିଛି ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧିନ ବୈଶିଙ୍ଗା-ରୁଷ୍ଣା ରାସ୍ତାର ଅସ୍ତପୁରା ଛକ ନିକଟରେ। ସୂଚନା ମୁତାବକ କୁଚିଗୁଡ଼ି ଗ୍ରାମର ରାଜେଶ ପ୍ରମାଣିକ ସ୍କୁଟି ଯୋଗେ ବୈଶିଙ୍ଗାରୁ ରୁଷ୍ଣା ଅଭିମୁଖେ ଯାଉଥିବା ବେଳେ ଅସ୍ତପୁରା ଛକ ନିକଟରେ ହସ୍ତ ଅତିକ୍ରମ କରୁଥିବା ସମୟରେ ପଛପଟୁ ମାଣତ୍ରୀ ଉପକଣ୍ଠ ରଙ୍ଗପାଣି ଗ୍ରାମର ବିଶ୍ୱନାଥ ସେଠିଙ୍କ ୩୨ ବର୍ଷିୟ ପୁଅ ଗୌତମ ବାମଡା ସ୍ଥିତ ଶଶୁର ଘରକୁ ଏକ ନାଲି ରଙ୍ଗର ଆପାଚି ବାଇକରେ ଦ୍ରୁତ ଗତିରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ସ୍କୁଟି ଚାଳକକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦୁଇଜଣ ଗୁରୁତର ଆହତ ହୋଇ ସେଠାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକ ଉଦ୍ଧାର କରି ରାଜେଶଙ୍କୁ ବାଇକ ଯୋଗେ ବୈଶିଙ୍ଗାରୁ ଡାକ୍ତର ଖାନାକୁ ପଠାଇଥିଲେ। ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଗୌତମକୁ ମଧ୍ୟ ବୈଶିଙ୍ଗା ଡାକ୍ତର ଖାନାକୁ ପଠାଇଥିଲେ।

## ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇଲେ ସ୍ୱେଚ୍ଛାସେବୀ



ସୁବର୍ଣ୍ଣପୁର,୨୭।୮(ସଂଚାର ବ୍ୟୁରୋ): ସୋନପୁର -ବଲାଙ୍ଗିର ଜାତୀୟ ରାଜପଥ ହରଡଖୋଲଠାରେ ଏକ ବାଇକ୍ ଦୁର୍ଘଟଣା ହୋଇଥିଲା। ସୋନପୁର ବ୍ଲକ ଖାରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଟ୍‌ସିରା ଗ୍ରାମର ଉପେନ୍ଦ୍ର ପଧାନ ନିଜ ପରିବାର ସହ ସୋନପୁରରୁ ନିଜ ଘରକୁ ଫେରୁଥିବା ବେଳେ ହରଡ଼ଖୋଲଠାରେ ଭାରସାମ୍ୟ ହରାଇ ରାସ୍ତାରୁ ପ୍ରାୟ୨୦ମିଟର୍ ତଳକୁ ଖସି ପଡ଼ିଥିଲେ। ଫଳରେ ତାଙ୍କର ଶରୀର ବିଭିନ୍ନ ସ୍ଥାନରେ ଖଣ୍ଡିଆ ହେବା ସହ ଛାତି ଯନ୍ତ୍ରଣା ହୋଇଥିଲା।ଜୁନିୟର ରେଡ଼କ୍ରସ୍‌ର ସ୍ୱେଚ୍ଛାସେବୀ ଚନ୍ଦ୍ର ଶେଖର ମହାପାତ୍ର ଓ ବିକ୍ରମ କୁମାର ନନ୍ଦ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇବା ସହ ନିକଟସ୍ଥ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିର, ସାହାଜପିଟାକୁ ନେଇଥିଲେ। ଏହା ସହ ୧୧୨କୁ କଲ୍‌କରି ଆମ୍ବୁଲାନ୍ସକୁ ଡକାଇ ଆହତ ବ୍ୟକ୍ତିଙ୍କୁ ତାଙ୍କ ଆତ୍ମୀୟଙ୍କ ସହିତ ଜିଲ୍ଲା ସଦରମହକୁମା ଚିକିତ୍ସାଳୟ, ସୋନପୁର କୁ ପଠାଇଥିଲେ।

## ପ୍ରଜାପିତା ବ୍ରହ୍ମା କୁମାରୀ ସେବାକେନ୍ଦ୍ରରେ ରକ୍ଷାବନ୍ଧନ ପାଳିତ



ବୈଶିଙ୍ଗା,୨୭।୮(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ଅଧୀନ ବୈଶିଙ୍ଗା ସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଆଶ୍ରମରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ରକ୍ଷା ବନ୍ଧନ ଭଳି ପବିତ୍ର ପର୍ବ ଭାଇ ଏବଂ ଭଉଣୀ ମଧ୍ୟରେ ଥିବା ସ୍ନେହ, ସଦଭାବନା ଓ ପବିତ୍ରତାର ପର୍ବ ବୋଲି ମତ ପ୍ରକାଶ ପାଇଥିବାବେଳେ ରକ୍ଷା ବନ୍ଧନ ପର୍ବ ଶ୍ରୀମନ୍ଦିର ତଥା ଶ୍ରୀଜଗନ୍ନାଥ ସଂସ୍କୃତିରେ ମଧ୍ୟ ଦେଖିବାକୁ ମିଳିଥାଏ। ସେବା କେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁପମା ଭଉଣୀଙ୍କ ତତ୍ତ୍ୱାବଧାନରେ ରକ୍ଷାବନ୍ଧନ ରୂପକ ପବିତ୍ରତାର ପର୍ବ ପାଳିତ ହୋଇଯାଇଛି। ବୈଶିଙ୍ଗା ସେବାକେନ୍ଦ୍ର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁପମା ଉପସ୍ଥିତ ସମସ୍ତ ଭାଇଭଉଣୀ ମାନଙ୍କୁ ଏହି ପର୍ବର ପ୍ରକୃତ ଅର୍ଥ ବୁଝାଇଥିଲେ। ସର୍ବ ଶକ୍ତିମାନ ପରମପିତା ପରମାତ୍ମା ହିଁ ସମସ୍ତ ମନୁଷ୍ୟାତ୍ମାଙ୍କ ପରମ ରକ୍ଷକ ବୋଲି ସେ ପ୍ରକାଶ କରିଥିଲେ। ଏହି ପର୍ବ ଉପଲକ୍ଷେ ସମସ୍ତ ଭାଇ ଏବଂ ଭଉଣୀ ମାନଙ୍କୁ ପବିତ୍ରତା ର ସୂଚକ ରାକ୍ଷୀ ବାନ୍ଧିଥିଲେ। ଏହି ରକ୍ଷାବନ୍ଧନ ପର୍ବରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜିବୀ ଏବଂ ସାମ୍ବାଦିକ ଭାଇ ମାନେ ମଧ୍ୟ ଉପସ୍ଥିତ ରହିଥିଲେ। ଏହା ପରେ ସେବା କେନ୍ଦ୍ର ଅଧୀନରେ ଥିବା ସମସ୍ତ ଗୀତା ପାଠଶାଳା ମାନଙ୍କରେ ବ୍ରହ୍ମକୁ ଭାଇ ଏବଂ ଭଉଣୀ ମାନଙ୍କୁ ମଧ୍ୟ ଏହି ପବିତ୍ର ରାକ୍ଷୀ ବନ୍ଧା ଯାଇଥିଲା।

ସବୁଜିମାର ସୁରକ୍ଷା ପାଇଁ ସଂକଳ୍ପ

# ଶତାଧିକ ବୃକ୍ଷରେ ରାକ୍ଷୀ ବାନ୍ଧିଲେ ଛାତ୍ରୀ



ବୈଶିଙ୍ଗା,୨୭।୮ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଙ୍କ ମାର୍ଗଦର୍ଶନ ତଥା ଶିକ୍ଷକ ଶ୍ରୀ ହରେକୃଷ୍ଣ ମହାନ୍ତ ଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ବିଦ୍ୟାଳୟ ର ଶତାଧିକ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରି ଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀ ମାନେ ଏକ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ଶାଳ ଜଙ୍ଗଲ ଓ ରାସ୍ତା ପାର୍ଶ୍ୱସ୍ଥ ବୃକ୍ଷରେ ରାକ୍ଷୀ ବାନ୍ଧି ଜଙ୍ଗଲ ଓ ପରିବେଶ ସୁରକ୍ଷା ନିମନ୍ତେ ବାର୍ତ୍ତା ପ୍ରଦାନ କରି ଥିଲେ। ହଜି ଯାଉଥିବା ସବୁଜିମା ର ସୁରକ୍ଷା ନିମନ୍ତେ ସଂକଳ୍ପ ନେଇ ଥିଲେ ଶତାଧିକ ଛାତ୍ର ଛାତ୍ରୀ। ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଉତ୍ସବରେ 'ବୃକ୍ଷ ହିଁ ଆମର ସୁରକ୍ଷା କବଚ' ବୋଲି ଛାତ୍ରୀ ମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ। ପବିତ୍ର ରକ୍ଷା ବନ୍ଧନ ପାଳନର ଉଦ୍ଦେଶ୍ୟ ତଥା ମହାପ୍ରଭୁ ଶ୍ରୀ ବଳଭଦ୍ର ଙ୍କ ଜନ୍ମଦିନ ପାଳନ ସମ୍ବନ୍ଧରେ ଉପସ୍ଥିତ ଅତିଥିମାନେ ଆଲୋକପାତ କରିଥିଲେ। ନିମନ୍ତ୍ରିତ କୁନି ବାଳିକା ଦିବ୍ୟଶ୍ରୀ ବିଦ୍ୟାଳୟର ଛାତ୍ର ମାନଙ୍କୁ ରାକ୍ଷୀ ବାନ୍ଧି ଥିଲେ। ଏହାପରେ ବିଦ୍ୟାଳୟ ପରିସର ଓ ଗ୍ରାମ୍ୟ ରାସ୍ତା ସଫେଇ ରେ ସାମିଲ ହୋଇ ଥିଲେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ। ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସର୍ବଶେଷରେ ଛାତ୍ରୀ ତନ୍ମୟା ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।